

ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-138 ♦FRIDAY ♦14 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୮ ♦ଶୁକ୍ରବାର ♦୧୪ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ଦିଲ୍ଲୀରେ ସିରିଜ୍ ବିସ୍ଫୋରଣ ପାଇଁ ଚାଲିଥିଲା ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ



### ୨୨ ସନ୍ଦିଗ୍ଧ ଚିହ୍ନଟ, ଲୁକ୍ ଆଉଟ୍ ନୋଟିସ ଜାରି

### ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ

### ତୁର୍କୀରୁ ପାକିସ୍ତାନୀ ଆତଙ୍କୀ ଦେଉଥିଲା ନିର୍ଦ୍ଦେଶ

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ଗତ ୧୦ ତାରିଖରେ ଦିଲ୍ଲୀ ଲାଲ୍‌କିଲ୍ଲା ହୋଇଥିବା କାର ବିସ୍ଫୋରଣର ତନାଘନା ଚଳାଇଛନ୍ତି ତଦନ୍ତକାରୀ ସଂସ୍ଥା। ଦିଲ୍ଲୀ, ହରିଆଣା ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଦିଲ୍ଲୀ ବିସ୍ଫୋରଣ ସହ ସଂପର୍କ ସନ୍ଦେହରେ ଗିରଫ ଓ ଅଟକ ଲୋକଙ୍କୁ ପଚରାଉଚରା କରାଯାଉଛି। ଜେରା ଓ ଯାଞ୍ଚ ବେଳେ ତଦନ୍ତକାରୀ ସଂସ୍ଥା ହାତରେ ଲାଗି ଭୟଙ୍କର ତଥ୍ୟ। ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ସେମାନେ ଦିଲ୍ଲୀ ଓ ଆଖାପାଖ ଅଞ୍ଚଳରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ତୁର୍କୀରେ ଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ କର୍ମକର୍ତ୍ତାର ନିର୍ଦ୍ଦେଶ ଅନୁସାରେ ସେମାନେ କାମ କରୁଥିଲେ। ଏହି ଆତଙ୍କବାଦୀ ଆକ୍ରମଣ ଯୋଜନାରେ ସାମିଲ ଥିବା ୨୨ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି କରାଯାଇଛି। ସୀମା ଏବଂ ବିମାନବନ୍ଦରଗୁଡ଼ିକୁ ସତର୍କ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଯୋଜନା ରଖିଥିଲେ। ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା ହୋଇଥିଲା। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା। ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ଏହିସବୁ ସ୍ଥାନର ଦାୟିତ୍ୱ ଆଠ ଜଣଙ୍କୁ ଦିଆଯାଇଥିଲା। ଷଡ଼ଯନ୍ତ୍ର କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋରରେ ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରିଥିଲେ ବୋଲି ପୁଲିସ ସୂତ୍ରର ଜଣାପଡ଼ିଛି। ଏହି କାର୍‌ଗୁଡିକ ମଧ୍ୟରେ ବ୍ରେଜା, ସ୍ୱିଫ୍‌ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା। ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରିଛି। ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା। ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ। ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା। ଗୋଟିଏ ସମୟରେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫୋରକ ନେଇ ଯିବାକୁ ଯୋଜନା କରିଥିଲେ। ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନ।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି। ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା. ମୁଜାମ୍ମିଲ ଗନି ▸ପୃଷ୍ଠା-୭

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୯



■ **ପୁଣେ, ୧୩।୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍‌ରେ ନିଆଁ ଲାଗି ଯାଇଥିଲା। ଫଳରେ ୯ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ। କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ପଶିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହାରକୁ ବାହରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

# ବାଲିଯାତ୍ରାରେ ଭିଡ଼ ଅଣାୟତ୍ତ

### ବ୍ୟାରିକେଡ୍‌ରେ ଚାପି ହୋଇ ୨ ଦର୍ଶକ ଅଚେତ



■ **କଟକ, ୧୩।୧୧ (ସମିସ):** ଐତିହାସିକ ବାଲିଯାତ୍ରାର ଉଦ୍‌ଯାପନୀ ତଥା ଶେଷ ସନ୍ଧ୍ୟାରେ ବୈଷ୍ଣବ ପାଣି ମଞ୍ଚ ସମ୍ମୁଖରେ ଅଘଟଣ ଘଟିଛି। ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବ୍ୟାପକ ଭିଡ଼ ଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦର୍ଶକଙ୍କ ମଧ୍ୟରେ ଠେଲାପେଲା ହେବା ଫଳରେ ୨ ଜଣ ବ୍ୟକ୍ତି ବ୍ୟାରିକେଡ୍ ଭିତରେ ଚାପି ହୋଇ ଅଚେତ ହୋଇପଡ଼ିଥିଲେ। ଖବର ପାଇ ପୁଲିସ ଫୋର୍ସ ତୁରନ୍ତ ଅଚେତ ହୋଇପଡ଼ିଥିବା ବ୍ୟକ୍ତଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ସହାୟତାରେ ନିଆଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ପୁଲିସର ଲାଠିଚାର୍ଜ

ସୂଚନା ପାଇ ତୁରନ୍ତ କମିଶନରେଟ୍ ପୁଲିସର ଅତିରିକ୍ତ ସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ଭିଡ଼କୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା। ଲାଠିଚାର୍ଜ ପରେ ଦର୍ଶକମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହଜାର ହଜାର ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ତଥାପି ଶେଷ ଦିନରେ ଲୋକପ୍ରିୟ ▸ପୃଷ୍ଠା-୭

## ଓଡ଼ିଶାରେ ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

### ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି. ସାମଲ

### ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି

### ବିଶ୍ୱରଞ୍ଜନ ଓ ତଫିମଙ୍କ ଜାମିନ ଖାରଜ, ୨ଜଣଙ୍କୁ ମିଳିଲା ଜାମିନ

### ୨୦ରେ ଶଙ୍କର, ଅରବିନ୍ଦ ଓ ସୁରେଶଙ୍କ ଜାମିନ ଆବେଦନର ଶୁଣାଣି

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୩।୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି। ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି। ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍ପେକ୍ଟର ରହିଛନ୍ତି। ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏଣୁ ଏହି ରାଜ୍ୟଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ▸ପୃଷ୍ଠା-୭

# ଆଜି ବିହାର, ନୂଆପଡ଼ା ଫଳ

### ଶେଷ ପର୍ଯ୍ୟାୟରେ ଭୋଟ୍ ହାର ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

■ **ପାଟନା, ୧୩।୧୧ (ଏଜେନ୍ସି):** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି। ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତାକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମତଦାନ ପରେ ବୁଥବାହୁଡା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ। ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି। ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ▸ପୃଷ୍ଠା-୭



### ୫ମ ଥର ପାଇଁ ନୀତୀଶଙ୍କୁ ମିଳିବ କି ସୁଯୋଗ?

## ୨୬ ରାଉଣ୍ଡରେ ନୂଆପଡ଼ା ଗଣତି

■ **ନୂଆପଡ଼ା, ୧୩।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଭୋଟ ଗଣତି ନେଇ ଗୁରବାର ଗଣମାଧ୍ୟମକୁ ଜିଲ୍ଲାପାଳ ମଧୁସୂଦନ ଦାଶ ବିସ୍ତୃତ ସୂଚନା ଦେଇଛନ୍ତି। ମୋଟ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଭୋଟ ଗଣତି ହେବ। ପ୍ରତି ଟେବୁଲରେ ୩ ଜଣ କର୍ମଚାରୀ ରହିବେ। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବାକୁ ଥିବାବେଳେ ସକାଳ ୮ ସମୟରେ ଇଭିଏମ ଭୋଟ ଗଣତି ଆରମ୍ଭ ହେବ। ଗଣତି କେନ୍ଦ୍ରରେ କେବଳ ଅଧିକୃତ ଲୋକମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ୨୦ରୁ ଖରିଫ ଧାନକିଣା ଆରମ୍ଭ

### କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ

### ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ▸ପୃଷ୍ଠା-୭

# ୭ ଡିଗ୍ରୀକୁ ଖସିଲା ପାରଦ

## ରାଜଧାନୀରେ ୧୪ଡିଗ୍ରୀ ପାରଦ

### ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

### ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା। ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ▸ପୃଷ୍ଠା-୭



# ଝିଂଘାରି ଘାଟି ଓ କଲେଜ ରାସ୍ତାକୁ ନେଇ ଆନ୍ଦୋଳନ ଦାନା ବାନ୍ଧୁଛି

**କଲମପୁର, ୧୩।୧୧(ସମିସ)**

କଲମପୁର ଠାରୁ ଥୁଆମୂଳରାମପୁରକୁ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ବାରମ୍ବାର ବିଭାଗକୁ ଲୋକେ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିନାହିଁ। ଫଳରେ କାମର ଅଗ୍ରଗତି ହୋଇପାରୁ ନାହିଁ। ଏଥିପାଇଁ କୁଆଡେ ୨କୋଟି ଆସି ଟେଣ୍ଡର ମଧ୍ୟ ହୋଇଥିଲା। ଠିକାଦାର ଧାର୍ଯ୍ୟ ସମୟରେ କାମ କରି ନ ପାରିବାରୁ ସେହି ଟେଣ୍ଡରକୁ ବାତିଲ କରି ନିଜ ନିଜ ଭିତରେ ଭାଗବଣ୍ଟା କରିନେଲେ। କାମ ନେଇଗଲେ ସିନା ଦୀର୍ଘ ଦିନ ହେବ କାମ କରି ପାରୁ ନାହାନ୍ତି। ଏନେଇ କଲମପୁରରେ ଅବସ୍ଥାପିତ ପିଡବ୍ଲୁଡି ଯନ୍ତ୍ରୀ ଜିତୁ ଭୋଇ ରବିବାର ଦିନ ନିଶ୍ଚିତ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ସେ କହିବାର ପାଞ୍ଚ ଦିନ ବିତିଗଲା ସିନା ରାସ୍ତା କାମ ଆରମ୍ଭ ହୋଇ ପାରିନାହିଁ।ବିଭାଗ ସୂତ୍ରରୁ ଜଣାଯାଏ ଯେ ଏହି କାମକୁ ଯେଉଁ ୫/୬ ଜଣ ଲୋକେ ପାଇଛନ୍ତି। ସେମାନଙ୍କ ସହିତ ବିଭାଗର ଚୁକ୍ତିପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇନାହିଁ। ତେବେ ଏ ମିଛ ପ୍ରତିଶ୍ରୁତି କାହିଁକି ରଖିଛନ୍ତି ସମ୍ପୃକ୍ତ ଯନ୍ତ୍ରୀ। ଏହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି କଲେଜ ରାସ୍ତାକୁ ନେଇ ଉଭୟ+୨ ଓ +୩ କଲେଜ ଛାତ୍ରଛାତ୍ରୀ ବ୍ଲକ ଅଫିସ ଘେରିଲେ। ବିଡ଼ିଓଙ୍କ ସହିତ ଆଲୋଚନା ବେଳେ ଆରଡି ବିଭାଗରେ ନିୟୋଜିତ ଯନ୍ତ୍ରୀ କେଦାର ଦାସ ମଧ୍ୟ ରାତିକ ଭିତରେ ଅନାବନା ଘାସ ସଫା ହେବ ବୋଲି ପ୍ରତିଶ୍ରୁତି ଦେଲେ। ଏହାର ମୂକ ସାକ୍ଷୀ ହେଉଛନ୍ତି କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି। ହେଲେ ଏକାଧିକ ରାତି ବିତିଗଲା ରାସ୍ତା କିନ୍ତୁ ସଫା ହୋଇ ପାରିଲା ନାହିଁ।ଏହି ଉଭୟ ରାସ୍ତା ପାଇଁ ବିଶେଷ କରି ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଦେଶର ଭବିଷ୍ୟତ ହେଉଛନ୍ତି ଛାତ୍ରଛାତ୍ରୀ। ଏମାନଙ୍କ ଏଭଳି ଅସୁବିଧା ସମୟରେ ସହଯୋଗର ହାତ ନ ବଢ଼ାଇ ଉପହାସ କଲାଭଳି ମିଛ ପ୍ରତିଶ୍ରୁତି ଦେବା କେତେ ଯୁକ୍ତିଯୁକ୍ତ ତାହା ହିଁ ପରିତାପର ବିଷୟ ପାଲଟିଛି। ଏଭଳି ଯଦି ଲାଗି ରହେ ଛାତ୍ରଛାତ୍ରୀଙ୍କ ମହଲରେ ଦାନା ବାନ୍ଧୁଥିବା ଅସନ୍ତୋଷ ତୀବ୍ରରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

**ପ୍ରଶାସନର ମିଛ ପ୍ରତିଶ୍ରୁତି କେତେ ଦିନ**

## ■ ପେଙ୍ଗଶ୍ରୁର ଗାଁରେ ହାତୀ ଉପଦ୍ରବ

# ଧାନ, ମାଣ୍ଡିଆ ଓ କନ୍ଦମୂଳ ଚାଷ ନଷ୍ଟ

**ଲାଞ୍ଜିଗଡ଼, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଲ ସେକ୍ସନ ପେଙ୍ଗଶ୍ରୁର ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଧଡେଲ ଜଙ୍ଗଲରେ ୨୫ଟିକିଆ ହାତୀପଲ ରହିଥିବା ବେଳେ ଗତ ରାତିରେ ଲାଞ୍ଜିଗଡ଼ ବ୍ଲକ ବେନାଗାଁ ପଞ୍ଚାୟତ ପେଙ୍ଗଶ୍ରୁର ଗାଁର ମଦ ମାଝୀ, ଡମେ ମାଝୀ, ଶିବାଜୀ ମାଝୀ, ଲଦଗା ମାଝୀଙ୍କ ଧାନ, ମାଣ୍ଡିଆ, ଓ କନ୍ଦମୂଳ କନ୍ଦାକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ତେବେ ବର୍ଷ ସାରା ଉକ୍ତ ଅଞ୍ଚଳରେ



ହାତୀ ଉପଦ୍ରବ ବଢୁଥିବା ବେଳେ ଚାଷକୁଲ ଧାର କରଜ କରି ଧାନ ସହିତ ବିଭିନ୍ନ ଚାଷ କରିଥାନ୍ତି। ହେଲେ ବର୍ତ୍ତମାନ ଏମାନଙ୍କ ଫସଲକୁ ହାତୀପଲ ଦଳିଚକଟି ନଷ୍ଟ କରିଦେଇଥିବା ବେଳେ ବର୍ତ୍ତମାନ ୪ଟି ପରିବାର ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଧଡେଲ ଓ ଦୋଳମା ଜଙ୍ଗଲରେ ୨୫ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବର ପାଇ ମୂଷାନାଲ ସେକ୍ସନ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏନେଇ ବନପାଳ ଚିନ୍ତାମଣି ମାଝୀଙ୍କୁ ପଚାରିବାରୁ ପେଙ୍ଗଶ୍ରୁର ଗାଁର ଅନେକ ଲୋକଙ୍କ ଫସଲ ନଷ୍ଟ କରିଛନ୍ତି।ଏହାର ତଦାରଖ ପାଇଁ ମୁଁ ଷ୍ଟାଫ୍ ପଠେଇ ଥିଲି ଓ ଆକଳନ କରିସାରିଛୁ ଯାହା ଚାଷୀଙ୍କ କ୍ଷୟକ୍ଷତି ହୋଇଛି ଆମେ ସରକାରଙ୍କ ଅବଗତ କରିବୁ ସେପଟୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ହାତୀ ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣା

# ପୀଡ଼ିତ ପରିବାରକୁ ସହାୟତା



**ଲାଞ୍ଜିଗଡ଼, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ନିୟମଗିରିରେ ପାହାଡ଼ର ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତର କୁନ୍ନାକାଡୁ ଗାଁର କାଣ୍ଡୁ ମାଝୀ ଗତ ୩ ବର୍ଷ ତଳେ ଚାଷ କରିବା ପାଇଁ ନିକଟସ୍ଥ ହରଡ଼ାଗୁଡା ଗାଁରେ ପରିବାର ସହ ରହୁଥିଲା।ଗତ ସମବାର ୩ ତାରିଖରେ ସକାଳ ୮ ଘଣ୍ଟା ସମୟ କାଣ୍ଡୁଙ୍କ ଦୁଇ ପୁଅ ହରଡ଼ାଗୁଡା ଗାଁରୁ ବାହାରି ନିଜ ଚାଷ ଗୁଡ଼ିଆକୁ ଯାଉଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ରବି ମାଝୀ(୬)ର ମୃତ୍ୟୁ ଘଟିଥିଲା। ସାଥିରେ ଥିବା ରବିର ବଡ଼ଭାଇ ସାମରି ମାଝୀ (୮) ଙ୍କୁ ହାତୀ ଶୁଣ୍ଢରେ ଫିଙ୍ଗି ଦେଇଥିଲା। ଫଳରେ ତା' ପିଠିରେ ବି ଆଘାତ ହୋଇଥିଲେ।ଶିଶୁଙ୍କୁ ହରାଇ ବାପା କାଣ୍ଡୁ ମାଝୀ ମା'ଙ୍କ ଆଖିରୁ ଲୁହ ଶୁଖୁନାହିଁ।ଏହି ପରିପ୍ରେକ୍ଷୀରେ ଆଜି ମା' ଭୈରବୀ ଟ୍ରକ ୟୁନିଅନ ଆସୋସିଏସନର ସଭାପତି ଚନ୍ଦ୍ର ଶେଖର ବେହେରା, ଉପସଭାପତି ବଟକୃଷ୍ଣ ପୃଷ୍ଟି, ସମ୍ପାଦକ ଆୟୁବ୍ ଖାଁନ, ସମାଜସେବୀ ଶ୍ରୀଧର ପେସନିଆ, ମୀନକେତନ ଷଡଙ୍ଗୀ, ନବୀନ ପାତ୍ର ପ୍ରମୁଖ ହରଡ଼ାଗୁଡା ଗାଁରେ ପହଞ୍ଚି ମୃତ ଶିଶୁଙ୍କ ବାପମା'ଙ୍କୁ ସମବେଦନା ଜଣାଇବା ସହିତ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।ତାଙ୍କ ସହିତ ତ୍ରିଲୋଚନପୁର ନାଏବ ସରପଞ୍ଚ ତରାଣୀ ସେନ ବାଗ, ଲାଞ୍ଜିଗଡ଼ ପ୍ରେସକ୍ଲବ୍ ଉପସଭାପତି କ୍ଷମାନିଧି ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ମାଣ୍ଡିଆ ଦିବସରେ ଦୁଇ ମହିଳା ଚାଷୀ ସମ୍ମାନିତ

**ଲାଞ୍ଜିଗଡ଼, ୧୩।୧୧ (ସମିସ):** ରାଜ୍ୟସ୍ତରୀୟ ମାଣ୍ଡିଆ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତ ତାଲବୋରାଗ୍ରାମର ମହିଳା ଚାଷୀ ସାଇବେନି ମାଝୀ ଓ ବେନଗାଁ ପଞ୍ଚାୟତ ପଦ୍ମଥପା ଗାଁର ବାସନ୍ତୀ ହରିଜନଙ୍କୁ ରାଜ୍ୟର ଶ୍ରେଷ୍ଠ ମହିଳା ଚାଷୀ ଭାବେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।ସୂଚନା ଅନୁସାରେ ଲାଖବାହିଲି ପଞ୍ଚାୟତ ତାଲବୋରା







ଗ୍ରାମର ମହିଳା ଚାଷୀ ସାଇବେନି ଜୈବିକ ଓ ଆଧୁନିକ ପଦ୍ଧତି ଦ୍ୱାରା ମାଣ୍ଡିଆ ଚାଷରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେ ୨ ହେକ୍ଟର ଜମିରୁ ହାରାହାରି ୩୧ କ୍ୱିଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଥିଲେ।ସେ ଏମଏସପି ଦରରେ ମଣ୍ଡିରେ ବିକ୍ରି କରିଥିଲେ। ଅବଶିଷ୍ଟ ବିହନ ସେ ଏଫପିଓ 'ଆପକଲ'ଲାଞ୍ଜିଗଡ଼କୁ ଯୋଗାଇଥିଲେ।ତାଙ୍କର ଉଲ୍ଲେଖନୀୟ କାମ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ତାଙ୍କୁ 'ଶ୍ରେଷ୍ଠ କ୍ଷୁଦ୍ରଶସ୍ୟ ଚାଷୀ'ଭାବେ ସମ୍ମାନିତ କରିଛନ୍ତି।ସେହିପରି ପାରମ୍ପରିକ ଫସଲ ସଂରକ୍ଷଣରେ ବେନଗାଁ ପଞ୍ଚାୟତ ପଦ୍ମଥୋପାଗ୍ରାମ ବାସନ୍ତୀ ହରିଜନ ଦେଶୀ ବିହନ ସଂରକ୍ଷଣ ଓ ପାରମ୍ପରିକ ଫସଲ ଚାଷରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି।ସେ ୫.୨୦ଏକର ଜମିରେ ମାଣ୍ଡିଆ, ୧ଏକରରେ କୋସଲା, ଏବଂ ୨ ଏକରରେ ଅନ୍ୟାନ୍ୟ କ୍ଷୁଦ୍ରଶସ୍ୟ ଚାଷ କରୁଛନ୍ତି। ତାଙ୍କ ସଂଗ୍ରହିତ ଦେଶୀ ବିହନ ଅନ୍ୟାନ୍ୟ ଚାଷୀଙ୍କୁ ଉପଲବ୍ଧ ହୋଇ ଅଞ୍ଚଳରେ ବିହନ ସଂରକ୍ଷଣ ଓ ପ୍ରଚାରରେ ସହାୟକ ହେଉଛି। ସ୍ଥାୟୀ କୃଷି ଓ ଜୈବ ବିବିଧତା ପ୍ରତି ତାଙ୍କ ଅନୁରାଗ ତାଙ୍କୁ 'ସଂଗ୍ରହିତ ବିହନ ରାଣୀ' ଭାବେ ପରିଚିତ କରିଛି। ତାଙ୍କ ଏହି ଅବଦାନ ପାଇଁ ରାଜ୍ୟପାଳ ତାଙ୍କୁ 'ପାରମ୍ପରିକ ଫସଲ ସଂରକ୍ଷଣରେ ଶ୍ରେଷ୍ଠ ଚାଷୀ'ଭାବରେ ସମ୍ମାନିତ କରିଛନ୍ତି। ସମାରୋହରେ ଜନସାହାଜ୍ୟ ସଂସ୍ଥାର ସମ୍ପାଦିକା ଅନ୍ୱେଷିତା ସାମଲ, ପ୍ରକଳ୍ପ ପରିଚାଳକ ପୂର୍ଣ୍ଣେନ୍ଦୁ ପଣ୍ଡା, ଉପ ପ୍ରକଳ୍ପ ପରିଚାଳକ ସୁବାସ ନାଏକ ସହିତ ଜିଲ୍ଲା ଓ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ।

## ମାଁ ଗଡିଆଣି ଫୁଟବଲ ପ୍ରତିଯୋଗିତା

# ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଣିମୁଣ୍ଡା ବିଜୟୀ



**ସିନାପାଲି, ୧୩।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସଦରସ୍ଥିତ ଧାନମଣ୍ଡି ଖେଳ ପଡ଼ିଆରେ ବ୍ଲକ୍ ଲେଭଲ ସ୍ପୋର୍ଟ୍ସ କ୍ଲବ କାପସି ଆନୁକୂଲ୍ୟରେ ବ୍ଲକସ୍ତରୀୟ ୬ତମ ମାଁ ଗଡିଆଣି ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷକ ପ୍ରଶନ୍ନ କୁମାର ମାଝି ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁଦର୍ଶନ ଭୋଇ, ନିକୁଞ୍ଜ ବିହାରି ସା, ଅରୁଣ ଗଡ଼ତିଆ, ଅୟୁବ ଖାନ, ସ୍ୱରୁପ କୁମାର ଯୋଶି ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମ ମୁଖିଆ ନରୋତ୍ତମ ମାଝି ପୂଜାର୍ଚ୍ଚନା କରିଥିଲେ। ଖେଳ ପରିଚାଳକ ଭାବେ ବିଭିଷଣ ମାର୍ଣି, ଜଗ ସା, ଅଜୟ ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଭରୁଆମୁଣ୍ଡା ଓ ରାଣିମୁଣ୍ଡା ମଧ୍ୟରେ ହୋଇଥିଲା। ଭରୁଆମୁଣ୍ଡା ଦଳକୁ ୧ ଗୋଲ ଦେଇ ରାଣିମୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟରେ ବରଗାଁ ଓ ବର୍ତନସିଲ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ପେନାଲଟି ସୁଟରେ ବରଗାଁ ବିଜୟୀ ହୋଇଥିଲା। ତୃତୀୟରେ ମହୁଲପଡ଼ା ଓ ବିନୋପୁର ମଧ୍ୟ ରେ ପ୍ରତିଯୋଗିତା ହୋଇଥିବା ବେଳେ ପେନାଲଟି ସୁଟରେ ବିନୋପୁର ବିଜୟୀ ହୋଇଥିଲା। ଭାଷ୍ୟକାର ଭାବେ ନରେଶ କୁମାର ମାଝି ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସିନାପାଲି ସାମ୍ବାଦିକ ସଂଘ ସଭାପତି ଅଜିତ ଯୋଶୀ, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ବିହାରୀ ଲାଲ ଜଗତ, ଜଗନ୍ନାଥ ସାଗର, ସମାଜସେବୀ ରଫିକ ଖାନ ପ୍ରମୁଖ ଯୋଗଦାନ କରିଥିଲେ।ଉକ୍ତ କମିଟି ସଭାପତି ଡୋଲାମଣି ସାଗର, ଡଗର ଲୋହାର, ତରୁଣ ମାଝି, ଯୁଗେଶ୍ୱର ସା, ବିଦ୍ୟାଧର ହଂସ, ଶ୍ରୀକାନ୍ତ ରଣା, ହରେକୃଷ୍ଣ ମାଝି, ଲଳିତ ମାଝି, ଶିବୁ ମାଝି, ଜତିନ ଦାସ, ପିଙ୍କୁ, ତପନ, ଲାଲ, ତନ୍ମୟ, ଉଆସୁ, ଯୋଗେନ୍ଦ୍ର ସମେତ କମିଟି ସଦସ୍ୟ ସହଯୋଗ କରିଥିଲେ।

# ସାନଭି ପ୍ରଜ୍ଞା 'ୟୁ-୧୫' ମହିଳା ଖେଳାଳି ପାଇଁ ମନୋନୀତ

**କୋକସରା, ୧୩।୧୧ (ସମିସ):** ଆସନ୍ତା ୧୫ ନଭେମ୍ବରରେ କଟକରେ ହେବାକୁ ଥିବା ୧୫ ବର୍ଷରୁ କମ୍ ମହିଳା ଶିବିର ପାଇଁ କୋକସରା ବ୍ଲକ ମୁଷାପଲି ପଞ୍ଚାୟତ ଖପ୍ରାମାଲ ଗ୍ରାମର ସାନଭି ପ୍ରଜ୍ଞା ରାଉତ ମନୋନୀତ ହୋଇଛନ୍ତି। ଏନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓଡ଼ିଶା କ୍ରିକେଟ୍ ସଂଘ ସୁବ୍ରତ କୁମାର ବେହେରା ଇମେଲ ଜରିଆରେ ସାନଭିକୁ ଜଣାଇଥିବା ସୂଚନା ମିଳିଛି। ସାନଭି ପ୍ରଜ୍ଞାଙ୍କ ସହିତ କଳାହାଣ୍ଡିରୁ ଖୁସି ନିଆଲ ଓ ଭଜନୀ ନାଗ ମଧ୍ୟ ମନୋନୀତ ହୋଇଛନ୍ତି। ଏହି ୩ଜଣ ଛାତ୍ରୀ ମନୋନୀତ ହେବାପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାନଭି ପ୍ରଜ୍ଞା ପୂର୍ବରୁ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଦିଲ୍ଲୀଠାରେ ହୋଇଥିବା ଜାତୀୟ କ୍ରୀଡ଼ା ସମ୍ମିଳନୀରେ ମଧ୍ୟ ଭାଗ ନେଇଥିଲେ। ଏହାବାଦ୍ ସାନଭି ପ୍ରଜ୍ଞା ପୂର୍ବରୁ କଳାହାଣ୍ଡି ଟିମ୍‌ରେ ସାମିଲ ହୋଇ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ ନିଜର କ୍ରିଡ଼ା ପ୍ରତିଭା ପ୍ରଦର୍ଶନ କରି ସାରିଛନ୍ତି।



# ଗଞ୍ଜେଇ ଭର୍ତ୍ତି କାର୍ ଜଳିଗଲା



**ମ.ରାମପୁର, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ କେନ୍ଦୁଘାଟି ପାଖରେ ଏକ ଗଞ୍ଜେଇ ଭର୍ତ୍ତି ଇନୋଭା କାର୍ ଜଳି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି।ବୁଧବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ଗଞ୍ଜେଇ ଭର୍ତ୍ତି କାର୍ ମ.ରାମପୁର ଅଭିମୁଖେ ଯାଉଥିବା ସମୟରେ କୈଣସି ସୂତ୍ରରୁ ଖବର ପାଇ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ପୁଲିସ କାର୍ ପିଛା କରିଥିଲା।ଦ୍ରୁତ ଗତିରେ ଯାଉଥିବା କାର୍‌ରେ କୌଣସି କାରଣରୁ ନିଆଁ ବାହାରି କେନ୍ଦୁଘାଟି ନିକଟରେ ଜଳିଯାଇଥିଲା।ଗଞ୍ଜେଇ ସହ ଗାଡ଼ି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ହେଲେ ଗାଡ଼ିରେ ଥିବା ୫ଜଣ ଦୁର୍ବୃତ୍ତ ଚତୁରତାର ସହ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲେ।ପରେ ମ.ରାମପୁର ପୁଲିସକୁ ଖବର ଦେଇଥିଲେ।ପରେ ପୁଲିସ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା।ପରେ ମ.ରାମପୁର ପୁଲିସ ଗାଡିକୁ ଉଦ୍ଧାର କରି ମ.ରାମପୁର ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛି।

# ଭଏସ୍ ଅଫ୍ କଳାହାଣ୍ଡି ସିଜନ-୮ ଉଦ୍‌ଯାପିତ; ବିରଞ୍ଚି ନାରାୟଣ ସାହୁ ଚାମ୍ପିଅନ



**ଭବାନୀପାଟଣା, ୧୩।୧୧(ସମିସ):** ସ୍ୱର, ତାଳ ଓ ଲୟର ମହାସଙ୍ଗମ ଭାବେ ପରିଚିତ ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଓଡ଼ିଶାର ଚର୍ଚ୍ଚିତ ସଙ୍ଗୀତ ରିୟଲିଟି ସୋ 'ଭଏସ ଅଫ୍ କଳାହାଣ୍ଡି' ସିଜନ-୮ ଗ୍ରାଣ୍ଡ ଫାଇନାଲ ସହିତ ଉଦ୍‌ଯାପିତ ହୋଇଯାଇଛି। ୬୧ତମ ମହାବୀର ମହୋତ୍ସବ ଉପଲକ୍ଷେ ଆୟୋଜିତ ଭଏସ ଅଫ କଳାହାଣ୍ଡି, ସିଜନ-୮ର ବିଜେତା ଭାବେ ବିରଞ୍ଚି ନାରାୟଣ ସାହୁଙ୍କୁ ବିଚାରକମାନେ ବାଛିଥିବା ବେଳେ ଦ୍ୱିତୀୟ ରନର୍ସଅପ ଭାବେ ସୁଧାଂଶୁ ପାଢ଼ୀ, ତୃତୀୟ ରନର୍ସଅପ ଭାବେ ଶ୍ରୀୟାଂଶୀ ବେହେରା ବିବେଚିତ ହୋଇଥିଲେ। ବିଚାରକ ଭାବେ ଶୁଭେନ୍ଦୁ ପାଢ଼ୀ, ରୋଜାଲିନ ତ୍ରିପାଠୀ ଓ ସଂଗ୍ରାମ ସରାଫ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ଅଷ୍ଟମ ସଂସ୍କରଣରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।ଏହି ଅବସରରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମସମ୍ପାଦକ ଭାବେ ସଞ୍ଜୀବ କୁମାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନ୍ତଃ ରାଜ୍ୟ ବୁଢ଼ାରଜା କ୍ରିକେଟ କପ୍ ସିଜନ-୭

# ବ୍ୟାପକ ପ୍ରସ୍ତୁତି ନେଇ ବସିଲା ବୈଠକ

**ସିନାପାଲି, ୧୩।୧୧(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝରଠାରେ ବୁଢାରଜା କ୍ରିକେଟ କପ ଚଳିତ ବର୍ଷ ସିଜନ-୭ ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ବୈଠକ ସଭା ରମେଶ ଚନ୍ଦ୍ର ଆଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ପ୍ରତିଯୋଗିତାକୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିବା ବେଳେ ଚଳିତ ବର୍ଷ ବିଜେତା ଦଳକୁ ୧ ଲକ୍ଷ ଓ ଉପବିଜେତା ଦଳକୁ ୬୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।ଆସନ୍ତା ଡିସେମ୍ବର ୧୩ ତାରିଖ ଠାରୁ ଆରମ୍ଭ ହେଉଥିବା ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ବାହାର ରାଜ୍ୟର ୧୬ଟି ଦଳ ଯୋଗଦାନ କରିବାକୁ ଥିବା ବେଳେ ଅଭିଜ୍ଞ ଆମ୍ପାୟର, ଉଦଘୋଷକ ଯୋଗଦାନ କରିବେ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରିବା ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶୁଭ ଉଦ୍‌ଘାଟନୀ ସମାରୋହ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯୋଗ୍ୟ ଯେ, ସିଙ୍ଗଝରଠାରେ ଆୟୋଜିତ ହୋଇ ଆସୁଥିବା ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଞ୍ଚଳର ଏକ କ୍ରୀଡ଼ା ମହୋତ୍ସବ ଭାବରେ ଜଣାଶୁଣା। ଏଠାରେ କ୍ରୀଡ଼ା ପ୍ରେମୀ, ଖେଳାଳୀ, କଡାବିତ ଓ ଦର୍ଶକମାନଙ୍କ ମହାମିଳନ ଦେଖିବାକୁ ମିଳିଥାଏ। ଅନେକ ରାଜନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରି ଖେଳାଳୀ ଓ କ୍ରୀଡ଼ାର ବିକାଶ ଦିଗରେ ପ୍ରତିଯୋଗିତାର ସ୍ୱତନ୍ତ୍ରତା ରହିଛି।ବୈଠକରେ ପୂର୍ବତନ କମିଟି ସଭାପତି ଗୌରୀଶଙ୍କର ମାଝୀ, ଉପସଭାପତି ରାମ ବିଶି, ସମ୍ପାଦକ ପ୍ରେମଚାନ୍ଦ ବୈଠରୁ, ସହସମ୍ପାଦକ ଅନନ୍ତ ରାମ ମାଝୀ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠରୁ, ସଞ୍ଜୟ କୁମାର ବୈଠରୁ, ଜୟଶ୍ରୀ ବୀଣାପାଣି ଯୁବକ ସଂଘ ସମସ୍ତ କର୍ମକର୍ତ୍ତା ସହିତ ପ୍ରମୁଖ ବ୍ୟକ୍ତି କ୍ରୀଡ଼ା ବିଶେଷଜ୍ଞ ତଥା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଲାବଣ୍ୟ ବୈଠରୁ, ବ୍ରଜ ମୋହନ ଧାକଡ଼, ଭୁବନ ବୈଠରୁ, ଭୂତେଶ୍ୱର ନାୟକ, ପର୍ଶୁରାମ ମାଝୀ, ଦେବେନ୍ଦ୍ର ନାୟକ, ସୁରେଶ କୁମାର ମାଝୀ, ନରେନ୍ଦ୍ର ନାୟକ, ଦେବଦତ୍ତ ପ୍ରଧାନ, ମଣି ଭଦ୍ର ନାୟକ, ମନୋଜ ବୈଠରୁ, ଯଶୋବନ୍ତ ମାଝୀ, ହବେଲାଲ ମାଝୀ, ମହେନ୍ଦ୍ର ଅଗ୍ରୱାଲ, ପ୍ରେମସିଂ ମାଝୀ, ବୈକୁଣ୍ଠ କଶ୍ୟପ, ହେମନ୍ତ ବୈଠରୁ, କେଦାରନାଥ ମାଝୀ, ପ୍ରବୀଣ ଚନ୍ଦ୍ର ମାଝୀ, ଅଭିରାମ ବୈଠରୁ, ଅଶ୍ୱିନୀ ନାୟକ, ଚନ୍ଦ୍ର ମାଝୀ, କମଳାକାନ୍ତ ସେଠି, ତନୟ ବୈଠରୁ, ଗଗନ ନାୟକ, ଦେବବ୍ରତ ମାଝୀ ଭୂତେଶ୍ୱର ବୈଠରୁ, ଚିନ୍ମୟ ନାୟକ, ନରେନ୍ଦ୍ର ବୈଠରୁ, ଲଳିତ ମାଝୀ, ତୀରନ ମାଝୀ ସମେତ ବିଭିନ୍ନ ଅଞ୍ଚଳର ଜନସାଧାରଣ ମଧ୍ୟ ଉପସ୍ଥିତ ଥିଲେ।। ପ୍ରକାଶ ଯୋଗ୍ୟ ଅଞ୍ଚଳ ରେ ଆବଶ୍ୟକ ପଡ଼ିଆ ନ ଥିବାରୁ ଏହାକୁ ଉପଲବ୍ଧି କରି ସିଙ୍ଗଝରେ ଗୌନ୍ତିଆ ପରିବାର ଖେଳ ପଡ଼ିଆ ପାଇଁ ଦାନ ଦେଇଥିବା ୪ ଏକର ବିଶିଷ୍ଟ ବୁଢାରଜା ମିନି ଷ୍ଟାଡ଼ିଅମ ରେ ପ୍ରତିଯୋଗୀତା ହେବାକୁ ଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ପଡ଼ିଆ ମରାମତି କାମ ଚାଲୁଥିବା କମିଟି ପ୍ରକାଶ କରିଛି।



**ଡିସେମ୍ବର ୧୩ରୁ କ୍ରିକେଟ ମହାକୁମ୍ଭ**

# କବିତାରେ ଗୁଞ୍ଜରିତ ହେଲା ମହାବୀର ମଞ୍ଚ

## ମହାବୀର ମହୋତ୍ସବର ଷଷ୍ଠଦିବସ





**ଭବାନୀପାଟଣା, ୧୩।୧୧(ସମିସ):** ୬୧ତମ ମହାବୀର ମହୋତ୍ସବର ଷଷ୍ଠଦିବସରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ। ଜିଲ୍ଲାର ବିଭିନ୍ନ କୋଣଅନୁକୋଣରୁ ଆସିଥିବା ୧୫ଜଣ ନାରୀ କବିଙ୍କ ସହିତ ୫୦ରୁ ଉର୍ଦ୍ଧ୍ୱ କବି ସାମିଲ ହୋଇ ନିଜ ନିଜର କବିତା ପାଠ କରିବା ସହ କଳାହାଣ୍ଡି ମାଟିର ସାହିତ୍ୟ ପ୍ରେମ ଓ ପ୍ରୀତିର ଫଲଗୁ ବାଣ୍ଟିଥିଲେ। କବିଙ୍କ କବିତାର ଶବ୍ଦ ଗୁଞ୍ଜନରେ ଆଜି ଦିନତମାମ ଗୁଞ୍ଜରିତ ହୋଇଥିଲା ମହାବୀର ମଞ୍ଚ। ବରିଷ୍ଠ କବି ସନ୍ତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଲଳିତ କାନୁନଗୋ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲେଖକ ଓ ସମୀକ୍ଷକ ସୁଦର୍ଶନ ଦାସ, କବି ନିରୋଜ ପଟ୍ଟନାୟକଙ୍କ ସହିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।ଯୁବକବି ପ୍ରଶାନ୍ତ କୁମାର ଦାଶ ଓ ପୁଣ୍ୟଦୀପା ଖମାରୀ କବିତା ସଂଯୋଜନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଶ୍ମଶାନଗୃହ, ସ୍ୱାଗତ ଫାଟକ ପାଇଁ ଭୂମିପୂଜନ

**ଧର୍ମଗଡ଼, ୧୩।୧୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଅଧିନ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ବୁଧବାର ଦିନ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଶ୍ମଶାନ ଗୃହ ସମେତ ସ୍ୱାଗତ ଓ ବିଦାୟ ଗେଟ ନିର୍ମାଣ ପାଇଁ ସରପଞ୍ଚ ବ୍ରିଜଲାଲ ନାଏକ ଭିତ୍ତିଭୂମି ସ୍ଥାପନ ଓ ଭୂମି ପୂଜନ କରିଛନ୍ତି।ଦୀର୍ଘଦିନ ଧରି ଡମ୍ବ ସମ୍ପ୍ରଦାୟର ଲୋକେ ଶ୍ମଶାନ ଗୃହ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ।ଶ୍ମଶାନଗୃହ ନ ଥିବାରୁ ଶବ ସତ୍କାର କରିବାରେ ଲୋକେ ନାନା ପ୍ରକାର ଅସୁବିଧାରେ ସମ୍ମୁଖୀନ ହୋଇ ଆସୁଛନ୍ତି।ଦାବି ମୁତାବକ ମୁଦ୍ରା ନଦୀ ଧର୍ମଗଡ଼ ଯିବା ନଦୀତଟରେ ଏହି ଗୃହ ନିର୍ମାଣ ପାଇଁ ସାଧାରଣ ଭାବେ ଦାବୀ ହୋଇଥିଲା।ଦାବୀକୁ ଗୁରୁତର ସହ ସରପଞ୍ଚ ଗ୍ରହଣ କରି ଏହାର ଭୂମି ପୂଜନ ବା ଶୁଭାରମ୍ଭ କରିଛନ୍ତି।ସୂଚନା ଯେ ଡମ୍ବ ସମ୍ପ୍ରଦାୟର ମଶାଣି ଘାଟ ପୂର୍ବ ଦିନରେ ପୂର୍ବପଟ ଖମାରଗୁଡା ନଦୀ ତଟରେ ରହିଛି।ହେଲେ ଶ୍ମଶାନଘାଟ ଯିବା ପାଇଁ ରାସ୍ତା ନ ଥିବାରୁ ସେଠାରେ ଶବ ସତ୍କାର କରିବା ଅସମ୍ଭବ ହୋଇ ପଡ଼ିଛି।ତେବେ ଆଶ୍ଚର୍ଯ୍ୟର ବିଷୟ ୧୯୭୧-୭୨ବେଳକୁ ଏହି ମଶାଣିକୁ ଯିବା ପାଇଁ ସରକାରୀ କାଗଜପତ୍ରରେ ଉଲ୍ଲେଖ ରହିଥିବା ବେଳେ ବର୍ତ୍ତମାନ ତାହା ଉଚ୍ଛେଦ ହୋଇ ମାଲିକିଣାରେ ରହିଥିବା ଲୋକେ ପ୍ରକାଶ କରନ୍ତି।ସେଭଳି ଗାଁକୁ ପ୍ରବେଶ ପାଇଁ ସ୍ୱାଗତ ଗେଟ ଓ ବିଦାୟ ଗେଟର ଭୂମିପୂଜନ ହୋଇ ଯାଇଛି।ସରପଞ୍ଚ ସମେତ ଯନ୍ତ୍ରୀ ସୀମାଞ୍ଚଳ ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ, ସମାଜସେବୀ ନବୀନ କୁମାର ପୁରୋହିତ, କାଳିଆ ପୁରୋହିତ, ବୃନ୍ଦାବନ ବାଗ, ଲକ୍ଷ ଜ୍ୟୋତି ଜାଲ, ସୁବାସ ବାଗ, ନାରାୟଣ ସୁନାନୀ, ପରାଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଆବଶ୍ୟକ ସମସ୍ତ ପ୍ରସ୍ତୁତିର ସମୀକ୍ଷା କଲେ

# ଜିଲ୍ଲାପାଳଙ୍କ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ

**ନୂଆପଡ଼ା, ୧୩।୧୧(ସମିସ)**

ନୂଆପଡ଼ା ଉପନିର୍ବାଚନର ଅନ୍ତିମ ପ୍ରକ୍ରିୟା, ଭୋଟ ଗଣତି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହେବ। ସ୍ଥାନୀୟ ନ୍ୟାସନାଲ କଲେଜରେ ଏଥିପାଇଁ ସମସ୍ତ ଆବଶ୍ୟକ ବନ୍ଦୋବସ୍ତ କରାଯାଇଛି। ଗୁରୁବାର ଅପରାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କରି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସମସ୍ତ ଇଭିଏମ୍, ଭିଭିପାଟ କଲେଜର ଷ୍ଟ୍ରଙ୍ଗ ରୁମ୍‌ରେ ସିଲ ହୋଇ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଭାବରେ ରହିଛି।ଗଣତି କେନ୍ଦ୍ର ତଥା ଭିଭିପାଟ କକ୍ଷକୁ ପ୍ରସ୍ତୁତ କରାଯାଇଛି। ବିଜୁଳି ଏବଂ ଶୌଚାଳୟ ବ୍ୟବସ୍ଥା ହୋଇଛି। ଗଣତି କେନ୍ଦ୍ରକୁ ଆସିବା ପାଇଁ ଅଧିକାରୀ,



ପୋଲିଂ ଏଜେଣ୍ଟ ତଥା ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର କରିଡ଼ର ନିର୍ମିତ ହୋଇଛି।ନିର୍ବାଚନ ପର୍ଯ୍ୟବେକ୍ଷକ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ଣ୍ଣି ଅଫିସରଙ୍କ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଛି। ପ୍ରତି ରାଉଣ୍ଡ ଗଣତି ଶେଷରେ ଫଳାଫଳ ନିର୍ବାଚନ କମିଶନ ତଥା ମିଡିଆକୁ ଦେବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକମାନେ ସୁବିଧାରେ ଖବର ସଂଗ୍ରହ ଓ ପ୍ରେରଣ ପାଇଁ ଏକ ସ୍ୱତନ୍ତ୍ର ମିଡିଆ କକ୍ଷ ଖୋଲାଯାଇଛି। ଏଠାରେ ଟେଲିଭିଜନ ତଥା କମ୍ପ୍ୟୁଟର ସୁବିଧା ଯୋଗାଇ ଦିଆଯାଇଛି।ଶାନ୍ତି ଶୃଙ୍ଖଳା ବ୍ୟବସ୍ଥାର ନୀରିକ୍ଷଣ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ମଧ ଉପସ୍ଥିତ ଥିଲେ। ସେ ମୁତୟନ ଥିବା ସମସ୍ତ ଅଧିକାରୀ ଓ ଯବାନମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ବୈଠକ କରି ସୂଚନା ଦେଇଥିଲେ।ଭୋଟ ଗଣତି ନିର୍ଦ୍ଧାରିତ ସମୟରେ ସକାଳ ୮ଘଣ୍ଟା ସମୟରେ ଆରମ୍ଭ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଆଜି ନ୍ୟାସନାଲ କଲେଜରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ତଥା ଆରଓ ସୁର୍ମି ସୋରେନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତିର ତଦାରଖ କରିଥିଲେ। ମତଦାନ ଭଳି ଭୋଟ ଗଣତି ମଧ ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ, ପାରଦର୍ଶୀ ଓ ସଫଳତାର ସହିତ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି।

# ବିନିକା ଗୋକୁଳାଷ୍ଟମୀ ମହୋତ୍ସବ: ବକାସୁର ବଧ

**ବିନିକା, ୧୩।୧୧(ସମିସ):** ବିନିକା କଂଶାରିପଡ଼ା ବ୍ରଜବିହାରି ନୃତ୍ୟ କଳା ପରିଷଦ ତରଫରୁ ଗୋକୁଳାଷ୍ଟମୀ ମହୋତ୍ସବ ଚାଲିଛି। ଗୁରୁବାର ପଞ୍ଚମ ଦିବସରେ ବକାସୁର ବଧ ହୋଇଛି। ଗୋପପୁରେ ନଟଖଟିଆ କୃଷ୍ଣ ଗୋପାଳ ପୁଅଙ୍କ ସହିତ ଲୁଚି ଛପି ବିଭିନ୍ନ ଘରକୁ ଯାଇ ଲହୁଣୀ ଚୋରି କରି ଖାଇଥିଲେ। ଖେଳକୁଦରେ ମଜ୍ଜି ଥିଲେ। ମାଁ ଯଶୋଦାଙ୍କୁ ଧରାଛୁଁଆ ଦେଇ ନ ଥିଲେ। ପୌରାଣିକ କଥାବସ୍ତୁକୁ ନେଇ ଏହି ସବୁ କାହାଣୀ ବା ଦୃଶ୍ୟକୁ କଳାକାରମାନେ ଅତି ନିଖୁଣ ଭାବେ ଅଭିନୟ କରିଥିଲେ। ଏହି ସବୁ ଦୃଶ୍ୟ ଅତି ମନୋହର ଥିଲା। ସେହିଭଳି ଦେବକୀଙ୍କ ଅଷ୍ଟମ ଗର୍ଭ ସନ୍ତାନ ହାତରେ କଂସର ମୃତ୍ୟୁ ଲେଖା ଅଛି ଭାବି କଂସ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଥିଲେ। ଡଗରଠାରୁ ଷଣ୍ଢାସୁର ବଧ ଖବର ପାଇବା ପରେ ମର୍ମାହତ କଂସ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଶିଶୁକୁ ହତ୍ୟା ପାଇଁ ବକାସୁରକୁ ପଠାଇଥିଲେ; ହେଲେ ଦଇବ ସାହା ହୋଇ ନ ଥିଲେ। ଶ୍ରୀକୃଷ୍ଣ ବକାସୁର ସହ ଯୁଦ୍ଧ କରି ତାକୁ ବଧ କରିଥିଲେ। ଏହିଭଳି ଅନେକ ଦୃଶ୍ୟ ଉଭୟ ଗୋପପୁର ଓ ମଥୁରା ନଗରୀରେ ପ୍ରଦର୍ଶିତ ହୋଇଥିଲା। ତେବେ କଂସ ଦରବାରରେ ରାଜକୀୟ ମୁଖ୍ୟ ଅତିଥି ଭାବେ ବିନିକା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ସୁବାସ ଭୋଇ, ଉପାଧ୍ୟକ୍ଷ ତପସ୍ୱିନୀ ମେହେର, ଜିଲ୍ଲା ବିଜେଡ଼ି ଯୁବ ସଭାପତି ଅଶୋକ ନନ୍ଦ, ଇତିହାସ ଗବେଷକ ଶିକ୍ଷକ ସୁଦାମ ନାଏକ, କାଉନସିଲର ବିଜୟ ବରାଇ, ପ୍ରଦୀପ ବାଘ, ଜିତୁ ମଲ୍ଲିକ, କୁନି ଚିରଗୁନ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ମନୋଜ ଦାସ ସଭାପତିତ୍ୱ କରିଥିଲେ। ହିମାଂଶୁ ଭୂଷଣ ପଣ୍ଡା, ସୌମ୍ୟ ରଞ୍ଜନ ପୂଜାରୀ, ବିରଞ୍ଚି ନାରାୟଣ ମେହେର ମଞ୍ଚ ପରିଚାଳନା କରିଥିଲେ।

## ରାଇସ୍ ମିଲ୍ ଗରମ ପାଉଁଶରେ ପଡ଼ି ଶିଶୁ ମୃତ୍ୟୁ ଘଟଣା

# ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଲେ ମାନବାଧିକାର କମିଶନ

**ଭବାନୀପାଟଣା, ୧୩।୧୧ (ସମିସ) :** ୨୬ ଫେବୃଆରୀ ୨୦୨୫ରେ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ବୋଇପୁର ଗ୍ରାମରେ କାଳେଶ୍ୱର ରାଇସ ମିଲ ଫିଙ୍ଗିଥିବା ଗରମ ପାଉଁଶରେ ପଡ଼ି ୧୨ ବର୍ଷର ବାଳକ ପ୍ରତ୍ୟୁଷ ଭଏନା ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ୧୨ ନଭେମ୍ବର ୨୦୨୫ ରେ ନିର୍ଦ୍ଦେଶ ଦେଇଛନ୍ତି। କହିଛନ୍ତି ଯେ ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରତ୍ୟୁଷଙ୍କ ପରିବାରକୁ ପ୍ରଦାନ କରି ତାର ପ୍ରମାଣ ସହିତ ୩ ଜାନୁଆରୀ ୨୦୨୬ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରନ୍ତୁ। କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ଅଭିଯୋଗ ( ମାନବାଧିକାର କମିଶନ କେଶ ନମ୍ବର ୯୯୮/୧୮/୧୭/୨୦୨୫)କୁ ବିଚାର କରି କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ୨୬ ଫେବୃଆରୀ ୨୦୨୫ ରେ ସାଇକଲରେ ଯାଉଥିବା ସମୟରେ ପ୍ରତ୍ୟୁଷ ଭଏନା ସାମ୍ନାରୁ ଆସୁଥିବା ଏକ ଗାଡ଼ିକୁ ସାଇଡ ଦେବାକୁ ଯାଇ ରାସ୍ତାକଡ଼ରେ ଗଦା ହୋଇଥିବା ଗରମ ପାଉଁଶରେ ପଡ଼ି ଗୁରତର ଭାବେ ଜଳି ଯାଇଥିଲେ। ମାସାଧିକକାଳ କଟକରେ ଚିକିତ୍ସିତ ହେବା ପରେ ମଧ ୧୧ ଏପ୍ରିଲରେ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ମୃତକଙ୍କ ପରିବାରକୁ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ, ଆଇନ ଉଲ୍ଲଂଘନକାରି କାଳେଶ୍ୱର ରାଇସ ମିଲ ବିରୋଧ ରେ ଫୌଜଦାରୀ ମାମଲା ଚଳାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। କମିଶନ ଏହି ମାମଲାର ପ୍ରଥମ ଶୁଣାଣି ୨୧ଜୁଲାଇ ୨୦୨୫ରେ ଭୁବନେଶ୍ୱର କ୍ୟାମ୍ପ ସିଟିଙ୍ଗ ସମୟରେ କରି ଉଭୟ ପକ୍ଷଙ୍କୁ ଶୁଣିଥିଲେ। ବରଗଡ଼ ଜିଲ୍ଲାପାଳ ଦାଖଲ କରିଥିବା ରିପୋର୍ଟରେ ଦର୍ଶାଇ ଥିଲେ ଯେ ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରବର୍ତ୍ତି ସମୟରେ ଓଡ଼ିଶା ସରକାରଙ୍କ ତରଫରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ରିପୋର୍ଟ ସେପ୍ଟେମ୍ବର ମାସରେ କମିଶନଙ୍କ ନିକଟରେ ସରକାର ଦାଖଲ କରିଥିଲେ। କିନ୍ତୁ କମିଶନ ଏହି ୧ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଅତି ନଗଣ୍ୟ ବୋଲି ଅସନ୍ତୋଷ ବ୍ୟକ୍ତ କରିବା ସହିତ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କହିଛନ୍ତି ଯେ ପୂର୍ବରୁ ଦିଆଯାଇଥିବା ୧ଲକ୍ଷ ୨୦ ହଜାର କାଟି ଅବଶିଷ୍ଟ ୧୩ ଲକ୍ଷ ୮୦ ହଜାର ତୁରନ୍ତ ଆସନ୍ତା ୬ ସପ୍ତାହ ମଧ୍ୟ ରେ ପ୍ରଦାନ କରି ଅର୍ଥ ପ୍ରଦାନର ପ୍ରମାଣ ସହିତ ୩ ଜାନୁଆରୀ ୨୦୨୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୨ ବେଆଇନ ବାଲି ବୋଝେଇ ହାଇୱା ଅଟକ

**ଡୁଙ୍ଗୁରିପାଲି, ୧୩।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳ ଅଙ୍ଗନଦୀର ବିଭିନ୍ନ ଘଷଟରୁ ବେଧଡ଼କ ବାଲି ଚୋରା ଚାଲାଣ ଚାଲିଛି। ଏହାକୁ ନେଇ ଖଣି ବିଭାଗ ଓ ଡୁଙ୍ଗୁରିପାଲି ପୋଲିସ ବିଭିନ୍ନ ସମୟରେ ଧରପଗଡ଼ କରୁଛି। କେତେବେଳେ ବାଲି ବୋଝେଇ ଟ୍ରାକ୍ଟର ତ ଆଉ କେତେବେଳେ ବାଲି ବୋଝେଇ ହାଇୱା ଧରି ଜରିମାନା ଆଦାୟ କରୁଛି। ତେବେ ଡୁଙ୍ଗୁରିପାଲି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜାତୀୟ ରାଜପଥର ଚେରୁପାଲିରୁ ଡୁଙ୍ଗୁରିପାଲି ମଧ୍ୟରେ ୨ଟି ବାଲି ବୋଝେଇ ହାଇୱା ଧରି ଥାନାରେ ଅଟକ ରଖିଛି।

# ବିଦ୍ୟୁତ୍ ସର୍ଟସର୍କିଟରୁ ଘର ଜଳିଗଲା

**ବିନିକା, ୧୩।୧୧(ସମିସ):** ବିନିକା ବ୍ଲକ ସିଲାଟି ଗ୍ରାମର ଶାଖା ସାଙ୍କ ଘରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ଘର ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ନିଆଁ ଲାଗିବା ପରେ ପରିବାର ଲୋକେ ତୁରନ୍ତ ଘର ବାହାରକୁ ଚାଲି ଯାଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚି ଥିଲେ। ଦୀର୍ଘ ସମୟ ପରିଶ୍ରମ ପରେ ନିଆଁ ଲିଭାଇବାରେ ସମର୍ଥ ହୋଇଥିଲେ। ନିଆଁକୁ ଆୟତ୍ତ କରାଯାଇ ଥିଲେ ମଧ ଘରେ ଥିବା ଅନେକ ଆସବାବ ପତ୍ର, ରନ୍ଧା ସାମଗ୍ରୀ ପାଉଁଶ ହୋଇଯାଇଛି।

# ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର ଭିନ୍ନକ୍ଷମ ଚିହ୍ନଟ ଶିବିର

**ବୌଦ୍ଧ, ୧୩।୧୧(ସମିସ):** ଏଣିକି ମାସର ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି। ଶାରୀରିକ ଓ ମାନସିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଚିହ୍ନଟ ପାଇଁ ପ୍ରତି ମାସର ୨ ତାରିଖରେ ବସୁଥିବା ମେଡିକାଲ୍ ବୋର୍ଡର ତାରିଖ ପରିବର୍ତ୍ତନ କରାଯାଇଛି। ଚଳିତ ମାସଠାରୁ ପ୍ରତ୍ୟେକ ମାସର ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର ଦିନ ସିଡ଼ିଏମଓଙ୍କ କାର୍ଯ୍ୟାଳୟରେ ମେଡିକାଲ୍ ବୋର୍ଡ ବସିବ। ସେହିଦିନ କୌଣସି ସରକାରୀ ଛୁଟି ପଡ଼ିଲେ ତାହାର ପରବର୍ତ୍ତି ଦିବସରେ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପୂଜ୍ୟପୂଜାର ମହାତୀର୍ଥ ମହାବୀର ମହୋତ୍ସବ ମଞ୍ଚ

**ଭବାନୀପାଟଣା, ୧୩।୧୧ (ସମିସ):** ସାରା ବିଶ୍ୱରେ କଳାର ମାଟି କଳାହାଣ୍ଡିର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କରିବାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଅଗ୍ରଣୀ ଭୂମିକା ରହିଛି। ସମାଜର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ମଞ୍ଚରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ସହିତ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବାରେ ଏ ଅନୁଷ୍ଠାନ ତାର ଦାୟିତ୍ୱ ତୁଲାଇ ଆସିଛି। କଳା, ସଂସ୍କୃତି ସହିତ କ୍ରୀଡ଼ା, ସାହିତ୍ୟ, ସମାଜସେବା ଓ ବ୍ୟକ୍ତିତ୍ୱ ନିର୍ମାଣରେ ସର୍ବଦା ଆଗଧାଡିରେ ରହିଆସିଛି। ଦୀର୍ଘ ଛଅ ଦଶନ୍ଧି ଧରି କଳାହାଣ୍ଡିରୁ ଆରମ୍ଭ କରି ସାଂସ୍କୃତିକ ଆନ୍ଦୋଳନକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇ ପାରିଥିବା ଏ ଅନୁଷ୍ଠାନ ଆଜି ମହାଦ୍ରୁମରେ ପରିଣତ ହୋଇଛି ବୋଲି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ୬୧ତମ ମହାବୀର ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ରୂପସିଂ ରାଉତ, ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା, ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା ଓ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଚିତ୍ରକଳା କ୍ଷେତ୍ରରେ ମନୋଜ କୁମାର ରାଉତ, ମଞ୍ଚକଳା କ୍ଷେତ୍ରରେ କାହ୍ନୁଚରଣ ଗଉଡ଼ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସିର୍ଲିଗୁଡାର ଘୁମୁରା ନୃତ୍ୟ, ସକ୍ଷମ ଏକାଡେମୀ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ପରେ ସମୂହ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



# ୩୦ରେ ଚେତାବନୀ ସାହିତ୍ୟ ସଂସଦର ପୁଷପୁନି ଭେଟ୍‌ଘାଟ୍

**କେସିଙ୍ଗା, ୧୩।୧୧ (ସମିସ):** ଚଳିତ ବର୍ଷ କେସିଙ୍ଗା ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ପୁଷପୁନୀ ଭେଟ ଘାଟ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ ଓ ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ୩୦ ଦିନ ଅନୁଷ୍ଠିତ ହେବ। ଏନେଇ ସ୍ଥାନୀୟ କେସିଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ସାହିତ୍ୟ ସଂସଦର ସଭାପତି ଯାଜ୍ଞସେନୀ ସାହା ଓ ସମ୍ପାଦକ ରଞ୍ଜନ କୁମାର ପଣ୍ଡା ଜଣାଇଛନ୍ତି।ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷ ସାରା ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ଉଲେଖଣୀୟ ଅବଦାନ ପାଇଁ ୧୦ ଜଣ ଓଡ଼ିଶାର ବରପୁତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ସଭାପତି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ମର୍ଯ୍ୟାଦା ପୂର୍ଣ୍ଣ ଦୂର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପୁରୀ ଜିଲ୍ଲାର ବିଶିଷ୍ଟ କବି ଓ ଅନୁବାଦକ ଡ଼. ଭଗବାନ ଜୟ ସିଂହଙ୍କୁ ପ୍ରଦାନ କରାଯିବ। ସେହିପରି ପ୍ରବନ୍ଧ ସାହିତ୍ୟ ପାଇଁ ସେହି ପୁରୀ ଜିଲ୍ଲାର ଡ଼.ଚିତ୍ତରଞ୍ଜନ ମିଶ୍ର, କାବ୍ୟ କବିତା ପାଇଁ ଭୁବନେଶ୍ୱରର ବିଶିଷ୍ଟ କବି କେଦାର ମିଶ୍ର, କବିତା ପାଇଁ ସୁନ୍ଦରଗଡ଼ର ଡ଼.ମମତା ପ୍ରିୟଦର୍ଶିନୀ ସାହୁଙ୍କୁ ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ, କଥା ସାହିତ୍ୟ ପାଇଁ ଲକ୍ଷ୍ମୀ ଚାନ୍ଦଙ୍କୁ ଚେତାବନୀ ପ୍ରଜ୍ଞା ସମ୍ମାନ, ଗୀତି କବିତା ପାଇଁ ବାଲେଶ୍ୱରର କବି ସୁରଞ୍ଜନ ପାତ୍ରଙ୍କୁ ପାର୍ଥ ବିଶି ଗୀତି କବିତା ସମ୍ମାନ, ସେହିପରି ଚେତାବନୀ ଶିକ୍ଷା ସମ୍ମାନ ପାଇବେ ଶିକ୍ଷାବିତ୍ ଇ.ଅଜୟ କୁମାର ପଣ୍ଡା, ଯୁବ କବି ଐଶଯ୍ୟା ପ୍ରଧାନଙ୍କୁ ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବା କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାର ବୈଦ୍ୟ ସଦାନନ୍ଦ ପଟେଲଙ୍କୁ ଚେତାବନୀ ସମାଜ ସେବା ସମ୍ମାନ ଓ ଚେତାବନୀ ସୁହୃଦ ସମ୍ମାନ ପାଇବେ ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ବରିଷ୍ଠ କବି ବିପିନ ବିହାରୀ ବିଶି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।ସାଂଗଠାନିକ ସମ୍ପାଦକ ଯାଜବେନ୍ଦ୍ର ସାହା, ପାଠାଗାର ସମ୍ପାଦିକା ସଂଯୁକ୍ତା ପାତ୍ରୀ ଓ ସଦସ୍ୟ ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ଟ୍ରାକ୍ଟର ଟ୍ରଲି ଉଦ୍ଧାର କରିବାକୁ ଯାଇ ଦୁଇ ମୃତ୍ୟୁ ଘଟଣା

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଧର୍ମଗଡ଼, ୧୩।୧୧(ସମିସ)**

ନିଜ ଚୋରି ଟ୍ରାକ୍ଟର ଟ୍ରଲିକୁ ଉଦ୍ଧାର କରିବାକୁ ଯାଇଥିବା ଦୁଇ ଜଣଙ୍କୁ ଦୁର୍ବୃର୍ତ୍ତ ଟ୍ରାକ୍ଟର ଚଢ଼ାଇ ମାରି ଦେଇଥିବାର ଘଟଣାର ତଦନ୍ତ ପାଇଁ ଗୁରୁବାର ସାଇଣ୍ଟିଫିକ ଦଳ ଦୁର୍ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ସୂଚନା ଥାଉ କି ଗତ ସୋମବାର ବିଳମ୍ବିତ ରାତ୍ରିରେ ଧର୍ମଗଡ଼ ଥାନା ମେରଘରା ଗାଁର ଟ୍ରାକ୍ଟର ମାଲିକ ଲାଲୁ ଭଇଁସାଲ ନିଜର ଓଡି ୦୮କ୍ୟୁ-୯୭୫୩ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଟ୍ରଲିକୁ ନିଜ ଘରେ ଆଗରେ ରଖିଥିବା ବେଳେ କିଛି ଦୁର୍ବୃତ୍ତ ଟ୍ରାକ୍ଟର ଟ୍ରଲିକୁ ଚୋରି କରି ନେଇଯାଉଥିଲେ। ରାତ୍ରି ସମୟରେ ପରିସ୍ରା କରିବାକୁ ଉଠିଥିବା ହରିଶଙ୍କର ଲହଜଲଙ୍କ ନଜରରେ ଚୋରଙ୍କ କାରନାମା ପଡ଼ିଯାଇଥିଲା। ସେ ଟ୍ରାକ୍ଟର ମାଲିକ ଲାଲୁଙ୍କ ସାନ ପୁଅକୁ ଡାକି ଓଡି ୦୮ଏନ-୬୫୨୨ ନମ୍ବର ବିଶିଷ୍ଟ ବାଇକ୍‌ରେ ଦୁଇ ଭାଇ ପିଛା କରିଥିଲେ। ଟ୍ରାକ୍ଟରର ନିକଟତର ମଧ ହୋଇଥିଲେ। ତେନ୍ତୁଳିଆପଡ଼ାରୁ ଛେଣ୍ଡିଆ ଯିବା ରାସ୍ତାରେ ଟ୍ରାକ୍ଟର ଆଗକୁ ବାଇକ୍ ନେବାକୁ ଚେଷ୍ଟା କରିଥିଲେ। ହେଲେ ଧରାପଡ଼ିବା ଭୟରେ ଦୁର୍ବୃତ୍ତ ଦୁହିଁଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଚୋରି ଟ୍ରଲିକୁ ବ୍ରାହ୍ମଣ ଛେଣ୍ଡିଆ ଠାକୁରାଣୀ ମନ୍ଦିର ନିକଟରେ ଛାଡି ଚମ୍ପଟ ମାରିଥିଲେ। ସୂଚନା ପାଇ ପରିବାର ଲୋକେ ଦୁଇ ଜଣଙ୍କୁ ଗୁରୁତର ଭାବରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ।ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣକୁ ବୁର୍ଲା ସ୍ଥାନାନ୍ତର କରିଥିବା ବେଳେ କେସିଙ୍ଗା ନିକଟରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ସତ୍ୟମ ଭଇଁସାଲ ଏବଂ ହରିଶଙ୍କର ଭଇଁସାଲଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ଧର୍ମଗଡ଼ ଥାନାରେ ଏତଲା ଦେଲା ପରେ ଧର୍ମଗଡ଼ ଥାନା କେଶ ନମ୍ବର ୩୨୭/୨୫ ରେ ମାମଲା ରୁଜୁ କରି ଭବାନୀପାଟଣାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ଶବ ହସ୍ତାନ୍ତର କରିଥିଲେ। ପରିବାର ଲୋକେ ନ୍ୟାୟ ପ୍ରଦାନ ଦାବି ନେଇ ଧର୍ମଗଡ଼ ପେଟ୍ରୋଲ ପମ୍ପ ନିକଟରେ ଦୁଇଟି ଶବ ରଖି ଜାତୀୟରାଜପଥଧର୍ମଗଡ଼-ଭବାନୀପାଟଣା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ଡୋଳାମାଣି ଭୋଇ, ଧର୍ମଗଡ଼ ଥାନା ଅଧିକାରୀ ସୁଦର୍ଶନ ନାୟକ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୁଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ମଧ ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ଧର୍ମଗଡ଼ ପୁଲିସ ମଧ ତଦନ୍ତ ଜାରି ରଖିଛି। ଏ ନେଇ ପୁଣି ଗୁରୁବାର ସାଇଣ୍ଟିଫିକ ଦଳ ତଦନ୍ତ ପାଇଁ ଦୁର୍ଘଟଣା ଘଟିଥିବା ସ୍ଥାନ ଓ ଦୁର୍ବୃତ୍ତ ଚୋରି ଟ୍ରଲିକୁ ନେଇ ଛାଡି ଦେଇଥିବା ସ୍ଥାନକୁ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ଏହି ଚୋରିର ପ୍ରଦାଫାସ କରିବା ସହ ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ପାଇଁ ମୃତ ପରିବାରଙ୍କ ପକ୍ଷରୁ ଦାବି କରିଛନ୍ତି।



# ବିଭିନ୍ନ ସମସ୍ୟା ନେଇ ଟୁରିହଳଦୀ ଗ୍ରାମବାସୀଙ୍କ ଦାବିପତ୍ର



**ଧର୍ମଗଡ଼, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଟୁରିହଳଦୀ ଗ୍ରାମବାସୀ ବିଭିନ୍ନ ସମସ୍ୟା କୁ ନେଇ ଉପଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଗାଁରେ ବିଭିନ୍ନ ସମସ୍ୟା ଦୀର୍ଘଦିନରୁ ଲାଗି ରହିଛି।ବିଶେଷ କରି ଟୁରିହଳଦୀ ଠାରୁ ଗଡ଼ିଆଜୋର ଏବଂ ପିପିଲା ପର୍ଯ୍ୟନ୍ତ ରାସ୍ତା ଦୁଇ ପାର୍ଶ୍ୱରେ ଲଟାବୁଦା ଉଠି ଜଙ୍ଗଲ ସୃଷ୍ଟି ହୋଇଛି।ଯାହା ମଣିଷ ଠାରୁ ଆରମ୍ଭ କରି ଯାନବାହନ ଯିବା ବି ଅସମ୍ଭବ ହୋଇ ପଡ଼ିଛି।ଏପରିକି ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଛାତ୍ରଛାତ୍ରୀମାନେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ କେତେବେଳେ ଯେ କିଛି ଅଘଟଣ ନ ଘଟିବ ଏଡାଇ ଦିଆ ଯାଇ ନ ପାରେ। ବିପଦସଂକୁଳ ହୋଇପଡ଼ିଥିବା ଯୋଗୁଁ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବାରେ ବ୍ୟାଘାତ ସୃଷ୍ଟି ହୋଇଛି।ଅନ୍ୟଅଟେ ଟୁରିହଳଦୀ ଗାଁକୁ ଲକ୍ଷ୍ମୀବସ୍ ଚଳାଇବା, ଗାଁରେ ଲାଗିଥିବା ଅଚଳ ଷ୍ଟ୍ରିଟ ଲାଇଟ ମରାମତି କରିବା ଭଳି ବିଭିନ୍ନ ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ରୀ କାଞ୍ଚନ ନାଏକ, ଟିକେଶ୍ୱରୀ ନାଗ, କରିନା ନାଗ, ଟଙ୍କଧର ନାଗ, ସରୋଜ କୁମାର ନାଗ, ଜଗତାନନ୍ଦ ପାନ, ଧବଳେଶ୍ୱର ବାଗ, ଶୁଭନ ବାଗ, ଲକ୍ଷ ପ୍ରସାଦ ନିଆଲ, ଗଉସିଂ ନାଗ, ଦେବେନ୍ଦ୍ର ନାଗ, କ୍ଷତ୍ରିୟ ନାଗ, ଜଗନ୍ନାଥ ବାଗ, ଉପେନ୍ଦ୍ର ବାଗ, ମାୟା ତେଜି, ବିଶ୍ୱମ୍ବର ନାଗ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଦାବି ଉପରେ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତତ୍ପରତା ସହ ଗ୍ରହଣ କରି ସମସ୍ୟାର ସମାଧାନ ନ କଲେ ବାଧ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

● ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା

## ପ୍ରହସନ ପାଲଟିଛି ସଚେତନତା

ହାଟଡ଼ିହୀ,୧୩।୧୧(ସମିସ): ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। କିଛି ଅସାମାଜିକ ବ୍ୟକ୍ତି ଟଙ୍କା ଲୋଭ ଦେଖାଇ ନିଜର କାର୍ଯ୍ୟ ହାସଲ ପାଇଁ ଶିଶୁ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରାଉଛନ୍ତି। ହାଟଡ଼ିହୀ ବ୍ଲକର ଅନେକ ଗ୍ରାମ ଅନୁସୂଚିତ ଜନଜାତି ହୋଇଥିବାରୁ ସେଠାକାର ପ୍ରତିକୂଳ ପରିବେଶ ଓ ସେହି ବାସିନ୍ଦାଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବା କାରଣରୁ କିଛି ଅସାମାଜିକ ବ୍ୟକ୍ତିଙ୍କ ଟଙ୍କା ଲୋଭରେ ପ୍ରଲୋଭିତ ହୋଇ କିଛି ଶିଶୁ ଶ୍ରମିକ ଭାବେ ବିଭିନ୍ନ ହୋଟେଲ, ଚା' ଜଳଖିଆ ଦୋକାନ, ତେଜରାତି ଦୋକାନ ସହ ଇଟାଭାଟି, ରାଜମିସ୍ତ୍ରିଙ୍କ ସହ ଶ୍ରମିକ ଭାବେ କାର୍ଯ୍ୟରେ ବ୍ୟବହାର ହେଉଛନ୍ତି। ରାଜ୍ୟ ସରକାର ଓ କିଛି ଏନଜିଓ ସଂସ୍ଥା ପ୍ରତିବର୍ଷ ଶିଶୁ ଶ୍ରମିକମୁକ୍ତ ବୋଲି କାର୍ଯ୍ୟକ୍ରମ ମାଧ୍ୟମରେ ଡିଣ୍ଡିମ ପିଟୁଥିଲା ବେଳେ ଏପଟେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶିଶୁ ଶ୍ରମିକଙ୍କୁ ଶିକ୍ଷାସ୍ରୋତତରେ ସାମିଲ କରିବା ସହ ଯେଉଁମାନେ ଶିଶୁ ଶ୍ରମିକଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସିଲିକୋସିସ୍ ସମ୍ପର୍କିତ ସର୍ବେକ୍ଷଣ ଓ ସଚେତନତା




ବଡବିଲ,୧୩।୧୧(ସମିସ): ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗର ଖଣି ନିରାପତ୍ତା ନିର୍ଦ୍ଦେଶାଳୟ, ଭୁବନେଶ୍ୱର, ଆନୁକୂଲ୍ୟରେରେ ବଡବିଲଠାରେ ଆୟୋଜନ କରାଯାଇଥିଲା ଶିଲିକୋସିସ ରୋଗ ସମ୍ପର୍କିତ ସର୍ବେକ୍ଷଣ ଓ ସଚେତନତା କର୍ମଶାଳା। ଫୁସ୍‌ଫୁସ୍‌ଜନିତ ଏହି ରୋଗ ସଧାରଣତ ଖଣିରେ କାର୍ଯ୍ୟରତ ତଥା ଦୀର୍ଘ ସମୟ ଧରି ଧୂଳି ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ହୋଇଥାଏ। ଇଷ୍ଟ ଜୋନ ମାଇନିଙ୍ଗ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣି ନିରାପତ୍ତା ବିଭାଗର ନିର୍ଦ୍ଦେଶକ ଏ.କେ. ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଟି.ସି. ସେଇ ସ୍ୱାଗତ ଭାଷଣ ଦେଇଥିଲେ। ଡା ବିଏନ୍. ମହାପାତ୍ର ସିଲିକୋସିସ ରୋଗର କାରଣ, ଏହାର ଚିକିତ୍ସା ପଦ୍ଧତି ଏବଂ ପ୍ରତିଷେଧକ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଖଣି ଉପନିର୍ଦ୍ଦେଶକ ଯୋଡା ଦିନେଶ ଅଗ୍ରୱାଲ, ଉପ ଖଣି ନିର୍ଦ୍ଦେଶକ କୋଇଡା ଅସିତ୍ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଖଣି ଖାଦାନର କର୍ମୀ ତଥା ଅଧିକାରୀମାନେ ଏଥିରେ ଯୋଗଦାନ କରିଥିଲେ। ଉକ୍ତ ସର୍ବେକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଆଜି ୬୭ ଜଣଙ୍କ ପରୀକ୍ଷଣ ଓ ପଞ୍ଜୀକରଣ କରାଯାଇଥିଲା।

## ଚମ୍ପୁଆରେ ପାରା ମଡ଼କ

ଚମ୍ପୁଆ,୧୩।୧୧(ସମିସ): ପାରା ଏକ ଗୃହପାଳିତ ପକ୍ଷୀ ଏବଂ ଶାନ୍ତିର ପ୍ରତୀକ। କେତେକ ଏହି ପକ୍ଷୀକୁ ସଉକରେ ପାଳନ କରୁଥିବା ବେଳେ କେତେକ ଏହାକୁ ବିକ୍ରିକରି ଗୁଜୁରାଣ ମେଣ୍ଟାଇଥାନ୍ତି। କିଛି ଲୋକ ଏହି ପକ୍ଷୀ ଘରର ସୌଭାଗ୍ୟ ଭାବରେ ପାଳନ କରିଆସୁଛନ୍ତି। ମାତ୍ର କିଛିଦିନ ହେବ ପାରା ମଡ଼କ ଚମ୍ପୁଆ ସଦରମହକୁମାରେ ଦେଖିବାକୁ ମିଳିଛି। ସକାଳ ହେଲେ ଦଳ ଦଳ ହୋଇ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଉଥିବା ଏହି ପାରା ସଞ୍ଜ ନଇଁଲେ ଘରକୁ ଫେରୁଛନ୍ତି ସତ ମାତ୍ର ଦଳ ମଧ୍ୟରୁ ଅନେକ ପାରା ନିଜ ବସାରୁ ତଳେ ପଡ଼ିଯାଉଛନ୍ତି। ଏପରିକି ୨ରୁ ୩ ଦିନ ପର୍ଯ୍ୟନ୍ତ ଉକ୍ତ ପାରାଗୁଡିକ ଉଡ଼ିପାରୁ ନଥିବା ବେଳେ ସିଧାସଳଖ ଚାଲି ପାରୁନାହାଁନ୍ତି। ଏମାନଙ୍କ ବେକ ଅସ୍ୱଭାବିକ ଭାବେ ମୋଡି ହୋଇ ରହୁଥିବା ବେଳେ ଚାଲିବା ସମୟରେ



ଓଲଟି ପଡୁଥିବା ଦେଖାଯାଇଛି। ପର ମୁହୂର୍ତ୍ତରେ ଏହି ପାରାଗୁଡିକ ମରିଯାଉଛନ୍ତି। କିଛିଦି ଧରି ଏହି ପାରାମଡ଼କ ବଢ଼ିବାରେ ଲାଗିଛି। ଏନେଇ ପ୍ରାଣୀଧନ ଚିକିତ୍ସକ ଡା ଶିବ ସିଂଙ୍କୁ ପଚାରିବାରୁ କହିଛନ୍ତି ଯେ ଭିଟାମିନ ଅଭାବ ଓ ହଠାତ ବଢିଥିବା ଶୀତ ଏହାର କାରଣ ହୋଇଥାଇପାରେ। ଅନ୍ୟପକ୍ଷରେ ମୃତ ପାରାକୁ ପୋଷ୍ଟମର୍ଟମ କରାଗଲେ ପାରା ମଡ଼କର କାରଣ ଜାଣାପଡ଼ିବ ବୋଲି ସୂଚନା ଦେଇଛନ୍ତି।

## ବାଘ ଗଣନା ପାଇଁ ବନ କର୍ମଚାରୀଙ୍କୁ ତାଲିମ



ତୁରୁମୁଙ୍ଗା, ୧୩।୧୧(ସମିସ): ପାଟଣା ରେଞ୍ଜର ବନକର୍ମଚାରୀଙ୍କୁ ଆସନ୍ତା ଡିସେମ୍ବରର ପ୍ରଥମ ସପ୍ତାହରେ ହେବାକୁ ଥିବା ବାଘ ଗଣନା ପାଇଁ ତାଲିମ ପ୍ରଦାନ କରାଯାଇଛି। ଗୁରୁବାର ପାଟଣା ରେଞ୍ଜର ମୁଷାଖରୀ ପ୍ରସ୍ତାବିତ ଜଙ୍ଗଲରେ ତାଲିମ ପ୍ରଦାନ କରଯାଇଛି। ଟ୍ରେନର ଭାବରେ କେନ୍ଦୁଝର ବନଖଣ୍ଡ ଭୌଗଳିକ ସୂଚନା ପଦ୍ଧତି କେନ୍ଦ୍ରର ପରିଚାଳକ ନିହାର ରଞ୍ଜନ ଦାଶ ବନ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ, ଶ୍ରୀମନ୍ତ ବେହେରା, ପୂର୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ରାଜେଶ ଜେନା, ହୃଦାନନ୍ଦ ମହାନ୍ତି, ଦୀପକ ସ୍ୱାଇଁ, ଦୀପକ ରଣା, ଡଲିରାଣୀ ସାହୁ, ଦେବଜାନୀ ମହାନ୍ତ, ରଞ୍ଜିତା ମହାନ୍ତ, ଝରଣା ସାହୁଙ୍କ ସହ ୧୯ଜଣ ପାରାଷ୍ଟାଫ ସାମିଲ ହୋଇଥିଲେ।

■ ଅବହେଳିତ ୯୫ ବର୍ଷର ଡାକ୍ତରଖାନା ■ ସୋସୋ ମେଡିକାଲରେ ଡାକ୍ତର ଅଭାବ

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ; ହନ୍ତସନ୍ତ ରୋଗୀ

ହାଟଡ଼ିହୀ,୧୩।୧୧(ସମିସ)




ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ଯୋଜନା ଉପରେ ଯୋଜନା କରିବା ସହିତ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଲୋକଙ୍କୁ ମାଗଣା ଚିକିତ୍ସାଠାରୁ ଆରମ୍ଭ କରି ମାଗଣା ଔଷଧ ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳରେ ଯେଉଁଳି ଗରିବ ଓ ସାଧାରଣ ଲୋକଟି ସ୍ୱାସ୍ଥ୍ୟସେବା ପାଇପାରିବ ସେଥିପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଯତ୍ନଶୀଳ ଅଛନ୍ତି। ତେବେ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁ ନଥିବା ଅଭିଯୋଗ ହୋଇଛି। ଏହାର ଏକ ଉଦାହରଣ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ସୋସୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି।

୧୯୩୦ ମସିହାରେ ସ୍ଥାପନ ହୋଇଥିବା ସୋସୋ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଏବେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ମାସ ମାସ ଧରି ନିଯୁକ୍ତ ହେଉ ନଥିବାରୁ ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଫାର୍ମାସିଷ୍ଟଙ୍କ ଦୟାରେ ସ୍ୱାସ୍ଥ୍ୟସେବା ଚାଲିଥିବା ବେଳେ ସନ୍ଧ୍ୟା ହେଲେ କେହି ରହନ୍ତି ନାହିଁ। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରତି ସାଧାରଣ ଲୋକଙ୍କ ଭରସା ତୁଟିଗଲାଣି। ଏହି ଡାକ୍ତରଖାନା ପରିସରରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବିଭିନ୍ନ କର୍ମଚାରୀଙ୍କ ପାଇଁ ନୂତନ ଗୃହ ନିର୍ମାଣ ହୋଇଛି। ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ଲାବ୍ ତିଆରି ହେବା ସହିତ କର୍ମଚାରୀ ନିଯୁକ୍ତ ଅଛନ୍ତି। ଆରୋଗ୍ୟ କେନ୍ଦ୍ର ହେବା ପରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇବେ ବୋଲି ସୋସୋ, ବାଲିବରେଇ, ବାଙ୍ଗୋର, ପଢିଆରିପଲ୍ଲୀ, ଧନୁର୍ଜୟପୁର, କେ.ବାଲିପାଳ, ଢେଙ୍କା ସହ ବହୁ ଗ୍ରାମବାସୀ ଆଶା ରଖିଥିଲେ; କିନ୍ତୁ ସେମାନଙ୍କ ଆଶା ଆଶାରେ ରହିଗଲା।

ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନଥିବାରୁ ରୋଗୀମାନେ ପଡୋଶୀ ଭଦ୍ରକ ଜିଲ୍ଲାର ଆଗରପଡା ଓ ଭଦ୍ରକ ମେଡ଼ିକାଲ ଭରସାରେ ରହୁଛନ୍ତି; ନଚେତ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯିବାକୁ ପଡୁଛି। ଯାହାକୁ ନେଇ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସାଧାରଣ ଗରିବ ଲୋକ ଡ଼ହଳ ବିକଳ ହେଉଥିବା ବେଳେ ଅସନ୍ତୋଷର ଦାନା ବାନ୍ଧୁଛି।

ଏନେଇ ପୂର୍ବତନ ସରପଞ୍ଚ ଜିଲ୍ଲାପାଳଙ୍କୁ ଏବଂ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କିଛି କର୍ମକର୍ତ୍ତା ପ୍ରଶାସନକୁ ଭେଟି ଡାକ୍ତର ନିଯୁକ୍ତି ପାଇଁ ଦାବି ଜଣାଇଛନ୍ତି। ଯଦି ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଆନ୍ଦୋଳନ କରିବେ ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମାନଥ ଦାସ, ଶରତ ରାଉତ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ସରପଞ୍ଚ ରାଜକିଶୋର ଦାସ, ସରପଞ୍ଚ ଅଜିତ ରାଉତ, ସରପଞ୍ଚ ଅଙ୍କିତା ପଢିଆରୀ, ପୂର୍ବତନ ସରପଞ୍ଚ ବସନ୍ତ ପଢ଼ିଆରୀ, ସରପଞ୍ଚ ସର୍‌ଦାର ହୋ, ସରପଞ୍ଚ କୁନ୍ତଳା ନାଇକ, ବରିଷ୍ଠ ନାଗରିକ ବିଦ୍ୟାଧର ପୁହାଣ, ଭୁବନାନନ୍ଦ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତର ଲୋକେ ଚେତାବନୀ ଦେଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଡାକ୍ତର ପଦ ଖାଲି ପଡ଼ିଥିବାରୁ ଲୋକେ ଏଠାରୁ ମୁହଁ ଫେରାଇ ନେଉଛନ୍ତି। ଏନେଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ପ୍ରଭାତ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଡାକ୍ତରଙ୍କ ଅଭାବ ରହିଛି, ଖୁବ୍ ଶୀଘ୍ର ଆମେ ଏହାର ବ୍ୟବସ୍ଥା କରୁଛୁ।

■ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ

## ପ୍ରଗତି-ଶାନ୍ତି ପାଇଁ ଏକତା ପଦଯାତ୍ରା ଓ ସମୂହ ଶପଥପାଠ



କେନ୍ଦୁଝର, ୧୩।୧୧(ସମିସ): ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଏକତା ପଦଯାତ୍ରା ଆୟୋଜନ କରାଯାଇଛି। ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ପରିସରରୁ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ ହୋଇ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଶେଷ ହୋଇଥିଲା। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇର ବିଧାୟକ ଡା ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଓ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଛାତ୍ର, ସ୍ୱେଚ୍ଛାସେବୀ ଏବଂ ନାଗରିକ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। "ଏକ ଭାରତ, ଶ୍ରେଷ୍ଠ ଭାରତ' ଆତ୍ମାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତି, ଶାନ୍ତି ପାଇଁ ସାମୂହିକ ଭାବରେ କାମ କରିବା ପାଇଁ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଏକ ଶପଥପାଠ ସହ ଏକତା ପଦଯାତ୍ରା ଶେଷ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଓ ଜିଲ୍ଲା କ୍ରୀଡ଼ାଧିକାରୀ ସରୋଜ ମଲ୍ଲିକ ପରିଚାଳନା କରିଥିଲେ।

## ଷ୍ଟ୍ରିଟ୍‌ଲାଇଟ୍ ଚୋରି

ଆନନ୍ଦପୁର, ୧୩।୧୧(ସମିସ): ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଫକୀରପୁର କାଳୀବଜାରରୁ ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ପୌରପାଳିକା ପକ୍ଷରୁ ଲଗାଯାଇଥିବା ଦୁଇଟି ଲାଇଟ୍ ଚୋରି କରିନେଇଛନ୍ତି। ଫଳରେ ବଜାରର ମୁଖ୍ୟସ୍ଥାନ ଅନ୍ଧାରରେ ରହିଛି। ପୌରପାଳିକା କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଜିଠୁ ଆନ୍ତରାଜ୍ୟ ହାଣ୍ଡବଲ ଚାମ୍ପିଅନସିପ \ କେନ୍ଦୁଝର ଦଳର ପୁରୀ ଯାତ୍ରା

କେନ୍ଦୁଝର, ୧୩।୧୧(ସମିସ): ଚଳିତବର୍ଷ ରାଜ୍ୟ ହାଣ୍ଡବଲ ସଂଘ ଆନୁକୂଲ୍ୟରେ ପୁରୀଠାରେ ୩୮ତମ ଆନ୍ତଃରାଜ୍ୟ ସିନିୟର ପୁରୁଷ ଓ ମହିଳା ହାଣ୍ଡବଲ ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି। ଶୁକ୍ରବାର ୧୪ ତାରିଖରୁ ୧୬ ତାରିଖ ତିନି ଦିନ ଧରି ଚାଲିବ। ଯେଉଁଥିରେ ରାଜ୍ୟରେ ସମସ୍ତ ଜିଲ୍ଲାର ପୁରୁଷ ଓ ମହିଳା ଦଳ ଭାଗ ନେବେ। ଏହି ଖେଳରେ ଯେଉଁ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରିବେ ସେମାନେ ଆଗାମୀ ଓଡ଼ିଶା ଦଳରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ। ଏଥିପାଇଁ କେନ୍ଦୁଝରର ପୁରୁଷ ଓ ମହିଳା ଦଳ



ଏହି ଖେଳରେ ଭାଗ ନେବାକୁ କୋଚ ପ୍ରଣୟ କୁମାର ପାଣି ଓ ରବିନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଦଳ ପୁରୀ ଯାତ୍ରା କରିଛି। ପ୍ରତ୍ୟେକ ଦଳରେ ଜାତୀୟ ସ୍ତରର ଖେଳାଳି ଅଛନ୍ତି। ଦଳ ଭଲ ପ୍ରଦର୍ଶନ କରିବ ବୋଲି ସଭାପତି ଇଂ ବସନ୍ତ ଦାନୀ ଓ ସମ୍ପାଦକ ରିତିକ ଅଧିକାରୀ କହିଛନ୍ତି। ଏହି ଦଳ ସାଙ୍ଗରେ ଅଫିସିଆଲ ଭାବରେ ଶୁକଦେବ ନାଏକ, ସସ୍ମିତା ବିଶ୍ୱାଳ ଓ ମମତା ନାଏକ ମଧ୍ୟ ପୁରୀ ଗସ୍ତ କରିଛନ୍ତି।

## ଜମୁଛି କେଶଦୁରାପାଳ ବାଲିଯାତ୍ରା ମହୋତ୍ସବ



ଆନନ୍ଦପୁର, ୧୩।୧୧(ସମିସ): କେଶପୁରାପାଳରେ ବାଲିଯାତ୍ରା ଆରମ୍ଭ ହୋଇଛି। ବାଲିଯାତ୍ରା ପଡ଼ିଆରେ ଓଡ଼ିଶାର ନୌବାଣିଜ୍ୟ, ଐତିହ୍ୟ, ପରମ୍ପରା ଓ ସାମାଜିକ ଚଳଣିକୁ ଦୃଷ୍ଟିରେ ରଖି ପବିତ୍ର ରାହାସ ପୂର୍ଣ୍ଣିମାରେ ରାଧାକୃଷ୍ଣ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇ ପୂର୍ଣ୍ଣମୀ ଦିନ ଏଠାରେ ବୋଇତ ବନ୍ଦାଣ କରାଯାଏ। ୨୧ ବର୍ଷ ଧରି ଅଞ୍ଚଳବାସୀଙ୍କ ସହଯୋଗରେ ଏଠି ବାଲିଯାତ୍ରା ପାଳିତ ହେଉଛି। ଲୋକନୃତ୍ୟ ଓ ଲୋକକଳାକୁ ପ୍ରାଧାନ୍ୟ ଦିଆଯାଇ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବାଲିଯାତ୍ରା କମିଟି ତରଫରୁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ବାଲିଯାତ୍ରାରେ ମିନାବନାରଠାରୁ ଆରମ୍ଭକରି ପ୍ରଥମ ସଂଧ୍ୟାରେ ବୀଣାପାଣି କଳା ନିକେତନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉଦଘାଟନ ଉତ୍ସବରେ ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସମ୍ପାଦକ ହରିପ୍ରସାଦ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଦେଷ୍ଟା ହୃଷିକେଶ ଆଚାର୍ଯ୍ୟ ବାଲିଯାତ୍ରାର ଐତିହ୍ୟ ସମ୍ବଧରେ ଆଲୋକପାତ କରିଥିଲେ। ସଭାରେ ସଭାପତି ଭିକାରୀ ଚରଣ ବିନ୍ଧାଣି ଓ ବରିଷ୍ଠ ସଦସ୍ୟ ନବୀନଚନ୍ଦ୍ର ବିନ୍ଧାଣି ସମ୍ବର୍ଦ୍ଧିତ କରିଥିଲେ। କମିଟି ତରଫରୁ ଅବିନାଶ ଶତପଥୀ ଦ୍ୱାରା ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଥିଲା। ଏହି ବାଲିଯାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତା ୧୫ରୁ ଯାତ୍ରା ବିଶ୍ୱ ଦରବାର ଅପେରା ପ୍ରଦର୍ଶନ କରିବାକୁ କମିଟି ତରଫରୁ ସ୍ଥିର କରାଯାଇଛି।

## ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ଉତ୍ସବ 'ଅଭିବ୍ୟକ୍ତି'

ଯୋଡ଼ା,୧୩।୧୧ (ସମିସ): କେନ୍ଦୁଝର ଜିଲ୍ଲା ସୋୟାବାଲିସ୍ଥିତ ଜିନ୍ଦଲ ବିଦ୍ୟାଳୟରେ ମହାସମାରୋହରେ ବାର୍ଷିକ ପ୍ରଦର୍ଶନୀ 'ଅଭିବ୍ୟକ୍ତି' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ, ହିନ୍ଦୀ, ସଂସ୍କୃତ, ଓଡ଼ିଆ, ଇଂରାଜୀ, କ୍ରୀଡ଼ା, କଳାଚିତ୍ର, ତଥା ନୃତ୍ୟ ସଂଗୀତରେ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ପାଠ୍ୟ ପୁସ୍ତକରେ ପଢିଥିବା ଜ୍ଞାନକୌଶଳ ତଥା ନୀତିନୈତିକ ମୂଲ୍ୟବୋଧକୁ ପିଲାମାନେ ଅତି ସୁନ୍ଦର



ଭାବରେ ନିଜ ନିଜର ପ୍ରକଳ୍ପ ମାଧ୍ୟମରେ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ରୂପେ ଜିନ୍ଦଲ ଷ୍ଟିଲ ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଏମଡି ଓ ସିଏସଆର ମୁଖ୍ୟ ଭର୍ଜିନ ଲାକ୍ରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଏଚଏନ ସିଂହ, ଲେଡିଜ କ୍ଲବର ଲତା ପୁରୁଷୋତ୍ତମ, ବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ରାଣୀ ଦାସ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ପ୍ରାୟ ଦୁଇଶହ ପ୍ରକଳ୍ପ ସ୍ଥାନ ପାଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ତେଲକୋଇ, ୧୩।୧୧(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ପୁରୁଣା ବସଷ୍ଟାଣ୍ଡଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁବ୍ରତ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବନ ସିଂ ରାଣା, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା ଚନ୍ଦ୍ରଶେଖର ରଥ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ବାଲ୍ମିକୀ ପାତ୍ର, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ପ୍ରମୁଖ ଅନ୍ତର୍ଭୁକ୍ତ ରହିଥିଲେ। କାମଧେନୁ ଯୋଜନାରେ ଗୋ ପାଳନ, ମଇଁଷି ପାଳନ, ଘାସ ଚାଷ ଓ ମାଛ ଚାଷ ସହ ପୋଖରୀ ଖନନ ଏବଂ ବିଭିନ୍ନ ଉପକରଣ ବିଷୟରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ସଫଳ ପ୍ରାଣୀ ପାଳନ ଚାଷୀ ଭାବେ କମଳାଙ୍ଗ ଗାଁର ଆନନ୍ଦୀ ପଟ୍ଟନାୟକ, ଗୁଧୁଡି ଗାଁର ରଜମଣି ମାଝୀ, ବିରଦା ଗାଁ ଘନଶ୍ୟାମ ଦେହୁରୀ, କରଦାଙ୍ଗୀ ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ଚାଷୀ ଭାବେ ପୁରୁଯୋଡ଼ା ଗାଁର ତୀର୍ଥବାସୀ ନାୟକ, ହାଲପୋଡ଼ି ଗାଁର ଦେବାନନ୍ଦ ସାହୁ, ରାଣୀବେଡ଼ା ଗାଁର ଅଶୋକ ନାୟକ ଓ ରାଇସୁଆଁ ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍‌ରେ ଚାଷୀଙ୍କୁ ସରକାରଙ୍କ ଯୋଜନା ସଂପର୍କରେ ଅବଗତ କରାଯାଇଥିଲା। ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ଖାଦ୍ୟ ମେଳା ଷ୍ଟଲ ପ୍ରଦର୍ଶିତ ହୋଇଥଲା। ତେଲକୋଇ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ରଞ୍ଜିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ କର୍ମଚାରୀ ସହଯୋଗ କରିଥିଲେ।

## ଝୁମ୍ପୁରାରେ ଅବ୍ୟବସ୍ଥା ଓ ଅବହେଳା

ଝୁମ୍ପୁରା: ଗୁରୁବାର ଝୁମ୍ପୁରା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ମତ୍ସ୍ୟ ପ୍ରାଣୀସମ୍ପଦ ମେଳା ବ୍ଲକ ପ୍ରାଣୀଧନ ନିରୀକ୍ଷକ ସତ୍ୟଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ବ୍ଲକର ଦୂରଦୁରାନ୍ତର ଚାଷୀଙ୍କ ନିମନ୍ତେ ପିଇବା ପାଣିର ସୁବ୍ୟବସ୍ଥା ହୋଇ ନଥିଲା। ଚାଷୀମାନେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ପିଇବା ପାଇଁ ପାଣି ଟୋପାଏ ପାଇ ନଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଅତିଥିଙ୍କ ନିମନ୍ତେ ମଧ୍ୟ ସୁବ୍ୟବସ୍ଥା ହୋଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ମେଳାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ଝୁମ୍ପୁରା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ବ୍ଲକ ପ୍ରତିନିଧି ପଞ୍ଚାନନ ସାହୁ, ସମାଜସେବୀ ଅନିନ୍ଦ୍ୟ ବେହେରା, କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ରାମଚନ୍ଦ୍ର ମହାନ୍ତି, ଚମ୍ପୁଆ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ ମହାନ୍ତ ଯୋଗଦାନ କରିଥିଲେ। ସଫଳ ଚାଷୀଙ୍କ ଚିହ୍ନଟ ସହ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ୮ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। ପଶୁପାଳନ ପାଇଁ ଅର୍ଶଳା ଗ୍ରାମର ପାର୍ବତୀ ମହାନ୍ତ, କୁକୁଡ଼ା ପାଳନ ପାଇଁ ଆଲୋକ କୁମାର ସାହୁ, ସୁଦର୍ଶନ ନାଏକ, ମା' ସାରଳା ସ୍ୱୟଂ ସହାୟକ ଗୋଷ୍ଠୀ ବାଲିପଶି, ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଟୋଲକ ବାହାଳ, ମତ୍ସ୍ୟ ଚାଷ ପାଇଁ ଟଙ୍କଧର ମହାନ୍ତ ମଣ୍ଡମା, ସୁକାନ୍ତି ମହାନ୍ତ ସରାଷପୋଶି, କୁନି ମହାନ୍ତଙ୍କୁ ମାନପତ୍ର, ଟ୍ରଫି ସହିତ ଉପଢୌକନ ପ୍ରଦାନ କରାଯାଇଛି। ବ୍ଲକର ୨୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଷୀମାନେ ଯୋଗଦାନ କରିଥିଲେ। ଝୁମ୍ପୁରା ବ୍ଲକ ସହକାରୀ ମତ୍ସ୍ୟାଧିକାରିଣୀ ସୁଶ୍ରୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ତୋଫାନ ପାତ୍ର। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାଲା ପରିବେଷିତ ହୋଇଥିଲା। ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା।



## ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲା ହାତୀ



ହିନ୍ଦୋଳ,୧୩।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଏକ ଆହତ ହାତୀର ମୃତ୍ୟୁ ହୋଇଛି। ହିନ୍ଦୋଳ ରେଞ୍ଜ ପାଇକ ପୁରୁଣାକୋଟ ଗୋଛାୟତ ସାହି ନିକଟ ଜଙ୍ଗଲରେ ଏକ ହାତୀ ଗୋଡ଼ରେ ଭଙ୍ଗା କାଚ ପଶି ଗୁରୁତର ଆହତ ହୋଇଥିଲା। ଫଳରେ ହାତୀଟି ନ ଖାଇ ନ ପିଇ ପଡ଼ି ରହିଥିଲା। ବନବିଭାଗ କର୍ମଚାରୀ ଓ କପିଳାସ ପିଆରଟି ଟିମ ପହଞ୍ଚି ହାତୀର ଚିକିତ୍ସା କରୁଥିଲେ। ମାତ୍ର ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ହାତୀଟି ଆଖି ବୁଜିଛି। ହାତୀର ମୃତ୍ୟୁ ପରେ ଡାକ୍ତର ଏବଂ ଢେଙ୍କାନାଳ ସାଇଣ୍ଟିଫିକ ଟିମ ଆସି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

## ପରଜଙ୍ଗରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




ପରଜଙ୍ଗ,୧୩।୧୧(ସମିସ): ପରଜଙ୍ଗ ବ୍ଲକରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ଶୁଭଶ୍ରୀ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଓ ବ୍ଲକ ମତ୍ସ୍ୟ ଅଧିକାରୀ ଶୋଭନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପରଜଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସକ ସୋନାଲି ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ତାପସ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ବ୍ଲକର ୨୯ ପଞ୍ଚାୟତରୁ ୫୮୦ ଚାଷୀ ଅଂଶଗ୍ରହଣ କରିଥିଲେ। ମତ୍ସ୍ୟ ପୋଖରୀ, ମତ୍ସ୍ୟଚାଷ, କାମଧେନୁ ଯୋଜନାରେ ଗୋପାଳନ ସହ କ୍ଷୀର ଉତ୍ପାଦନ କରି ଆତ୍ମନିର୍ଭରଶୀଳ, ଛେଳି, ମେଣ୍ଢା, କୁକୁଡ଼ା, ଘାସଚାଷ ଆଦି ଉପରେ ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଚାଷୀଙ୍କ ପାଇଁ ବିଭିନ୍ନ ଷ୍ଟଲ ବ୍ୟବସ୍ଥା ହୋଇଥିଲା।

## ମଧୁମେହ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର



ଭୁବନ,୧୩।୧୧(ସମିସ): ଭୁବନ ବ୍ଲକ ସଦଭାବନା ହଲରେ ମଧୁମେହ ଦିବସ ଉପଲକ୍ଷେ ଶିବିର ଅନୁଷ୍ଠିତ ହୋଇଛି। ବରିଷ୍ଠ ନାଗରିକ ସୁରକ୍ଷା ଟ୍ରଷ୍ଟ ଅଧ୍ୟକ୍ଷ ରଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗ୍ରାମ ପଞ୍ଚାୟତ ଅଧିକାରୀ ମନୋଜ ପ୍ରଧାନ, ଶିଶୁ ବିକାଶ ବିଭାଗ ସୁପରଭାଇଜର ନିର୍ମଳା ସେଠୀ, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଡା. ଶୁଭେନ୍ଦୁ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୦୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଟାଟା ମେଡିକା ପକ୍ଷରୁ ଦେବୀପ୍ରସାଦ ମହାନ୍ତି, ଇତିଶ୍ରୀ ଶିବାନୀ ସ୍ୱାଇଁ, ବିଶ୍ୱଜିତ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସଚେତନତା ପାଇଁ ଜିଲ୍ଲା ପୁଲିସ ତରଫରୁ ୱାକାଥନ




କାମାକ୍ଷାନଗର,୧୩।୧୧(ସମିସ): ସାଇବର ସଚେତନତା ନେଇ ଢେଙ୍କାନାଳ ଜିଲ୍ଲା ପୁଲିସ ତରଫରୁ କାମାକ୍ଷାନଗରରେ ଏକ ୱାକାଥନ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମରେ ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଢେଙ୍କାନାଳ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇ ସମ୍ପର୍କରେ ସଚେତନ କରିଥିଲେ। ପରେ ଷ୍ଟାଡିୟମଠାରୁ ୱାକାଥନ ବାହାରି କାମାକ୍ଷାନଗର ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ଥାନାର ଆଇଆଇସି, ଫାଣ୍ଡି ଅଧିକାରୀ, କର୍ମଚାରୀ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହାତରେ ପ୍ଲାକାର୍ଡ ଧରି ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାଇବର କ୍ରାଇମ ନୋଡାଲ ଅଫିସର ସନ୍ଧ୍ୟାରାଣୀ ବେଉରିଆ, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲଙ୍କ ସମେତ କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼, ମହାବିରୋଡ୍, ତୁମୁସିଙ୍ଗା ଥାନା ଅଧିକାରୀ, ସୁରପ୍ରତାପପୁର, ପଣ୍ଡୁଆ, ସରାଙ୍ଗ, ଦଦରାଘାଟି, ସାଆନ୍ଦା ଫାଣ୍ଡି ଅଧିକରୀ ଉପସ୍ଥିତ ଥିଲେ।

### ମାଇକ୍ରୋ ମିଡିଆର ବାର୍ଷିକ ଉତ୍ସବ ଓ କପିଳାସ ମହୋତ୍ସବ

# ଦ୍ୱିତୀୟ ଦିବସରେ ଚାରାରୋପଣ, ରକ୍ତଦାନ ଶିବିର




ଢେଙ୍କାନାଳ,୧୩।୧୧(ସମିସ)

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋ ମିଡିଆ ଆୱେରନେସ ପକ୍ଷରୁ ଅନୁଷ୍ଠାନର ୨୩ତମ ବାର୍ଷିକ ଉତ୍ସବ ତଥା କପିଳାସ ମୋହତ୍ସବ ସର୍ବକନିଷ୍ଠ ସହିଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଉତ୍ସର୍ଗୀକୃତ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ଅନୁଷ୍ଠାନ ପକ୍ଷରୁ ସକାଳ ୯ଟାରେ ସ୍ଥାନୀୟ ମହିଷାପାଟ ଅନନ୍ତନଗରସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ନିକଟରେ ଚାରାରୋପଣ କରାଯାଇଛି। ଅତିଥି ଭାବ ୮ନଂ ୱାର୍ଡ କାଉନସିଲର ପ୍ରତାପ କୁମାର ନାୟକ, ଅରବିନ୍ଦ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ଶିଶିର କୁମାର ଶତପଥୀ, ସମ୍ପାଦକ ପ୍ରଭାକର ନାୟକ, ସଦସ୍ୟ ଧୀରେନ୍ଦ୍ର ସାମନ୍ତ, ନୃସିଂହ ନାୟକ, ସାରଙ୍ଗଧର ନାୟକ, ଅଭୟ କୁମାର ହୋତା, ରାଜେନ୍ଦ୍ର କୁମାର ନାୟକ, ଶ୍ରୁତିକାନ୍ତ ନାୟକ, ସହିତ କର ପ୍ରମୁଖ ଯୋଗଦେଇଥିଲେ। ସେହିପରି ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ ତଥା ରକ୍ତଦାତା ଅନୁପ୍ରେରଣ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ଯୁବ ସମାଜସେବୀ ରୋଟାରିଆନ ରାଜକିଶୋର ବେହେରା, ସମାଜସେବୀ ପଙ୍କଜ କୁମାର ନାୟକ, ରକ୍ତଦାତା ରଞ୍ଜନ କୁମାର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଯୁବଗୋଷ୍ଠୀ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କପିଳାସ ମହୋତ୍ସବର ଆବାହକ ଇଂ ସୌମ୍ୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦୀପକ ରଞ୍ଜନ ମିଶ୍ର, ମାନସ ସାହୁ, ସାଇଦର୍ଶନ ମାଟି, ଅମିତ ବାରିକ ସହଯୋଗ କରିଥିଲେ। ଆସନ୍ତା ୧୪, ୧୫, ୧୬ ତାରିଖ ତିନିଦିନ ଧରି ଗୋପବନ୍ଧୁ ଟାଉନ ହଲରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସଭା ସହ ପୁରସ୍କାର ବିତରଣ, ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକକଳା ସାଂସ୍କୃତିକ ଶୋଭାଯାତ୍ରା ସହ କବିତା ପାଠ ଅନୁଷ୍ଠିତ ହେବ। ଅନୁଷ୍ଠାନର ସ୍ମରଣିକା "ସ୍ମୃତି" ଲୋକାର୍ପିତ ହେବ ବୋଲି କୁହାଯାଇଛି।

## ସିମେଣ୍ଟ ଆଜବେଷ୍ଟସ ଚାଦର ଛାତର ସୁରକ୍ଷାକୁ ଏନଜିଟିଙ୍କ ସମର୍ଥନ

**ଜନସ୍ୱାସ୍ଥ୍ୟ ପ୍ରତି ବିପଦର କୌଣସି ପ୍ରମାଣ ନାହିଁ**



ଢେଙ୍କାନାଳ,୧୩।୧୧(ସମିସ): ନିର୍ମାଣ ସାମଗ୍ରୀ କ୍ଷେତ୍ର ପାଇଁ ଏକ ପ୍ରମୁଖ ବିକାଶରେ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ଦାଖଲ ଏବଂ ବିଶେଷଜ୍ଞ କମିଟି ମତାମତ ଯାଞ୍ଚ କରିବା ପରେ ସ୍କୁଲ ଏବଂ ଅନ୍ୟ ଶିକ୍ଷା ପ୍ରତିଷ୍ଠାନରେ ଆଜବେଷ୍ଟସ ସିମେଣ୍ଟ ଛାତ ଚାଦର ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବାକୁ ମନା କରିଦେଇଛନ୍ତି। ଏନଜିଟି କହିଛନ୍ତି ଯେ ମାନବ ସ୍ୱାସ୍ଥ୍ୟ ଉପରେ ଆଜବେଷ୍ଟସ ସିମେଣ୍ଟ ସିଟ୍ ନିୟମିତ ବ୍ୟବହାରର କ୍ଷତିକାରକ ପ୍ରଭାବର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଡ. ରାଜା ସିଂହ ବନାମ ଭାରତ ସଂଘ ଏବଂ ଅନ୍ୟ ମାମଲାରେ ଏହି ନିଷ୍ପତ୍ତି ଦିଆଯାଇଥିଲା, ଯେଉଁଠାରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ବହୁ ଶାଖାଗତ ବିଶେଷଜ୍ଞ କମିଟି ଏହି ମାମଲାକୁ ଯାଞ୍ଚ କରିଥିଲା। ବିଶେଷଜ୍ଞ କମିଟି କହିଛି ଯେ ଆଜବେଷ୍ଟସ ତନ୍ତୁ ସିମେଣ୍ଟରେ ଦୃଢ଼ ଭାବେ ସ୍ଥାପିତ ହୋଇଥାଏ, ଯାହା ସାମଗ୍ରୀକୁ ସ୍ଥିର, ସ୍ଥାୟୀ ଏବଂ ନିରାପଦ କରିଥାଏ। ସ୍କୁଲ ଭଳି ଅଣ ଶିଳ୍ପ କ୍ଷେତ୍ରଗୁଡ଼ିକରେ ଆଜବେଷ୍ଟସ ସିମେଣ୍ଟ ଚାଦର ବ୍ୟବହାର କରିବା ଦ୍ୱାରା ମାନବ ସ୍ୱାସ୍ଥ୍ୟ ଉପରେ ବିପଦ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ନ୍ୟାୟାଧିକରଣ ଲକ୍ଷ୍ୟ କରିଥିଲେ ଯେ ସୁରକ୍ଷିତ ପରିଚାଳନା ଏବଂ ବିଆଇଏସ୍ ମାନଦଣ୍ଡ ଆଇଏସ-୧୧୭୬୯-୧୯୮୭ ଏବଂ ଆଇଏସ ୭୬୯:୧୯୯୨ ପାଳନ ସର୍ବନିମ୍ନ ଏକ୍ସପୋଜର ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରେ। ଏନଜିଟି ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ସର୍ବୋତ୍ତମ ଅନ୍ତର୍ଜାତୀୟ ଅଭ୍ୟାସଗୁଡ଼ିକର ସମୀକ୍ଷା କରନ୍ତୁ ଏବଂ ୬ ମାସ ମଧ୍ୟରେ ଆଜବେଷ୍ଟସ୍ ଯୁକ୍ତ ଉତ୍ପାଦଗୁଡ଼ିକର ଉତ୍ପାଦନ, ସ୍ଥାପନ, ରକ୍ଷଣାବେକ୍ଷଣ, ଅପସାରଣ ଏବଂ ନିଷ୍କାସନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରନ୍ତୁ, ଯାହା ଦ୍ୱାରା ପରିବେଶ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଶିଳ୍ପ ଏହି ନିଷ୍ପତ୍ତିକୁ ସ୍ୱାଗତ କରେ। ଶିଳ୍ପସଂସ୍ଥାଗୁଡ଼ିକ ଏନଜିଟିର ଏହି ରାୟକୁ ବିଜ୍ଞାନ ଆଧାରିତ ନିୟନ୍ତ୍ରଣ, ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଏକ ଦୃଢ଼ ପ୍ରମାଣ ଭାବେ ସ୍ୱାଗତ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ ଆଜବେଷ୍ଟସ ସିମେଣ୍ଟ ସିଟ୍ ନିରାପଦ, ସ୍ଥାୟୀ ଏବଂ ଭାରତର ସୁଲଭ ଗୃହ ଏବଂ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ଉଚ୍ଚ ପରିବେଶଗତ ମାନଦଣ୍ଡ, ଶ୍ରମିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଏବଂ ଆଜବେଷ୍ଟସ ସିମେଣ୍ଟ ଉତ୍ପାଦଗୁଡ଼ିକର ନିରାପଦ ବ୍ୟବହାର, ପରିଚାଳନା, ବିସ୍ଥାପନକୁ ପ୍ରୋତ୍ସାହିତ କରିବା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ।

### ● ଦେଶୀମଦ ବୋଝେଇ କାର ଦୁର୍ଘଟଣାଗ୍ରସ୍ତ

## ଚାଳକ ଫେରାର; କାର, ୫ ଶହ ଲିଟର ମଦ ଜବତ



ପରଜଙ୍ଗ,୧୩।୧୧(ସମିସ): ପରଜଙ୍ଗ ଅବକାରୀ ଥାନା ଅନ୍ତର୍ଗତ ବାରିହାପୁର-ବଶୋଇ ରାସ୍ତାରେ ଅବକାରୀ ବିଭାଗ ପିଛା କରୁଥିବା ଚୋରା ଦେଶୀମଦ ବୋଝେଇ କାର ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଚାଳକ ଫେରାର ହୋଇଯାଇଥିବା ବେଳେ ଅବକାରୀ ବିଭାଗ କାର ସହ ୫ ଶହ ଲିଟର ମଦ ଜବତ କରିଛି। ସୂଚନା ମୁତାବକ ଆମ୍ବପଳାଶ ଗ୍ରାମରୁ ଜଣେ ମଦ ମାଫିଆ ଏକ କାର୍ ଯୋଗେ ୧୦ଟି ପ୍ଲାଷ୍ଟିକ ଜାର୍କିନ ଭର୍ତ୍ତି ଦେଶୀମଦ ଚାଲାଣ କରୁଥିବା ଖବର ପାଇ କାମାକ୍ଷାନଗର ଅବକାରୀ ଉପଅଧୀକ୍ଷକ ସାୱନ କୁମାର ଭୋଳଙ୍କ ନେତୃତ୍ୱରେ ତିନିଟି ଦଳ ମୁକ୍ତାପଶି ଛକରେ ଜଗି ରହିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି କାର ଚାଳକ ବଶୋଇ ରାସ୍ତା ଦେଇ ବାରିହାପୁର ଆଡ଼କୁ ଦ୍ରୁତଗତିରେ ପଳାଉଥିବା ବେଳେ ଅବକାରୀ ବିଭାଗର ଗୋଟିଏ ଦଳ ତାକୁ ଗୋଡ଼ାଇଥିଲା। ଅନ୍ୟ ଏକ ଦଳ ବାରିହାପୁର-ବଶୋଇ ରାସ୍ତାରେ ଜଗି ରହିଥିଲା। ତେବେ ଅବକାରୀ ବିଭାଗଠାରୁ ବର୍ତ୍ତିବା ପାଇଁ ଚାଳକ ଅତ୍ୟଧିକ ବେଗରେ ଗାଡ଼ି ଚାଳନା କରିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ କାର୍ ଧକ୍କାହୋଇ ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ କାର୍ ସହ ମଦ ଜବତ କରିଛି। ଏହି ଚଢ଼ଉରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ପରଜଙ୍ଗ ଅବକାରୀ ଥାନା ଏଏସଆଇ ପ୍ରକାଶ ରାଉତ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ମଦ ଚାଲାଣକାରୀକୁ ଚିହ୍ନଟ କରାଯାଇ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ବିଦ୍ୟୁତ୍ ମିଟର ଯୋଗାଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଢେଙ୍କାନାଳ,୧୩।୧୧(ସମିସ): ବିଦ୍ୟୁତ ମିଟର ଯୋଗାଣ ନିମନ୍ତେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ବିଦ୍ୟୁତ୍ ସରଞ୍ଜାମ ଦୋକାନଗୁଡ଼ିକରେ ମିଟର ମିଳୁନାହିଁ। ବିଦ୍ୟୁତ ବିଭାଗ ଯେଉଁ ସ୍ମାର୍ଟ ମିଟର ବସାଉଛି ତାକୁ ସବୁ ମହଲରେ ବିରୋଧ କରାଯାଉଛି। ପୂର୍ବରୁ ଯେଉଁ ମିଟର ଉପଭୋକ୍ତାଙ୍କ ଘରେ ବସିଥିଲା ତାହା ଠିକ୍ ଥିଲା। ଚାଲୁଥିବା ମିଟରକୁ ଉଠାଇ ନେଇ ନୂଆ ମିଟର ଲଗାଯିବା ଫଳରେ ଯେଉଁଭଳି ଅତ୍ୟଧିକ ବିଲ୍ ଆସୁଛି ତାହା ଗରିବ ପରିବାରଗୁଡ଼ିକ ଉପରେ ବୋଝ ଉପରେ ନଳିତାବିଡ଼ା ସଦୃଶ ବୋଲି ରଥ ଉଲ୍ଲେଖ କରିଛନ୍ତି। ସ୍ମାର୍ଟ ମିଟର ପରିବର୍ତ୍ତେ ବିକଳ୍ପ ଭାବେ ମିଟର ବଜାରକୁ ଆସିବାର ଆବଶ୍ୟକତା ରହିଛି। ଏହାକୁ ଉପଭୋକ୍ତାମାନେ ବଜାରରୁ କିଣି ବିଦ୍ୟୁତ ବିଭାଗ ଦ୍ୱାରା ଟେଷ୍ଟ କରାଇ ନିଜଘରେ ଲଗାଇପାରିବେ। ଯେଉଁ ଗ୍ରାହକ ମାସକୁ ୯୦ରୁ ୧୨୦ ଟଙ୍କା ବିଲ୍ ଦେଉଥିଲେ, ସ୍ମାର୍ଟ ମିଟର ବସାଇବା ଫଳରେ ତାହା ୩ଗୁଣ ବୃଦ୍ଧି ପାଉଛି ବୋଲି ରଥ କହିଛନ୍ତି। ତେଣୁ ବଜାରରେ କିପରି ମିଟର ଉପଲବ୍ଧ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ରଥ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସିସିଏ କର୍ମଚାରୀଙ୍କୁ ଛଟେଇ ନେଇ ବିଦ୍ୟୁତ ଉପଭୋକ୍ତା ହନ୍ତସନ୍ତ



ପରଜଙ୍ଗ,୧୩।୧୧(ସମିସ): ବିଦ୍ୟୁତ ବିଭାଗରେ ଠିକା ଭିତ୍ତିରେ କାର୍ଯ୍ୟ କରୁଥିବା କଷ୍ଟମର କେୟର୍ ଆସୋସିଏଟ (ସିସିଏ) କର୍ମଚାରୀଙ୍କ ଛଟେଇ ପରେ କେବଳ ସେମାନଙ୍କ ପରିବାର ହଇରାଣ ହେଉନାହାନ୍ତି ବରଂ ସେବା ପାଇ ଆସୁଥିବା ବିଦ୍ୟୁତ ଉପଭୋକ୍ତା ମଧ୍ୟ ହନ୍ତସନ୍ତ ହେବାକୁ ପଡୁଛି। ବାରମ୍ବାର ବିଦ୍ୟୁତ କାର୍ଯ୍ୟାଳୟକୁ ଦୌଡ଼ି ମଧ୍ୟ ଉପଭୋକ୍ତାଙ୍କ ସାମାନ୍ୟ କାମ ସୁଦ୍ଧା ହେଉ ନ ଥିବା ଅଭିଯୋଗ ହୋଇଛି।

ବିଦ୍ୟୁତ୍ ବିଭାଗ ଢେଙ୍କାନାଳ ସର୍କଲରେ ଠିକା ଭିତ୍ତିରେ କାମ କରୁଥିବା ଶତାଧିକ ସିସିଏ କର୍ମଚାରୀଙ୍କୁ ଚଳିତ ମାସ ପହିଲାରୁ ଛଟେଇ କରାଯାଇଛି। ଦୀର୍ଘବର୍ଷ ଧରି କାମ କରିବା ପରେ ଛଟେଇ କରାଯିବାରୁ ସତେଯେମିତି ସେମାନଙ୍କ ଉପରେ ବଜ୍ର ପଡ଼ିଛି। ଚାଇଁପାଳ ବିଦ୍ୟୁତ୍ ଉପଖଣ୍ଡର ୧୪ଟି ସେକ୍ସନରେ କୌଣସି ସିସିଏ କର୍ମଚାରୀ ନ ଥିବାରୁ ବିଲ୍ ଆଦାୟଠାରୁ ବ୍ୟାଙ୍କ ଜମା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅନଲାଇନ କାମ ଏହି ସିସିଏ କର୍ମଚାରୀ ତୁଲାଉଥିଲେ। ନୂତନ ବିଦ୍ୟୁତ ସଂଯୋଗ, ବିଲ୍ ସଂଶୋଧନ, ବିଦ୍ୟୁତ ତାର ପରିଦର୍ଶନ, ମିଟର ସ୍ଥାନାନ୍ତରଣ, ନାମ ପରିବର୍ତ୍ତନ, ଲୋଡ୍ ବୃଦ୍ଧି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ଠିକା କର୍ମଚାରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ହେଲେ ଟିପିସିଓଡିଏଲ ପକ୍ଷରୁ ସେମାନଙ୍କୁ ଛଟେଇ କରାଯିବାରୁ ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ସେକ୍ସନରେ ନିୟୋଜିତ ଯନ୍ତ୍ରୀ ଅଧିକାଂଶ ସମୟ ମିଟିଂ ଅବା କ୍ଷେତ୍ର ପରିଦର୍ଶନରେ ଯାଉଥିବାରୁ ସେକ୍ସନ କାର୍ଯ୍ୟାଳୟ ବନ୍ଦ ରହୁଛି। ଯଦି ବା କୌଣସି କର୍ମଚାରୀ କାର୍ଯ୍ୟାଳୟରେ ବସୁଛନ୍ତି ସେମାନେ ଅନଲାଇନ କାର୍ଯ୍ୟ ବିଷୟରେ ଜାଣି ନ ଥିବା କହି ହାତ ଟେକି ଦେଉଛନ୍ତି। ଏଭଳି ଅବ୍ୟବସ୍ଥା ନେଇ ପରଜଙ୍ଗ ଅଞ୍ଚଳର ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ସେହିଭଳି ପରଜଙ୍ଗ ଡିଭିଜନ-୧ର ସୌଭାଗ୍ୟ କୁମାର ପାତ୍ର ଓ ପରଜଙ୍ଗ ଡିଭିଜନ-୨ର ନଗେନ କୁମାର ସାହୁ ସିସିଏ କର୍ମଚାରୀ ଭାବେ ଛଟେଇ ହୋଇ ପ୍ରଭାବିତ ହୋଇଛନ୍ତି। ଗ୍ରାହକ ସମାସ୍ୟାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଖର୍ଚ୍ଚକାଟ ନାମରେ ଠିକା କର୍ମଚାରୀଙ୍କୁ ବାହାର କରିଦିଆଯାଇଥିଲେ ମଧ୍ୟ ଗ୍ରାହକ ସେବା ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।

## ହାତୀ ଭୟ; ବନ କର୍ମଚାରୀଙ୍କ ଉପସ୍ଥିତିରେ ଶବଦାହ

ଖଜୁରିଆକଟା,୧୩।୧୧(ସମିସ): ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ହାତୀ ଭୟ ବଢ଼ିବାରେ ଲାଗିଛି। ଫଳରେ ଦିନ ଦ୍ୱିପ୍ରହରରେ ଲୋକେ ବାହାରକୁ ବାହାରିବାକୁ ଡରିଲେଣି। କେତେକ ପଞ୍ଚାୟତରେ ସ୍କୁଲ, କଲେଜଗୁଡ଼ିକୁ ପାଠ ପଢ଼ିବା ପାଇଁ ପିଲା ଆସିବାକୁ ହେଲେ ଅଭିଭାବକମାନଙ୍କ ସହଯୋଗ ଦରକାର ହୁଏ। ସନ୍ଧ୍ୟା ହେଲେ ଘରୁ ବାହାରିବା ଆଦୌ ସୁରକ୍ଷିତ ନୁହେଁ। ବର୍ତ୍ତମାନ ପ୍ରାୟ ଦୁଇଶହରୁ ଅଧିକ ହାତୀ ଅଞ୍ଚଳରେ ଚଳପ୍ରଚଳ କରୁଥିବାରୁ ସବୁବେଳେ ହାତୀ ଭୟ ରହୁଛି। ସନ୍ଧ୍ୟା ପରେ କେହି ଅସୁସ୍ଥ ହେଲେ ଆମ୍ବୁଲାନ୍ସକୁ ଫୋନ କଲେ କର୍ମଚାରୀ ଆସିବାକୁ ମନା କରୁଛନ୍ତି। ଫଳରେ ଲୋକେ ଭଗବାନଙ୍କୁ ଭରସା କରି ସକାଳ ଯାଏଁ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପଟେ ଶବଦାହ କରିବା ପାଇଁ ମଧ୍ୟ ଲୋକେ ଭୟ କରୁଛନ୍ତି। ଏଥିପାଇଁ ବନ କର୍ମଚାରୀଙ୍କ ଉପସ୍ଥିତି ଆବଶ୍ୟକ ପଡୁଛି। ବୁଧବାର ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ଜେନାମଣିଙ୍କ ସ୍ତ୍ରୀ ଗେହ୍ଲି ଜେନାମଣିଙ୍କର ସନ୍ଧ୍ୟା ୭ଟାରେ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକ ଓ ଗ୍ରାମବାସୀ ରାତିରେ ତାଙ୍କ ଶବଦାହ କରିବାକୁ ଶ୍ମଶାନକୁ ନେବା ପାଇଁ ସାହସ ଜୁଟାଇ ପାରି ନ ଥିଲେ। ବାଧ୍ୟହୋଇ ମୃତଦେହକୁ ନିଜ ଘରେ ରଖି ସକାଳ ଯାଏଁ ଅପେକ୍ଷା କରିବାକୁ ପଡ଼ିଥିଲା। ତଥାପି ସୁରକ୍ଷିତ ମନେ ନ କରିବାକୁ ଖଜୁରିଆକଟା ବନ କର୍ମଚାରୀଙ୍କୁ ଜଣାଇବାରେ ସେମାନଙ୍କ ଉପସ୍ଥିତିରେ ଶବଦାହ କରାଯାଇଥିଲା। ଏଭଳି ଘଟଣା ଯଦି ସବୁ ପଞ୍ଚାୟତରେ ଘଟେ ତେବେ ବନ କର୍ମଚାରୀ କେତେ କାହାକୁ ସୁରକ୍ଷା ଯୋଗାଇବେ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ ହୋଇଛି। ଏ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବୁଲା ଗୋରୁଙ୍କ କବ୍‌ଜାରେ ମୁଖ୍ୟ ରାସ୍ତା



**ଶୁଣୁନାହାନ୍ତି ଏନଏସି କର୍ତ୍ତୃପକ୍ଷ**

ଖଜୁରିଆକଟା,୧୩।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଓ ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ସାତମାଇଲ-ହିନ୍ଦୋଳ ମୁଖ୍ୟ ରାସ୍ତାର କାନ୍ଦରାଶୁଣି ଓ ତାରିଣୀ ବିହାର ନିକଟରେ ପ୍ରତିଦିନ ସକାଳୁ ଗୋରୁ ପଲ ଗୋଠ ବାନ୍ଧି ଶୋଇ ରହିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏଥିସହ ଏନଏସିର ପ୍ରବେଶ ପଥ ୧୨ନଂ ୱାର୍ଡ ଧୂଳିଆମୁଣ୍ଡାଠାରୁ ୩ନଂ ୱାର୍ଡ ଅନ୍ତର୍ଗତ ବସଷ୍ଟାଣ୍ଡ ଛକ, ଅମଲାପଡ଼ା ସାହି ଓ ୨ନଂ ୱାର୍ଡ ହରିହାଟ ସାହି ମୁଖ୍ୟରାସ୍ତାକୁ ମଧ୍ୟ ଗୋରୁପଲ ଅବରୋଧ କରି ଶୋଇ ରହୁଛନ୍ତି। ଏ ସମ୍ପର୍କରେ ଏନ୍ଏସି କର୍ତ୍ତୃପକ୍ଷ ଓ ଉପଖଣ୍ଡ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏଠାରେ ବୁଲାଷଣ୍ଢ ସଂଖ୍ୟା ବୃଦ୍ଧି ପାଇବା ସହ ସେମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର ଓ ମେଡିକାଲ୍ ଛକ ଆଦି ସ୍ଥାନରେ ସେମାନଙ୍କ ମଧ୍ୟରେ ଲଢ଼େଇ ଯୋଗୁଁ ଯାନବାହାନ କ୍ଷତିଗ୍ରସ୍ତ ହେଉଥିବା ବେଳେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ ଭାରୀଯାନ ଓ ଚାରିଚକିଆ ଯାନ ଚଳାଚଳ ତ ଦୂରକଥା ଦୁଇଚକିଆ ଯାନଟିଏ ମଧ୍ୟ ସହଜରେ ଆଗକୁ ଗଡ଼ିପାରୁ ନାହିଁ। ଲୋକଦେଖାଣିଆ ପଦକ୍ଷେପ ସ୍ୱରୂପ ସଦ୍ୟସମାପ୍ତ ଲକ୍ଷ୍ମୀପୂଜା ସମୟରେ ଏନଏସି ପକ୍ଷରୁ ରାସ୍ତା ଉପରୁ ଗୋରୁପଲଙ୍କୁ ହଟାଇବା ପାଇଁ କେତେକ ସଫେଇ କର୍ମଚାରୀଙ୍କୁ ସାମୟିକ ଭାବେ ନିୟୋଜିତ କରାଯାଇଥିଲା। ତେବେ ତା' ପରଠାରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ଗୋରୁପଲ ଯଥାପୂର୍ବଂ ତଥାପରଂ ରାସ୍ତା ଉପରେ ଆଡ୍ଡା ଜମାଇ ଶୋଇ ରହୁଛନ୍ତି। ଅନ୍ୟପଟେ ଗୋରୁ ପଲଙ୍କୁ ନିୟନ୍ତ୍ରଣ କରିବା, ନିଜ ଗୁହାଳରେ ବାନ୍ଧି ରଖିବା ପାଇଁ ଏନଏସି ପକ୍ଷରୁ ମଝିରେ ମଝିରେ ଲୋକଙ୍କୁ ସଚେତନ କରାଯାଏ। ଏବେ ତାହା ମଧ୍ୟ କରାଯାଉ ନାହିଁ। ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଢେଙ୍କାନାଳ ବନ୍ଦରେ ସାମିଲ ହେବନି ବିଜେପି

**ତରବରିଆ ଭାବେ ଡାକରା ଦିଆଯାଇଛି**

**ବନ୍ଦ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ**

ଢେଙ୍କାନାଳ,୧୩।୧୧(ସମିସ): ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ଓ ଉପଭୋକ୍ତାଙ୍କ ଉପରେ ଜୁଲମ ପ୍ରତିବାଦରେ ସର୍ବଦଳୀୟ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୧୭ ତାରିଖ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ତେବେ ଏହି ବନ୍ଦରେ ବିଜେପି ସାମିଲ ହେବ ନାହିଁ। କାରଣ କ୍ରିୟାନୁଷ୍ଠାନ କମିଟିରେ ବିଜେପିକୁ ସାମିଲ କରାଯାଇ ନାହିଁ କିମ୍ବା ଢେଙ୍କାନାଳ ବନ୍ଦ ଡାକରା ନିଷ୍ପତ୍ତି ବୈଠକକୁ ବିଧିବଦ୍ଧ ଭାବେ ଡକାଯାଇ ନାହିଁ। ଯଦି ବିଜେପିର କୌଣସି ବ୍ୟକ୍ତି ଉକ୍ତ ବୈଠକରେ ଯୋଗଦେଇଥାଆନ୍ତି ତେବେ ତାହା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଦଳ ତରଫରୁ ଅଧିକୃତ କୌଣସି ବ୍ୟକ୍ତି ଯୋଗଦେଇନାହାନ୍ତି। ତରବରିଆ ଭାବେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଦ ଡାକରା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଢେଙ୍କାନାଳ ବନ୍ଦ ଡାକରା ଦେଇ ଲୋକଙ୍କ ସ୍ୱାଭାବିକ ଜୀବନଯାପନରେ ବାଧା ସୃଷ୍ଟି କରି ସେମାନଙ୍କୁ ହଇରାଣ କରିବାକୁ ବିଜେପି ଚାହୁଁନାହିଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ ସମସ୍ୟା ସହ ସର୍ବଦା ବିଜେପି ରହିଆସିଛି। ଢେଙ୍କାନାଳ ଜିଲ୍ଲାରେ ଉପୁଜିଥିବା ସ୍ମାର୍ଟ ମିଟର ବିବାଦ ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁ ବୋଲି ଢେଙ୍କାନାଳ ବିଧାୟକ ତଥା ରାଜ୍ୟ କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ମିଳିତ ବିବୃତି ଦେଇଥିବା ବିଜେପି ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ସକାଳ
THE SAKALA



## ସୁନାଗହଣା, ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

ବଅଁରପାଳ,୧୩ ।୧୧(ସମିସ): ବଅଁରପାଳ ଥାନା ନିକଟ ତୁଳସୀପାଳ ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କ ଘର ତାଡ଼ି ସୁନାଗହଣା ଓ ଟଙ୍କା ଲୁଟ୍ ଅଭିଯୋଗରେ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତୁଳସୀପାଳ ଗ୍ରାମର ବିଜୟ ବିଶ୍ୱାଳ, ସୁନା ବିକ୍ରିରେ ସହଯୋଗ କରିଥିବା କଣ୍ଟାବଣିଆ ଥାନା ବ୍ରାହ୍ମଣ ପୁରୁଣାକୋଟ ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ପୃଥ୍ୱୀରାଜ ଦାସ ଓ ଚୋରା ସୁନା କିଣିଥିବା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା କ୍ଷେଣ୍ଟେପୁର ଗ୍ରାମର ଦୁର୍ଯ୍ୟୋଧନ ଦାସଙ୍କ ପୁଅ ଦେବେନ୍ଦ୍ର ଦାସ । ଏମାନଙ୍କ ନିକଟରୁ ପ୍ରାୟ ୧୦୦ ଗ୍ରାମ ଓଜନର ସୁନା ଅଳଙ୍କାର, ରୁପା ପାଉଁଜି ଜବତ କରାଯାଇଛି । ତେବେ ଚୋରି ହୋଇଥିବା ପ୍ରାୟ ୧ ଲକ୍ଷ ୪୦ ହଜାର ଟଙ୍କା ଜବତ ହୋଇପାରିନାହିଁ । ଏ ନେଇ ଏସଡିପିଓ ରମାକାନ୍ତ ମହାଳିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଅକ୍ଟୋବର ୨୨ ତାରିଖ ନିତ୍ୟାନନ୍ଦ ଘରେ ତାଲା ପକାଇ ନିଜ ଝିଅ ସହ ତାଳଚେର ନନ୍ଦିରାକୁ ବୁଲିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ତାଙ୍କ ପଡ଼ୋଶୀ ବିଜୟ ବିଶ୍ୱାଳ ପାଚେରି ଡେଇଁ କବାଟ ଭାଙ୍ଗି ନିତ୍ୟାନନ୍ଦଙ୍କ ଘର ଆଲମାରୀରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ନିତ୍ୟାନନ୍ଦ ୨୩ ତାରିଖ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ପୁଲିସ ଟିମ୍ ଗଠନ ହୋଇ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ ହୋଇଥିଲା ।

### ଆବଶ୍ୟକତାରୁ ଅଧିକ ବିସ୍ଫୋରକ ମହଜୁଦ; ଖ୍ରଣ୍ଟୋ-ବି କ୍ୱାରିରେ ଅତର୍କିତ ଚଢ଼ଉ

# ୨୭୫ କେଜି ବିସ୍ଫୋରକ ଜବତ; ଲିଜ୍‌ଧାରୀ ଫେରାର୍

କଣିହାଁ,୧୩ ।୧୧(ସମିସ)

ଆବଶ୍ୟକତାରୁ ଅଧିକ ବିସ୍ଫୋରକ ମହଜୁଦ ରଖିବା ଅଭିଯୋଗରେ କଣିହାଁ ବ୍ଲକ୍ ରେଙ୍ଗାଳି ଥାନା କୁଲୁମା ପଞ୍ଚାୟତ ଖ୍ରଣ୍ଟୋ-ବି ପଥର କ୍ୱାରିରେ ପୁଲିସ୍ ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ଣରେ ଅତର୍କିତ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ଲିଜ୍‌ଧାରୀ ଫେରାର୍ ହୋଇଯାଇଥିବା ବେଳେ ସେଠାରୁ ୨୭୫ କେଜି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି କହିଛନ୍ତି । ଉକ୍ତ କ୍ୱାରିକୁ ସରକାରୀ ସ୍ତରରେ ଲିଜ୍ ଦିଆଯାଇଥିବା ବେଳେ ପଥର ବ୍ଲାଷ୍ଟିଂ ପାଇଁ ନିୟମ ମୁତାବକ



**ମାମଲା ରୁଜୁକରି ପୁଲିସର ତଦନ୍ତ**

ବିସ୍ଫୋରକ ସାମଗ୍ରୀ ପରିମାଣଠାରୁ ଢେର୍ ଅଧିକ ଗଚ୍ଛିତ ରଖିଥିବା ନେଇ ପ୍ରଶାସନ ପାଖରେ ଖବର ଥିଲା । ବୁଧବାର ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କ ନେତୃତ୍ୱରେ ତାଳଚେର ଡିଡିଏମ୍ ଶୁଭେନ୍ଦୁ ସାମଲ, ରେଙ୍ଗାଳି ଆଇଆଇସି ମହାନ୍ତି ଚଢ଼ଉ ଫୋର୍ସ ସହ ଚଢ଼ଉ କରିଥିଲେ । ଏ ନେଇ ଲିଜ୍‌ଧାରୀ ହିମାଚଳ ପଣ୍ଡାଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ ରେଙ୍ଗାଳି ଥାନା ଅଞ୍ଚଳରେ ଆଉ ଦୁଇଟି କ୍ୱାରି ରହିଛି । ଏହି ଦୁଇ ପଥର କ୍ୱାରି ଅନୁରୂପ ଭାବେ ଅଧିକ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ରୋଟାରୀ ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ





ଅନୁଗୋଳ,୧୩ ।୧୧(ସମିସ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ବାର୍ଷିକ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳା, ସଂସ୍କୃତି, ହସ୍ତଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀ ଆୟୋଜିତ ହୋଇଛି । ଏଥିରେ ବିଭିନ୍ନ ବିଭାଗରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି । ସରାଙ୍ଗ ଆଇଜିଆଇଟିର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ବିନୋଦ ବିହାରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକର କୁପ୍ରଭାବ ଏବଂ ପରିବେଶର ସୁରକ୍ଷା ଉପରେ ସେମାନଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଅନୁଗୋଳ କ୍ରିଏଟିଭ ଟେକ୍ନୋ କଲେଜ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଆସିଥିବା ବିଚାରକ ଡ. ଭବାନୀଶଙ୍କର ସାହୁ, ଡାଏନା ପ୍ରଧାନ, ରାଜୁ ସୁନା,

**ଦୁଇଶହରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ**

ଅବସରପ୍ରାପ୍ତ କଳା ଶିକ୍ଷକ ରବୀନ୍ଦ୍ର ସାହୁ ଏବଂ ସିପୁନ ସାହୁ ପ୍ରମୁଖ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ସୁବ୍ରତ କୁମାର ସାହୁ ଏବଂ ଶୁଭେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟ ଅଧକ୍ଷ ଡ. ଅଶୋକ କୁମାର ବେହେରା, ଉପାଧକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ କଳ୍ପଲତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରୋଟାରିଆନ ନିର୍ମଳ କୁମାର ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ରୋଟାରିଆନ ନିଖିଳ ରଞ୍ଜନ ମିଶ୍ର, ରୋଟାରିଆନ ସୁଜିତ୍ କୁମାର ସାହୁ, ରୋଟାରିଆନ ଅଭିଷେକ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ଗୋପାଳପ୍ରସାଦ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା

ତାଳଚେର,୧୩ ।୧୧(ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦ ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ତାଳଚେର ବିଇଓ ଖଗେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ସାଉଥବଲଣ୍ଡା ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ମଧୁମିତା ରାଉତରାୟ, ସମ୍ମାନିତ ଅତିଥି ଭାବେ ଏମସିଏଲ୍ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ଏୟୁସିସି ଅଧକ୍ଷ ସନ୍ତୋଷ କୁମାର ପ୍ରଧାନ, ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୋପାଳପ୍ରସାଦ ସରପଞ୍ଚ, ସମିତି ସଭ୍ୟା, ସ୍ଥାନୀୟ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ଲିଙ୍ଗରାଜ ସାମଲ, ସମାଜସେବୀ ସଂଗ୍ରାମ ସିଂହ ଓ ଗୋପାଳପ୍ରସାଦ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଧାୟକ ପ୍ରଧାନ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଛି ନୂତନତ୍ୱ ସୃଷ୍ଟି କରିବା ପାଇଁ ବିଜ୍ଞାନ ମେଳା ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ ।



ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ବିଜ୍ଞାନ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ମୁଖ୍ୟବକ୍ତା ଅଧ୍ୟାପିକା ରାଉତରାୟ ନିଜ ବକ୍ତବ୍ୟରେ ପିଲାମାନଙ୍କ ମନରେ ଉଠୁଥିବା ବିଭିନ୍ନ ଅବାନ୍ତର ପ୍ରଶ୍ନଗୁଡ଼ିକର ଉତ୍ତର ସରଳ, ବୋଧଗମ୍ୟ ଭାଷାରେ ବୁଝାଇଲେ ସେମାନେ ବିଜ୍ଞାନ ପ୍ରତି ଆକର୍ଷିତ ହେବେ ବୋଲି କହିଥିଲେ । ଏହି ମେଳାରେ ତାଳଚେର ବ୍ଲକ ଅନ୍ତର୍ଗତ ୧୨୦ ବିଦ୍ୟାଳୟରୁ ୧୧୧ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଚାରକ ଭାବେ ବରିଷ୍ଠ ଶିକ୍ଷାବିତ୍ ସଦାନନ୍ଦ ପଣ୍ଡା, ବନ୍ତଲା ନୋଡାଲ ହାଇସ୍କୁଲର ଶିକ୍ଷୟତ୍ରୀ ସୁସ୍ମିତା ଭଟ୍ଟାଚାର୍ଯ୍ୟ ଓ ବ୍ରଜମୋହନ ହାଇସ୍କୁଲର ଶିକ୍ଷକ ମନୋଜ କୁମାର ସାହୁ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ଛାତ୍ରାଛାତ୍ରୀମାନେ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପଡ଼ିଆଭଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲତିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋପାଳପ୍ରସାଦ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳଚେରରେ ସାଇବର ସୁରକ୍ଷା ଅଭିଯାନ




ତାଳଚେର,୧୩ ।୧୧(ସମିସ): ତାଳଚେର ଉପଖଣ୍ଡରେ ପୁଲିସ ପକ୍ଷରୁ ଗୁରୁବାର ତାଳଚେର କଲେଜ ପଡ଼ିଆରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ତାଳଚେର ନଗରପାଳ ପବିତ୍ର ଭୁତିଆ, ଅନୁଗୋଳ ଏସ୍‌ପି ରାହୁଲ୍ ଜୈନ, ଉପଜିଲ୍ଲାପାଳ ସମୀର କୁମାର ଜେନା, ନୋଡାଲ ଜିଏମ ଅଶୋକ କୁମାର ଧଳଙ୍କ ସମେତ ଅନୁଗୋଳ ଏଏସପି ଓ ଏସ୍‌ଡିପିଓ ଯୋଗଦେଇଥିଲେ । ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । କମେଡି, ପାଲା ଓ ନାଟକ ଆଦି ମୋନରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର ସୁରକ୍ଷା ନେଇ ସଚେତନ କରାଯାଇଥିଲା । ତାଳଚେର ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଇବର ଅପରାଧ ନିବାରଣ, ଅନଲାଇନ୍ ସୁରକ୍ଷା ଏବଂ ଡିଜିଟାଲ୍ ସାକ୍ଷରତାକୁ ନେଇ ଯୁବପିଢ଼ି, ଛାତ୍ରଛାତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଅଧିକ ସଚେତନ ଓ ସତର୍କତା ଅବଲମ୍ବନ କରିବା ଉଚିତ । ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ କଲ୍ କରି ଅଭିଯୋଗ କରିବାକୁ ଏସ୍‌ପି ଜୈନ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯୁବପିଢ଼ି ସମେତ ବହୁ ଜନସାଧାରଣ ଓ ତାଳଚେରର ସମସ୍ତ ଥାନା ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ ।

### • କାର୍ତ୍ତିକେଶ୍ୱର ଭସାଣ ବେଳେ ଆକ୍ରମଣ

## ଗୋଟିଏ ପରିବାରର ୧୦ ଆହତ

ଅନୁଗୋଳ,୧୩ ।୧୧(ସମିସ): କାର୍ତ୍ତିକେଶ୍ୱର ଭସାଣ ବେଳେ ମରଣାନ୍ତକ ଆକ୍ରମଣରେ ଗୋଟିଏ ପରିବାରର ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅନୁଗୋଳ ସଦର ଥାନା ଅନ୍ତର୍ଗତ କରଡ଼ାଗାଡ଼ିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ବୁଧବାର ସନ୍ଧ୍ୟାରେ କରଡ଼ାଗାଡ଼ିଆ ଗ୍ରାମ ସାଆନ୍ତ ସାହି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଭସାଣି ହେଉଥିଲା । ଏହି ସମୟରେ ବିଶ୍ୱଜିତ୍ ଦେହୁରୀ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରୁଥିଲେ । ଭସାଣରେ ସାମିଲ ହୋଇଥିବା କିଛି ଯୁବକ ବିଶ୍ୱଜିତଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରି ପଳାଇଥିଲେ । ବିଶ୍ୱଜିତ୍‌ଙ୍କ ପରିବାର ଲୋକେ ବାହାରକୁ ଆସିବାରୁ ଆଉ କେତେଜଣ ଯୁବକ ସେମାନଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ପଳାଇଥିଲେ । ଏହି ଆକ୍ରମଣରେ ବିଶ୍ୱଜିତଙ୍କ ପରିବାରର ୧୦ ଜଣ ଗୁରୁତର ହୋଇଛନ୍ତି । ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଗୁରୁତରମାନଙ୍କ ମୁଣ୍ଡ, ହାତ, ପେଟ, ପିଠିରେ ଗଭୀର ଆଘାତ ଲାଗିଛି । ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି ।

## ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

କଣିହାଁ,୧୩ ।୧୧(ସମିସ): ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ଅବସରରେ ଓଡ଼ିଶା ପୁଲିସ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଆନୁକୂଲ୍ୟରେ ମଙ୍ଗଳବାର ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ଠାରେ ରେଞ୍ଜସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କନିଷ୍ଠ ଓ ବରିଷ୍ଠ ପ୍ରତିଯୋଗୀମାନେ ରେଞ୍ଜସ୍ତରୀୟ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଜୁନିଅର ଓଡ଼ିଆ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।



ସେହିପରି, ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ହାପି ଦେହୁରୀ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର କୌଶଳୀ କ୍ଲବ ତରଫରୁ ଦୁଇ ଛାତ୍ର ଶୁଭମ ଶଙ୍କର ସାହୁ ଓ ପାର୍ଥସାରଥି ସାହୁ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଦ୍ୱାରା ଆୟୋଜିତ "ସ୍ୱପ୍ନର ଓଡ଼ିଶା-୨୦୩୬' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଇଁ ମନୋନୀତ ହୋଇଛନ୍ତି । ଏହି ସଫଳତା ବିଦ୍ୟାଳୟ ଓ ସମଗ୍ର କଣିହାଁ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଆଜି ବିଶ୍ୱ ଡାଇବେଟିସ ଦିବସ

## ରୋଗୀସଂଖ୍ୟା ଆଶାତୀତ ଭାବେ ବଢ଼ୁଛି

ଅନୁଗୋଳ,୧୩ ।୧୧(ସମିସ): ପୂର୍ବରୁ ଏକ ରିପୋର୍ଟରେ କୁହାଯାଇଥିଲା, ଭାରତବର୍ଷରେ ବୟସ୍କଙ୍କ ମଧ୍ୟରେ ୧୧ରୁ ୧୫ ପ୍ରତିଶତ ଲୋକ ଡାଇବେଟିସ (ମଧୁମେହ) ରୋଗର ଶିକାର ହେଉଛନ୍ତି । କିନ୍ତୁ ନିକଟରେ ଏକ ଅନ୍‌ଲାଇନ ହେଲଥ କେୟାର କମ୍ପାନୀ ପ୍ରାୟ ୪ ନିୟୁତ ରୋଗୀଙ୍କ ରିପୋର୍ଟକୁ ଆଧାର ପ୍ରକାଶ କରିଛି ଯେ ଏବେ ଦେଶରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ଏହି ରୋଗୀଙ୍କ ମଧ୍ୟରୁ ଅନେକ ଲିଭର, ହାର୍ଟ ଏବଂ ଥାଇରୟେଡ ରୋଗରେ ପୀଡ଼ିତ ଅଛନ୍ତି । ଅନ୍‌ଲାଇନ୍ କମ୍ପାନୀ ଫାର୍ମଇଜି ଅନୁସାରେ ୩୦ ବର୍ଷ ବା ତା'ଠାରୁ ଅଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଡାଇବେଟିସ ଅଧିକ ଦେଖିବାକୁ ମିଳୁଛି । ଉଚିତ୍ ଜୀବନଶୈଳୀ, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଡାଇବେଟିସକୁ ନିୟନ୍ତ୍ରଣ ମଧ୍ୟ କରାଯାଇପାରୁଛି । ଡାଇବେଟିସ ସମ୍ପ୍ରତି ସମାଜରେ ଏଭଳି ବଢ଼ିଚାଲିଛି ଯାହା ସାମାଜିକ ସ୍ଥିତି ସହ ପାରିବାରିକ ସ୍ଥିତିକୁ ମଧ୍ୟ ବିଗାଡ଼ିଦେଉଛି । ଅନୁଗୋଳରେ ମଧ୍ୟ ମଧୁମେହ ରୋଗୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏନ୍‌ସିଡି ସେଲ ପକ୍ଷରୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଔଷଧ ପରାମର୍ଶ ଦିଆଯାଉଛି । ଜନ ଔଷଧି କେନ୍ଦ୍ରଗୁଡ଼ିକରେ ଅତି କମ ଦାମ୍‌ରେ ଡାଇବେଟିସ ଔଷଧ ମିଳୁଥିବାରୁ ବହୁ ରୋଗୀ ଉପକୃତ ହେଉଛନ୍ତି ।

## ଉଲଗ୍ନ ଓ ଅଶ୍ଳୀଳ ନୃତ୍ୟ ଘଟଣାରେ ୨ ଗିରଫ

ଅନୁଗୋଳ,୧୩ ।୧୧(ସମିସ): ଶନିବାର କାର୍ତ୍ତିକେଶ୍ୱର ଭସାଣି ସମୟରେ ଦୁଇପୂଜା କମିଟିର ଡିଜେ ପ୍ରତିଯୋଗିତା ବେଳେ ଯୁବକଙ୍କ ଉଲଗ୍ନ ଓ ଅଶ୍ଳୀଳ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଭଳି ନିନ୍ଦନୀୟ ତଥା ଲଜ୍ଜାଜନକ ଘଟଣାକୁ ଗୁରୁତ୍ୱର ସହ ନେଇଛି ବନ୍ତଲା ପୁଲିସ । ରବିବାର ଥାନା ଏଏସଆଇ ନୀଳାଚଳଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ବୁଧବାର ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହମାମୀରା ଗ୍ରାମର ମାନସ ବେହେରା (୩୦) ଓ କାମାକ୍ଷା ବେହେରା (୩୪) । ଘଟଣାରେ ସମ୍ପୃକ୍ତ ଅନ୍ୟତମ ଯୁବକ କୁଲୁ ସାହୁ ଫେରାର ଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି ।

### କିଶୋରନଗର ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

# 'ଜିଜ୍ଞାସା ମନୋଭାବର ସାର୍ଥକ ପ୍ରତିଫଳନ ହେଉଛି ବିଜ୍ଞାନ'

କିଶୋରନଗର,୧୩ ।୧୧(ସମିସ)

କ'ଣ, କାହିଁକି ଓ କିପରି ପ୍ରଶ୍ନରୁ ହିଁ ଆରମ୍ଭ ହୋଇଥାଏ ବିଜ୍ଞାନ । ଆବାହମାନ କାଳରୁ ଏଯାବତ ବିଜ୍ଞାନ ତା' ଜୟଯାତ୍ରା ଅବ୍ୟାହତ ରଖିଛି । ଏକ ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ମନୋଭାବ ନେଇ ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିପାରିଲେ ବିଜ୍ଞାନ ମେଳାର ସାର୍ଥକତା ପ୍ରତିପାଦିତ ହୋଇପାରିବ ବୋଲି ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କିଶୋରନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଏହି ବିଜ୍ଞାନ ମେଳାରେ ବାଲ୍ ବୈଜ୍ଞାନିକ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ପରିବେଶ ଅନୁକୂଳ ଜୀବନଶୈଳୀ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କିଶୋରନଗର ବିଇଓ ଅରୁଣ କୁମାର



ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ସମ୍ମାନିତ ଅତିଥି ଭାବେ ଉରୁକୁଳା ସରପଞ୍ଚ ସୁରୁଚି ସମର୍ଣ୍ଣା ସାହୁ ଓ ସମିତି ସଭ୍ୟ ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ । ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବିଜ୍ଞାନ ଶିକ୍ଷକ ରଜନୀକାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୨୨ଟି ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା । ପ୍ରଧାନଶିକ୍ଷକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଅଞ୍ଜଳିପ୍ରିୟା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ସିଆର୍‌ସିସି ଲକ୍ଷ୍ମଣ କୁମାର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମଣୀ ରଞ୍ଜନ ସାହୁ ଓ ଜବାହରଲାଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । କିଶୋରନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଅଗସ୍ତି ପ୍ରଧାନ ଓ ବବ୍ରୁବାହାନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ୧୯ରେ ପଦଯାତ୍ରା




ଅନୁଗୋଳ,୧୩ ।୧୧(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆସନ୍ତା ୧୯ ତାରିଖ ଏକତା ପଦଯାତ୍ରା ଅନୁଷ୍ଠିତ ହେବ । ପର୍ବାହ୍ନ ୧୦ଟାରେ ଅନୁଗୋଳ ଷ୍ଟାଡିଅମ ସମ୍ମୁଖରୁ ପଦଯାତ୍ରା ବାହାରି ଥାନା ଛକ, ରାଜା ଛକ, ବଜାର ଛକ, ହରିମହୁରୀ ଛକ ଦେଇ ୧୧ଟାରେ ଇନ୍‌ଡୋର ଷ୍ଟାଡିଅମ ସମ୍ମୁଖରେ ପହଞ୍ଚିବ । ଏ ନେଇ ଗୁରୁବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂସଦ ରୁଦ୍ରନାରାୟଣ ପାଣି ସୂଚନା ଦେଇଛନ୍ତି । ଅନୁଗୋଳ ଜନସାଧାରଣ ଏହି ପଦଯାତ୍ରାରେ ସାମିଲ ହେବାପାଇଁ ସେ ଅନୁରୋଧ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ମଶାରି ଓ ମାଟିବନ୍ଧ ଚିଙ୍ଗୁଡ଼ି ଘେରିରେ ଚିଲିକା

## ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି; ପ୍ରଶାସନ ନିରବ

ବାଲୁଗାଁ,୧୩।୧୧(ସମିସ)



ଚିଲିକାରେ ମାଛଧରାକୁ କେନ୍ଦ୍ରକରି ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ଏନେଇ କୌଣସି ସ୍ଥାୟୀ ପ୍ରତିକାର ହୋଇପାରି ନ ଥିବା ଜଣାଯାଇଛି। ଚିଲିକାର ଚତୁଃପାଶ୍ୱର୍ରେ ମଶାରି ଚିଙ୍ଗୁଡ଼ି ଘେରି ଓ ମାଟିବନ୍ଧରେ ଘେରି କରାଯାଇ ଚିଲିକାକୁ ସଙ୍କୁଚିତ କରାଯାଉଛି। ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ମଶାରି ଚିଙ୍ଗୁଡ଼ି ଘେରି ଓ ମାଟିବନ୍ଧରେ ଘେରି କରାଯାଇ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ବିବାଦ ଲାଗିରହୁଛି। ଯାହାଫଳରେ ପିଏଫ୍‌ସିଏସ୍ ରାଜ୍ୟ ଫିସ୍‌ଫେଡ୍‌ରୁ ଲିଜ୍ ଆଣିଥିବାବେଳେ ମାଛ ମାରିବାରୁ ବଞ୍ଚିତ ହୋଇଛନ୍ତି। ତେବେ ଅଣମତ୍ସ୍ୟଜୀବୀଙ୍କ ଏପରି କାର୍ଯ୍ୟକୁ ସମ୍ପୃକ୍ତ ଲିଜ୍ ପାଇଥିବା ମତ୍ସ୍ୟଜୀବୀ ସମବାୟ ସମିତି ବିରୋଧ କରିବା ଫଳରେ ପରିସ୍ଥିତି ଅଣାୟତ ହୋଇପଡ଼ିଛି। ସରକାର, ପ୍ରଶାସନ ଓ ମାଫିଆଙ୍କ ସଲାସୁତରା ଯୋଗୁଁ ଚିଲିକାର ଚତୁଃପାଶ୍ୱର୍ରେ ମଶାରି ଚିଙ୍ଗୁଡ଼ି ଘେରି ଓ ମାଟିବନ୍ଧରେ ଘେରି ମୁଣ୍ଡ ଟେକୁଛି। ବିଭିନ୍ନ ଆଳ ଦେଖାଇ ପ୍ରଶାସନ ନିରବ ରହୁଛି।

ବିଧାନସଭା ଗୃହ କମିଟି ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସେଣ୍ଟ୍ରାଲ ଲେଜୁଲେସନ ଜୋନ୍‌କୁ (ସିଆର୍‌ଜେଡ୍) ଉଲ୍ଲଂଘନ କରି ଚିଲିକାକୁ ଘେରିମୁକ୍ତ କରାଯାଉନାହିଁ। ବିଗତ ବର୍ଷରେ ଚିଲିକା ଉନ୍ନୟନ ପରିଷଦ (ସିଡିଏ)ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସସ୍ମିତ୍ରା ଲେଙ୍କା ଥିବାବେଳେ ଚିଲିକାକୁ ଘେରିମୁକ୍ତ କରିବା ପ୍ରୟାସ ଜାରି ରଖିଥିଲେ। ଶ୍ରୀମତୀ ଲେଙ୍କାକୁ ପଦୋନ୍ନତି ଦେଇ ଡିଏଫ୍‌ଓ କରାଇ ଢେଙ୍କାନାଳକୁ ବଦଳି କରାଯାଇଥିଲା। ଶ୍ରୀମତୀ ଲେଙ୍କା ବଦଳି ପରେ ଚିଲିକାରେ ମଶାରି ଚିଙ୍ଗୁଡ଼ି ଘେରି ଓ ମାଟିବନ୍ଧରେ ଘେରି ଅଦ୍ୟାବଧି ପ୍ରବଳ ମାତ୍ରାରେ ବୃଦ୍ଧି ପାଇଆସୁଛି। ଶ୍ରୀମତୀ ଲେଙ୍କା ବଦଳି ପରେ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଧର୍ମକୁ ଆଖିଠାର ସଦୃଶ୍ୟ ଘେରି ଉଚ୍ଛେଦ କରୁଛି। ୩ ଜିଲ୍ଲା ପ୍ରଶାସନ ସିଆର୍‌ଜେଡ୍‌କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ଆଗାମୀ ଦିନରେ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଏକତ୍ରିତ ହୋଇ ମଶାରି ଚିଙ୍ଗୁଡ଼ି ଘେରି ଓ ମାଟିବନ୍ଧରେ ଘେରି ଆଇନକୁ ହାତକୁ ନେଇ ଉଚ୍ଛେଦ କରିବେ। ଉଚ୍ଛେଦ ସମୟରେ ଯଦି କିଛି ଅପ୍ରିତିକର ପରିସ୍ଥିତି ଉପୁଜେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ଚିଲିକା ଉନ୍ନୟନ ପରିଷଦ (ସିଡିଏ)ର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଚିଲିକା ବନ୍ୟପ୍ରାଣୀ ଅଧିକାରୀ ଅମ୍ଲାନ ନାୟକ ଥିବାସ୍ଥଳେ କୌଣସି କାର୍ଯ୍ୟକାରୀ କରୁନାହାନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଚିଲିକା ବନ୍ୟପ୍ରାଣୀ ଅଧିକାରୀଙ୍କୁ ପଚାରିବାରେ ସେ କହିଥିଲେ ସମ୍ପୃକ୍ତ ଜିଲ୍ଲାପାଳ ଆମ୍ଭକୁ ଜଣାଇଲେ ଆମ୍ଭେ ଘେରି ଉଚ୍ଛେଦ ନିମନ୍ତେ ଆବଶ୍ୟକ ସାମଗ୍ରୀ ଦେବୁ କିନ୍ତୁ ଆମ୍ଭେ ଉଚ୍ଛେଦ କରିବୁ ନାହିଁ। ମତ୍ସ୍ୟଜୀବୀମାନେ ନିଜର ଜୀବିକା ହରାଇ ଭୟଭୀତ ହୋଇ ପଡ଼ିଛନ୍ତି। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ନିର୍ଦ୍ଦେଶକ ଫିସ୍‌ଫେଡ୍, ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଉକ୍ତ ସୈରାତକୁ କେନ୍ଦ୍ର କରି ଚିଲିକା ରକ୍ତରଞ୍ଜିତ ହେବାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ।

## ସିଗ୍‌ମା ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ଖୋର୍ଦ୍ଧା,୧୩।୧୧(ସମିସ):** ଖୋର୍ଦ୍ଧା ଷ୍ଟାଡିୟମ୍‌ରେ ସିଗ୍‌ମା ପବ୍ଲିକ୍ ସ୍କୁଲର ଚାଲିଥିବା ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ୍ ଓ ଜିଲ୍ଲା ପ୍ରେସ୍ କ୍ଲବ୍‌ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପୂର୍ବରୁ ସ୍ଥାନୀୟ ମଙ୍ଗଳା ମନ୍ଦିରରୁ ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁ କ୍ରୀଡ଼ାବିତ୍‌ମାନେ ମଶାଲ ଶୋଭାଯାତ୍ରା ସହ ମୁଖ୍ୟ ଅତିଥିଙ୍କୁ ମଶାଲ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାମନ୍ତରାୟ ମଶାଲ ଗ୍ରହଣ କରି ଅଭିବାଦନ ଗ୍ରହଣ ସହିତ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ କରିଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ସମସ୍ତ ପ୍ରତିଯୋଗୀଙ୍କୁ ଶାନ୍ତି ଓ ଶୃଙ୍ଖଳା ପାଳନ କରି ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ମାନସ ରଞ୍ଜନ ମହାପାତ୍ର, ବସନ୍ତ କୁମାର ଖୁଣ୍ଟିଆ, ରଚିତା ସ୍ୱାଇଁ, ଦୀପ୍ତିରଞ୍ଜନ ରଣା, ବର୍ଣ୍ଣାଳି ମାଝୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶିଶୁ ଦିବସ ଅବସରରେ ବିଶେଷ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ସୂଚନା ଦେଇଥିଲେ।

## ଅବସର ପରେ ବିଭିନ୍ନ ବିଦ୍ୟାଳୟରେ ଅବୈତନିକ ଶିକ୍ଷାଦାନ



**ଟାଙ୍ଗୀ,୧୩।୧୧(ସମିସ):** ଶିକ୍ଷାକୁ ବୃତ୍ତି ନୁହେଁ ବରଂ ବ୍ରତ ରୂପେ ଗ୍ରହଣ କରି ଶିକ୍ଷା ଜଗତର ଜଣେ ବିଦ୍ଧାଣୀ ଭାବେ ସୁପରିଚିତ। ସ୍ୱେଚ୍ଛାକୃତ ଭାବେ ସମ୍ମାନଜନକ ଜିଲ୍ଲା ଶିକ୍ଷାଧିକାରୀ ପଦରୁ ଅବସର ପରେ ଚାନ୍ଦପୁର ଡୋମଣି ସାହିର ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଅବୈତନିକ ଶିକ୍ଷାଦାନ କରି ଅଞ୍ଚଳରେ ଏବେ ଆପଣାର ପାଲଟିଛନ୍ତି। ଶ୍ରୀ ବେହେରା ଜଣେ ଶିକ୍ଷାପ୍ରେମୀ। ଇଂରାଜୀ, ଭୂଗୋଳ, ସଂସ୍କୃତ, ସାଧାରଣ ବିଜ୍ଞାନ ଭଳି ବିଭିନ୍ନ ବିଷୟରେ ଶିକ୍ଷାଦାନ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ନିଜକୁ ସନ୍ତୋଷ ମନେ କରନ୍ତି। ଶ୍ରୀ ବେହେରା ୨୦୨୦ ନଭେମ୍ବର ୩୦ରେ ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀ ପଦରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅଭାବ ସାଙ୍ଗକୁ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ମହତ୍ ଉଦ୍ଦେଶ୍ୟରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ବିନା ବେତନରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି। କାଳୁପଡ଼ାଘାଟ ଭାରତୀୟ ବିଦ୍ୟାନିକେତନକୁ ପୋଷ୍ୟ ଭାବେ ଗ୍ରହଣ କରି ସେହି ବିଦ୍ୟାଳୟର ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ପାରିଓରଡ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟଙ୍କ ଅନୁରୋଧ ରକ୍ଷା କରି ଶିକ୍ଷାଦାନ ପାଇଁ ଯାଉଛନ୍ତି। ଏପରିକି ସରକାର ଅନୁମତି ଦେଲେ ବିନା ପାରିଶ୍ରମିକରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ସେ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବେଗୁନିଆ,୧୩।୧୧(ସମିସ):** ବେଗୁନିଆ ସଦରମହକୁମା ସ୍ଥିତ ନୂଆସାହିର ଅବସରପ୍ରାପ୍ତ ଶିକ୍ଷକ ଦୀନକୃଷ୍ଣ ପଣ୍ଡାଙ୍କର (୭୪) ହୃଦ୍‌ଘାତ ଯୋଗୁଁ ଗୁରୁବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଶୋକପ୍ରକାଶ କରିଛନ୍ତି। ସେ ଜଣେ ମେଳାପୀ, ଛାତ୍ରବତ୍ସଳ, ଶାନ୍ତ ଓ ସରଳ ବ୍ୟକ୍ତି ଭାବରେ ଜଣାଶୁଣା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ପୁଅ ସନ୍ତୋଷ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



## ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଓ ସ୍ୱାସ୍ଥ୍ୟ ସେବା ଶିବିର




**ଜଟଣୀ,୧୩।୧୧(ସମିସ):** ରେଳବାଇ ପେନ୍‌ସନ୍‌ଭୋଗୀ ଏବଂ ପରିବାର ପେନ୍‌ସନ୍‌ଭୋଗୀଙ୍କୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ରର ସୁବିଧା ପ୍ରଦାନ କରିବା କ୍ଷେତ୍ରରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଏବଂ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ମେଗା ଶିବିର ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ବିନା ଅସୁବିଧାରେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ ଏବଂ ନିରନ୍ତର ପେନ୍‌ସନ୍ ଲାଭ ପାଇପାରିବେ ତାହା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଦେଶବ୍ୟାପୀ ଅଭିଯାନର ଏକ ଅଂଶ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ରହୁଥିବା ପେନ୍‌ସନ୍‌ଭୋଗୀଙ୍କ ପାଇଁ ବ୍ୟାପକ ଅଂଶଗ୍ରହଣ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ଆସନ୍ତା ୧୫ରେ ଭୁବନେଶ୍ୱର (ଷ୍ଟେସନ), ୧୭ରେ କଟକ ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ୍, ୧୯ରେ କେନ୍ଦୁଝରଗଡ଼ ରେଲ୍‌ୱେ ଷ୍ଟେସନ, ୨୦ରେ ଅନୁଗୋଳ, ୨୪ରେ ତାଳଚେର ରେଲ୍‌ୱେ ଷ୍ଟେସନ, ୨୭ରେ ଭଦ୍ରକ ରେଲ୍‌ୱେ ଷ୍ଟେସନ ଏବଂ ୨୮ରେ ପାରାଦୀପ (ଏରିଆ ମ୍ୟାନେଜରଙ୍କ ଅଫିସ)ରେ ଏହି ଶିବିର ଆୟୋଜନ କରାଯିବାର ସ୍ଥିର କରାଯାଇଛି। ପେନ୍‌ସନ୍‌ଭୋଗୀ ଏବଂ ପରିବାର ପେନ୍‌ସନ୍‌ଭୋଗୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ସ୍ଥାନରେ ଆୟୋଜନ କରାଯାଉଥିବା ଶିବିରରେ ଯୋଗଦେବାକୁ କୁହାଯାଇଛି। ଯାଞ୍ଚ ଏବଂ ପ୍ରକ୍ରିୟାକରଣ ପାଇଁ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପିପିଓ ନମ୍ବର, ପେନ୍‌ସନ୍ ଆକାଉଣ୍ଟ ନମ୍ବର ଏବଂ ପଞ୍ଜିକୃତ ମୋବାଇଲ୍ ନମ୍ବର (ଆଧାର ସହିତ ଲିଙ୍କ୍) ଆଣିବାକୁ ପରାମର୍ଶ ଦିଆଯାଇଛି।

● ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି

## ଶିକ୍ଷାନୁଷ୍ଠାନ ଛାତରେ ଝୁଲୁଛି ୩୩ କେଭି ବିଦ୍ୟୁତ୍ ତାର



**ବେଗୁନିଆ,୧୩।୧୧(ସମିସ):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଶ୍ରେଣୀଗୃହର ଛାତ ଉପର ଦେଇ ୩୩ କେଭି ବିଦ୍ୟୁତ୍ ସରବରାହ କେବୁଲ ତାର ବ୍ୟବହାର ହୋଇଛି। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ଏହି ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କେତେବେଳେ କ'ଣ ଅଘଟଣ ଘଟିବ ତାହା କହିବା ଅସମ୍ଭବ। ଏଥିରେ ଜୀବନ ସୁରକ୍ଷା ଦୃଷ୍ଟିରୁ କେବୁଲ ତାର ସ୍ଥାନାନ୍ତର ପାଇଁ କଲେଜ କର୍ତ୍ତୃପକ୍ଷ ବାରମ୍ବାର ଅବଗତ କରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗୁନାହିଁ। ଏହି କେବୁଲ୍ ତାର ହାତ ପାଖରେ ଥିବା ଯୋଗୁଁ କେତେବେଳେ ବିପଦକୁ ଡାକି ଆଣିବାର ଯଥେଷ୍ଟ ସମ୍ଭାବନା ଥିବାରୁ କଲେଜ କର୍ତ୍ତୃପକ୍ଷଙ୍କ ସମେତ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏପରିକି ମହାବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆ ମଧ୍ୟରେ ଦୁଇଟି ଖୁଣ୍ଟ ବାଧକ ସାଜିଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରୁ ବଞ୍ଚିତ ହେଉଛନ୍ତି। ଏହି କେବୁଲ ତାର ଓ ଖୁଣ୍ଟ ହଟାଇବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି।

● କାଞ୍ଜିଅଁଳାରେ ନିଆରା ପରମ୍ପରା

## ଶୁଖୁଆ ବୋହୂଙ୍କୁ ମୁଣ୍ଡିଆ ମାରିଲେ ଶାଶୂ

**ଖୋର୍ଦ୍ଧା,୧୩।୧୧(ସମିସ):** ଗୁରୁବାର ଥିଲା କାଞ୍ଜିଅଁଳା ନବମୀ। ପରମ୍ପରା ଅନୁସାରେ ସନ୍ଧ୍ୟାରେ ଏହି ପର୍ବ ପାଳନ ସମୟରେ ବୋହୂଙ୍କୁ ଶାଶୂମାନେ ମୁଣ୍ଡିଆ ମାରିଥିଲେ। ସନ୍ଧ୍ୟାରେ ଘରର ଅଗଣାରେ ଅସ୍ଥାୟୀଭାବେ ଏକ ଛୋଟିଆ ପୋଖରୀ ଖୋଳାଯାଇ ତାରି କୂଳରେ ଏକ ମାଟିରେ କୁମ୍ଭୀର ହୋଇଥିଲା। ପୂର୍ବ ଦିଗରେ ପୋଖରୀ କୂଳରେ ପଶ୍ଚିମକୁ ମୁହଁ କରି ନୂତନ ପିଢ଼ା ଓ ତା' ଉପରେ ୭ଟି ପିତା ଶୁଖୁଆକୁ ହଳଦୀ କନାରେ ଗୁଡ଼ାଇ ରଖାଯାଇଥିଲା। ଏପରିକି ପିତା ଶୁଖୁଆକୁ ସିନ୍ଦୂର ଓ କଜ୍ଜଳ ଲଗାଇ ବୋହୂ ବେଶରେ ସଜାଯାଇଥିଲା। ପୋଖରୀ କୂଳରେ ଘରର ବୟୋଜ୍ୟେଷ୍ଠ ସଧବାନାରୀମାନେ ଏହି ପିତା ଶୁଖୁଆରେ ତିଆରି ହୋଇଥିବା ବୋହୂଙ୍କୁ ମୁଣ୍ଡିଆ ମାରି ବନ୍ଦାପନା କରିଥିଲେ। ଏଥିସହିତ ସ୍ୱତନ୍ତ୍ରଭାବରେ ପୋଖରୀ ଚାରିପଟେ ଖୋଳାଯାଇଥିବା ଏକ ନାଳରେ ଗଡ଼ିଶା ମାଛକୁ ଛଡ଼ାଯାଇଥିବାବେଳେ ଉକ୍ତ ନାଳରେ ସେ ଖେଳୁଥିବା ଦେଖାଯାଇଛି। ଚାଷୀଭାଇ କାଞ୍ଜିଅଁଳା ପରେ ପାଚିଲା ଧାନ ଅମଳ କରିବାକୁ କ୍ଷେତକୁ ଯାଇଥାଏ। କ୍ଷେତରେ ବାଲୁଙ୍ଗା ନ ହୋଇ ଭଲ ଧାନ ଅମଳ ଲାଗି ଚନ୍ଦ୍ର ଦେବତାଙ୍କୁ ପ୍ରାର୍ଥନା କରିଥାଏ। ସେଥିପାଇଁ ବାଲୁଗାଁ ଓ ଧାନକୁ ଏକତ୍ର କରାଯାଇଥାଏ। ଏହାସହ ଭାଇଚାରାର ବାର୍ତ୍ତା ଦେଇଥାଏ କାଞ୍ଜିଅଁଳା ପରମ୍ପରା।



## ମହାବୀରଙ୍କ ଚୋରି ସାମଗ୍ରୀ ଉଦ୍ଧାର

ଟ୍ରେନ୍‌ରୁ ଖସିପଡ଼ି ଦୁଇ ଚୋର ଗୁରୁତର

**ବାଲୁଗାଁ,୧୩।୧୧(ସମିସ):** ହନୁମାନଙ୍କ ମନ୍ଦିରରୁ ସପ୍ତାହକ ପୂର୍ବେ ରୁପା ଅଳଙ୍କାର ଓ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବାବେଳେ ବାଣପୁର ପୁଲିସ ବର୍ତ୍ତମାନ ସେସବୁକୁ ଉଦ୍ଧାର କରିଛି। ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ଭାବେ ଆହତ ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ରିତିକ୍ ମହାପାତ୍ରଠାରୁ ଚୋରି ସାମଗ୍ରୀ ଜବତ ହୋଇଥିବାବେଳେ ରିତିକ୍‌ର ଅନ୍ୟ ଜଣେ ସହଯୋଗୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ତେବେ ଦୁଇ ଅଭିଯୁକ୍ତ ମନ୍ଦିରରୁ ଚୋରି କରିବା ପରେ ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିବାରୁ ମହାବୀର ଚୋରଙ୍କୁ ଉଚିତ୍ ଦଣ୍ଡ ଦେଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ବାଣପୁର ବାଲୁଗାଁ ମୁଖ୍ୟ ରାସ୍ତାର ଅଲାଇଡିହ ଛକ ନିକଟରେ ଥିବା ଶ୍ରୀମହାବୀର ମନ୍ଦିରରୁ ଗତ ୬ ତାରିଖ ଅପରାହ୍ଣରେ କେହି ଦୁର୍ବୃତ୍ତ ମହାବୀରଙ୍କ ରୁପା କିରଟି ସମେତ ପିତ୍ତଳ ଖଟୁଲି ଓ ଏକ ବଡ଼ ଘଣ୍ଟି ଚୋରି କରି ନେଇଥିଲା। ଏନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହେବାରେ ବାଣପୁର ପୁଲିସ ଏକ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗତ ୧୦ ତାରିଖ ଦିନ ରିତିକ୍ ନିଜର ସହଯୋଗୀ ସହ ଟ୍ରେନ୍‌ରେ ଯାଉଥିବାବେଳେ ବାଲୁଗାଁ ନିକଟସ୍ଥ କାଳିଜାଇ ରେଳ ଷ୍ଟେସନ ନିକଟରେ ଉଭୟେ ଟ୍ରେନ୍‌ରୁ ଖସିପଡ଼ିଥିଲେ। ରିତିକଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବାବେଳେ ତାଙ୍କ ସହଯୋଗୀର ଗୋଟିଏ ହାତ ଭାଙ୍ଗି ଯାଇଥିଲା। ତେବେ ରିତିକଙ୍କ ସହଯୋଗୀ ସେଠାରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ଚିକିତ୍ସା ପାଇଁ ରିତିକ୍‌କୁ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାକୁ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନାରୁ ଖବର ପାଇ ମେଡିକାଲ ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ କରିବାରେ ରିତିକ୍‌ର ବ୍ୟାଗରୁ ମନ୍ଦିରର ଚୋରି ସାମଗ୍ରୀ ସମେତ ଦୁଇଟି ମୋବାଇଲ୍ ଜବତ କରିଥିଲା। ତଦନ୍ତ ସମୟରେ ରିତିକ୍‌ର ଘର ବାଣପୁର ବୋଲି ଜଣାପଡ଼ିବା ପରେ ଫାଣ୍ଡି ପୁଲିସ ଏନେଇ ବାଣପୁର ପୁଲିସକୁ ଖବର ଦେଇଥିଲା। ଗୁରୁବାର ବାଣପୁର ପୁଲିସ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସହ ଡାକ୍ତରଖାନାରେ ପହଞ୍ଚି ଚୋରି ସାମଗ୍ରୀ ଉଦ୍ଧାର କରି ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ଜିମା ଦେଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଥିବାବେଳେ ରିତିକର ଅନ୍ୟତମ ସହଯୋଗୀକୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ଫାଷ୍ଟଫୁଡ୍ ଦୋକାନରୁ ଗଞ୍ଜେଇ ଜବତ

**ଖୋର୍ଦ୍ଧା,୧୩।୧୧(ସମିସ):** ଶିଳ୍ପାଞ୍ଚଳ ପୁଲିସ ଜଟଣୀ ବାଇପାସ୍ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନ ଭିତରୁ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ଜଣେ ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ସ୍ଥାନୀୟ ଚାଟେରା ଶବର ସାହିର ରାଜେଶ ଚନ୍ଦ୍ର ମାଝୀ ଓରଫ ରାଜା। ତାଙ୍କଠାରୁ ପୁଲିସ ୭ କେଜି ୩୨୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିଛି। ପୁଲିସ ସୂଚନା ଅନୁସାରେ, ରାଜା ତାଙ୍କର ଦୁଇଜଣ ସହଯୋଗୀଙ୍କଠାରୁ ମାଲ୍ ଧରି ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଗୁରୁବାର ପୂର୍ବାହ୍ଣରେ ଗଞ୍ଜେଇ ଆଣି ତାଙ୍କ ଫାଷ୍ଟଫୁଡ୍ ଦୋକାନ ଭିତରେ ରଖିବାବେଳେ ପୁଲିସ ଚଢ଼ଉ କରି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ରାଜାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବୋଲଗଡ଼,୧୩।୧୧(ସମିସ)

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ସଦର ମହକୁମା ବାମନ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଏକ ପ୍ରଦର୍ଶନୀ ଓ ଜନସଚେନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମତ୍ସ୍ୟ ଚାଷ ଓ ପଶୁପାଳନ କରି ଚାଷୀମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ଓ ସଜହ ଏବଂ ସୁବିଧାରେ ଋଣ ନେବା ସହିତ ସରକାରୀ ପ୍ରୋତ୍ସାହନ ପାଇପାରିବେ ଏସଂକ୍ରାନ୍ତରେ ଜନସାଧାରଣଙ୍କୁ ସୂଚନା ଦେବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ ମୁଖ୍ୟବକ୍ତା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ ଛୋଟରାୟ, ଜିଲ୍ଲା ସରକାରୀ ମତ୍ସ୍ୟ ପାଳନ ଅଧିକାରୀ ରାକେଶ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲ୍ଲା ପଶୁପାଳନ କେନ୍ଦ୍ର ମୁଖ୍ୟ ସଦାଶିବ ମହାପାତ୍ର, ବ୍ଲକ୍ ମତ୍ସ୍ୟ ପାଳନ ସହକାରୀ ଅଧିକାରିଣୀ ଫ୍ଲୋରା ମହାନ୍ତି, ଏବିଡିଓ ରାଜେଶ କୁମାର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର ସଭାକୁ ପରିଚାଳନା କରିଥିବାବେଳେ ବ୍ଲକ୍ ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଫ୍ଲୋରା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ପଶୁପାଳନ, ମତ୍ସ୍ୟଚାଷ ଓ କୃଷକ ଭାବରେ ୮ଜଣ ଚାଷୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ୧୨ଟି ଷ୍ଟଲ୍ ଖୋଲାଯାଇ ପ୍ରଦର୍ଶନ ବାର୍ତ୍ତା ପ୍ରଦାନ କରାଯାଇଥିଲା।

**ଜଟଣୀ:** ଜଟଣୀ ପ୍ରାଣୀ ଚିକିତ୍ସାଳୟ କ୍ୟାମ୍ପସ୍‌ରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ବସନ୍ତ କୁମାର ହାତୀ, ତହସିଲ୍‌ଦାର ଶିବାଶିଷ ପରିଡ଼ା, ପୌରାଧ୍ୟକ୍ଷ ଅନନ୍ତ ବେହେରା, ବିଡିଓ ଆଶିଷ ପଟ୍ଟନାୟକ, ଭିଏସ୍ ପୁଣ୍ୟପ୍ରଭା ଶତପଥୀ, ଶୁଭଶ୍ରୀ ଷଡ଼ଙ୍ଗୀ, ମୋବାଇଲ୍ ଭେଟରିନାରି ୟୁନିଟ୍‌ର ଅନୁପମା ଜେନା ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ୍‌ର ୮ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୪ଜଣ ମତ୍ସ୍ୟ ପାଇଁ ପୁରସ୍କୃତ ହୋଇଥିବାବେଳେ ଅନ୍ୟମାନେ ଗୋପାଳନ, ଛେଳି, କୁକୁଡ଼ା ଓ ମହିଳା ଏସ୍‌ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା। କ୍ୟାମ୍ପସ୍‌ରେ ୧୨ଟି ଷ୍ଟଲ୍ ପଡ଼ିଥିଲା। ଏଥିରେ ମତ୍ସ୍ୟ ଓ କୁକୁଡ଼ା ପାଳନ ଉପରେ ପରାମର୍ଶ ଦିଆଯାଇଥିଲା।



# କାର୍ଯ୍ୟ ଚାପ ପରିଚାଳନା ଓ ବୃତ୍ତିଗତ କାର୍ଯ୍ୟଦକ୍ଷତା କର୍ମଶାଳା

**ଜଟଣୀ,୧୩।୧୧(ସମିସ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଗୁରୁବାର ସଭାଗୃହ କକ୍ଷରେ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କାର୍ଯ୍ୟ ଚାପ ପରିଚାଳନା ଏବଂ ବୃତ୍ତିଗତ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସୁରକ୍ଷିତ ରେଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଚାପ ଓ ମାନସିକ ଚାପ ନିୟନ୍ତ୍ରଣ, ମାନସିକ ସୁସ୍ଥତା ଏବଂ ବୃତ୍ତିଗତ ଦକ୍ଷତା ଉପରେ ସଚେତନତା ବୃଦ୍ଧି କରିବା। ବ୍ରହ୍ମାକୁମାରୀ ମୁଖ୍ୟାଳୟ, ମାଉଣ୍ଟଆବୁର ପ୍ରସିଦ୍ଧ ପ୍ରେରଣାଦାୟକ ବକ୍ତା, ପ୍ରଶିକ୍ଷକ ଏବଂ ପରାମର୍ଶଦାତା ଡ. ଇ.ଭି. ସ୍ୱାମୀନାଥନ ଏହି ଅଧିବେଶନରେ ବକ୍ତା ଭାବରେ ଯୋଗଦେଇଥିଲେ। ରେଳବାଇରେ ଅଧିକାଂଶ ଦୁର୍ଘଟଣା ମାନବ ବିଫଳତା ଯୋଗୁଁ ଘଟେ ଏବଂ କାରଣ ହେଉଛି ମାନସିକ କଷ୍ଟ। ଯେତେବେଳେ ବାହ୍ୟ ଚାପ ଆଭ୍ୟନ୍ତରୀଣ ମୁକାବିଲା କ୍ଷମତାକୁ ଅତିକ୍ରମ କରେ ସେତେବେଳେ ସେ ଚାପର କାରଣ ବ୍ୟାଖ୍ୟା କରିଥିଲେ। ଚାପକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରେନ୍ ପରିଚାଳନାରେ ସୁରକ୍ଷା ଓ ଦକ୍ଷତା ପାଇଁ ଧ୍ୟାନ ଏବଂ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ଆଭ୍ୟନ୍ତରୀଣ ଶକ୍ତିକୁ ଉନ୍ନତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଆଲୋଚନାଚକ୍ରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ଅଧିକାରୀ ଏବଂ ବରିଷ୍ଠ ପର୍ଯ୍ୟବେକ୍ଷକ କର୍ମଚାରୀମାନେ ଏହି ସେମିନାରରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନାଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା।



ସକାଳ THE SAKALA



# ଲସି ଖାଇ ୫୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବସ୍ତା ବ୍ଲକ, ୧୩।୧୧ (ସମିସ)

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କଦରାୟାଁ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଲସି ଖାଇ ୫୦ରୁ ଅଧିକ ଗୁରୁତର ଅସୁସ୍ଥ ହୋଇ ବସ୍ତା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ ବୁଧବାର ଗୋପୀନାଥପୁର ଗ୍ରାମରେ ମୁସଲମାନ ସମ୍ପ୍ରଦାୟର ଉର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ବିଭିନ୍ନ ପଞ୍ଚାୟତରୁ ଲୋକେ ଆସିଥିଲେ। ସେଠାରେ ଅନେକ ଦୋକାନ ବଜାର ବସିଥିଲା। ସେଠାରେ ଲସି ଦୋକାନ ବଢ଼ିଥିଲା। ସେଠାରେ ଆସିଥିବା ବନ୍ଧୁ ବାନ୍ଧବ ସହ ଲୋକେ ଲସି ଖାଇଥିଲେ। ମାତ୍ର ଗୁରୁବାର ଦିନ ଦ୍ୱିପହର ଠାରୁ ପ୍ରଥମେ ଛୋଟ ଛୋଟ ପିଲା ପରେ ବଡ଼ ଲୋକମାନେ ଝାଡାବାନ୍ତି, ପେଟ ବ୍ୟଥାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ପରିବାର ଲୋକେ ତାଙ୍କୁ ବସ୍ତା ହସ୍ପିଟାଲ ଆଣି ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଗୁରୁତର ମାନଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି। ଅନେକ ଜଳେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବସ୍ତା ହସ୍ପିଟାଲ ଛୋଟ ପିଲା, ପୁରୁଷ ମହିଳା

## ବସ୍ତା ହସ୍ପିଟାଲରେ ଭର୍ତ୍ତି

ମିଶି ୫୦ ରୁ ଅଧିକ ଥିବା ବେଳେ ସେମାନଙ୍କ ମଧ୍ୟରେ ବସ୍ତା ବିଦ୍ୟାଧରପୁରର କିଛି ଲୋକ ଥିବା ଜଣା ପଡ଼ିଛି। ଖବର ପାଇ ବସ୍ତା ହସ୍ପିଟାଲରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ଏସଡିପିଓ ମାନସ କୁମାର ଦେଓ, ବସ୍ତା ଆଇଆଇସି ରଞ୍ଜିତ ସାହୁ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆଉ ଜଣେ ଅତିରିକ୍ତ ଡାକ୍ତର ଯୋଗାଇ ଦେବାକୁ ସିଡିଏମଓଙ୍କ ସହ କଥାବାର୍ତ୍ତା କରିଥିଲେ। ଏହି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।



# ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ଦାବିପତ୍ର

ବାଲିଆପାଳ, ୧୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପ୍ରସ୍ତାବିତ ଚୌମୁଖ ବନ୍ଦର କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ କାଳିପଦାସ୍ଥିତ ବନ୍ଦର କାର୍ଯ୍ୟାଳୟରେ ବନ୍ଦର ଡାଇରେକ୍ଟର ବିରଜା ଶଙ୍କର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନ କରିବା ସମୟରେ କମିଟି ପକ୍ଷରୁ ସଭାପତି ବାଜେଲ ମାଝୀ, ସାଧାରଣ ସମ୍ପାଦିକା କଳ୍ପନା ଜେନା, ମନୋରଞ୍ଜନ ଦାସ, ଶିଶିର ଖଣ୍ଡା, ଭାରତୀ ନାୟକ, ଶୁଭଙ୍କରୀ ମହାନ୍ତି, କିରଣ କୁମାର ପାତ୍ର ଉପସ୍ଥିତ ଥିଲେ। ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଏସ ପି, ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ, ବାଲିଆପାଳ ଟାଟା ଫାଉଣ୍ଡେସନ ଶାଖା ଆଦିକୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

# ବିପୁଳ ମଦ ଜବତ, ୧୪ ଗିରଫ



ନୀଳଗିରି, ୧୩।୧୧ (ସମିସ): ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ମୋବାଇଲ ୟୁନିଟ ପକ୍ଷରୁ ମିଳିତ ଚଢ଼ଉ କରି ବିପୁଳ ପରିମାଣରେ ମଦ ସହ ୧୪ଜଣ ଚୋରା ମଦ ବେପାରୀକୁ ଗିରଫ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ କେନ୍ଦୁଖୁଣ୍ଟା, ଗୁଡ଼ିଖାଣିଆ, ମିତ୍ରପୁର, ଚିମିନିଭାଟି, ଅଞ୍ଚଳରେ ଚଢ଼ଉ କରି ୨୦୨ଲିଟର ଦେଶୀ ମଦ, ୨୭.୩ ଲିଟର ବିୟର, ୩.୬ଲିଟର ବିଦେଶୀ ମଦ ଜବତ କରିଛନ୍ତି। ଗିରଫ ୧୪ଜଣ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛନ୍ତି।

# ଭୋଗରାଇ ବିଦ୍ୟୁତ ବିଭାଗର ସଚେତନତା ଶିବିର

ଭୋଗରାଇ, ୧୩।୧୧(ସମିସ): ଭୋଗରାଇ ସବଡିଭିଜନ ଥିବା ଦେହୁର୍ଦ୍ଦା ସେକ୍ସନ ପରିସରରେ ଆଜି ଏକ ବିଦ୍ୟୁତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବିଦ୍ୟୁତ ବିଭାଗର ଅଧିକାରୀ କାନ୍ତିଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ଭୋଗରାଇର ସମାଜସେବୀ, ବିଦ୍ୟୁତ ଉପଭୋକ୍ତା ମାନେ ଉପସ୍ଥିତ ଥିଲେ।



ଏହି ଶିବିରରେ ଜଳେଶ୍ୱର ଡିଭିଜନର ଉପଭୋକ୍ତା ସମ୍ପର୍କୀୟ କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଇପ୍ସିତା ମିଶ୍ର ଉପଭୋକ୍ତା ମାନଙ୍କୁ ମୋବାଇଲରେ ବିଦ୍ୟୁତ ବିଲ୍ ପୈଠ କରି ଅଧିକ ସବ୍‌ସିଡ ପାଇବା, ପିଏମ ସୂର୍ଯ୍ୟ ଘର ବା ମୁକ୍ତ ବିଜୁଳି ଯୋଜନାରେ ୟୁଏଲଏ ମଡେଲ ଅଧିନ ୧ କିଲୋ ୱାଟର ଘରୋଇ ଉପଭୋକ୍ତା ପାଇଁ ଲାଭଦାୟକ, ଇ-ବିଲ୍ କରିବା ଆଦି ବାବଦରେ ସଚେତନ କରାଇଥିଲେ। ଏହି ଶିବିରରେ କନିଷ୍ଠଯନ୍ତ୍ରୀ ଦେହୁର୍ଦ୍ଦା ସେକ୍ସନର ଚନ୍ଦନ କୁମାର ଚୈଧୁରୀ ଲାଇନ୍ ମେନ୍ ସୃଷ୍ଟିଧର ପାତ୍ର, ରାମହରି ପାଳ, ବାସୁଦେବ ମହାନ୍ତି, ହରିଶ୍ଚନ୍ଦ୍ର ଭୂୟାଁ, ପ୍ରାର୍ଥଶାରଥୀ ପାତ୍ର, ଅରବିନ୍ଦ ଦାସ, ପ୍ରଦୀପ ଖଣ୍ଡା, ଭୋବତଷ କର ଆଦି ଉପସ୍ଥିତ ଥିଲେ। ଶେଷରେ ସେକ୍ସନ ବାଣିଜ୍ୟ ଅଧିକାରୀ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମୋବାଇଲ୍ ଅନଲାଇନରେ ବିଲ୍ ପୈଠ କରୁଥିବା ଦୁଇ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଥିଲା।

# ମୁକୁଳିସି ସମବାୟ ସମିତିରେ ଆର୍ଥିକ ଠକେଇ ଅଭିଯୋଗ

ରାଜଘାଟ, ୧୩।୧୧ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଆର୍ଥିକ ଠକେଇ ଏବଂ ଅବୈଧ ଋଣ ନିଆଯାଇଥିବା ନେଇ ବୁଧବାର ଅପରାହ୍ଣରେ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ସଦସ୍ୟଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସଭାପତି ତାଙ୍କ ଧର୍ମପତ୍ନୀ ଏବଂ ସମ୍ପର୍କୀୟଙ୍କ ନାମରେ, ଅନ୍ୟ କିଛି ନିର୍ଦ୍ଦେଶକ ସେମାନଙ୍କ ପତି/ପତ୍ନୀ ମାନେ ମିଥ୍ୟା ଏବଂ ଜାଲ କାଗଜପତ୍ର ବ୍ୟବହାର କରି ସମିତିରୁ ଋଣ ନେଇଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ



ସଦସ୍ୟଗଣ ଏହି ଆର୍ଥିକ କେଲେଙ୍କାରୀ, ଠକେଇ କାର୍ଯ୍ୟକଳାପ ଏବଂ ନିଜ ଅଧିକାରର ଦୁରୁପଯୋଗରେ ସମ୍ପୃକ୍ତ ଅଧିକାରୀ/କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୋଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର୍, ଜିଲାପାଳ, ବାଲେଶ୍ୱର ଶାଖାର ଡିଆରସିଏସ ଓ ଏଆରସିଏସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସମବାୟ ସମିତି ସଭାପତି ପ୍ରଭାସ କୁମାର ମଣ୍ଡଳଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ପୂର୍ବରୁ ଉକ୍ତ ସମବାୟ ସମିତିରେ ପୂର୍ବରୁ ଚାଷୀଙ୍କ ନାମରେ ୧କୋଟି ୬୦ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିଲା, ଯେଉଁଥି ପାଇଁ ବୋର୍ଡ ସଦସ୍ୟଙ୍କ ପକ୍ଷରୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। ତଦନ୍ତ ରିପୋର୍ଟ ଆସିନାହିଁ, ଆସିଲେ ଘଟଣା ଉପରୁ ପରଦା ହଟିବ ବୋଲି କହିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀଧର ଦାସ, ରଞ୍ଜନ କୁମାର ଧଳ, ସୁକଦେବ ପ୍ରଧାନ, ରବୀନ୍ଦ୍ର ସାହୁ, ନରେନ୍ଦ୍ର ବେହେରା, ଅକ୍ଷୟ ବିଶ୍ୱାଳ, ତନ୍ମୟ କୁମାର ଧଳ, ପଦୀପ ବେହେରା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଉଚ୍ଛେଦ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ; ପ୍ରଶାସନର ଦ୍ୱାରସ୍ଥ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୧୧(ସମିସ): ସୁଗୋ ପଞ୍ଚାୟତ ବାଣିଦା ଗାଁର ଯୋଡ଼ାଗଡ଼ିଆ ପୋଖରୀକୁ ଅମୃତ ସରୋବର ଯୋଜନାରେ କାର୍ଯ୍ୟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଖରୀକୁ ଲାଗି ଗ୍ରାମ ଜଙ୍ଗଲ କିସମ ଜାଗାରେ ପୁରୁଷ ପୁରୁଷ ଧରି ଭୂମିହୀନ ଭାବେ ଆଦିବାସୀ, ହରିଜନ ଲୋକେ ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ସରୋବର କାର୍ଯ୍ୟ ଲାଗି ଦୋକାନୀ ମାନଙ୍କୁ ଉଛେଦ ପାଇଁ ପ୍ରସାଶନ ପକ୍ଷରୁ ନୋଟିସ୍ ଦିଆଯାଇଛି। ସରପଞ୍ଚ ଜୟନ୍ତୀ ପରିଡ଼ାଙ୍କ ସୂଚନା ଅନୁଯାୟୀ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ



ଏକ ଏକରରୁ ବେଶୀ ଥିବା ପୋଖରୀକୁ ମାନସ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିର୍ଦ୍ଦେଶନାମା ରହିଥିବାବେଳେ ଗାଁ ରେ ଥିବା ଭୂୟାଁ ପୋଖରୀ ଓ ବଉଳ ପୋଖରୀ ଯାହା ଏକ ଏକରୁ ବେଶୀ ହେବ। ସାଧାରଣ ଲୋକ ପ୍ରଭାବିତ ହେବା ସହିତ ଲୋକଙ୍କର ଧନ ଜୀବନ ହାନୀ ହେବାର ଆଶଙ୍କା ଦର୍ଶାଇଛନ୍ତି। ଏହି ପୋଖରୀକୁ ଅମୃତ ସରୋବର ପୋଖରୀ ଭାବେ କାର୍ଯ୍ୟକାରୀତାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖି ପୁନଃ ବିଚାର କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଦାବି କରିଛନ୍ତି। ସୁଗୋ ଆଦିବାସୀ ଅଧିକାର ମଞ୍ଚ ଓ ଭିଟାମାଟି ସୁରକ୍ଷା ମଞ୍ଚ ବାଣିଦା ଶାଖାର ନେତୃତ୍ୱରେ ପ୍ରତିନିଧିମାନେ ତହସିଲ୍‌ଦାର ସତ୍ୟଜିତ ମହାନ୍ତି, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିତ ମଞ୍ଚର ଆବାହକ ପଲଟୁ ଦାସ, ସରପଞ୍ଚ ଜୟନ୍ତୀ ପରିଡ଼ା, ବାମପନ୍ଥୀ ବରିଷ୍ଠ ନେତା ଦିଲ୍ଲୀପ ଗିରିଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟା ପ୍ରତିନିଧି ଓ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନରେ ସାମିଲ୍ ଥିଲେ। ପ୍ରକଳ୍ପର ସ୍ଥାନାନ୍ତର ଓ ପୁନର୍ବିଚାର ନହେଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ୧୫ରେ ଭୋଗରାଇରେ ଜାତୀୟ ସାମ୍ବାଦିକ ଦିବସ ପାଳିତ ହେବ

ବାଲେଶ୍ୱର(ଉତ୍ତର), ୧ ୩।୧୧ (ସମିସ): ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକର ଆର ଆଇ ଏଚ ଏସ ମହାବିଦ୍ୟାଳୟରେ ପାଳିତ ହେବାକୁ ଯାଉଛି ଜାତୀୟ ସାମ୍ବାଦିକ ଦିବସ। ଆସନ୍ତା ୧୬ ତାରିଖ ରବିବାର ହେଉଥିବାରୁ ବିଭିନ୍ନ କାରଣରୁ ଗୋଟିଏ ଦିନ ପୂର୍ବରୁ ଶନିବାର ଅପରାହ୍ନ ୨ ଟାରେ ଏହି ଦିବସ ବୌଦ୍ଧିକ ପରିବେଶ ମଧ୍ୟରେ ଉକ୍ତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳନ ହେବ। ଏଥି ନିମନ୍ତେ ଚୂଡାନ୍ତ ପର୍ଯ୍ୟାୟରେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଥାନାଛକସ୍ଥିତ ଏକ ହୋଟେଲରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହାବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ଦିବସକୁ ଉଦଘାଟନ କରିବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ୨୧ରୁ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିଆପାଳ, ୧୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତରେ ବଡାଶ ଗ୍ରାମରେ ମହାଦେବ ମନ୍ଦିର ଠାରେ ବଟେଶ୍ୱର ୟୁଥ କ୍ଲବ୍ ପକ୍ଷରୁ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାଯଜ୍ଞ ପୂର୍ବରୁ ପନ୍ଦର ତାରିଖ ଦିନ ବିଶାଳ ରକ୍ତ ଦାନ ଶିବିର, ଷୋହଳ ତାରିଖ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ସଭାପତି ଅଭିଜିତ ଦାସ, ସମ୍ପାଦକ ଦିପକ କୁମାର ଗିରି, ଗୌରୀ ଶଙ୍କର ପାତ୍ର, ସୁଜିତ ଗିରି, ଗୋପାଳ ଚନ୍ଦ୍ର ପାତ୍ର, ଓମ୍ ପ୍ରକାଶ ସାହୁ, ଉପଦେଷ୍ଟା ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ସରୋଜ କର ଗୌରହରି ଦେ, ଜୟନ୍ତ ଜେନା, ଧିରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲିଆପାଳ/କାଳିପଦା, ୧୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ବର୍ଷ ଫେବୃଆରୀରେ ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପୂର୍ବତନ ଛାତ୍ର ଛାତ୍ରୀ, ଅଭିଭାବକ, ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ପୂର୍ବତନ ପରିଚାଳନା ସମିତି, ଶିକ୍ଷାବିତ ଓ ଅନୁଷ୍ଠାନ ପ୍ରେମୀ, ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସମସ୍ତ ଉଦ୍ୟକ୍ତା ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସମାପନ ହେବାର ସିଦ୍ଧାନ୍ତ ନିଆଗଲା। ଖୁବ୍‌ଶୀଘ୍ର ସମସ୍ତଙ୍କ ପରାମର୍ଶ ପାଇଁ ମିଳିତ ବୈଠକ କରାଯାଇ ତାରିଖ ଧାର୍ଯ୍ୟ କରିଯିବାର ମତ ଅଧ୍ୟାପକ ସମୂହ ଦେଇଥିଲେ।



ବରିଷ୍ଠ ଅଧ୍ୟାପିକା ଶାନ୍ତିଲତା ଗିରି, ବରିଷ୍ଠ ଅଧ୍ୟାପକ ସଚିନ୍ଦ୍ର ନାଥ ଦତ୍ତ, ବିକାଶ ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସି, ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ମନୋଜ କୁମାର ମହାପାତ୍ର, କାମିନୀକାନ୍ତ ମହାନ୍ତି, ସଞ୍ଜୟ କୁମାର ଡାକୁଆ, ସୁଦର୍ଶନ ରଣା, ଶୁଭ୍ରାଞ୍ଜଳି ରାଉତ, ରଞ୍ଜିତ କୁମାର ସାହୁ, ବିଜୟ କୁମାର ନାୟକ, ମେଘମାଳା ପଢ଼ିଆରୀ, ଦୁର୍ଗାଶଙ୍କର ନାୟକ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ଅଧ୍ୟକ୍ଷ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ କାମନା କରିବା ପରେ ଅଧ୍ୟାପଜ ରଞ୍ଜନ କୁମାର ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମା'ଶୀତଳା ମାତା ସେବା ସଙ୍ଘର ସହାୟତା

ଚନ୍ଦନେଶ୍ୱର, ୧୩।୧୧(ସମିସ): ଭୋଗରାଇ ବ୍ଲକର କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବିଚିତ୍ରପୁର ମା'ଶୀତଳା ମାତା ସେବା ସଙ୍ଘ ତରଫରୁ ଗୁରୁବାର ଏକ ଅସହାୟ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଚିତ୍ରପୁର ଗ୍ରାମର ସ୍ୱର୍ଗତ ବିଦ୍ୟାଧର ଦଳାଇଙ୍କ ଅନ୍ତ୍ୟେଷ୍ଟୀ କ୍ରିୟା ପାଇଁ ତାଙ୍କ ବାସଭବନକୁ ସେବା ସଙ୍ଘର ସଦସ୍ୟମାନେ ଯାଇ ତାଙ୍କ ସ୍ତ୍ରୀଙ୍କୁ ସାତ ହଜାର ପାଞ୍ଚ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେ ଜଣେ ଅସହାୟ ଓ ଅତ୍ୟନ୍ତ ଗରିବ ଲୋକ ଥିଲେ। ତାଙ୍କର ପୁଅ ନ ଥାଇ ୩ ଜଣ ଝିଅ ବହୁ ଦୁଃଖ କଷ୍ଟରେ ଧାର କରଜ କରି ବାହାଘର କରାଇଥିଲେ। ବାର୍ଦ୍ଧକ୍ୟ ସମୟରେ ନିଜେ ଓ ସ୍ତ୍ରୀ ଦୁଇ ଜଣ ଚଳିବା ପାଇଁ ବହୁତ ଅସୁବିଧା ହେଉଥିଲା। ତେଣୁ ତାଙ୍କର ଏକାଦଶାହରେ ନରେନ୍ଦ୍ର ବାରିକ, ତାପସ ରଞ୍ଜନ ମହାକୁଡ଼, ସତ୍ୟ କୁମାର ସାମଲ, ରାଜୀବ ବେହେରା, ସଞ୍ଜୀପ ପାତ୍ର, ସପନ ଖିଲାର, ସସ୍ମିତା ଜେନା, ଶରତ ଖିଲାର, ବାସୁଦେବ ପଣ୍ଡା, କମଳାକାନ୍ତ ଜେନା, ଶଶୀକାନ୍ତ ବେହେରା, ରାଜଶ୍ରୀ ଦାସ, ଅମର ମହାକୁଡ଼, ବନମାଳୀ ବେହେରା ପ୍ରମୁଖ ଓ ଅନ୍ୟମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



# ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ସ୍ଥାପନ

ଖଇରା, ୧୩।୧୧(ସମିସ): ଖଇରା ବ୍ଲକ ଅଧୀନ ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜାତୀୟ ସ୍ୱାସ୍ଥ୍ୟମିଶନର କନିଷ୍ଠ ଯନ୍ତ୍ରୀ ରୁବି ଖାତୁନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଭାରତୀୟ ମଜଦୁର ସଙ୍ଘର ସଙ୍ଗଠନ ସମ୍ପାଦିକା କୁମମଣୀ ଦେଇ, ଦୋଳଗୋବିନ୍ଦ ମହାରଥା, ମାୟାଧର କୁଅଁର, ରାଜେଶ ରାଉତ, ଶିତିକଣ୍ଠ ପଣ୍ଡା, ପତିତପାବନ କର, ମନୋଜ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୃହ ନିର୍ମାଣ ସ୍ଥାନଟି ଖାଲୁଆ ହୋଇଥିବାରୁ ଘର ଉଚ୍ଚାସ୍ଥାନରେ କରିବାକୁ ବିଧାୟକ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟା ବିରୋଧରେ ଗର୍ଜିଲେ ମହିଳା

ଭୋଗରାଇ, ୧୩।୧୧(ସମିସ)

ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଫିସ ସମ୍ମୁଖରେ ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ମାନେ ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟାକୁ ବିରୋଧ କରି ଗର୍ଜିବା ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବ ସରକାର ସମସ୍ତ ଗରିବ ସୀମାରେଖା ତଳେ ଥିବା ଲୋକମାନଙ୍କୁ ରାସନ କାର୍ଡ ଯୋଗାଇ ଦେଉଥିଲେ। ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ସାଧାରଣ ଲୋକଙ୍କ ରାସନ କାର୍ଡ ଅଯୋଗ୍ୟ ଦର୍ଶାଇ ଭୋଗରାଇ ବ୍ଲକରେ ୪୬୮୨୦ ରାସନ କାର୍ଡ ଅଯୋଗ୍ୟ ଘୋଷିତ କରିଛନ୍ତି। ହେଲେ ଅନଳିଆ ପଞ୍ଚାୟତର ୧୮ ଟି ୱାର୍ଡର ୧୬୦୮ ଟି ରାସନ କାର୍ଡ ଅଯୋଗ୍ୟ ଘୋଷିତ ହେବାକୁ ବିରୋଧ କରି ଶତାଧିକ



ମହିଳା ଓ ପୁରୁଷ ଅନଳିଆ ପଞ୍ଚାୟତ ଅଫିସ ସମ୍ମୁଖରେ ଗର୍ଜିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମାଲୋଚନା କରାଯାଇଥିଲା। ତାପରେ ଏକ ପ୍ରତିନିଧି ଦଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟାନନ୍ଦ ସିଁଙ୍କ ଜରିଆରେ ବିଡ଼ିଓଙ୍କ ପାଖକୁ ଏକ ଦାବିପତ୍ର ଦେଇଛନ୍ତି। ଯଦି ଆଗାମୀ ଦିନରେ ସରକାର ପଞ୍ଚାୟତରେ ଥିବା ଗୋଟିଏ ବି ଲୋକଙ୍କ ରେସନ କାର୍ଡ କାଟନ୍ତି ତେବେ ପଞ୍ଚାୟତର ସମସ୍ତ ଗରୀବ ଲୋକମାନେ ପ୍ରତିବାଦ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ଘନଶ୍ୟାମ ପାଢ଼ୀ, ପ୍ରଦୀପ ସେଠୀ, ତପନ ପାତ୍ର, ରବୀନ୍ଦ୍ର ଗିରି, ଦୀପକ ଗିରି, ତପନ ପରମାଣିକ, ଯଜ୍ଞେଶ୍ୱର ଦାସ, ସପନ ବେହେରା, ପୂର୍ଣ୍ଣଚନ୍ଦ୍ର ପାଳ, ନିଳକଣ୍ଠ ଘଡାଇ, ଆରତୀ ବେହେରା, ଶାନ୍ତିଲତା ମାଝୀ, କାଜଲ ମହାନ୍ତି, ଚନ୍ଦନା ସିଂ, କୈଶଲ୍ୟା ବେହେରା, ସରସ୍ୱତୀ ବେହେରା, ମିନତି ପାଢ଼ୀ, ସୁମତୀ ଜେନା, କନକଲତା ଗିରି, ଶାନ୍ତିଲତା ଜେନା, ସୁମତୀ ପଣ୍ଡା, ଅଞ୍ଜଳି ମାଝୀ, ବାସନ୍ତୀ ପାତ୍ର, କାଜଲ ପାତ୍ର, ସନ୍ଧ୍ୟାରାଣୀ ମଣ୍ଡଳ, ଅନ୍ନପୂର୍ଣ୍ଣା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ମନ୍ଦାକିନୀ ଗିରି, ଆରତୀ ମାଝୀ ପ୍ରମୁଖ ଶତାଧିକ ମହିଳା ପୁରୁଷମାନେ ପ୍ରତିବାଦ କରିଥିଲେ।

# ଝିଙ୍କିରିଆରେ ସ୍ୱାସ୍ଥ୍ୟସେବା ଶିବିର



ଖଇରା, ୧୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ସତ୍ୟଶିବ ସୁନ୍ଦର ହାଇସ୍କୁଲ ପରିସରରେ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର ହାଇଟେକ ମେଡିକାଲ କଲେଜ ସହଯୋଗରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ବିଭାଗରୁ ଆସିଥିବା ବିଶେଷଜ୍ଞ ଡା. ଆଶିଷ ପାଣି, ଡା. ପ୍ରତୀକ କୁମାର ଦାଶ, ଡା. ଚୈତନ୍ୟ ଆଦଲା, ଡା. ମଳୟ ସେଠୀ, ଡା. କୌଶିକ ବେହେରା, ଶୁଭାଶିଷ ମେଣ୍ଡୁଲି, ସୂର୍ଯ୍ୟକାନ୍ତ ସାମଲଙ୍କ ଦ୍ୱାର ୮ ଶହରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ, ରକ୍ତ ଓ ଇସିଜି ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରଧାନଶିକ୍ଷକ ଅଜୟ ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ସୂତାର, ବିଜୟ ସୂତାର, ରଥ ସୂତାର, ସ୍ଥାନୀୟ ସରପଞ୍ଚ ନିତୁନିବେଦିତା ମାଝୀ, ସମିତିସଭ୍ୟା ରଶ୍ମିତା ଜେନା, ଯୁବନେତା ନୀଳମାଧବ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ଅଜୟ ସାମଲ, ମଧୁସୂଦନ ପାତ୍ର, ମହେଶ୍ୱର ରାଉତ ତଥା ସତ୍ୟସାଇ ସଙ୍ଗଠନର ସେବକ ରମେଶ ସୂତାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112





## ସରିଲା ଐତିହାସିକ ବାଲିଯାତ୍ରା; ପୁଣି ଆରଥରକୁ ଅପେକ୍ଷା...

# ଶେଷ ଦିନରେ ଯାହା ପାଇଲେ ବାନ୍ଧିଲେ...







କଟକ,୧୩।୧୧(ସମିସ):

ଶେଷ ହେବାର ଥିଲା ଐତିହାସିକ ୮ ଦିନର ଯାତ୍ରା। ଗତକାଲି ବିଧିବଦ୍ଧ ଭାବେ ଏହି ମୁକ୍ତାକାଶ ବାଣିଜ୍ୟିକ ମହାକୁମ୍ଭ ଉଦ୍‌ଯାପିତ ହୋଇଛି। ଏହାପରେ ମଧ୍ୟ ଗୁରୁବାର ସ୍ଥିରୀକୃତ ଶେଷ ଦିନର ବ୍ୟବସାୟ ଜୋରଦାର୍ ହୋଇଛି। କିଣାବିକା ଓ ମନୋରଞ୍ଜନର ଏହି ମହୋତ୍ସବରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶେଷ ଦିନ ଭାବି ଲୋକମାନେ କିଣାବିକାରେ ମନ ଦେଇଥିଲେ। ଯାତ୍ରା ପଡିଆରେ ମଧ୍ୟାହ୍ନ ସମୟରୁ ଲୋକଙ୍କ ଭିଡ଼ ବେଶ ଜମିଥିବା ଦେଖିବାକୁ ମିଳିଥିଲା। ଘର କରଣା ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକ ଆଗ୍ରହ ଥିବାବେଳେ 'ଓରମାସ' ପରିସର ଲୋକାରଣ୍ୟ ହୋଇ ଉଠିଥିଲା। ଓରମାସ କାରବାରକୁ ପ୍ରଶାସନ ପକ୍ଷରୁ ଦିନ ୧୨ଟାରୁ ବନ୍ଦ ରଖାଯାଇଥିଲେ ବି ଦର୍ଶକ ଏହାକୁ ମାନିନଥିଲେ। ନିଜ ଇଚ୍ଛାରେ ଦ୍ରବ୍ୟ କ୍ରୟ କରିଥିଲେ। ଏହାସହ ସନ୍ଧ୍ୟା ବେଳକୁ ମଧ ଭିଡ଼ ବଢ଼ି ବଢ଼ି ଯାଇଥିଲା। ଓରମାସରେ ହାତବୁଣା ଶାଢ଼ି, ଡ୍ରେସ କପଡା, ଘର କରଣା ଜିନିଷର ଅଧିକ ବ୍ୟବସାୟ ହୋଇଥିଲା। ଆଜି ଗୁରୁବାର ଥିବାରୁ ଆମିଷ ଖାଦ୍ୟର ଡିମାଣ୍ଡ ଯେତିକି ନଥିଲା ସେତିକି ଦହିବରା ଆଳୁଦମ, ଚାଟ୍, ଗୁପଚୁପ ଓ ରାଜସ୍ଥାନୀ ଖାଦ୍ୟର ମଜା ଉଠାଇଥିଲେ।

### ରେକର୍ଡ ସଂଖ୍ୟାରେ ବିକ୍ରିହେଲା ଘରକରଣା ସାମଗ୍ରୀ

ଦିନ ୧୧ଟାରୁ ଯାତ୍ରା ପଡ଼ିଆରେ କିଣାବିକା ଚାଲିଥିଲା। ସନ୍ଧ୍ୟା ୫ଟା ପରେ ଯାତ୍ରା ପଡିଆରେ ଗହଳି ଦେଖିବାକୁ ମିଳିଥିଲା। ପ୍ରାୟ ୧୦ ଲକ୍ଷ ଲୋକ ଗୁରୁବାର ଯାତ୍ରା ଉପଭୋଗ କରି ଫେରିଛନ୍ତି। ଶୀତୁଆ ସନ୍ଧ୍ୟାରେ ରଙ୍ଗାରଙ୍ଗ ଅଲୋକମାଳା ସାଙ୍ଗକୁ ବଲିଉଡ୍ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ୍‌ଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ବର୍ଷର ଶେଷ ସନ୍ଧ୍ୟାରେ ମନଭରି ଦେଖିଛନ୍ତି ଦର୍ଶକ। ତେବେ ମହାନଦୀ ପଠାରୁ ସଂଖ୍ୟାଧିକ ବ୍ୟବସାୟୀ ଆସନ୍ତା କାଲି ଘରକୁ ଫେରିଯିବେ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବେପାରିମାନେ ଆଜି ଠାରୁ ଘର ବାହୁଡ଼ା ନିମନ୍ତେ ସମସ୍ତ ପ୍ରସ୍ତୁତି ସାରିଲେଣି। ମିଳିଥିବା ସୂଚନା ମୁତାବକ, ୮ ଦିନ ଯାତ୍ରାରେ ୧୦୦କୋଟିରୁ ଅଧିକ ବେପାର ହୋଇଛି। ଯାତ୍ରା ସରି ଆସୁଥିବା ବେଳେ ବେପାର ରେକର୍ଡ ଭାଙ୍ଗିଛି। ଯିଏ ଯାହା ପାଇଛି ବାନ୍ଧିଛି। ଯେହେତୁ ଯାତ୍ରା ଶେଷ ହୋଇଯାଉଛି, ତେଣୁ ଘରକରଣା ସାମଗ୍ରୀଠାରୁ ବିଭିନ୍ନ ପ୍ରକାର ମନୋହରି ସାମଗ୍ରୀ ଲୋକମାନେ ବୋହି ନେଉଛନ୍ତି ଘରକୁ। ଯାତ୍ରାରେ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିଥିଲା ବିଭିନ୍ନ ପ୍ରକାରର ସେଲ୍ଫି ଜୋନ୍। ଏକାଧିକ ସେଲ୍ଫି ଜୋନ୍ କଟକ ଇନ୍ କଟକରେ କରାଯାଇଥିବା ବେଳେ ସେଠାରେ ଗତ ୭ଦିନ ହେବ ଦର୍ଶକମାନେ ଛିଡା ହୋଇ ଫଟୋ ଉଠାଉଥିଲେ। ଆଜି ବି କଟକ-ଇନ୍-କଟକରେ ଗହଳି ଦେଖିବାକୁ ମିଳିଥିଲା।

ପୂର୍ବ ଦିନଗୁଡ଼ିକ ଭଳି ଆଜି ଅପରାହ୍ଣ ୪ଟାରୁ ପୁଲିସ ପଡ଼ିଆ ମଧ୍ୟରୁ ଗାଡି ହଟାଇବା ଅଭିଯାନ ଆରମ୍ଭ କରିଥିଲା। ଜବତ ଗାଡି ସଂଖ୍ୟା ବହୁତ କମ ଥିଲା। ସବୁଦିନ ଭଳି ଦର୍ଶକମାନେ ଦୋଳିଗୁଡ଼ିକର ମଜା ଉଠାଇଥିଲେ। ସୁନାମୀ ଦୋଳି ସହିତ ଟୋରାଟୋରା, ବ୍ରେକ୍ ଡ୍ୟାନ୍ସ, ଚାନ୍ଦ ତାରା, ଡ୍ରାଗନ ଆଦି ଦିନ ୧ଟାରୁ ଖୋଲିଥିଲା। ହେଲେ କମିସନରେଟ୍ ପୁଲିସ ଓ ଜିଲ୍ଲା ପ୍ରଶାସନ ଏହାକୁ ବନ୍ଦ କରିଦେଇଥିଲେ। ବିଶେଷଃ କରି ଯୁବ ଦର୍ଶକ ଓ ପିଲାମାନେ ଏହି ଦୋଳି ସମ୍ମୁଖରେ ଗହଳି ଲଗାଇଥିଲେ। ଗତକାଲିର ହାମର୍ ଦୋଳି ଦୁର୍ଘଟଣା ଯୋଗୁଁ ଆଜି ଦୋଳି ଚଳାଇବାକୁ ଅନୁମତି ମିଳି ନଥିଲା।





## ୯ ଦିନରେ ୫୩୨ ଅଭିଯୋଗ

କଟକ, ୧୩।୧୧(ସମିସ): ବାଲିଯାତ୍ରାର ୯ ଦିନରେ ଲୁଟ୍‌ପାଟ୍ ନେଇ ପୁଲିସ କଣ୍ଟ୍ରୋଲରୁମ୍ ଓ କ୍ୟାଣ୍ଟନମେଣ୍ଟ ଥାନାରେ ୫୩୨ରୁ ଅଧିକ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ୫ରୁ ୧୩ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଫଳରେ ଯାତ୍ରାରେ ଲୁଟେରାଙ୍କୁ କାବୁ କରିବା ପାଇଁ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏସବୁ ସତ୍ତ୍ୱେ ବାଲିଯାତ୍ରାରେ ଲୁଟେରା ଦଳ ଚୋରି, ଛିନତାଇ ବ୍ୟାପକ ମାତ୍ରାରେ ଘଟାଇଥିଲେ। ତଳ ବାଲିଯାତ୍ରା ପଡ଼ିଆରେ ଲୁଟେରା ଦଳ ୪୦୦ରୁ ଅଧିକ ମୋବାଇଲ ଫୋନ ଲୁଟିନେଇଛନ୍ତି। ସେହିଭଳି ମନି ପର୍ସ ୧୦୨ଟି ଚୋରି ହୋଇଛି। ସୁନା ଚେନ ଗୋଟିଏ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ଏହି ଯାତ୍ରା ଭିତରେ ଅନ୍ୟାନ୍ୟ ଘଟଣାକୁ ନେଇ ୩୦ଟି ଅଭିଯୋଗ ହୋଇଛି। ଅନ୍ୟପଟେ ଯାତ୍ରାକୁ ଆସି ୨୧୮ ଜଣ ନିଖୋଜ ହୋଇଯାଇଥିଲେ। ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା।

## ନକଲି ପାସ୍ ଧରିଲା ପୁଲିସ

କଟକ,୧୩।୧୧(ସମିସ): ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ମାଲ ମାଲ ନକଲି ପାସ୍ ଧରି ଅସାଧୁ ଦର୍ଶକ ଭିଆଇପି ସିଟ୍‌ରେ ବସିବାକୁ ଚେଷ୍ଟା କରିଥିଲେ। ସେହିପରି ନକଲି ପାସ୍‌ରେ ବୈଷ୍ଣବ ପାଣି ମଞ୍ଚ ତଳେ ପଡ଼ିଥିବା ସାଧାରଣ ଚେୟାରରେ ବସି ରହିଥିଲେ। ପୁଲିସ ପକ୍ଷରୁ ଚେକିଂ କରାଯିବାରୁ ଅସାଧୁ ଦର୍ଶକଙ୍କ କାରସାଦି ଧରାପଡ଼ିଥିଲା। ୫୦ରୁ ଅଧିକ ନକଲି ପାସ୍ ଜବତ କରାଯାଇଥିବା ବେଳେ ୧୦୦ରୁ ଅଧିକ ନକଲି ପାସଧାରୀ ପଡ଼ିଆ ମଧ୍ୟରେ ରହିଥିଲେ। ପୁଲିସ ଭୟରେ କେତେକ ପାସ୍‌କୁ ଚିରି ଦେଇଥିଲେ। ପ୍ରଶାସନିକ ମନମୁଖୀ କାର୍ଯ୍ୟ ଯୋଗୁଁ ଅସଲି ପାସ୍‌ରେ ମଧ କଳାବଜାରୀ ହୋଇଥିଲା।



## ୫୦ ଗାଡ଼ି ଜବତ; ୨୫ ହଜାର ଜରିମାନା

କଟକ,୧୩।୧୧(ସମିସ): ଦିନ ସମୟରେ ଲୋକେ ଅବାଧରେ ଗାଡି ଧରି ବାଲିଯାତ୍ରା ପଡିଆକୁ ପ୍ରବେଶ କରୁଥିଲେ। ନିଜର ଗାଡି ଗୁଡିକୁ ମନଇଚ୍ଛା ଏଣେତେଣେ ରଖି ବୁଲାବୁଲି କରୁଥିଲେ। ଏଥିଯୋଗୁଁ ଯାତ୍ରା ପଡିଆକୁ ଚାଲିଚାଲି ଆସୁଥିବା ଲୋକଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅପରାହ୍ନ ପରେ ଭିଡ ଅଣାୟତ୍ତ ହୋଇପଡିଥିଲା। ଏଭଳି ନିୟମ ଖିଲାପକାରୀଙ୍କ ବିରୋଧରେ ଟ୍ରାଫିକ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଥିଲା। ପୂର୍ବଭଳି ଆଜି ଅପରାହ୍ଣ ୩ଟାରେ ଟ୍ରାଫିକ ପୁଲିସର ସ୍ୱତନ୍ତ୍ର ଟିମ ତଳ ପଡିଆରେ ବେଆଇନ ଭାବେ ପାର୍କିଂ କରିଥିବା ଗାଡି ହଟାଇବା ଅଭିଯାନ ଆରମ୍ଭ କରିଥିଲା। ଗିଂବନ୍ଧ ଓ ବାଲିଯାତ୍ରା ପଡିଆରେ ରାସ୍ତା ଅବରୋଧ କରି ରଖାଯାଇଥିବା ୫୦ରୁ ଅଧିକ ଦୁଇଚକିଆ ଓ ଚାରିଚକିଆ ଗାଡିକୁ କ୍ରେନ ସାହାଯ୍ୟରେ ଉଠାଇ ନିଆଯାଇଥିଲା। ବେଆଇନ ପାର୍କିଂ ବାବଦରେ ୫୦୦ ଲେଖାଏ ପ୍ରାୟ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଗାଡିଗୁଡିକୁ ଛାଡ଼ି ଦିଆଯାଇଥିଲା।

# ପଲ୍ଲିଶ୍ରୀ ମେଳା ବ୍ୟବସାୟ ୫୦ କୋଟି ଟପିଲା

କଟକ, ୧୩।୧୧ (ସମିସ): ଐତିହାସିକ କଟକ ବାଲିଯାତ୍ରା ଆଜି ଶେଷ ହୋଇଥିବା ବେଳେ ଏଥର ଓରମାସ ଆନୁକୂଲ୍ୟରେ ହୋଇଥିବା ଜାତୀୟ ପଲିଶ୍ରୀ ମେଳାରେ ରେକର୍ଡ ପରିମାଣର ବ୍ୟବସାୟ ହୋଇଛି। ଚଳିତ ବର୍ଷ ବାଲିଯାତ୍ରାରେ ଶେଷ ଦିନ ସୁଦ୍ଧା ୫୦କୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବା ଜଣାପଡିଛି। କାଶ୍ମିରୀ ସାଲ ହେଉ କି ଲୁଧିଆନା ଚପଲ ସହ ଓଡିଶାର

### ୧୦ ବର୍ଷରେ ୫ ଗୁଣା ଅଧିକ

ହସ୍ତତନ୍ତ ପାଟ ଶାଢିର ବେଶ୍ ଚାହିଦା ରହିଥିଲା। ଗତ ୨୦୧୫ ବାଲିଯାତ୍ରାରେ ୧୦କୋଟି ଟଙ୍କାର ବ୍ୟବସାୟ ହୋଇଥିଲା ୧୦ବର୍ଷ ମଧ୍ୟରେ ବ୍ୟବସାୟ ୫ଗୁଣା ବୃଦ୍ଧି ପାଇଥିବା ଜଣାପଡିଛି। ପଲିଶ୍ରୀ ମେଳାରେ ଦେଶର ୨୮ଟି ରାଜ୍ୟର ପ୍ରାୟ ୫୦୦ଟି ଷ୍ଟଲ ପଡିଥିଲା। ଏଥିରେ ବିଭିନ୍ନ ରାଜ୍ୟର କଳାକୃତି, ହସ୍ତଶିଳ୍ପ ଆଦି ସ୍ଥାନ ପାଇଥିଲା ବେଳେ ଓଡିଶାର ବିଭିନ୍ନ ଜିଲ୍ଲାରୁ ସ୍ୱୟଂସହାୟକ ଗୋଷ୍ଠୀ ଉତ୍ପାଦ ସ୍ଥାନିତ ହୋଇଥିଲା। ଗତ ବର୍ଷ ତୁଳନାରେ ଏଥର ଅଧିକ ୧୦କୋଟି ଟଙ୍କା କାରବାର ହୋଇଛି। ପ୍ରଥମ ଦିନ ୮୯ଲକ୍ଷ ୩୬ହଜାର,ଦ୍ୱିତୀୟ ଦିନ ୨କୋଟି ୧୩ଲକ୍ଷ, ତୃତୀୟ ଦିବସରେ ୩କୋଟି ୯୧ଲକ୍ଷ ୮୭ହଜାର, ଚତୁର୍ଥ ଦିବସରେ ୬କୋଟି ୮୩ଲକ୍ଷ ୪୭ହଜାର, ପଞ୍ଚମ ଦିବସରେ ୯କୋଟି ୩୪ଲକ୍ଷ ୯୬ହଜାର, ଷଷ୍ଠ ଦିବସରେ ୭କୋଟି ୯୮ଲକ୍ଷ ୮୬ହଜାର ସପ୍ତମ ଦିନରେ ୮କୋଟି ୬୭ଲକ୍ଷ ୭୯ହଜାର ଟଙ୍କା ଓ ଅଷ୍ଟମ ଦିବସରେ ୭କୋଟି ୮୯ଲକ୍ଷ ୩୭ହଜାର ଟଙ୍କାର ବ୍ୟବସାୟ ହୋଇଥିଲା। ଏହି ୮ଦିନରେ ମୋଟ୪୭କୋଟି ୬୮ଲକ୍ଷ୬୮ହଜାର ଟଙ୍କା ବ୍ୟବସାୟ ହୋଇଥିଲା। ବାଲିଯାତ୍ରା ଆଉ ଗୋଟିଏ ଦିନ ବୃଦ୍ଧି ହୋଇଥିବାରୁ ଆଜି ଶେଷ ଦିବସରେ ମଧ ପ୍ରାୟ ୫କୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇପାରିଥିବା ଜଣାପଡିଛି। ଆଜି ଅଧିକାଂଶ ଷ୍ଟଲ ଗୁଡିକରୁ ସାମଗ୍ରୀ ଶେଷ ହୋଇଥିବା ବେଳେ ଶୁକ୍ରବାର ସକାଳ ମଧ ବଳକା ସାମଗ୍ରୀ ବେପାର ଜମିବ।



### ବାଲିଯାତ୍ରା ଗାଡ଼ି ଷ୍ଟାଣ୍ଡ କେଲେଙ୍କାରୀ

# ବେଆଇନ ପାର୍କିଂ କରି ଟଙ୍କା ଆଦାୟ; ଜଣେ ଗିରଫ

କଟକ,୧୩।୧୧(ସମିସ): ବାଲିଯାତ୍ରାରେ ବେଆଇନ ଭାବେ ପାର୍କିଂଷ୍ଟାଣ୍ଡ ଖୋଲି ବଳପୂର୍ବକ ଟଙ୍କା ଆଦାୟ କରିବା ଘଟଣାରେ ବିଡାନାସୀ ଥାନା ପୁଲିସ ଆଉ ଜଣେ ଯୁବକକୁ ଗିରଫ କରିଛି। ସେ ହେଉଛି ସ୍ଥାନୀୟ ନୂଆସାହିରେ ରହୁଥିବା ଜଗତସିଂହପୁର ବାଲିକୁଦାର ତପନ କୁମାର ସ୍ୱାଇଁ। ଅଭିଯୁକ୍ତ ପାଖରୁ କିଛି ଜାଲ୍ ରସିଦ ଓ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁସାରେ, ବାଲିଯାତ୍ରା ଆରମ୍ଭରୁ ଚହଟା ଛକ ନିକଟ ଗାୟତ୍ରୀ ମନ୍ଦିର ପାଖରେ କିଛି ଅସାମାଜିକ ଯୁବକ ବେଆଇନ ଭାବେ ପାର୍କିଂଷ୍ଟାଣ୍ଡ କରିଥିଲେ। ଗିଂବନ୍ଧ ପାୱାର୍ ଫାଙ୍କା ସ୍ଥାନରେ ଗାଡି ରଖୁଥିବା ଲୋକଙ୍କ ଠାରୁ ବଳପୂର୍ବକ ଟଙ୍କା ଆଦାୟ କରୁଥିଲେ। ଏମିତିକି ବାଲିଯାତ୍ରାକୁ ଯାଉ ନଥିବା ଲୋକଙ୍କୁ ବି ପାର୍କିଂ ବାବଦ ୧୦୦ ଟଙ୍କା ଦେବାକୁ ବାଧ କରୁଥିଲେ। ସେଠାରେ ପାର୍କିଂଷ୍ଟାଣ୍ଡ ନେଇ କୌଣସି ପ୍ରକାର ବ୍ୟାନର କି ପୋଷ୍ଟର ଲାଗି ନଥିଲା। ଏହା ଦେଖି ଯେଉଁମାନେ ବିରୋଧ କରୁଥିଲେ ସେମାନଙ୍କର ଗାଡିର ଟାୟାରରୁ ପବନ କାଢ଼ି ଦିଆଯାଉଥିଲା। ଯେଉଁମାନେ ଯୁକ୍ତିତର୍କ କରୁଥିଲେ ସେମାନଙ୍କୁ ଗାଳିଗୁଲଜ ଓ ମାର୍‌ଧର ମଧ୍ୟ କରାଯାଉଥିଲା। ଏନେଇ ଗତ କିଛି ଦିନ ହେବ ବିଡାନାସୀ ଥାନାରେ ମାଳମାଳ ଅଭିଯୋଗ ପରେ ପୁଲିସ ଆକ୍ସନ ମୋଡ୍‌କୁ ଆସିଥିଲା। ପୁଲିସ ଚଢଉ କରି ସ୍ଥାନୀୟ ଗୋପାଳ ସାହିର ସୋନୁ ଓରଫ ଦିଲ୍ଲୀପ ସାସମଲ, ଗୁଡୁ ଓରଫ ଓମ ସାସମଲ ଓ ଲକି ଓରଫ ତୁଷାର ଦାସକୁ ଗିରଫ କରିଥିଲା। ଏହି ସମୟରେ ଜଣେ ଯୁବକ ଫେରାର ହୋଇଯାଇଥିଲା। ଗତକାଲି ଠାରୁ ସେ ପୁଣି ବେଆଇନ ପାର୍କିଂରୁ ଟଙ୍କା ଆଦାୟ କରୁଥିଲା। ଏନେଇ ପୁଲିସ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ତପନକୁ ଗିରଫ କରିଥିଲା। ତାକୁ କୋର୍ଟ ଚାଲାଣ କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ବିଞ୍ଝାରପୁର, ୧୩।୧୧(ସମିସ):** ବିଞ୍ଝାରପୁର ବ୍ଲକର ଲୋକମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ବିଞ୍ଝାରପୁର ଅଞ୍ଚଳର କୃଷକର ବିକାଶ ଏବଂ ସେମାନଙ୍କ ଆୟକୁ ଦିଗୁଣିତ କରିବା ଉଦ୍ଦେଶ୍ୟରେ ବିଞ୍ଝାରପୁର ଯଜ୍ଞ ପଡ଼ିଆଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିମଳ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ଯାଜପୁର ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ପ୍ରତିନିଧି ଦେବାଶିଷ ସ୍ୱାଇଁ, ମୁଖ୍ୟବକ୍ତା ରୂପେ ଯାଜପୁର ଜିଲ୍ଲା ଅତିରିକ୍ତ ପ୍ରାଣୀଧନ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ବିଞ୍ଝାରପୁର ସରପଞ୍ଚଙ୍କ ପ୍ରତିନିଧି ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା କୃଷି ଓ କୃଷକଙ୍କୁ ଅବଗତ କରାଇବା ନିମନ୍ତେ ମେଳାରେ ଆୟୋଜିତ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ପରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳନ କୃଷି ଉଦ୍ୟୋଗ କରିଥିବା ହିତାଧିକାରୀଙ୍କୁ ଅତିରିକ୍ତ ରିହାତି, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାରେ କୁକୁଡ଼ା ପାଳନ, ଛେଳି, ମେଣ୍ଢା ପାଳନ, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ନୂତନ ଗୋଶାଳା ପାଇଁ ସହାୟତା ସମେତ ମତ୍ସ୍ୟ ଚାଷ ବିଷୟରେ ସଭାରେ ଆଲୋକପାତ କରାଯାଇଥିଲା। ପୂର୍ବ ସରକାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ଚାଷୀମାନଙ୍କ ପାଇଁ ଲୋକାଭିମୁଖୀ ଯୋଜନା କରି ସେମାନଙ୍କୁ ସହାୟତା କରି ଆସୁଥିଲେ। ମାତ୍ର ନୂତନ ସରକାର କୌଣସି ନୂତନ ଯୋଜନା ଆରମ୍ଭ କରିନାହିଁ, କେବଳ ମେଳା ଆୟୋଜନ କରି ହୋର୍ଡିଂ ମାରିବା ଏବଂ ଅର୍ଥ ଖର୍ଚ୍ଚ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ପ୍ରକାଶ କରିଥିଲେ। ବ୍ଲକର ଶ୍ରେଷ୍ଠ ଗୋପାଳକ ଭାବେ ରମେଶ ଦାସ, ଛେଳି ପାଳକ ଭାବେ ଅଜିଜୁଲ ବାରୀ, କୁକୁଡ଼ା ଚାଷୀ ଭାବେ ନୃସିଂହ ସାହୁ ଏବଂ ସଫଳ ମତ୍ସ୍ୟଚାଷୀ ଭାବେ ବିଭୂତି ଭୂଷଣ ଦାସ, ମିନତୀ ମିଶ୍ର, ପଦ୍ମଲୋଚନ ମହାଲିକ, ନିତାଇ ଗୌର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଟୁମ୍‌କି ଜେନା ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଞ୍ଝାରପୁର ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରାଜନାରାୟଣ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବିଞ୍ଝାରପୁର ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରିଣୀ ମୀରାବାଈ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ବିଞ୍ଝାରପୁର ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ବହୁ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀଧନ ଚାଷୀ ଯୋଗଦେଇ ଥିଲେ।

### ପୁନରୁଦ୍ଧାର ହେଉନି ବେଙ୍ଗା ନାଳ

# ଭର୍ତ୍ତି ହେଲାଣି ନାଗଫେଣି, କଳିକତି ଦଳ






**କଁଆଗୋଲା, ୧୩।୧୧(ସମିସ)**

ସ୍ଥାନୀୟ ଚାଷୀଭାଇଙ୍କ ଜୀବନ ରେଖା ସାଜିଥିବା ବେଙ୍ଗା ନାଳ ଏବେ ଦୁଃଖ ପାଲଟିଛି। ପୁନରୁଦ୍ଧାର ନାଁରେ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ନାଳ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକରୁ ଅଧିକ ବ୍ୟବହାର ଅନୁପଯୋଗୀ ହୋଇପଡୁଛି। ରାଜନେତା ଓ ଚାଷୀ ବିଭିନ୍ନ ସମୟରେ ଜନପ୍ରତିନିଧିଙ୍କୁ ଭେଟି ପ୍ରତିକାର ପାଇଁ ଅବଗତ କରୁଥିଲେ ବି କୌଣସି ସୁଫଳ ମିଳିପାରୁନାହିଁ। ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଥିଲେ ବି ବାସ୍ତବରେ ନାଳ ପୂର୍ବ ଭଳି ପଡ଼ିରହିଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନାଗ ଫେଣି ଓ କଳକତି ଦଳରେ ନାଳ ଭର୍ତ୍ତି ହୋଇଥିବାବେଳେ ଜଳ ପରିଚାଳନାରେ ସମସ୍ୟା ହେଉଛି। ପୂର୍ବେ ଏହି ନାଳ ଉପରେ ନିର୍ଭର କରି ଚାଷୀ ପାରମ୍ପରିକ ଧାନ ଫସଲ ସହ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଇବା ସହିତ ଗାଧୁଆପାଧୁଆ, ବାସନକୁସନ, ଗୃହପାଳିତ ପଶୁ ପାଣି ପିଇବା ପାଇଁ ମଧ୍ୟ ବ୍ୟବହାର ହେଉଥିଲା। ଏତଦ୍ ବ୍ୟତୀତ ପ୍ରତିବର୍ଷ ରୋହି, ଭାକୁଡ଼, ଶେଉଳ, କେରାଣ୍ଡି, କଣ୍ଟିଆ ମାଛ ଧରି ବହୁ ଲୋକ ଉପକୃତ ହେଉଥିଲେ। ଏବେ ତାହା ହୋଇପାରୁନାହିଁ। ଗୃହପାଳିତ ପଶୁ ଏହାର ଜଳ ବ୍ୟବହାର କରିପାରୁ ନାହାନ୍ତି ଓ ଅଞ୍ଚଳବାସୀ ବ୍ୟବହାର କରିବା ଦଶନ୍ଧି ଦଶନ୍ଧି ଧରି ଏକ ପ୍ରକାର ଭୁଲିଗଲେଣି ଓ ସୁନ୍ଦରୀ ମୁହଁଠାରୁ ବାହାରି କୁସୁନପୁର ସଫେଇ ନଦୀରେ ମିଶିଥିବା ଏହି ନାଳ ଏବେ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ଅନ୍ୟପକ୍ଷରେ ଚିଙ୍ଗୁଡ଼ିଆ ଦଳ ମଧ୍ୟ ମାଇଲ ମାଇଲ ଲମ୍ବି ଥିବା ବେଙ୍ଗା ନାଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନାଳର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

## ଲୋକଙ୍କ ସମସ୍ୟା ପଚାରି ବୁଝିଲେ ପ୍ରୀତି ରଞ୍ଜନ



**ଯଖପୁରା, ୧୩।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ରହିଛି। ମାତ୍ର ଆଉ କିଛି ଘଣ୍ଟା ପରେ ନୂଆପଡ଼ା ଉପ ନିର୍ବାଚନର ଫଳ ପ୍ରକାଶ ପାଇବ। ବିଜେଡି ସୁପ୍ରିମୋ ନୂଆପଡ଼ା ଉପନିର୍ବାଚନକୁ ଗୁରୁତର ସହ ନେଇଛନ୍ତି। ନୂଆପଡ଼ା ଉପ ନିର୍ବାଚନ ପରିଚାଳନା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅନେକ ନେତାଙ୍କୁ ଦାଇତ୍ୱ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇଙ୍କୁ ମଧ୍ୟ ନୂଆପଡ଼ା ଉପନିର୍ବାଚନ ପାଇଁ ଦାଇତ୍ୱ ଦେଇଥିଲେ। ନୂଆପଡ଼ା ଉପନିର୍ବାଚନ ପ୍ରଚାର, ସଂଗଠନ ପାଇଁ ପ୍ରୀତି ରଞ୍ଜନ ନୂଆପଡ଼ାରେ କିଛି ଦିନ ଧରି ରହିଥିଲେ। ଫଳରେ ତାଙ୍କ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ସହ ଯୋଡ଼ି ହୋଇପାରୁ ନଥିଲେ। ଅଞ୍ଚଳର ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ପାରୁନଥିଲେ। ଫଳରେ ତାଙ୍କ ସମର୍ଥକମାନେ ତାଙ୍କ ନେତାଙ୍କୁ ପାଖରେ ନପାଇ ହତାଶ ହୋଇପଡ଼ିଥିଲେ। ମାତ୍ର ନୂଆପଡ଼ା ଉପନିର୍ବାଚନର ପ୍ରଚାର କାର୍ଯ୍ୟକ୍ରମ ସାରିବା ପରେ ପୂର୍ବତନ ବିଧାୟକ ତୁରନ୍ତ ଆସି ତାଙ୍କ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ଲୋକଙ୍କ ସହିତ ଯୋଡ଼ି ହେଉଥିବାର ଦେଖିବାକୁ ମିଳୁଛି। ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଛନ୍ତି। ସେହି ଭିତ୍ତିରେ ଦାନଗଦି ବ୍ଲକର ଅନେକ ଅଞ୍ଚଳକୁ ଯାଉଥିବାର ଦେଖିବାକୁ ମିଳୁଛି। ଗତକାଲି ଖପୁରିଆପଦା ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଥିବାର ଦେଖିବାକୁ ମିଳୁଛି। ଆଜି ସକାଳୁ ସକାଳୁ ମାଣତୀରା ପଞ୍ଚାୟତର କେନ୍ଦୁଡିପ ଗ୍ରାମକୁ ଯାଇଥିବାର ଦେଖିବାକୁ ମିଳିଥିଲା। ନଭେମ୍ବର ୧ ତାରିଖ ଦିନ କେନ୍ଦୁଡିପ ଗ୍ରାମର ବିଜୟ କୁମାର ପାଳଙ୍କ ପୁତ୍ର ଆଶିଷ କୁମାର ପାଳଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ଶୁଣି ସେତେବେଳେ ପ୍ରୀତିରଞ୍ଜନ ଦୁଃଖ ପ୍ରକାଶ କରିବା ସହିତ ଶୋକ ସନ୍ତପ ପରିବାରକୁ ଆଶ୍ୱାସନା ଦେଇଥିଲେ ମାତ୍ର ତାଙ୍କ ଘରକୁ ଆସି ପାରିନଥିଲେ। କାରଣ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ନୂଆପଡ଼ାରେ ରହିଥିଲେ। ନୂଆପଡ଼ାରୁ ଫେରିଲା ପରେ ତୁରନ୍ତ ଆସି ମୃତ ଛାତ୍ରଙ୍କ ଘରକୁ ଯାଇ ତାଙ୍କ ପରିବାର କୁ ଆଶ୍ୱାସନା ଦେଇଥିବାର ଦେଖିବାକୁ ମିଳିଛି। ତାଙ୍କ ପ୍ରିୟ ନେତାଙ୍କୁ ପାଖରେ ପାଇ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ପ୍ରୀତି ରଞ୍ଜନଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଦୁଃଖ ସୁଖରେ ସାମିଲ ହେବାକୁ ନେଇ ତାଙ୍କ କର୍ମୀ ମାନେ ଉତ୍ସାହିତ ହୋଇ ପଡିଛନ୍ତି।ତାଙ୍କର ଏପରି କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରାଯାଇଛି।

## ପକ୍ଷାଘାତ ରୋଗୀଙ୍କୁ ସହାୟତା

**ଧର୍ମଶାଳା, ୧୩।୧୧( ସମସ):** ଧର୍ମଶାଳା ଯୁବସଙ୍ଗଠକ ରାଜେଶ କୁମାର ପାଳଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚାର କର୍ଯ୍ୟକର୍ତାମାନେ ଚହଟା ଗ୍ରାମପଞ୍ଚାୟତ ରେ ପହଂଚି ଜନସାଧାରଣ ଓ ଯୁବ ସାଥି ମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହା ସହ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ତରଫରୁ ପାରାଲିସିସ ରୋଗରେ ପୀଡ଼ିତ ଥିବା ଏହି ଗ୍ରାମର ବିଦ୍ୟାଧର ସେଠୀ , ବିନୟ ମଲିକଙ୍କ ର ଆଖି ଅପରେସନ, ରତ୍ନାକର ମଲ୍ଲିକଙ୍କର ଟ୍ୟୁମର ଅପରେସନ, କାର୍ତ୍ତିକ ସେଠୀଙ୍କର ହାର୍ଟ ଅପରେସନ, ଅର୍ଚ୍ଚନା ମହାନ୍ତି ପାରାଲିସିସ ରୋଗରେ ଆକ୍ରାନ୍ତ , ଶଙ୍କର୍ଷଣ ମହାନ୍ତି କିଡନୀ ରୋଗରେ ଆକ୍ରାନ୍ତ ଭଳି ସମସ୍ୟା ରେ ଥିବା ଅସହାୟ ଲୋକ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଶରତ ଓଝା ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡ, ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି, ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଶୋଚନୀୟ; ହୀନସ୍ତା ହେଉଛନ୍ତି ଗ୍ରାମବାସୀ



**କୟାଁଗୋଲା, ୧୩।୧୧:(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତର କମାଡ଼ିହଠାରୁ ଦରଭା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୫ ବର୍ଷ ହେଲା ଅବହେଳିତ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠିଗଲାଣି। ରାସ୍ତା ସାରା ଖାଲଖମା। ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବା ଲୋକ ଅଭିଯୋଗ କରିଛନ୍ତି। ବିଶେଷକରି ଦୁଇ ଚକିଆରେ ଯାଉଥିବା ଲୋକେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଥରେ ଯିଏ ଏହି ରାସ୍ତାରେ ପଡ଼ି ଖଣ୍ଡିଆଖାବରା ହେଉଛି, ଦ୍ୱିତୀୟ ଥର ଯିବାବେଳେ ଭାବୁଛନ୍ତି। ଏହି ରାସ୍ତା ଉପରେ ୩ଟି ଜିଲ୍ଲା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାର ଲୋକ ନିର୍ଭର କରିବା ସହ ଗମନାଗମନ କରିଥାନ୍ତି। ଅନ୍ୟ ରାସ୍ତା ନଥିବାରୁ ବାଧ୍ୟ ହୋଇ ଏହି ରାସ୍ତା ଉପରେ ଯିବା ଆସିବା କରୁଛନ୍ତି। ତେବେ ସରକାର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତାର ରକ୍ଷଣାବେକ୍ଷଣ ନେଇ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦେଖା ନାହିଁ। ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ଚୁପ୍। ଏଣୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଜରୁରିକାଳୀନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବା ବଡ଼ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ଏହା ଟେଣ୍ଡର ହେଇ ନାହିଁ, ହେଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ଦିଲ୍ଲୀ ବିସ୍ଫୋରଣ ପରେ ମଙ୍ଗଳପୁର ପୁଲିସ ତତ୍ପର



**କୟାଁଗୋଲା, ୧୩।୧୧(ସମିସ):** ଦିଲ୍ଲୀର ଐତିହାସିକ ଲାଲକିଲା ନିକଟରେ ହୋଇଥିବା ବିସ୍ଫୋରଣରେ ୧୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ପରେ ସାରା ଦେଶର ପ୍ରମୁଖ ସହର ହାଇଆଲର୍ଟରେ ରହିଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳରେ ପୁଲିସ ତତ୍ପର ହୋଇଛି। ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ, ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ମଙ୍ଗଳପୁର ବଜାର, ସହ, ଲାଲବାଗ, ବଡଲାଙ୍ଗ, ଦୁବକଣ, ଦକ୍ଷିଣବନ୍ଧ ଆଦି ଛକରେ କଡ଼ାକଡ଼ି ଚେକିଂ କରାଯାଉଛି। ମାତ୍ର ଜନସାଧାରଣ ଏଥିରେ ଭୟଭୀତ ନ ହୋଇ ସଜାଗ ରହିବା ସହ କୌଣସି ସନ୍ଦେହ ବ୍ୟକ୍ତି ଗ୍ରାମରେ ଦେଖିଲେ ନିକଟସ୍ଥ ଥାନା ବା ୧୧୨ ନମ୍ବରକୁ ଫୋନ୍ କରିବାକୁ ଲୋକମାନଙ୍କୁ କହିଥିଲେ। ଏହି ପାଟ୍ରୋଲିଂରେ ଥାନା ଇନ୍‌ସପେକ୍ଟର ବିଭୂତି ମହାପାତ୍ର, ଏସ୍ ଆଇ ଅନିତା ପ୍ରଧାନ, ଏ ଏସ୍‌ଆଇ ଜଟାଧାରୀ ଦାସ ଉପସ୍ଥିତ ଥିଲେ।

### ଅନିଶ୍ଚିତତା ଭିତରେ ୮୪ ଲକ୍ଷର ଟେଣ୍ଡର!

# ମାସେ ପରେ ବି କାମ ଆରମ୍ଭ କରୁନି ପୂର୍ତ୍ତ ବିଭାଗ

**ପ୍ରୀତିପୁର/ବିଞ୍ଝାରପୁର, ୧୩।୧୧(ସମିସ)**



ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଠିକାଦାର ମଧ୍ୟ ନିଯୁକ୍ତି ହେଇଛନ୍ତି। କିନ୍ତୁ କାମ ଆରମ୍ଭ ହେଉନି। ଫଳରେ ଯନ୍ତ୍ରଣା ଭୋଗୁଛନ୍ତି ବିଞ୍ଝାରପୁରବାସୀ। ଏପରିକି ପାଖାପାଖି ୮୪ ଲକ୍ଷ ଟଙ୍କାକୁ ହଜମ କରିବା ପାଇଁ ଠିକାଦାର ଆଉ ବିଭାଗୀୟ ଯନ୍ତ୍ରୀ ମସୁଧା କରୁଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ବିଞ୍ଝାରପୁର ସିଂହପୁର ରାସ୍ତା ଏବଂ ବିଞ୍ଝାରପୁର ଯାଜପୁର ରାସ୍ତାର ଅବସ୍ଥା କଥା ନକହିଲେ ଭଲ। କେଉଁଠି ଗୋଡ଼ି ଉଠି ଗଲାଣି ତ କେଉଁଠି ଗାଡ଼ିଆ ଆକୃତିର ଗର୍ତ୍ତ ସୃଷ୍ଟି ହେଲାଣି। ଗତ କେଇ ମାସ ତଳେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ। ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ, ଆଉ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ବାରମ୍ବାର ଅଭିଯୋଗ ପରେ ମରାମତି ପାଇଁ ବିଞ୍ଝାରପୁର-ସିଂହପୁର ଏବଂ ବିଞ୍ଝାରପୁର-ଯାଜପୁର ରାସ୍ତାର ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା ପୂର୍ତ୍ତ ବିଭାଗ। ଟେଣ୍ଡର ପ୍ରକ୍ରିୟା ମଧ୍ୟ ପାଖାପାଖି ମାସେ ହେବ ସରିଲାଣି। କିନ୍ତୁ ରାସ୍ତାର ଅବସ୍ଥା ବଦଳୁ ନାହିଁ। ବିଞ୍ଝାରପୁରରୁ ସିଂହପୁର ପର୍ଯ୍ୟନ୍ତ ୧୦କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷର ଟେଣ୍ଡର ଏବଂ ବିଞ୍ଝାରପୁରରୁ ଯାଜପୁର ରାସ୍ତାର ପାଖାପାଖି ୧୨ କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷ, ଏପରି ମୋଟ ୮୪ ଲକ୍ଷର ଟେଣ୍ଡର ସାରି ଚୁପ୍ ବସିଛି ବିଭାଗ। ବିଞ୍ଝାରପୁର ଯାଜପୁର ରାସ୍ତାର ବିଞ୍ଝାରପୁର ସୟଦପୁର ମଝି ରାସ୍ତା, ମଇଁଦା ପେଟ୍ରୋଲ ପମ୍ପ ପୂର୍ବ ରାସ୍ତା, ଅରେଇ ଶରତ ଢାବା ନିକଟସ୍ଥ ରାସ୍ତାର ଅବସ୍ଥା ଏବେ ଯାତ୍ରୀଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ ଯିବା ସମୟରେ ବଡ଼ ବଡ଼ ଗର୍ତ୍ତ ଯୋଗୁଁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେରେ କିଛି ଡବ୍ଲ୍ୟୁଏମ୍ଏମ୍ ପକାଇ ଠିକାଦାର ବାକି ଅର୍ଥ ଆତ୍ମସାତ କରିବା ଚକ୍କରରେ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେହିଭଳି ବିଞ୍ଝାରପୁର ସିଂହପୁର ରାସ୍ତାର ମରାମତି କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। କେବେ ଆରମ୍ଭ ହେବ ତା'ର କିଛି ସଙ୍କେତ ମଧ୍ୟ ନାହିଁ। ଖାଲି ସେତିକି ନୁହେଁ, ବିଞ୍ଝାରପୁର ଯାଜପୁର ଏବଂ ବିଞ୍ଝାରପୁର ସିଂହପୁର ରାସ୍ତା ୪ ଲେନ୍ ହେବା ପାଇଁ ଡିପିଆର୍ ମଧ୍ୟ ଯାଇ ସାରିଛି। ଆଉ କିଛି ଦିନ ପରେ ଏହାର ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। କିନ୍ତୁ ଏପର୍ଯ୍ୟନ୍ତ ଏ ପୂର୍ବ ରାସ୍ତାର ମରାମତି କାମ ସରିଲା ନାହିଁ। କୁହା ଯାଉଛି ଅଳ୍ପ ମରାମତି କରି ସମୟ ଗଡ଼ାଇ ଠିକାଦାରଙ୍କୁ ମାଧ୍ୟମ କରି ପୂର୍ତ୍ତ ବିଭାଗ ଅଧିକାରୀମାନେ ନିଜ ପକେଟ ଗରମ କରିବା ଯୋଜନାର ଅଛନ୍ତି। ଆଉକିଛି ଦିନ ପରେ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଆଉ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଏହି ରାସ୍ତାରେ ଜମିବ। କିନ୍ତୁ ଚେଇଁ ଶୋଇଛି ପୂର୍ତ୍ତ ବିଭାଗ। ଠିକାଦାରଙ୍କୁ ପୂର୍ଣ୍ଣ ସୁରକ୍ଷା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଖାଲି ଥିବା ଏସ୍‌ଡିଓ ଏବଂ କିରାଣି ପଦବୀକୁ ଦାୟୀ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି।

## ପ୍ରଧାନଶିକ୍ଷକ ଭାଗୀରଥି ପୃଷ୍ଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମଙ୍ଗଳପୁର/କୟାଁଗୋଲା, ୧୩।୧୧ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦରବା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ପୃଷ୍ଟି ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜୟଚଣ୍ଡୀ ମଣ୍ଡଳ ସାଧନା କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ନାୟକ ସଭାପତିତ୍ୱ କରିଥିଲେ।

ମୁଖ୍ୟ ଅତିଥି ଭାବେ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟ ବକ୍ତା ଭାବେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ସମ୍ମାନିତ ଅତିଥିଭାବେ ସହ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମହାନ୍ତି, ଏବିଓ ଅଜିତ ଜେନା, ସିଆର୍‌ସିସି ଗୌତମ ବେହେରା, ସିଆର୍‌ସିସି ବିକାଶ କୁମାର ମଲ୍ଲିକ, ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର କାଣ୍ଡି, ବରିଷ୍ଠ ଶିକ୍ଷକ ପ୍ରବୀର କୁମାର ନାୟକ, ବିଭୂତି ଭୂଷଣ ରଣା, ଅଭିରାମ ମଲ୍ଲିକ, ମଳୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀପୃଷ୍ଟି ଜଣେ ଛାତ୍ର ବତ୍ସଳ, ସ୍ନେହୀ, ପରୋପକାରୀ ଓ କର୍ତ୍ତବ୍ୟ ପରାୟଣ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ବାରିକଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ବେହେରା, ତାପସ କୁମାର ରଣାଙ୍କ ସହ ଅର୍ଚ୍ଚନା ନାୟକ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ମଦ ଜବତ, ୩ ଗିରଫ

ଜୟପୁର,୧୩।୧୧(ସମିସ): ଜୟପୁର ଅବକାରୀ ସର୍କଲ ପକ୍ଷରୁ ସ୍ଥାନୀୟ ଦୁଇଟି ଗ୍ରାମ ଉପରେ ଚଢଉ କରାଯାଇ ୩୧ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ଏହି ମାମଲାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ବେଆଇନ ମଦବ୍ୟବସାୟୀ ସାନଜିଉନା ଗ୍ରାମର ପବିତ୍ର ନାୟକ (୨୯), ଫାମ୍ପୁଣି ଗ୍ରାମର ଧନପତି ଗୌଡ (୪୫) ଏବଂ ମହିଳା ଅଭିଯୁକ୍ତା ପ୍ରଭାତି ଗୌଡ (୪୫)। ଆଜି ପୂର୍ବାହ୍ନରେ ଅବକାରୀ ବିଭାଗ ପକ୍ଷରୁ ଜୟପୁର ସଦରଥାନା ଅଞ୍ଚଳରେ ପେଟ୍ରୋଲିଂ କରିବା ସହ ସୂଚନା ଅନୁଯାୟୀ ସାନଜିଉନା ଗ୍ରାମରେ ଚଢଉ କରିବା ସହ ଅଭିଯୁକ୍ତ ପବିତ୍ରଙ୍କ ନିକଟରୁ ୮ ଲିଟର, ଫାମ୍ପୁଣି ଉପରେ ଚଢଉ କରାଯାଇ ଧନପତିଙ୍କ ନିକଟରୁ ୧୧ ଲିଟର ଏବଂ ମହିଳା ପ୍ରଭାତିଙ୍କ ନିକଟରୁ ୧୨ ଲିଟର ବେଆଇନ ପ୍ରସ୍ତୁତ ଦେଶୀ ମଦ ଜବତ କରାଯାଇଛି।

# ସାଇବର ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା, ୧୩।୧୧(ସମିସ):

ରାୟଗଡ଼ା ଜିଲ୍ଲା ଟିକିରିଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ପୁଲିସ ପ୍ରଶାସନ ଏବଂ ଉତ୍କଳ ଆଲୁମିନା ପକ୍ଷରୁ ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୌରହରୀ ସାହୁ ଯୋଗ ଦେଇ କହିଛନ୍ତି ଯେ, କ୍ରମବର୍ଦ୍ଧିଷ୍ଣୁ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟର ବହୁଳ ବ୍ୟବହର ଦୈନନ୍ଦିନ ଜୀବନରେ ଏକ ଅଭିନ୍ନ ଅଙ୍ଗ ହେଉଛି। ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ବୃଦ୍ଧି ତଥା ଅନ୍ୟାନ୍ୟ ନୂତନ ପ୍ରଯୁକ୍ତି ଯୋଗୁଁ ସାଧାରଣ ଲୋକେ ଏହାର ଉଚିତ୍ ବ୍ୟବହାର ନଜାଣି ସାଇବର ଠକେଇର ଶିକାର ହୋଇଛନ୍ତି। ଇଣ୍ଟରନେଟ୍ ସୁରକ୍ଷା ପ୍ରତି ଶିକ୍ଷିତ ବର୍ଗ ମଧ୍ୟ ସଚେତନତା ଅବଲମ୍ବନ କରୁନଥିବାରୁ ଏହା ଦୃର୍ବୃତ୍ତଙ୍କ ସାହସ ବୃଦ୍ଧି କରିଛି ବୋଲି ଶ୍ରୀ ସାହୁ କହିଥିଲେ। ସେହିପରି ରାୟଗଡା ସାଇବର ସେଲ୍‌ର ନିରୀକ୍ଷକ ଅଭିନାଶ ରେଡ୍ଡି କହିଥିଲେ ଯେ, ସାଇବର ଅପରାଧ ପ୍ରତିରୋଧ ପାଇଁ ଏକମାତ୍ର ଉପାୟ ସଚେତନତା। ସାଇବର ଠକ ମାନଙ୍କୁ ଚିହ୍ନଟ କରିବା। ଏବଂ ନିଜର ପାସୱାର୍ଡ ସୁରକ୍ଷା, ସୁରକ୍ଷିତ ଅନଲାଇନ୍ ପରିଚାଳନା ଓ ୱାଟସ୍ ଆପ୍ ଓ ଫେସବୁକ୍ ଭଳି ସୋସିଆଲ୍ ମିଡିଆ ମାଧ୍ୟମରେ ଠକଙ୍କ ପ୍ରତି ସଜାଗ ରହିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଇବର ସଚେତନତା ସମ୍ବନ୍ଧିତ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦୋରାଗୁଡା ଥାନାଧିକାରୀ ଶ୍ରୀମତୀ କିରଣବଳା ସାମଲ ଓ ଟିକିରି ଥାନାଧିକାରୀ ବିଶ୍ୱବନ୍ଦିନୀ ବାଗ ଉପସ୍ଥିତ ଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ପରମଜିତ ସିଂହ ବଜୱା, ବିଜୟ ଚୌହାନ, ଲୋପାମୁଦ୍ରା ମିଶ୍ର, ଗିରିଜା ପଣ୍ଡା, ଅନିଲ ପାତ୍ର, ପୀତାମ୍ବର ବେହେରା, ଦିଗନ୍ତ ମହାନ୍ତି ଓ ମନୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଉତ୍କଳ ଆଲୁମିନାର ଆଇଟି ଓ ସିଏସଆର୍ ଟିମ୍ ସଦସ୍ୟଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସଫଳ ହୋଇଥିଲା।

# କେନ୍ଦୁଗୁଡାରେ ନିୟନ୍ତ୍ରଣ ହେଉଛି ଝାଡ଼ାବାନ୍ତି

କୁନ୍ଦୁରା, ୧୩।୧୧(ସମିସ): କେନ୍ଦୁଗୁଡାରେ ଝାଡାବାନ୍ତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଚାଲିଛି। କିଛିଦିନ ହେବ ଗାଁ ରେ ମେଡିକାଲ ଟିମ ଡେରା ପକାଇଛି । ମେଡିକାଲ ଇନ୍‌ଚାର୍ଜ ଡାକ୍ତର ଗଣେଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗାଁ ପ୍ରତି ତିକ୍ଷ୍ଣ ନଜର ରଖାଯାଇଛି। ପ୍ରତିଦିନ ଦୁଇ ବେଳା ଡାକ୍ତରୀ ଦଳ ଯାଇ ସ୍ଥିତି ନିରୀକ୍ଷଣ କରୁଛନ୍ତି ଓ ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା ବେଳେ ପାଣି ଭଲ ଅଛି ବୋଲି ରିପୋର୍ଟ ଆସିଛି । ଗାଁ ଘରେ ଘରେ ସଚେତନ କୋରାଯଉଛି । ଗାଁରେ ଯେପରି ଅଧିକ ନ ବ୍ୟାପିବ ସେଥିପାଇଁ ପ୍ରାୟ ୧୦ ପରିବାରର ୫୦ରୁ ଉର୍ଦ୍ଧ ଲୋକଙ୍କୁ ଔଷଧ, ଓଆର୍‌ଏସ୍ ଆଦି ଯୋଗାଇ ଦିଆଯାଉଛି । ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ମେଡିକାଲ୍‌କୁ ଆଣିବାକୁ କୁହାଯାଉଛି। ଶିରା,ଗୁଣିଆ ଠାରୁ ଦୂରରେ ରହିବାକୁ ସଚେତନ କରାଯାଉଛି। ସୂଚନା ଥାଉକି, ଏକ ସପ୍ତାହ ମଧ୍ୟରେ ଗାଁ ରେ ଝାଡ଼ାବାନ୍ତିରେ ୧୮ ଜଣ ଆକ୍ରାନ୍ତଙ୍କ ହୋଇ ଥିବା ବେଳେ ସେଥି ମଧ୍ୟରୁ ଦୁଇ ମହିଳଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମେଡିକାଲ ଇନ୍‌ଚାଜଙ୍କ କହିବା ଅନୁଯାୟୀ, କେନ୍ଦୁଗୁଡାରେ ଝାଡାବାନ୍ତି ନିୟନ୍ତ୍ରିତ ହୋଇଛି। ଗାଁର ସମସ୍ତ ରୋଗୀ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର,୧୩।୧୧(ସମିସ): ନବରଙ୍ଗପୁର ପୌରପାଳିକା ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପୌରପାଳିକାର ମୁଖ୍ୟ କିରାଣୀ ଅଜୟ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷ ପାଇଁ ୧୫୭ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ଭିନ୍ନକ୍ଷମଙ୍କ ଦିବ୍ୟାଙ୍ଗ ପ୍ରତିଶିତ ଆକଳନ କରିବା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୁଇ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୭ ଜଣ ପଞ୍ଜିକରଣ କରିଥିଲେ ଶିବିରରେ ବିଶେଷଜ୍ଞ ମାନଙ୍କ ଦ୍ୱାରା ୯୨ ଜଣ ଭିନ୍ନକ୍ଷମଙ୍କୁ ବିଭିନ୍ନ ବର୍ଗରେ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅତିଶୀଘ୍ର ଏହି ଦିବ୍ୟାଙ୍ଗ ମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇ ସେମାନଙ୍କୁ ଦିବ୍ୟାଙ୍ଗ ପ୍ରତିଶତ ଆନୁଯାୟୀ ଭତ୍ତାପ୍ରଦାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ପୌରପାଳିକାର କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ଏ. ସତୀଶ, ଶର୍ମିଷ୍ଠା ଦେଓ, ସମେଶ ଖରା, ଆଇ. ମୁରୁଲି କ୍ରିଷ୍ଣା, ପୁନମ ସାହୁ ଓ ମମତା ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ପୌର କାର୍ଯ୍ୟାଳୟର ଜ୍ୟୋତି ପରିଚ୍ଛା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସାଗରୀକା ମାହାଙ୍କୁଡ , ଲିପିକା ପଣ୍ଡା ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଜି. ଚୈତନ୍ୟଙ୍କ କୃତିତ୍ୱ




କାକିରିଗୁମା,୧୩।୧୧(ସମିସ): ଓଡ଼ିଶା ପୁଲିସ୍ ପକ୍ଷରୁ ଆୟୋଜିତ ସାଇବର ସୁରକ୍ଷା ସମ୍ପର୍କିତ ରାଜ୍ୟ ସ୍ତରୀୟ ଇଂରାଜୀ ବକ୍ତୃତା ପ୍ରତିଯୋଗୀତାରେ ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଜି ଚୈତନ୍ୟ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତା ମହାନ୍ତି ,ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ବିଆରସିସି ବିଭୁତି ଭୁଷଣ ଟାକ୍ରୀ,ଓ ଲକ୍ଷ୍ମୀପୁରର ସମଗ୍ର ଶିକ୍ଷକ ସମାଜ ଅଞ୍ଚଳବାସୀ ଛାତ୍ରଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଜି ଚୈତନ୍ୟଙ୍କ ପିତା ଜଣେ ଶିକ୍ଷକ ବୋଲି ଜଣାପଡ଼ିଛି।

## କୋରାପୁଟ ଜିଲ୍ଲା ରାଇସ ମିଲର୍ସ ମହାସଂଘ ନିର୍ବାଚନ

# ତ୍ରିପତି ସଭାପତି, ଗୋପାଳ ସମ୍ପାଦକ ପୁନଃ ମନୋନୀତ

ଜୟପୁର,୧୩।୧୧(ସମିସ):



କୋରାପୁଟ ଜିଲ୍ଲା ରାଇସ ମିଲର୍ସ ମହାସଂଘର ନିର୍ବାଚନ ନେଇ ଗତକାଲି ବୋରିଗୁମ୍ମା ଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ମିଲର୍ସ ମାନଙ୍କ ସହମତି କ୍ରମେ ପୁନଃର୍ବାର ସଭାପତି ଭାବେ ବି.ତ୍ରିପତି ରାଓ ସର୍ବସମ୍ମତି କ୍ରମେ ନିଯୁକ୍ତ କରାଯାଇଛି। ଏହିପରି ଗତ ବର୍ଷ ମିଲର୍ସ ଏବଂ ପ୍ରଶାସନ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ସହିତ ଉଭୟ ଖରୀଫ ଓ ରବି ଋତୁରେ ଧାନ କଷ୍ଟମ ମିଲିଂରେ ପ୍ରଶାସର ସହାୟତା କରିବାରେ ସଭାପତି ଶ୍ରୀ ରାଓଙ୍କ ଉତ୍ତମ ପରିଚାଳନା ଯୋଗୁଁ ବୈଠକରେ ସମସ୍ତ ମିଲ ମାଲିକ ମାନେ ପୁନର୍ବାର ସଭାପତି ଭାବେ ରାଓଙ୍କୁ ମନୋନୀତ କରିବା ନେଇ ସମର୍ଥନ କରିଥିଲେ। ଏହିପରି ସମ୍ପାଦକ ଭାବେ ଗୋପାଳ କୃଷ୍ଣ ଦାଶଙ୍କୁ ମଧ୍ୟ ପୁନଃର୍ବାର ଏହି ପଦବୀରେ ରଖିବା ନେଇ ମିଲ ମାଲିକ ମାନେ ମତାମତ ଦେଇଥିଲେ। ସେହିପରି ଉପସଭାପତି ଭାବେ ଦୁର୍ଯୋଧନ ପାଣି, ବି. ଗୋବିନ୍ଦ ରାଓ, ସନ୍ତୋଷ ସାହୁ, ଯୁଗ୍ମ ସମ୍ପାଦକ ଭାବେ ତ୍ରିନାଥ ମଣ୍ଡଳ, ପ୍ରଶାନ୍ତ ରଥ, ଧିରେନ ଶତପଥି, କୋଷାଧକ୍ଷ ଏସ. ରାଜୀବ କୁମାର, କାର୍ଯ୍ୟକାରୀ ସଦସ୍ୟ ଭାବେ ସତ୍ୟ ନାରାୟଣ ସୁବଦ୍ଧି, ସୁଧାଂଶୁ ଶେଖର ବିଶ୍ୱାଳ, ଦିନେଶ ବିଶୋୟୀ, ପି. ଆନନ୍ଦ ରାଓ, ପି. ସାନମୁଖା, ବାଳକୃଷ୍ଣ ପଣ୍ଡା, ପି. ଦିଲ୍ଲିପ କୁମାର ଏବଂ ପରାର୍ଶଦାତା ଭାବେ ଗିରିଜା ଶଙ୍କର ଦାଶ, ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ନରେନ୍ଦ୍ର କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଖରୀଫ ଓ ରବିଋତୁରେ ମଣ୍ଡିର ଚାଷୀଙ୍କ ଧାନ କଷ୍ଟମ ମିଲିଂ ପାଇଁ କିଭଳ ସୁରଖୁରୁରେ ପରିଚାଳନା କରାଯିବ ଏବଂ ବକୟା କଷ୍ଟମ ଚାଉଳ ସରକାରଙ୍କୁ ଫେରସ୍ତ କରାଯିବ ସେଥିନେଇ ପ୍ରଶାସନ ସହିତ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ନୂତନ ସଭାପତି ଶ୍ରୀ ରାଓ ପ୍ରକାଶ କରିଛନ୍ତି।

# ଅପହୃତ ନାବାଳିକା ଉଦ୍ଧାର

ଜୟପୁର,୧୩।୧୧(ସମିସ): କୋଟପାଡ଼ ଥାନା ନାୟକଗୁଡା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ହୋଇଥିବା ନେଇ ମହିଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏଥିନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଗତକାଲି ନାବାଳିକାଙ୍କୁ କୋରାପୁଟ ଟାଉନ ଥାନା ଅଞ୍ଚଳରୁ ଉଦ୍ଧାର କରିଥିବା ସହିତ ଆଜି ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରିଥିଲା। ଆସନ୍ତାକାଲି ତାଙ୍କୁ ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ହାଜର କରାଯାଇ। ସେଠାରେ ରହିବା ନେଇ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲୋକ ପ୍ରକାଶ କରିଛନ୍ତି। ଅପହରଣକାରୀ ଯୁବକ ଫେରାର ରହିଛି । ସୂଚନାଯୋଗ୍ୟ, ଗତ ୯ ତାରିଖରେ ନାୟକଗୁଡା ଅଞ୍ଚଳର ନାବାଳିକାକୁ ସେହି ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ୧୦ ତାରିଖରେ ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା।

# ମହୋନ ମୁର୍ଜିଆଙ୍କ ପରଲୋକ

ବୈପାରିଗୁଡ଼ା,୧୩।୧୧(ସମିସ): ବୈପାରିଗୁଡାର ପୂର୍ବତନ ସରପଞ୍ଚ ତଥା ସ୍ୱେଚ୍ଛାସେବୀ ଭାଗିରଥି ମୁର୍ଜିଆଙ୍କ ପିତାଙ୍କ ପରଲୋକ ହୋଇଯାଇଛି। ପୂର୍ବତନ ସରପଞ୍ଚ ଶ୍ରୀ ମୁର୍ଜିଆଙ୍କ ପିତା ମହୋନ ମୁର୍ଜିଆ(୭୦) କିଛି ଦିନ ତଳେ ଅସୁସ୍ଥ ଅବସ୍ଥାରେ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ଭୋରସକାଳ ୫ଟା ବେଳେ ବାଗାରାଗୁଡା ଗ୍ରାମର ନିଜିୟ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବୈପାରିଗୁଡା ବ୍ଲକରେ ଶୋକର ଛାୟା ଖେଳିଯାଇଛି। ଭାଗିରଥି ମୁର୍ଜିଆଙ୍କ ପିତାଙ୍କ ବିୟୋଗ ଖବର ପାଇ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ତତ୍କାଳୀନ ବିଜେଡି ବିଧାୟକ ରଘୁରାମ ପାଡାଲ, ବିଜେଡି ଜିଲ୍ଲା ସଭାପତି ଜିନୁ ହିକକା, ଜିଲ୍ଲା ସଭାନେତ୍ରୀ ପାର୍ବତୀ ମଣ୍ଡିଙ୍କ ସହ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ମଦ ଚଢ଼ଉ

କୋଷାଗୁମୁଡା,୧୩।୧୧(ସମିସ): ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ ତଥା ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ଗୋଷ୍ଠୀ ନିରୀକ୍ଷକ ବୃନ୍ଦାବନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, କୋଡିଙ୍ଗା ଅବକାରୀ ଥାନା କର୍ମଚାରୀ ମାନଙ୍କ ସହ ଅଶୋକ ମୁଦୁଲିଙ୍କ ଉପସ୍ଥିତିରେ କୋଶାଗୁମୁଡ଼ା ଥାନା ଅର୍ନ୍ତଗତ କେର୍ଲା ଗ୍ରାମର ପୋଖରୀ ହୁଡା ଓ ଖୋଲା ଜାଗା ଗୁଡ଼ିକୁ ତଲାସି ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। କୋଡ଼ିଙ୍ଗା ଥାନା ଅନ୍ତର୍ଗ ଡଙ୍ଗରା ଗ୍ରମରେ ଜଣେ ମହିଳାଙ୍କ ଠାରୁ ୯ ଲିଟର ମଦ ଜବତ କରାଗଲା । ବରଗାଁ ଗ୍ରାମର ମଧୁ କେଉଟ ନିକଟରୁ ୧୯ ଲିଟର ଜବତ କରାଯାଇଛି। ଏହି ଚଢ଼ଉ ରେ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ଆଶିଷ ନାୟକ, ସହ ଉପନିରୀକ୍ଷକ ହଳଧର ଜାନି, ରିସମା କୁମାରୀ ସୁନା, ପ୍ରମୋଦ ବାଘ, ଗୀନା ବଡନାୟକ, ଆକ୍ରମ୍ ଖାନ, ଗଂଜିତ ସିଂ, ଦେବେନ୍ଦ୍ର ଭତରା, କାଳୀମଣି ମୁଦୁଲି ତଥା ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ୬ ପ୍ରୋବେଶନର ଆଇଏଏସଙ୍କ ପୌରାଞ୍ଚଳ ଗସ୍ତ




ଜୟପୁର,୧୩।୧୧(ସମିସ): ନୂତନ ଭାବେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ନିଯୁକ୍ତ ହୋଇଥିବା ୬ଜଣ ପ୍ରୋବେଶନର କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ଆଜି ଜୟପୁର ପୌର କାର୍ଯ୍ୟାଳୟ ଏବଂ ସ୍ଥାନୀୟ ଅଞ୍ଚଳ ଗସ୍ତ କରିଥିଲେ। ଏହି ୬ଜଣ ପ୍ରଥମେ ଜୟପୁର ପୌ?ରସଂସ୍ଥାକୁ ଯାଇ ଯାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ଶଶ୍ୟାରେଡ୍ଡୀଙ୍କ ସହିତ ପୌରାଞ୍ଚଳର ଚାଲିଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କ ଉପରେ ଅବଗତ ହୋଇଥିବା ବେଳେ ତାଲିମ ଗ୍ରହଣ କରିଥିଲେ। ଏହାପରେ ସେମାନେ କୁମ୍ଭାର ସାହି ସ୍ଥିତ ସହରାଞ୍ଚଳ ଚିକିତ୍ସାଳୟ ଠାରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ଏବଂ ମାଗଣା ଔଷଧ ପ୍ରଦାନ ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ପାଇଲ ସାହିସ୍ଥ ଥିବା ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସରକାର ଶିକ୍ଷା ବ୍ୟବସ୍ଥା ଏବଂ ସ୍ମାର୍ଟ ଶ୍ରେଣୀ କକ୍ଷ ପରିଦର୍ଶନ ସହିତ ଶିକ୍ଷୟତ୍ରୀଙ୍କ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଅବଗତ ହୋଇଥିଲେ। ସେଠାରୁ ନାଗାର୍ଚ୍ଚି ସାହି ବସ୍ତି ଅଞ୍ଚଳରେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ନେଇ ପଚାରି ବୁଝିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ସହରର ଗୃହ, ଦୋକାନ ଓ ରାସ୍ତାରୁ ଉଦ୍ଧାର ହେଉଥିବା ଆବର୍ଜନା ଗୁଡିକକୁ ସ୍ଥାନୀୟ ମକାପୁଟ ସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ବୁଲି ଦେଖିବା ସହ ବର୍ଜ୍ୟ ବସ୍ତୁରେ ପ୍ରସ୍ତୁତ ଖତ ପ୍ରସ୍ତୁତି କେନ୍ଦ୍ର ପ୍ଲାଣ୍ଟ ବୁଲି ଦେଖିଥିଲେ। ପ୍ରୋଭିଜିନାଲ ଆଇଏଏସ ମାନେ ହେଲେ ଅବନୀ ଜେ?ନ, ଦୀପକ ଗୁପ୍ତା, ରୋହିତ ଜୟରାଜ, ମୁସ୍କାନ ଗୁପ୍ତା, ହାଦିୟା ଦୀପାଲି ବିନ୍ଦୁଭାଇ ଓ ଅମଲ ପିଭି ଉପସ୍ଥିତ ଥିଲେ। ଏହିପରି ଅଧିକାରୀ ମାନେ ଗସ୍ତ ବେଳେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ୨୨ ନମ୍ବର ୱାର୍ଡ କାଉନସିଲର ବିଷ୍ଣୁବର୍ଦ୍ଧନ ରେଡ୍ଡି ଏବଂ ପୌର କର୍ମଚାରୀ ସତ୍ୟନାରାୟଣ ପାତ୍ର ଉପସ୍ଥିତ ଥିଲେ।

# ଓଭରବ୍ରିଜ ମରାମତି କାର୍ଯ୍ୟ ତଦାରଖ କଲେ ବିଧାୟକ ଆପଲାସ୍ୱାମୀ



ରାୟଗଡ଼ା,୧୩।୧୧(ସମିସ): ଶୋଚନୀୟ ହୋଇପଡିଥିବା ରାୟଗଡ଼ା ଓଭରବ୍ରିଜର ଉପରେ ଚାଲିଥିବା ମରାମତି କାର୍ଯ୍ୟର ତଦାରଖ କରିଛନ୍ତି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ। ଜାତୀୟ ରାଜପଥ ବିଭାଗ, ସୁନାବେଡା ଡିଭିଜନ ପକ୍ଷରୁ ଟେଣ୍ଡର ଆହ୍ୱାନ ପରେ ଠିକା ସଂସ୍ଥା ପକ୍ଷରୁ ଓଭରବ୍ରିଜର ରେଲିଂ ମରାମତି କାମ ଜୋରସୋରରେ ଆରମ୍ଭ ହୋଇଛି। ଏ ନେଇ ଠିକା ସଂସ୍ଥା ପକ୍ଷରୁ ତହସିଲ କାର୍ଯ୍ୟାଳୟ ପଟରୁ ଓଭରବ୍ରିଜ ମରାମତି କାମ ଆରମ୍ଭ କରାଯାଇଛି। ବିଧାୟକ ଶ୍ରୀ କାଡ୍ରକା କାର୍ଯ୍ୟସ୍ଥଳକୁ ଯାଇ ଠିକା ସଂସ୍ଥା ଅଧିକାରୀମାନଙ୍କ ସହ କାମର କ୍ୱାଲିଟି ଏବଂ ସ୍ଥାୟୀ ମରାମତି କାମ ବିଷୟରେ ଆଲୋଚନା କରିବା ସହ ନିମ୍ନମାନର କାମ ନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉ କି, ୩୨୬ନମ୍ବର ଜାତୀୟ ରାଜପଥ ଉପରେ ଥିବା ରାୟଗଡ଼ା ସହରର ୯୨ମିଟର ଲମ୍ବ ଥିବା ଓଭରବ୍ରିଜର ଉପରସ୍ତର ଏବଂ ସୁରକ୍ଷା ରେଲିଂ ଗୁଡିକ ସହ ଫୁଟପାଥ୍ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଏହା ଉପରେ ସୁରକ୍ଷିତ ଭାବେ ସହରବାସୀ ନିର୍ଭର କରି ଯାତାୟାତ କରିବା ସମ୍ଭବପର ହୋଇ ପାରି ନ ଥିଲା। ଫଳରେ ବିଭିନ୍ନ ମହଲରୁ ଏହାର ସ୍ଥାୟୀ ମରାମତି ନିମନ୍ତେ ଦାବି କରାଯିବାରୁ ସୁନାବେଡା ଡିଭିଜନ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଟେଣ୍ଡର ଆହ୍‌ୱାନ କରାଯାଇଥିଲା। ଯେଉଁଥିରେ ୪ଥର ଟେଣ୍ଡର ଡକାଯାଇଥିବା ବେଳେ ଶେଷଥରରେ ଠିକା ସଂସ୍ଥା ଟେଣ୍ଡର ପାଇ କାମ ଆରମ୍ଭ କରିଛି। ଆଗକୁ ରାୟଗଡ଼ା ସହରରେ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳା ଆୟୋଜନ ଥିବାକୁ ବେଳେ ଓଭରବ୍ରିଜ ଉପରେ ବହୁଳ ଭାବେ ଚଳପ୍ରଚଳ ହେବାର ସମ୍ଭାବନା ଥିବାରୁ ଠିକା ସଂସ୍ଥାକୁ ଯଥାଶୀଘ୍ର ରେଲିଂ କାମ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଥିବା ଜଣାପଡିଛି।

# ଚାଲି ଚାଲି ବଣ୍ଡାଘାଟି ବୁଲିଲେ ଜିଲ୍ଲାପାଳ



ଖଇରପୁଟ ୧୩।୧୧(ସମିସ): ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଖଇରପୁଟ ବ୍ଲକ ସ୍ଥିତ ବଣ୍ଡାଘାଟିର ଅଣ୍ଡରାହାଲ ଓ ତୁଷେଇପଡ଼ା ଗ୍ରାମ ଗସ୍ତ କରିଛନ୍ତି। ବଣ ଜଙ୍ଗଲ ଭିତରେ ଗଛ ଡ଼ାଳ ଗୁଡ଼ିକୁ ଆଡେଇ ଗାଁ ଗାଁ ବୁଲିଛନ୍ତି ଜିଲ୍ଲାପାଳ। ଏହି ଗସ୍ତ ସମୟରେ ଅନ୍ଦ୍ରାହାଲ୍ ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ନିର୍ଦ୍ଦେଶ ଦେବା ସହ ସେହି ଅଞ୍ଚଳରେ ଥିବା ସାରୁ ଜଳପ୍ରପାତର ବିକାଶ ଓ ଝୁଲା ପୋଲ ନିର୍ମାଣ ପାଇଁ କହିଛନ୍ତି ଜିଲ୍ଲାପାଳ। ବଣ୍ଡା ଜନଜାତି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଗ୍ରାମର ରାସ୍ତା ସୁଧାର, ରାସ୍ତା ଆଲୋକ ବ୍ୟବସ୍ଥା ଏବଂ ଏକ କାଜୁ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅଞ୍ଚଳର ଲୋକଙ୍କୁ ପଶୁପାଳନ ସମ୍ବନ୍ଧୀୟ ଜୀବିକା ସହାୟତା ଯୋଗାଇ ଦେବାକୁ କହିବା ସହ ପିଏମ୍ ଜନମନ ଯୋଜନାରେ ଚାଲିଥିବା କାର୍ଯ୍ୟର ମଧ୍ୟ ତଦାରଖ କରିଥିଲେ ଜିଲ୍ଲାପାଳ। ସେହିପରି ଜିଲ୍ଲାପାଳ କୋରୁକୋଣ୍ଡା ବ୍ଲକର ଆମ୍ବିଲିବେଡ଼ା ଓ ନାରିଙ୍ଗିଖୋଲା ଗ୍ରାମ ମଧ୍ୟ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ଜିଲ୍ଲାପାଳ ଅଞ୍ଚଳର ବିକାଶ ଓ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଛନ୍ତି ଓ ଆମ୍ବିଲିବେଡ଼ା ଗ୍ରାମକୁ ଏକ ବିକଶିତ ଗ୍ରାମ ଭାବେ ରୂପରେଖ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାରିଙ୍ଗିଖୋଲାକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଆଦିବାସୀ କଟେଜ୍, ଭ୍ୟୁ-ପଏଣ୍ଟ ଏବଂ ବୋଟିଂ ସୁବିଧା ଭିତ୍ତିଭୂମି ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ।

# ବିଏସ୍‌ପିର ଅଭିଯୋଗ, ବିଜେଡିର ପ୍ରତିବାଦ

ମାଲକାନଗିରି ,୧୩।୧୧(ସମିସ):



ମାଲକାନଗିରି ଜିଲ୍ଲା ପରିଷଦ ସଭାପତି ସମାରି ତାଙ୍ଗୁଲୁଙ୍କ ବିରୋଧରେ ବିଏସ୍‌ପି ଦଳ ପକ୍ଷରୁ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଓ ମନଗଢା ବୋଲି ଅଭିଯୋଗ କରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକର୍ମରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ଶମାରୀ ତାଙ୍ଗୁଲ ଏବଂ ଅନ୍ୟାନ୍ୟ ଦଳୀୟ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ। କିଛିଦିନ ପୂର୍ବେ ମାଲକାନଗିରି ଜିଲ୍ଲା ବିଏସପି ଦଳ ପକ୍ଷରୁ ଜରା ସବାର ମାଢି ଓ ଅନ୍ୟମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ପରିଷଦ ଅଧକ୍ଷା ଜଣେ ଅଣ ଆଦିବାସୀ ଅଟନ୍ତ ଏବଂ ସେ ମିଥ୍ୟା ଜାତିଗତ ପ୍ରମାଣ କରି ଏହି ପଦବୀ ହାତେଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଆଜି ଜିଲ୍ଲା ବିଜେଡି ସଭାପତି ଶ୍ରୀ ମାଡକାମି ପ୍ରକାଶ କରିଛନ୍ତି ଯେ, ନିଜସ୍ୱ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି ମାଲକାନଗିରି ଜିଲ୍ଲା ବିଏସପି ଦଳ ପକ୍ଷରୁ ଏହିଭଳି ଅଭିଯୋଗ କରିଛନ୍ତି। ଏହାକୁ ବିଜୁ ଜନତା ଦଳ ତରଫରୁ ଘୋର ନିନ୍ଦା କରିବା ସହ ଯେଉଁ ମାନେ ଏହିଭଳି ନିନ୍ଦନୀୟ କାମ କରିଛନ୍ତି, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଷଡ଼ଯନ୍ତ୍ର କରିଛନ୍ତି ସେମାନଙ୍କୁ ନିନ୍ଦା କରାଯାଇଛି। ଏହାକୁ ନେଇ ଜିଲ୍ଲା ବିଜୁ ଜନତା ଦଳ ମାଲକାନଗିରି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆମେ ଅଭିଯୋଗ କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲାରେ ଏହିଭଳି ବିନା ତଥ୍ୟ ଆଧାରରେ ଜଣେ ସମ୍ମାନିତ ମହିଳାଙ୍କୁ ଅପମାନ କଲା ଭଳି ଅଭିଯୋଗ ଓ ଟିପ୍ପଣୀ କରି ତାଙ୍କୁ ବଦନାମ କରି ଯେଉଁ ଭଳି ନିନ୍ଦନୀୟ କାର୍ଯ୍ୟ କରିଛନ୍ତି, ତାହାର ତୁରନ୍ତ ତଦନ୍ତ କରି ଉକ୍ତ ବ୍ୟକ୍ତିଙ୍କୁ ଉଚିତ ଦଣ୍ଡବିଧାନ କରିବାକୁ ଦାବି ରଖାଯିବ। ସେହିପରି ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ତାଙ୍ଗୁଲ ମଧ୍ୟ ପ୍ରକାଶ କରିଛନ୍ତି ଯେ, ପ୍ରକୃତରେ କେଉଁ ଜାତିର ତାହା ନଜାଣି ଜିଲ୍ଲା ବିଏସପି ଦଳ ଯେଉଁ ଅଭିଯୋଗ ଆଣିଛି ତାହା ମିଥ୍ୟା। ଆଗାମୀ ଦିନରେ ଯଦି ତାଙ୍କ ବିରୋଧରେ ପୁଣିଥରେ ଏପରି ଅପ ପ୍ରଚାର କରାଯାଏ, ତେବେ ସେ ଆଇନର ଦ୍ୱାରସ୍ଥ ହେବି ବୋଲି ସେ ପ୍ରକାଶ କରିଛନ୍ତି।

# ମୃତ ଇତିହାସ ଅଧ୍ୟାପକଙ୍କ ପରିବାରକୁ ଆର୍ଥିକ ସହାୟତା

ଲକ୍ଷ୍ମୀପୁର,୧୩।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମଧୁସୂଦନ ସାହୁଙ୍କ ଦଶାହ କାର୍ଯ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ଏଥିରେ ନିଖିଳ ଓଡ଼ିଶା ୬୬୨ ବର୍ଗ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଅଧ୍ୟାପକ ଓ କର୍ମଚାରୀ ସଂଘ କୋରାପୁଟ ଶାଖା ପକ୍ଷରୁ ଯୋଗ ଦେଇ କିଛି ଅର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଘର ଉପଦେଷ୍ଟା ଶ୍ୱେତବସନ୍ତ ରଥଙ୍କ ତତ୍ତ୍ୱାବଧାନରେ ଏକ ଦଳ, ଜିଲ୍ଲାର ୬୬୨ ବର୍ଗ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ୫ଲକ୍ଷ ଟଙ୍କା ମୃତ୍ୟୁକାଳୀନ ପ୍ରୋତ୍ସାହନ ରାଶିର ଆନୁସଙ୍ଗିକ କାଗଜପତ୍ର ସହିତ ଦରଖାସ୍ତ ଆବେଦନ କରିବା ପାଇଁ ମହାବିଦ୍ୟାଳୟର ଅଧକ୍ଷ ବିଜୁ ମୁଦୁଲିଙ୍କ ଅନୁରୋଧ କରିଥିଲେ। ସଂଘର ଯୁକ୍ତ ଦୁଇ ସଂପାଦକ ପ୍ରଜାରଞ୍ଜନ ମିଶ୍ର, ଯୁକ୍ତ ତିନି ସଂପାଦକ କିଶୋର ଚନ୍ଦ୍ର ବେହେରା, ଯୁଗ୍ମ ସଂପାଦକ ଦୁଷ୍ମନ୍ତ ଚୌଧୁରୀ, କୋଷାଧକ୍ଷ ହୃଦୟ ରଞ୍ଜନ ପଣ୍ଡା, ରାଧାକୃଷ୍ଣ ଆଦିବାସୀ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କନ୍ଧପାନ, ଡଃ ଭୀମ ରାଓ ଆମ୍ବେଦକର ଜାତୀୟ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମଣ ସାହୁ, ଲକ୍ଷ୍ମୀପୁର ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ, ଅଧ୍ୟାପକ ଦୁର୍ଯୋଧନ ସାହୁ, ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ସଂଘର କର୍ମକର୍ତ୍ତା ପ୍ରମୁଖ ଉକ୍ତ କାର୍ଯକ୍ରମରେ ଉପସ୍ଥିତ ରହିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ପୂର୍ବାଞ୍ଚଳ ଗବେଷଣା ସମ୍ମିଳନୀ

## ଏଫ୍ଏମ୍ୟୁ ଗବେଷକ ଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ



ବାଲେଶ୍ୱର, ୧୩।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଛଅଜଣ ଗବେଷଣାରତ ଛାତ୍ର ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଦ୍ୱାରା ଆୟୋଜିତ ଏବଂ ଅରୁଣାଚଳ ପ୍ରଦେଶର ପାସିଘାଟ ସ୍ଥିତ ଏପେକ୍ସ ପ୍ରଫେସନାଲ ୟୁନିଭର୍ସିଟି ଠାରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ୨୦୨୫'ରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଗବେଷକ ଦଳ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ, ମୌଳିକ ବିଜ୍ଞାନ ଏବଂ ବହୁମୁଖୀ-ଗବେଷଣା ସହିତ ଚାରୋଟି ମୁଖ୍ୟ ବିଷୟରେ ନୂତନତ୍ୱ ନେଇ ଗବେଷଣା ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ସୁନୀଲ କୁମାର ଗୋଛି ଏବଂ ସଞ୍ଜିତ କୁମାର ସାହୁ, କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ ବିଭାଗରେ ନିଜ ଗବେଷଣା ପ୍ରକଳ୍ପ 'ଗ୍ରାମୀଣ ଜୀବିକା ଏବଂ ସ୍ଥାୟୀ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୂଲ୍ୟଯୁକ୍ତ ଉତ୍ପାଦ ଭାବରେ ପାନ ତେଲ ଆଧାରିତ ମଶା ଘୃଣକ ବାଷ୍ପୀକରଣର ବିକାଶ' ପାଇଁ ଦ୍ୱିତୀୟ ରନର୍ସ-ଅପ୍ ପୁରସ୍କାର ଅର୍ଜନ କରିଛନ୍ତି। ଅନ୍ୟ ଅଂଶଗ୍ରାହୀ ଗବେଷକ ହେଲେ ଜ୍ୟୋତି ପ୍ରକାଶ ମହାନ୍ତି ଓ ଶୁଭେନ୍ଦୁ ଶେଖର ପାଣି ଓ ଗୌତମ ଚନ୍ଦ୍ର ମାଲିକ, ସୌମ୍ୟରଞ୍ଜନ ଦାଶ। ସମଗ୍ର କାର୍ଯ୍ୟସୂଚୀର ସଂଗଠନ ଏବଂ ସମନ୍ୱୟ ଛାତ୍ର କଲ୍ୟାଣ ବିଭାଗ ଦ୍ୱାରା ହୋଇଥିଲା ତଥା, ଡ. ନିହାର ରଞ୍ଜନ ରାଉତ (ନିର୍ଦ୍ଦେଶକ, ଛାତ୍ର କଲ୍ୟାଣ ଏବଂ ବିଶ୍ୱବିଦ୍ୟାଳୟସ୍ତରୀୟ ଅନ୍ୱେଷଣ ସମନ୍ୱୟକାରୀ)ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସଫଳ ଗବେଷକ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ରାସ୍ତା ପାଇଁ ହନ୍ତସନ୍ତ ତାମୁଲିଆ ଫାଟକ କଲୋନୀବାସୀ

- ରେଳ ବିଭାଗ କାମ ଆରମ୍ଭ ପରେ ଯାତାୟାତ ରାସ୍ତା ବନ୍ଦ
- ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ
- କୁରୁଡା ସରପଞ୍ଚଙ୍କ ହସ୍ତକ୍ଷେପରେ ହେଲା ସମାଧାନ





ବାଲେଶ୍ୱର, ୧୩।୧୧(ସମିସ)

ଯାତାୟାତ ରାସ୍ତା ପାଇଁ ହଇରାଣ ହେଉଛନ୍ତି କଲୋନୀବାସୀ। ରେଲୱେର ରେଳ ଧାରଣା ସମ୍ପ୍ରସାରଣ କାମ ଆରମ୍ଭ ପରେ ଦେଖାଦେଇଛି ଯାତାୟାତ ରାସ୍ତା ସମସ୍ୟା। ଯାତାୟାତ ପାଇଁ ରାସ୍ତା ପାଉନାହାନ୍ତି ସ୍ଥାନୀୟବାସୀ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସହରର ତାମୁଲିଆ ଫାଟକ ପାଖ କଲୋନୀର ମୁଖ୍ୟ ରାସ୍ତାକୁ ରେଳ ବିଭାଗ ତରଫରୁ ବନ୍ଦ କରାଯାଉଥିବା ସମସ୍ୟାକୁ ନେଇ କଲୋନୀ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପାଖା ପାଖି ଶହେରୁ ଅଧିକ ପରିବାରଙ୍କ ଯାତାୟାତ ବନ୍ଦ ହୋଇଯାଉଥିଲା। ମାତ୍ର ଏହି ସମସ୍ୟା ବାବଦରେ କୁରୁଡା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ ଜାଣିବା ପରେ ରେଳ ବିଭାଗର ଉଚ୍ଚ ପଦସ୍ଥ କର୍ମଚାରୀ ଆଲୋଚନା କରିଛନ୍ତି। ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଛି। ଆଗାମୀ ୧୫ ଦିନ ଭିତରେ ରେଳ ବିଭାଗ ତରଫରୁ ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି। କଲୋନୀକୁ ଆପାତତଃ ଆମ୍ବୁଲାନ୍ସ ଯିବା ପାଇଁ ଏକ ରାସ୍ତା ତିଆରି କରି ଦିଆଗଲେ ସେଠାରେ ନିର୍ମିତ ହେଉଥିବା ଅତିରିକ୍ତ ରେଳ ଧାରଣା କାମରେ ସମସ୍ତ କଲୋନୀବାସୀ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ଏହି ସର୍ତ୍ତରେ ରେଳ ବିଭାଗ ମଧ୍ୟ ରାଜି ହୋଇଛନ୍ତି ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ତାମୁଲିଆ ଫାଟକ ରେଲୱେ କଲୋନୀ ନିକଟରେ ଶହେରୁ ଅଧିକ ପରିବାର ଜାଗା କିଣି ରହିଛନ୍ତି। ଆଦିବାସୀ ସାହି ସହିତ ଜୁଗୁନୁ ଆଦି ସାହି ରହିଛି। ତେବେ ଜାଗା କିଣିବା ସମୟରେ ଉକ୍ତ ରାସ୍ତାକୁ ସେମାନଙ୍କର ଯିବା ଆସିବା ରାସ୍ତା ବୋଲି ବିକିଥିବା ଲୋକ ଦର୍ଶାଇଥିଲେ। କଲୋନୀ ଲୋକ ବର୍ଷ ବର୍ଷ ଧରି ସେହି ରାସ୍ତାକୁ ମଧ୍ୟ ଯାତାୟାତ ରାସ୍ତା ଭାବେ ବ୍ୟବହାର କରିଆସୁଛନ୍ତି। ହେଲେ ଏବେ ରେଳ ବିଭାଗ ପକ୍ଷରୁ ରେଳ ସମ୍ପ୍ରସାରଣ କାମ ଆରମ୍ଭ ହେବା ପରେ ଉକ୍ତ ରାସ୍ତା ଯାତାୟାତ ପାଇଁ ବନ୍ଦ କରିଦିଆଯାଇଛି। ଫଳରେ କଲୋନୀ ବାସୀଙ୍କ ଯାତାୟାତ ବନ୍ଦ ହୋଇଯାଇଥିଲା। ଏ ନେଇ ସ୍ଥାନୀୟ ବାସୀ ପ୍ରଥମ ରେଳ ବିଭାଗକୁ ଦେଖା କରି ଜଣାଇଲେ ଥିଲେ ଏହି ରେଳ ବିଭାଗର ବୋଲି କୁହାଯାଇଥିଲା ଏବଂ ରାସ୍ତା ମିଳିବ ନାହିଁ ବୋଲି ମଧ୍ୟ ମନା କରିଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ରେଲୱେ ବିଭାଗୟ କାମକୁ ଅଟକାଇଥିଲେ। ଏହାପରେ ଏହି ସମସ୍ୟା ବାବଦର ସମାଧାନ ପାଇଁ କୁରୁଡ଼ା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ ହସ୍ତକ୍ଷେପ କରିଥିଲେ। ଏହାର ସମାଧାନ ପାଇଁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସମାଧାନ ହୋଇପାରିନଥିଲା। ସମାଧାନ ନ ହେଲେ କାମ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଥିଲେ। ଫଳରେ ସ୍ଥାନୀୟ ଲୋକ, କୁରୁଡା ସରପଞ୍ଚଙ୍କ ସହ ରେଳ ବିଭାଗ କର୍ତ୍ତୃପକ୍ଷ, ପ୍ରୋଜେକ୍ଟ ମ୍ୟାନେଜର ଏବଂ କଣ୍ଟ୍ରାକ୍ଟରଙ୍କ ସହ ଆଲୋଚନା ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ ୧୨ ଫୁଟ୍‌ର ସର୍ଭିସ୍ ରାସ୍ତା ରେଳ ବିଭାଗ ତିଆରି କରିବା ନେଇ ପ୍ରତିଶ୍ରୁତି ଦେଇଛି। ଯାହା କଲୋନୀବାସୀ ସୁବିଧାରେ ଯାତାୟାତ କରିପାରିବେ। ଏହି ପ୍ରତିଶ୍ରୁତି ପରେ ସ୍ଥାନୀୟ ଲୋକେ ରେଳ ବିଭାଗକୁ ପୁଣିଥରେ କାମ ଆରମ୍ଭ କରିବାରେ ସହଯୋଗ କରିଛି। ଯଥାଶୀଘ୍ର ତାମୁଲିଆ ଫାଟକ କଲୋନୀକୁ ଏକ ରାସ୍ତା ତିଆରି କରିବ ବିଭାଗ ବୋଲି ସୂଚନା ମିଳିଛି।

● 'ସ୍ରଷ୍ଟା' କାର୍ଯ୍ୟକାରୀ ସଦସ୍ୟମାନଙ୍କ ବୈଠକ

## ଫେବୃଆରୀ ପହିଲାରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବାଲେଶ୍ୱର, ୧୩।୧୧(ସମିସ): ସହରର ସର୍ବପୁରାତନ ଅଗ୍ରଣୀ ନାଟ୍ୟ ସଂସ୍ଥା 'ସ୍ରଷ୍ଟା' ପକ୍ଷରୁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ଫେବୃୟାରୀ ପହିଲାରୁ ଆରମ୍ଭ ହେବ। ୮ ଦିନ ବ୍ୟାପୀ ଏହି ମହୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ସ୍ରଷ୍ଟା ପକ୍ଷରୁ ଆୟୋଜିତ କାର୍ଯ୍ୟକାରୀ ସଦସ୍ୟମାନଙ୍କ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଆଠ ଦିନିଆ ମହୋତ୍ସବର ଆଦ୍ୟ ଦିବସରେ ଏକ ଏକକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାର ସ୍ଥିର କରାଯାଇଛି। ଏହାବ୍ୟତୀତ ଅନ୍ୟ ସାତ ଦିନ ସ୍ରଷ୍ଟାର ନିଜସ୍ୱ ଦୁଇଟି ନାଟକ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପାଞ୍ଚୋଟି ସୁପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ମାନଙ୍କୁ ନେଇ ପ୍ରତିଦିନ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ ହେବାର ସ୍ଥିର କରାଯାଇଛି। ଏହି ମହୋତ୍ସବକୁ ସୁନ୍ଦର କରିବା ନିମନ୍ତେ ବାଲେଶ୍ୱରର ନାଟ୍ୟପ୍ରେମୀ, ଦର୍ଶକ, ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ମାନଙ୍କୁ ସ୍ରଷ୍ଟା ପକ୍ଷରୁ ବିନମ୍ର ନିବେଦନ କରାଯାଇଛି। ଏହାବ୍ୟତୀତ ଏକକ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଥିବା ସଂସ୍ଥା, ବ୍ୟକ୍ତି ବିଶେଷ 'ସ୍ରଷ୍ଟା'ର ସମ୍ପାଦକଙ୍କ ସହ ୯୮୬୧୩୫୦୯୫୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୁଁ ବି ବୈଜ୍ଞାନିକ ହେବି' କାର୍ଯ୍ୟକ୍ରମ

ବାଲେଶ୍ୱର/ସୋର, ୧୩।୧୧(ସମିସ): ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ଦ୍ୱାରା ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ 'ମୁଁ ବି ବୈଜ୍ଞାନିକ ହେବି ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା




ସଭାପତିତ୍ୱ କରିଥିଲେ। ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ନିର୍ଦ୍ଦେଶକ ପ୍ରଫେସର ଡ. କରୁଣାକର ନନ୍ଦ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟର ଶୁଭାରମ୍ଭ କରି ଥାର୍ମୋମିଟର ଇତିହାସ ବିଷୟରେ କହିଥିଲେ। ବିଜ୍ଞାନ ଦ୍ୱାରା ମଣିଷ କେମିତି ବଞ୍ଚି ପାରୁଛି ସେ ବିଷୟରେ କହିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ଼ଃ ପଙ୍କଜ କୁମାର ଜେନା ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ସହିତ ଗ୍ରାମାଞ୍ଚଳ ପିଲାମାନଙ୍କ ପାଖରେ ନିର୍ଦ୍ଦେଶକ ସ୍ୱୟଂ ଉପସ୍ଥିତ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ। ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଲ୍ଲିକ ବିଜ୍ଞାନ ଦ୍ୱାରା ଫୁଲରୁ ପକୁଡ଼ି ତିଆରି କରିଥିଲେ ଓ ବୈଜ୍ଞାନିକ ଡ଼ଃ ସଚିନ ଷଡ଼ଙ୍ଗୀ ପରମାଣୁର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ପିଲାଙ୍କ ପାଇଁ ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ପରିଦର୍ଶନର ଅନୁମତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଅଧ୍ୟାପକ ଅଜୟ କୁମାର ବାରିକ, ଅଧ୍ୟାପକ ଡ଼ଃ ପଙ୍କଜ କୁମାର ଜେନା, ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ଅଧ୍ୟାପିକା ରଞ୍ଜିତାବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା, ସୁଜିତ୍ କୁମାର ଗୋଛାୟତ, କସ୍ତୁରୀ ପଳତା, ଶାନ୍ତନୁ କୁମର ପାତ୍ର, ସୁଦେଷ୍ଣା ଦାଶ ମହାପାତ୍ର, ମନୋଜ କୁମାର ସବର, ଇତିଶ୍ରୀ ମହଲା, ଗଜେନ୍ଦ୍ର କବି, ଅଣାକାର ନାୟକ, ପ୍ରଦ୍ୟୁମ୍ନ ସାହୁ, ଭରତ ମାହାଣା, ଭରତ କୁମାର ବାରିକ ସଫଳ ମଣ୍ଡିତ କରିବାର ସହାୟକ ହୋଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

● ସ୍ତ୍ରୀର ଶେଷ ଦର୍ଶନ କରିବାକୁ ଆସି ସ୍ୱାମୀ ଅଟକ ଘଟଣା

## କାନାଡ଼ାରୁ ପୁଅ ଫେରିଲା, ମା'ର ହେଲା ଶେଷକୃତ୍ୟ



ବାଲେଶ୍ୱର, ୧୩।୧୧(ସମିସ): ବୁଧବାର ପୌରପରିଷଦର ୧୮ ନମ୍ବରୱାର୍ଡଅରଡବଜାରଅଞ୍ଚଳରେଏକରୋଚକଘଟଣା ଦେଖିବାକୁ ମିଳିଥିଲା। ବସ୍ତା ବ୍ଲକ ଅର୍ନ୍ତଗତ ରାଜୁଆପଡ଼ା ଗ୍ରାମର ସୃଷ୍ଟିଧର ଦେଙ୍କ ପତ୍ନୀ ବାଲିଆପାଳ ପାରୁଳିଆ ଗ୍ରାମର ଛବିରାଣୀ ଦେଙ୍କ ରବିବାର ଦିନ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ସ୍ୱାମୀ ସୃଷ୍ଟିଧର ଖବର ପାଇ ରବିବାର ସେଠାକୁ ଆସି ପତ୍ନୀଙ୍କର ଶେଷ ଦର୍ଶନ କରି ପଳାଇଯିବାକୁ ବସିଥିଲେ। ଗାଁ ଲୋକେ ତାଙ୍କୁ ଯିବାକୁ ନ ଦେଇ ଘରେ ଅଟକ ରଖିଥିଲେ। ଅନ୍ୟପଟେ ୫ଦିନ ଧରି ତାଙ୍କ ପତ୍ନୀଙ୍କର ମର ଶରୀର ଡିପ ଫ୍ରିଜରରେ ରଖାଯାଇଥିଲା। କାନାଡାରୁ ଫେରି ତାଙ୍କ ପୁଅ ସଞ୍ଜୀବ ଗୁରୁବାର ଅରଡବଜାରସ୍ଥିତ ତାଙ୍କ ଘରେ ପହଁଚିବା ପରେ ମା'ଙ୍କ ଅନ୍ତିମ ସଂସ୍କାର କରିଥିଲେ। ଅନ୍ୟପଟେ ସ୍ୱାମୀ ସୃଷ୍ଟିଧର ସେଠାରେ ଉପସ୍ଥିତ ଥିଲେ ସୁଦ୍ଧା କୌଣସି କାର୍ଯ୍ୟରେ ଯୋଗଦାନ କରିନଥିଲେ।

## ବିଦ୍ୟାଳୟରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ

ବାଲେଶ୍ୱର, ୧୩।୧୧(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ୭୦ଟି ସୃଜନଶୀଳ ବିଜ୍ଞାନ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷଣ କରିଥିଲା। ବିଦ୍ୟାଳୟ ନିର୍ଦ୍ଦେଶିକା ଓ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ତିଆରି କରିବାରେ ଦିଗଦର୍ଶନ ଦେଇଥିଲେ। ପ୍ରଦର୍ଶନୀରେ ପରିବେଶ ସୁରକ୍ଷା, ପ୍ରଦୂଷଣ,



ରୋବୋଟିକ୍ସ, କୃଷି ନବୀନତା, ଜଳ ସଂରକ୍ଷଣ, ସୌରମଣ୍ଡଳ, ଦିନ ରାତି, ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଭଳି ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଭିଭାବକଙ୍କ ଉଦ୍ୟମରେ ଖାଦ୍ୟ ପ୍ରଦର୍ଶନୀ ଓ ଫୁଡ୍ ଷ୍ଟଲ୍‌ଗୁଡ଼ିକ ମଧ୍ୟ ସଜାଯାଇଥିଲା। ପ୍ରଦର୍ଶନୀକୁ ସଫଳ କରିବାରେ ଚନ୍ଦ୍ରଜନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ା ସିଂହ, ଶ୍ରୀମତୀ ଦଳଇ, ଆଦ୍ୟାଶା ପ୍ରଧାନ, ରିତିକା ସୋମ, ଅଦିତି ପାତ୍ର, ସୁଶ୍ରୀ ସଙ୍ଗୀତା କର, ଲଳିତା ପାଣ୍ଡେ ଓ ମନିଷା ସୌ ସହଯୋଗ କରିଥିଲେ। ସହାୟକ କର୍ମଚାରୀ କଳ୍ପନା ବେହେରା ଓ ମଞ୍ଜୁ ସାହୁ କାର୍ଯ୍ୟକ୍ରମରେ ସେବା ଯୋଗାଇଥିଲେ।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ବାଲେଶ୍ୱର ଜିଲ୍ଲା ସମିତିର ବୈଠକ

ବାଲେଶ୍ୱର, ୧୩।୧୧(ସମିସ): ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଉତ୍ତରାଞ୍ଚଳ ସମ୍ପାଦକ ଭବାନୀ ଶଙ୍କର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ନୂତନ ଭାବେ ଜିଲ୍ଲା ସଭାପତି ଦାୟିତ୍ୱ ନେଇଥିବା ପ୍ରଜ୍ଞା ପାରମିତା ମହାନ୍ତିଙ୍କୁ ସମସ୍ତେ ସ୍ୱାଗତ କରିବା ପରେ ଶ୍ରୀମତୀ ମହାନ୍ତି ବୈଠକ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ନିତ୍ୟାନନ୍ଦ କର ବିଗତ ଦିନରେ ଜିଲ୍ଲାରେ ମହାପ୍ରଭୁଙ୍କ ସେବା ଭାବେ ଯେଉଁ ସବୁ କାର୍ଯ୍ୟ କରାଯାଇଥିଲା ତାହା ଉପରେ ସମ୍ୟକ ଧାରଣା ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ୍ତ କୁମାର ସାହୁ ଆଗାମୀ ମାସ ୨୦ ଏବଂ ୨୧ ଦୁଇ ଦିନ ପୁରୀଠାରେ ଆୟୋଜିତ ହେବାକୁ ଥିବା କର୍ମଶାଳା ଏବଂ



ବାର୍ଷିକ ସାଧାରଣ ସଭା ବିଷୟରେ ଅବଗତ କରାଇଥିଲେ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ସବୁ ଜିଲ୍ଲାରେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର ସହ ଗଢି ଉଠିଥିବା ସମସ୍ତ ମନ୍ଦିରରେ ନୀତିକାନ୍ତି କିପରି ପୁରୀ ଢାଞ୍ଚାରେ ପ୍ରତିପାଦିତ ହେବ ସେ ବିଷୟରେ ସର୍ବଦା ଚେଷ୍ଟା ଜାରି ରଖିଛି। ବାଲେଶ୍ୱର ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଢଙ୍ଗରେ ଆଗେଇ ନେଇ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପଣ୍ଡିତ ସୁଶାନ୍ତ କୁମାର ପଣ୍ଡା, ବଂଶୀଧର ପଣ୍ଡା, ମିନତୀ କର, କୁମୁଦ ରଞ୍ଜନ ଗିରି, ଚିତ୍ତରଞ୍ଜନ ଦାଶ, ରଜନୀକାନ୍ତ ପାଣିଗ୍ରାହୀ, ବିଜୟ କୁମାର କର, ବିରଞ୍ଚି ନାରାୟଣ ପଣ୍ଡା, ନକୁଳ ଚନ୍ଦ୍ର କର, ବ୍ରଜକିଶୋର ବାରିକ, ପ୍ରଭାସ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ଦାସ, ଜଗନ୍ନାଥ ଶଙ୍ଖୁଆ, ଭାବଗ୍ରାହୀ ନାୟକ, ପ୍ରଦୀପ କୁମାର କର, ରମାକାନ୍ତ ସେଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଶୋଭାରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

ବାଲେଶ୍ୱର, ୧୩।୧୧(ସମିସ): ଶୋଭାରାମପୁରସ୍ଥିତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଛବିରାଣୀ ବିକାଶ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ସର୍ବଶେଷରେ ୨୦ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା। ଏହି ଶିବିରରେ



ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସ୍ଥାନୀୟ କାଉନସିଲର ନିରୁପମା ଦାସ, ଭାଗବତ ସାହୁ, କାଉନସିଲର ରଞ୍ଜିତା ମହାପାତ୍ର, ସୁଲିଆ ପଣ୍ଡା, ସୂର୍ଯ୍ୟ କର, ସତ୍ୟେନ୍ଦ୍ର ଦାସ, ଭରତ ଭୂଷଣ ଦାସ, ମିନତୀ ସେଠି, ସୋନାଲି ସାହା, ଅମୀୟ ମହାନ୍ତି, ଗୋପାମୁଦ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସଂସ୍ଥାର ସଭାପତି ଛବିରାଣୀ ମନ୍ତ୍ରୀ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ନେସନ୍ ବିଲଡର୍ ଆୱାର୍ଡ ସେରମନି

● ୧୦ଜଣ ରାଷ୍ଟ୍ର ନିର୍ମାଣକାରୀ ପ୍ରତିଭା ସମ୍ମାନିତ




ବାଲେଶ୍ୱର, ୧୩।୧୧(ସମିସ): ରୋଟାରୀ କ୍ଲବ ପକ୍ଷରୁ ନେସନ୍ ବିଲଡର୍ ଆୱାର୍ଡ ସେରିମନି କାର୍ଯ୍ୟକ୍ରମ ରୋଟାରୀ ଭବନରେ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋ. ଦେବାଶିଷ ଦାସଙ୍କ ଅଧ୍ୟକ୍ଷତା ଓ ରୋ. ଦେବେନ୍ଦ୍ର କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଅଧ୍ୟକ୍ଷା ଝାନସୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ର ନିର୍ମାଣକାରୀ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତଥା କୃତି ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୨୦୧୪-୨୫ ବର୍ଷ ପାଇଁ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଦ୍ୱାରା କ୍ଲବ ଏବଂ କ୍ଲବର କୃତି ସଭ୍ୟଙ୍କୁ ଉନ୍ନତ ସେବା ପ୍ରଦାନ କରାଯାଇଥିବା ହେତୁ ଯେଉଁ ସମ୍ମାନ ଓ ମାନପତ୍ର ପ୍ରଦାନ କରାଯାଇଥିଲା ତାହାକୁ ପୂର୍ବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ହସ୍ତାନ୍ତର କରିଥିଲେ। କ୍ଲବ ସମ୍ପାଦକ କମଳାକାନ୍ତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# କରତକଳ ବନ୍ଦ; ଜୀବିକା ହରାଇଛନ୍ତି ଶତାଧିକ କାଠ କାରିଗର

### ୨୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବ ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ

ବାଲେଶ୍ୱର, ୧୩।୧୧(ସମିସ)




କାଠଶିଳ୍ପରେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗର ଶ୍ରମିକମାନଙ୍କୁ ନେଇ ଗଠିତ 'ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ'ର ଶତାଧିକ ସଭ୍ୟ ତଥା ଶ୍ରମିକମାନେ ଆସନ୍ତା ୨୦ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପରିଷଦର ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ଭିତ୍ତିପତ୍ର ଓ ୫ଦଫା ଦାବିପତ୍ର ଆଗତ କରିଥିଲେ। ରାଜ୍ୟ ସରକାରଙ୍କର ତ୍ରୁଟିପୂର୍ଣ୍ଣ କରତକଳ ଆଇନ ଯୋଗୁଁ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା କରତକଳ ଗୁଡ଼ିକ ବନ୍ଦ ହୋଇଯାଇଛି। ଫଳରେ କାଠଶିଳ୍ପକୁ ବେଉସା କରି ଚଳୁଥିବା ଶହଶହ ଶ୍ରମିକ, ନୌକାରେ ମାଛ ଧରୁଥିବା ମତ୍ସ୍ୟଜୀବୀ, ଘରର କାଠ ଉପକରଣ ଓ ଝିଅ ବିଭାଘର ବେଳେ କନ୍ୟାପିତା ଦେଉଥିବା ଖଟ, ପଲଙ୍କ, ଆଲଣା ପ୍ରଭୃତି ସାମଗ୍ରୀ ନିର୍ମାଣ କରୁଥିବା ଗ୍ରାମାଞ୍ଚଳର କାଠ କାରିଗର ଓ ହେଲପରମାନେ ନିଜର ଜୀବିକା ହରାଇଛନ୍ତି। ଜିଲ୍ଲାର ସୋମନାଥପୁର ଓ ପଣପଣାରେ ମାତ୍ର ଦୁଇଟି ସ୍ଥାନରେ କରତକଳ ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ତେଣୁ ଜିଲ୍ଲାର ଉପାନ୍ତ ଅଞ୍ଚଳର ଲୋକେ ଦୂରଦୂରାନ୍ତରୁ କାଠ ଆଣି ସେଗୁଡ଼ିକୁ ଚିରଟ କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ କାଠ ସାମଗ୍ରୀ ବାଲେଶ୍ୱର ଜିଲ୍ଲାରେ ଉଚ୍ଚଦରରେ ବିକ୍ରି ହେଉଛି। ମାତ୍ର ଲୋକମାନେ ନିଜ ବାଡ଼ିରେ ଥିବା ଗଛଗୁଡ଼ିକୁ କରତକଳ ନ ଥିବାରୁ କାମରେ ଲଗାଇ ପାରୁନାହାନ୍ତି। ଏହାବ୍ୟତିତ ନିଜ ବାଡ଼ିରେ ଥିବା ପରିପକ୍ୱ ଗଛକୁ କାଟିବା ପାଇଁ ତହସିଲଦାର ଓ ଜିଲ୍ଲାର ବନବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ମିଳିତ ଭାବେ ଯୁଗ୍ମ ତଦନ୍ତ ଓ ଅନୁମତି ପ୍ରଦାନ ପାଇଁ ଜଟିଳ ପ୍ରକ୍ରିୟା କାରଣରୁ ଗ୍ରାମାଞ୍ଚଳର ବହୁ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳର ଜନସାଧାରଣ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଇନ ନିଜର କୌଳିକ ବ୍ୟବସାୟ କରୁଥିବା ଗ୍ରାମାଞ୍ଚଳରେ ଶହଶହ କାଠ କାରିଗର ଓ ଶ୍ରମିକଙ୍କ ରୋଜଗାରକୁ ବନ୍ଦ କରିଦେଇଛି ବୋଲି ଶ୍ରୀ ପରିଡ଼ା ଭିତ୍ତିପତ୍ରରେ ଦର୍ଶାଇଥିଲେ। ଏହି ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନା, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସମ୍ପାଦକ ମନୋଜ ନାୟକ, ଶ୍ରମିକନେତା ଭାଗବତ ପ୍ରତିହାରୀ ଓ ପ୍ରେମରଞ୍ଜନ ପାତ୍ର, ପୂର୍ବତନ ଛାତ୍ରନେତା ଜଗନ୍ନାଥ ଦାସ, କୃଷକନେତା ଅରୁଣ ଜେନା ପ୍ରମୁଖ ଦାବିଗୁଡ଼ିକୁ ସମର୍ଥନ ଜଣାଇଥିଲେ। ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଶହଶହ କୁଶଳୀ ଶ୍ରମିକ ସେମାନଙ୍କର ପରିବାର ପ୍ରତିପୋଷଣର ପଥ ବନ୍ଦ ହୋଇଯାଇଛି ବୋଲି ମତପ୍ରକାଶ କରିଥିଲେ। ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସେମାନେ ଆହ୍ୱାନ ଦେଇଥିଲେ। ପରିଷଦର ସଭାପତି ମଣିଭଦ୍ର ସାହୁ ଆସନ୍ତା୨୦ତାରିଖ ଦିନ ଜିଲ୍ଲା କାର୍ଯ୍ୟାଳୟରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଯଦି ସରକାର ଏହି କାଠ ଶ୍ରମିକମାନଙ୍କ ଦାବିପୂରଣ ନ କରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପାଇଁ ଆହ୍ୱାନ ଦେଇଥିଲେ। ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

## ଡିସେମ୍ବର ୩ରେ ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

କୋରୁକୋଣ୍ଡା, ୧୩।୧୧(ସମିସ): ଆସନ୍ତା ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ନେଇ ଆଜି ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଯାଇଛି । ବୈଠକରେ ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡି ଅଧ୍ୟକ୍ଷତା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଅକ୍ଷୟ ବିଶ୍ୱାଳ, ସାଂସଦ ପ୍ରତିନିଧି, ବିନାୟକ ପତ୍ର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ପାଦିଆମି ଓ ଘେନୁ ମୁଦୁଲି, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଉପସ୍ଥିତ ଥିଲେ । ସମସ୍ତ ସରପଞ୍ଚ, ସମିତି ସଦସ୍ୟ, କଳା ସଂସ୍କୃତି ସଂଘ ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗ ଦେଇ ମହୋତ୍ସବ ପାଳନ ପାଇଁ ବିସ୍ତୃତ ଆଲୋଚନା କଲେ । ବୈଠକରେ ସମସ୍ତଙ୍କ ସମ୍ମତିରେ ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୩୦ତାରିଖ ଦିନ ଜିଲ୍ଲା ସ୍ତରୀୟ ଏବଂ ବ୍ଲକସ୍ତରୀୟ ମାଲ୍ୟବାନ୍ତ ନିମନ୍ତେ ବିଭିନ୍ନ ଜଳା ଶ୍ରୟରୁ ଜଳ ଅଣାଯାଇ ମାଉଳି ମା ମନ୍ଦିରରେ ରଖାଯିବା ସହିତ ଜିଲ୍ଲା ମହୋତ୍ସବ ନିମନ୍ତେ ବ୍ଲକ ଠାରୁ ଏକ କଳସ ଜିଲ୍ଲା ମହକୁମାକୁ ନିଆଯିବ । ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆଗାମୀ ଡିସେମ୍ବର ୩ ତାରିଖରେ ପାଳନ କରାଯିବ । ଏହା ସହିତ ଶାନ୍ତି ସୁରକ୍ଷା, ଯାତାୟାତ ବ୍ୟବସ୍ଥା, ପାଣି ଓ ବିଦ୍ୟୁତ ଯୋଗାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ବିସ୍ତୃତ ଚର୍ଚ୍ଚା ହୋଇଛି ।

## ବ୍ଲକ୍‌ସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ



କାଲିମେଳା/ଏମଭି ୭୯ (ସମିସ)୧୩।୧୧: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ମାଲାଭରମ ପଞ୍ଚାୟତର ଅନନ୍ତପାଲୀ ଆଶ୍ରମ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁବାସିନୀ ସୋଡ଼ି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ମଂଗଳ ସଂପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୁଜାରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସରଗିଫୁଲ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଥିଲେ । ପ୍ରତିଭା ଅନ୍ୱେଷଣର ଏହା ଏକ ମାଧ୍ୟମ ହୋଇଥିବାରୁ ଏଥିରେ ବିଭିନ୍ନ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇପାରୁଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟକୁମାର ମାଡ଼ି, ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଡ଼ି, ଅନନ୍ତପାଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମା ଚରଣ ପଟ୍ଟନାୟକ, ଗମ୍ପାକୋଣ୍ଡା ଏସ୍‌ଏସ୍‌ଡି ବାଳକ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ, ଏମଭି-୭୯ ଏସଏସଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକ ମଂଗଳ ସଂପ୍ରସାରଣ ଅଧିକାରୀ ସୌମ୍ୟରଂଜନ ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସହକାରୀ ଶିକ୍ଷକ ସୁଶାନ୍ତ ଶେଖର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଭଲିବଲ, ଚିତ୍ରାଙ୍କନ, ବକ୍ତୃତା, ଏକକ ଅଭିନୟ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା

### ଚଢ଼ଉ ଭୟରେ ବେଆଇନ୍ କ୍ଲିନିକ୍ ବନ୍ଦ

# କ୍ୱାକ୍‌ଙ୍କ ଦେଖା ମିଳୁନି, ଫେରିଗଲେ ଅଧିକାରୀ

ପଦ୍ମପୁର,୧୩।୧୧(ସମିସ):

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର ଉପଜିଲ୍ଲାପାଳ ଗୁଣପୁର ଓ ରାମନାଗୁଡାରେ ବେଆଇନ କ୍ଲିନିକ ଉପରେ ଚଢ଼ଉ କରି ସିଲ୍ କରିବା ପରେ ପଦ୍ମପୁରରେ ଛନକା ପଶିଯାଇଛି । ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳରେ କେତେକ ବେଆଇନ କିନିକ୍ ସାଇନ୍ ବୋର୍ଡ ହଟାଇ କ୍ଲିନିକ ବନ୍ଦକରି ଚାବି ପକାଇ ଦେଇଥିବା ବେଳେ କ୍ୱାକ୍ ମାନଙ୍କ ଦେଖାମିଳୁନାହିଁ । ସୂଚନାଯୋଗ୍ୟ ଯେ, ଗତ ଏକ ସପ୍ତାହ ଧରି ଗୁଣପୁର ଉପଜିଲ୍ଲାପାଳ ଦୁଧାଲ୍ ଅଭିଷେକ ଦିଲୀପ ଗୁଣପୁର ଓ ରାମନାଗୁଡାରେ ଥିବା ଅନେକ ବେଆଇନ କ୍ଲିନିକ ଉପରେ ଚଢ଼ଉ କରି ସଂପୂର୍ଣ୍ଣ ଉପଖଣ୍ଡକୁ ମଦ ଓ ବେଆଇନ କ୍ଲିନିକରୁ ମୁକ୍ତ କରିବା ପାଇଁ ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ମତବ୍ୟକ୍ତ ପରେ ପଦ୍ମପୁରରେ ଅସାଧୁ ବ୍ୟବସାୟୀ ମାନେ ଆପଣାଛାଏଁ ବନ୍ଦ୍ କରିଛନ୍ତି । ଖାଲି ସେତିକି ନୁହେଁ, ପଦ୍ମପୁରକୁ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବାକୁ ଆସିଥିବା ମସୁରୀ ଓ ରାଜସ୍ଥାନ ଅଞ୍ଚଳରୁ ଆସିଥିବା ଆଇଏଏସ୍, ଆଇପିଏସ୍ ଓ ଆଇଏଫଏସ୍ ଅଫିସର ଗତ




୩ଦିନ ଧରି ପଦ୍ମପୁରରେ ରହି ପଦ୍ମପୁର ଅଞ୍ଚଳର ବିକାଶ ସହ ଲୋକାଭିମୁଖୀ କାର୍ଯ୍ୟ ଶୈଳୀ ଓ ଆଦିବାସୀ ଗ୍ରାମର ବିକାଶ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ, ପଞ୍ଚାୟତ ପରିଦର୍ଶନ, ସ୍କୁଲ କଲେଜ ସହ ବଡ଼ନାଳ ଜଳସେଚନ ପ୍ରକଳ୍ପର ଅନୁଧ୍ୟାନ ସହ ଲୋକଙ୍କ ସାମାଜିକ ଚାଲିଚଳଣି ଓ ଆର୍ଥିକ ବିକାଶଧାରା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ । ଗତକାଲି ସେମାନେ ଫେରିଯାଇଛନ୍ତି । ଅଫିସର ମାନଙ୍କ ୩ଦିନିଆ ପଦ୍ମପୁର ଅଚଳ ପରିଦର୍ଶନ ସଙ୍ଗକୁ ଗୁଣପୁର ଉପଜିଲ୍ଲାପାଳଙ୍କ ଚଢ଼ଉ ଭୟରେ ବେଆଇନ କ୍ଲିନିକ, ପାଥୋଲୋଜି ଓ କ୍ୱାକ୍ ମାନେ ଆଉ ଲୁଚାଛପାରେ ରୋଗୀ ଚିକିତ୍ସା ନକରି ସଂପୂର୍ଣ୍ଣ ବନ୍ଦ କରିଛନ୍ତି । ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଅଛି

## ଜେକେ ପେପର୍ ମିଲ୍ ମହାପ୍ରବନ୍ଧକ ସମ୍ମାନିତ




ରାୟଗଡ଼ା/ଜେକେପୁର, ୧୩।୧୧(ସମିସ): ଗୋଲ୍ଡେନ୍ ଏଇମ୍ ଆୱାର୍ଡସ ବିଶ୍ୱସ୍ତରୀୟ ମାନଦଣ୍ଡ ସହ ଉତ୍କୃଷ୍ଟତା ଏବଂ ନେତୃତ୍ୱର ପ୍ରତୀକ ଭାବେ ପରିଚିତ । ଡିଜିଓନ୍+ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ମାନ, ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ବ୍ୟବସାୟ ଓ ପେଶାଗତ ନେତାମାନଙ୍କୁ ସମ୍ମାନିତ କରାଯାଉଛି । ଦଶ ବର୍ଷରୁ ଅଧିକ ଗବେଷଣା ଅନୁଭବ ଥିବା ଏକ ନିଷ୍ଠାବାନ ଗବେଷଣା ଓ ପରିଚାଳନା ଦଳ ଦ୍ୱାରା ସମ୍ପାଦିତ ଗଭୀର ଅଧ୍ୟୟନ ଓ ବିଚାର ପ୍ରକ୍ରିୟା ପରେ, ଗୋଲ୍ଡେନ୍ ଏଇମ୍ କାଉନ୍‌ସିଲ୍ ଏବଂ ଜୁରି ମଣ୍ଡଳ ଏହି ବର୍ଷର ସମ୍ମାନିତ ବ୍ୟକ୍ତି ଭାବେ ରାୟଗଡ଼ା ଜିଲ୍ଲା ଜେକେପୁର ସ୍ଥିତ ଜେକେ ପେପର୍ ମିଲ୍ସର ମହାପ୍ରବନ୍ଧକ(କ୍ୱାଲିଟି ଅସ୍ୟୁରାନ୍ସ ଟେକ୍ନିକାଲ ସର୍ଭିସ) ଗୌରୀ ଶଙ୍କର ପଟ୍ଟନାୟକଙ୍କୁ ଚୟନ କରାଯାଇ ମୁମ୍ବାଇ ସ୍ଥିତ ପାରଲେ ଇଣ୍ଟରନ୍ୟାସନାଲ ହୋଟେଲରେ ଚଳିତ ନଭେମ୍ବର ମାସ ୮ତାରିଖରେ ଏହି ଅନୁଷ୍ଠାନ ର ମୁଖ୍ୟ ଅଧିକାରୀ ସାନିୟା ଖାନାମ ଶ୍ରୀ ପଟ୍ଟନାୟକଙ୍କୁ ଗୋଲ୍ଡେନ୍ ଏଇମ୍ କନଫରେନ୍ସ ଏବଂ ଏୱାର୍ଡ ଫର୍ ଏକ୍ସଲେନ୍ସ ଏଣ୍ଡ ଲିଡରଶିପରେ ସମ୍ମାନିତ କରିଥିଲେ । ତାଙ୍କୁ ସବୁଠାରୁ ପ୍ରଭାବଶାଳୀ ଗୁଣ ନିଶ୍ଚିତି ନେତୃତ୍ୱ ପୁରସ୍କାର ୨୦୨୫ ଦେଇ ସମ୍ମାନିତ କରାଯାଇଛି । ଏହି ସମ୍ମାନ ତାଙ୍କର ନବୀନ ଓ ଉଦାହରଣୀୟ ପ୍ରକ୍ରିୟା, ସୃଜନଶୀଳ ଆଭିମୁଖ୍ୟ, ଅନ୍ୟମାନଙ୍କୁ ପ୍ରେରିତ ଓ ପ୍ରୋତ୍ସାହିତ କରିବାର କ୍ଷମତା, କୌଶଳପୂର୍ଣ୍ଣ ନବାଭିଷ୍କାର, ଏବଂ ନିଷ୍ଠା ଓ ନୈତିକତା,ପ୍ରତି ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ପୁରସ୍କାର ଶ୍ରୀ ପଟ୍ଟନାୟକଙ୍କ ବୃତ୍ତିଗତ ସଫଳତା, ନେତୃତ୍ୱ ଓ ଦୃଢ ନିଷ୍ଠାର ପ୍ରତୀକ ଭାବେ ସଦା ସ୍ମରଣୀୟ ହେବ ବୋଲି ଜେକେ ପେପର୍ ମିଲ ମୁଖ୍ୟ ବିନୟ ଦ୍ୱିବେଦୀ କହିଛନ୍ତି ।

## ୪୮ ଖଣ୍ଡ ଶିଶୁ କାଠ ଜବତ




ଚିତ୍ରକୋଣ୍ଡା,୧୩।୧୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ ଥିବା ମାଟାମକୋଣ୍ଡା ଅଞ୍ଚଳରେ ବନ କର୍ମଚାରୀଙ୍କ ପାଟ୍ରୋଲିଂ ସମୟରେ ୪୮ ଟି ଶିଶୁ କାଠ ଜବତ କରାଯାଇଛି । ଜବତ ହୋଇଥିବା ବନ ଉତ୍ପାଦକୁ ଚିତ୍ରକୋଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ରଖା ଯାଇ ଘଟଣାର ତଦନ୍ତ ଜାରି ରହିଛି । ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚିତ୍ରକୋଣ୍ଡା ବନ ବିଭାଗର ବନ କର୍ମଚାରୀ ମାନେ ଚାଲି ଚାଲି ମାଟାମକୋଣ୍ଡା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ ସେଠାରେ କିଛି ଗଛ କାଟି ସେଥିରୁ କାଠ ବାହାର କରି ଗଚ୍ଛିତ ହୋଇଥିବା ଦେଖିବାକୁ ପାଇଥିଲେ । ତେବେ ଏହି କାଠ ଗୁଡିକୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖା ଯାଇଥିବା ବେଳେ ଏହାକୁ ବନ କର୍ମଚାରୀ ମାନେ ଜବତ କରିବା ସହ ଚିତ୍ରକୋଣ୍ଡା ବନ କାର୍ଯ୍ୟାଳୟକୁ ନେଇଯାଇଥିଲେ । ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଏହି କାଠ କିଏ ଗଚ୍ଛିତ ରଖିଥିଲା ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ବାଳ ନିକେତନ ଛାତ୍ରଙ୍କ ସଫଳତା




ଗୁଣୁପୁର,୧୩।୧୧(ସମିସ ) ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ଆୟୋଜିତ ସାରା ରାଜ୍ୟରେ ଥିବା ଶିଶୁଯତ୍ନ ଅନୁଷ୍ଠାନ ଗୁଡିକରେ ରହୁଥିବା ଅନ୍ତେବାସୀ ଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିଚୟ ସୃଷ୍ଟି କରିବା ପାଇଁ କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ଉତ୍ସାହ-୨୦୨୫ ଅନୁଷ୍ଠିତ ହେଉଛି । ଜିଲ୍ଲା ସ୍ତରରେ ଯେଉଁମାନେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେମାନେ ରାଜ୍ୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି । କ୍ୟାରମ ଖେଳରେ ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ୍ ଲିମାମେଡା ଠାରେ ଥିବା ବାଳ ନିକେତନ ଶିଶୁ ଗୃହର ମହେଶ୍ୱର ଶବର ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମହେଶ୍ୱର ବର୍ତ୍ତମାନ ବିଟସ ବୈଷୟିକ ମହାବିଦ୍ୟାଳୟରେ ଇଲେକ୍ଟ୍ରିକାଲ ବିଭାଗରେ ଦ୍ୱିତୀୟ ବର୍ଷରେ ପଢୁଛନ୍ତି । ମହେଶ୍ୱରଙ୍କ ଏହି ସଫଳତା ହାସଲ ପରେ ବାଳ ନିକେତନ ଅନୁଷ୍ଠାନର ସଭାପତି ଲାଡି ସୁରେଶ, ସମ୍ପାଦିକା ରଶ୍ମିରେଖା ମହାନ୍ତି, ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିତୁଆନ, ଆନୁଷ୍ଠାନିକ ଯତ୍ନ ଅଧିକାରୀ ମନରଞ୍ଜନ ବାଗ, ଆଇନ ଅଧିକାରୀ ନିରାକାର ପାଢ଼ୀ, ବିଟସ କଲେଜ ର ସମ୍ପାଦକ ଲାଡି ତିରୁମଲା ରାଓ, ଅଧ୍ୟକ୍ଷ ନାଗେଶ୍ୱର ଗମାଙ୍ଗ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ,ବାଳ ନିକେତନ ଅନୁଷ୍ଠାନ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ଅନୁଷ୍ଠାନର ସମସ୍ତ କର୍ମଚାରୀ ମହେଶ୍ୱରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ପୂର୍ବ ବର୍ଷ ମାନଙ୍କରେ ମଧ୍ୟ ମହେଶ୍ୱର ଶବର ରାଜ୍ୟସ୍ତରରେ ଚେସ ଖେଳରେ କୃତିତ୍ୱ ହାସଲ କରିଥିଲେ ।

## ଶ୍ରେଷ୍ଠ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ସ୍ୱର୍ଣ୍ଣପଦକ ପାଇଲେ ଶିବ ପ୍ରତିମ୍

ଗୁଣୁପୁର,୧୩।୧୧(ସମିସ): ଗୁଣପୁରର ମେଧାବୀ ଛାତ୍ର ଶିବପ୍ରତିମ ଦାଶ ଚଳିତ ବର୍ଷ ଓଡିଶାର ଶ୍ରେଷ୍ଠ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ବିବେଚିତ ହୋଇ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୨ ତମ ସମାବର୍ତ୍ତନ ଉତ୍ସବରେ ମହାହାହିମ ରାଜ୍ୟପାଳଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରି ଗୁଣପୁର ଅଞ୍ଚଳକୁ ଗୌରବମୟ କରିଛନ୍ତି । ଏଥିସହ ବିଶ୍ୱବିଦ୍ୟାଳୟ




ଇଲେକ୍ଟ୍ରିକ୍ ବିଭାଗୀୟ ଟପ୍ପର ହୋଇ ଆଉଏକ ସ୍ୱର୍ଣ୍ଣ ପଦକ ପାଇ ପାରଳା ମହାରାଜା ସରକାରୀ ବୈଷୟିକ ମହାବିଦ୍ୟାଳୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିବା ଜଣାପଡିଛି । ପିଲାଟି ଦିନରୁ ଗୁଣପୁର ଶିଶୁମନ୍ଦିରରେ ଶିକ୍ଷା ଆରମ୍ଭ କରିଥିବା ଶିବ ପ୍ରତୀମ ଏନଆରଟିଏସ, ପଠାଣି ସାମନ୍ତ ଛତ୍ର ବୃତ୍ତି ପାଇଁ ଦଶମ ବୋଡର୍ ପରୀକ୍ଷାରେ ରାୟଗଡା ଜିଲ୍ଲା ଟପର, ଯୁକ୍ତ ଦୁଇ ଓ ଗ୍ରାଜୁଏଟ୍‌ସ ପରୀକ୍ଷାରେ ଶ୍ରେଷ୍ଠ ତାଲିକାରେ ସ୍ଥାନ ପାଇଥିଲେ । ସେଇପରି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ଓ ବାହାରେ ଅନେକ ବାର ପୁରସ୍କୃତ ହୋଇଛନ୍ତି । ଶିବପ୍ରତିମ ସମ୍ପ୍ରତି ଭାରତ ସରକାରଙ୍କ ଗେଟ୍ ବୃତ୍ତି ପାଇ ଜାତୀୟ ବୈଷୟିକ ପ୍ରତିଷ୍ଠାନ, ରାଉରକେଲା ଠାର ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି । ଏହି ସଫଳତାର ଶ୍ରେୟ ସେ ତାଙ୍କ ଶିକ୍ଷକ ଓ ପିତା ମାତାଙ୍କୁ ଦେଇଛନ୍ତି । ଶିବପ୍ରତୀମ ସ୍ଥାନୀୟ ଦାଶସାହିର ଶିକ୍ଷକ ଦମ୍ପତି ସଞ୍ଜୟ ଦାଶ ଓ ତପସ୍ୱିନୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା ତାଙ୍କ ପ୍ରଫେସର, ସହପାଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଶିଶୁମନ୍ଦିର ଗୁରୁଜୀ ବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି ।

## ଦୈନିକ ବଜାରର ସମ୍ପ୍ରସାରଣ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ମାଲକାନଗିରି,୧୩।୧୧(ସମିସ): ମାଲକାନଗିରି ପୌର ପରିଷଦରେ ୨୨ ବର୍ଷତଳେ ଦୈନିକ ପରିବା ବିକ୍ରି ନିମନ୍ତେ କେତେକ ପିଣ୍ଡି ତିଆରି ହୋଇ ବ୍ୟବସାୟୀଙ୍କୁ ଦିଆଯାଇଥିଲା । ଆଜି ତାହା ଶୋଚନୀୟ ଅବସ୍ଥାରେ ଦେଖିବାକୁ ମିଳୁଛି । ବ୍ୟବସାୟୀମାନେ କେଉଁଠି ପିଣ୍ଡି ଉପରେ ପାଲଟାଣି ବସିଛନ୍ତି ତ ଆଉ କେଉଁପିଣ୍ଡିରୁ ବର୍ଷାପାଣି ଗଳିଲାଣି । କେତେ ବେଳେ ସଫେଇ ନାଳରୁ ପାଣି ବି ଆସି ପରିବେଶକୁ ନଷ୍ଟ କରିବା ଦୃଶ୍ୟ ବି ଦେଖିବାକୁ ମିଳିଛି । ତାହା ସହ କେଉଁ ପିଣ୍ଡି ଛାତରୁ ସିମେଣ୍ଟ ଅତଡା ଖସିଲାଣି, କେତେବେଳେ କେଉଁ ପ୍ରକାର ଅଘଟଣ ଘଟିବ, ବ୍ୟବସାୟୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି । ଖାଉଟିମାନେ ମଧ୍ୟ ପରିବା କିଣିବାବେଳେ ସତର୍କ ଅବଲମ୍ବନ କରିବାର ଦେଖିବାକୁ ମିଳିଛି । ଏ ବିଷୟରେ ଅନେକଥର ପୌରପାଳିକାକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବା ଦେଖିବାକୁ ମିଳିଛି । ତେଣୁ ଏହାକୁ ଦୃଷ୍ଟିରେ ରଖ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଭଲରେ କରିପାରିବେ ଓ ଖାଉଟିମାନେ ଉତ୍ତମ ପନିପରିବା କିଣିପାରିବେ । ଏନେଇ ଆଜି ଦୈନିକ ପରିବା ବ୍ୟବସାୟୀ, ବରିଷ୍ଠ ନାଗରିକ ସମିତି ଓ ମାଲକାନଗିରି ଚାମ୍ବର ଅଫ୍ କମର୍ସର ସଦସ୍ୟମାନେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ଦେଖିବାକୁ ବାକିରହିଲା ପ୍ରଶାସନ ଏହାପ୍ରତି କେତେଶୀଘ୍ର ତତ୍ପରତା ଦେଖାଉଛି ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମାଥିଲି,୧୩।୧୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସମ୍ମୁଖରେ ଥିବା ଆରଏମ୍‌ସିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ମାଛ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଏବଂ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର ସରକାର, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ବିଜୟ କେତନ ବ୍ଲକ ଉପାଧ୍ୟକ୍ଷ ଦେବକୀ ଦଳେଇ, ଜିଲ୍ଲା ମାଛ ଅଧିକାରୀ ସୁଧାଂଶୁ ଶେଖର ମଲ୍ଲିକ,ଏହି କାର୍ଯ୍ୟକ୍ରମ ରେ ମାଥିଲି ଅଞ୍ଚଳର ଏକ ହଜାରରୁ ଅଧିକ ମାଛ ଓ ଗୋରୁ ଚାଷୀ ମାନେ ଯୋଗ ଦେଇଥିଲେ । ସମସ୍ତ ଚାଷୀ ମାନଙ୍କୁ କିପରି ବୈଷୟିକ ପ୍ରଣାଳୀରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମାଥିଲି ପ୍ରାଣୀ ଚିକିତ୍ସକ ଡାକ୍ତର ବିପଦ ଚାରଣ ବିଶ୍ୱାଳ ଓ ଡାକ୍ତର ଚନ୍ଦ୍ର ସରଦାର ପରିଚାଳନା କରିଥିଲେ ।

### ପାହାଡ଼ ଖୋଳିଦେଲା ଠିକା ସଂସ୍ଥା

# ଗଛ ଉପାଡ଼ି ମୋରମ୍ ଚୋରାଚାଲାଣ; ଭୂସ୍ଖଳନ ଆଶଙ୍କା

ବିଷମ କଟକ,୧୩।୧୧(ସମିସ):



ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସଦରର ଇନ୍ଦିରା କୋଲନି ନିକଟସ୍ଥ ପାହାଡ଼କୁ ବେଆଇନ ଭାବେ ଜେସିବି ମେସିନ୍‌ରେ ଖୋଳି ମୋରମ ଟେକି ନେଉଛି ଠିକା ସଂସ୍ଥା । ବିନା ଭୟରେ ପାହାଡ଼ରେ ରହିଥିବା ମୂଲ୍ୟବାନ ଗଛ ସବୁକୁ ଉପାଡି ଦେବା ସହ ଶହ ଶହ ହାଇୱା ଟ୍ରକ୍‌ରେ ମୋରମ ଉଠା ଚାଲିଛି । ଯାହା ଆଗକୁ ଅଞ୍ଚଳର ପରିବେଶ କୁ ବିଗାଡି ଦେବା ସହ ଭୂସ୍ଖଳନର ଆଶଙ୍କା ସୃଷ୍ଟି କରୁଛି । ସାରା ରାଜ୍ୟରେ ଦିନକୁ ଦିନ ବୃକ୍ଷର ପରିମାଣ କମି ଯାଇଥିବାରୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ରେ ପାହାଡ ଜଙ୍ଗଲର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ ସାଙ୍ଗକୁ ଆଡି ବନ୍ଧ ନିର୍ମାଣ କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ପ୍ରଶାସନର ବାରଣ ସ୍ୱତେ ବିନା ଭୟରେ ବେଆଇନ ଭାବେ ସହର ନିକଟ ଜଙ୍ଗଲରୁ ମୋରମ୍ ଖୋଳି ନେଉଛି ଠିକା ସଂସ୍ଥା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ସଦର ମହକୁମାର ଇନ୍ଦିରା କୋଲନି ନିକଟରେ ଲାଗିରହିଥିବା ପାହାଡରେ । କିଛି ଦିନ ହେବ ଜନବସତି ନିକଟ ପାହାଡରୁ ବିଷମ କଟକର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଠିକା ସଂସ୍ଥା ଜେସିବି ମେସିନ୍‌ରେ ପାହାଡ଼ ଖୋଳି ମାଟି ସ୍ଥାନାନ୍ତର କରୁଛି । ଜଙ୍ଗଲର ମୂଲ୍ୟବାନ ଗଛ ସବୁକୁ ଉପାଡି ଦେଉଥିବା ସହ ପ୍ରତ୍ୟେକ ଦିନ ଶହ ଶହ ହାଇୱା ଟ୍ରକରେ ମାଟି ଉଠାଣ ଚାଲିଛି । ଯାହା ଆଗକୁ ସହରର ବାତାବରଣ ବିଗିଡ଼ିବା ସାଙ୍ଗକୁ ପାହାଡର ଭୂସ୍ଖଳନର ଆଶଙ୍କା ସୃଷ୍ଟି କରୁଛି । ଉକ୍ତ ଠିକା ସଂସ୍ଥା ୧୭୦୦ କ୍ୱିବିକ୍ ମିଟର ମାଟି ନିମନ୍ତେ ଖଣି ବିଭାଗ ଠାରୁ ଅନୁମତି ପାଇଥିବା ବେଳେ ଏହି ମାଟି କେଉଁ ଅଞ୍ଚଳରୁ ନେବ ସେ ନେଇ କୌଣସି ସ୍ଥାନ ନିରୂପଣ ହୋଇନଥିବା ବେଳେ ଠିକା ସଂସ୍ଥା ନିଜ ସୁବିଧା ମୁତାବକ ଜନବସତି ନିକଟ ପାହାଡରୁ ବେଆଇନ ମାଟି ଖୋଳି ନେଉଛି । ଏହା ଆଗାମି ଦିନରେ ସେ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଅସୁବିଧା ସୃଷ୍ଟି କରିବ । ଏ ନେଇ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଠିକା ସଂସ୍ଥା ପ୍ରଜେକ୍ଟ ମ୍ୟାନେଜର ଅଭିଶେଖ ସିଂଙ୍କ ସହ ଯୋଗାଯୋଗ କରିବା ବେଳେ ସେ କୌଣସି ପାହଡା ଖୋଳିନଥିବା ସହ ବିଷମ କଟକ ଅଞ୍ଚଳର କୌଣସି ସ୍ଥାନରେ ମୋରମ ମିଳୁନଥିବା ବେଳ ତହସିଲ ଠାରୁ ଆରମ୍ଭ କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ନିରାଶ ହୋଇଥିବା ପ୍ରକାଶ କରିଥିଲେ । ପରିଶେଷରେ ବିଷମ କଟକ ଇନ୍ଦିରା କୋଲନି ନିକଟ ପାହାଟର କେହି ଜଣେ ମାଟି ଖୋଳାଇ ଗଛିତ କରିଥିବା ବେଳେ ଏହି ମାଟିକୁ ମାଇନିଙ୍ଗ ଡିପାର୍ଟମେଂଟରୁ ଟେଣ୍ଡର ମାଧ୍ୟରେ ଅନୁମତି ପାଇ ୧୭୦୦ ସିୟୁମ୍ ମାଟି ନେଇଥିବା ପ୍ରକାଶ କରିଛନ୍ତି । ପ୍ରକୃତ ପକ୍ଷେ ଏହାଠାରୁ ଅଧିକ ଉଠାଣ ହୋଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏ ନେଇ ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କ ସହ ଯୋଗାଯୋଗ କରାଯାଇଥିବାରୁ ଉକ୍ତ ଠିକା ସଂସ୍ଥାକୁ ଉର୍ଲାଯୋଡି ଗାଁ ନିକଟରୁ ମାଟି ନେବା ନିମନ୍ତେ ସ୍ଥାନ ନିରୂପଣ କରି ମାଇନିଙ୍ଗ ବିଭାଗକୁ ଜଣାଇ ଦିଆଯାଇଥିଲା । ଉକ୍ତ ସଂସ୍ଥା କିପରି ବିଷମ କଟକ ସହର ଭିତର ପାହାଡରୁ ମାଟି ଉଠାଇଲା ତାର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଠିକା ସଂସ୍ଥା ଏଥି ପୂର୍ବରୁ ଉକ୍ତ ସ୍ଥାନରୁ ମାଟି ନେଉଥିବା ବେଳେ ତାଙ୍କୁ ମାଟି ନ ନେବାକୁ ବାରଣ ମଧ୍ୟ କରାଯାଇଥିବା ପ୍ରକାଶ କରିଛନ୍ତି । ଏ ନେଇ ମାଇନିଙ୍ଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ । କେଉଁ ପରିସ୍ଥିତିରେ ବିଷମ କଟକ ତହସିଲଦାରଙ୍କ ବାରଣ ସତ୍ତ୍ୱେ ପାହାଡ଼ର ମାଟି ଖୋଳାଗଲା ତାହା ତଦନ୍ତ କରିବା ସହ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ୬୧ କାଠ ପଟା ଜବତ

ମାଲକାନଗିରି, ୧୩।୧୧(ସମିସ): ମାଲକାନଗିରି ବନ ବିଭାଗ ପକ୍ଷରୁ ଏମ୍‌ଭି ୨୪ ଗ୍ରାମରେ ବିପୁଳ କାଠ ଜବତ ଥିବା ନେଇ ଭରସାଯୋଗ୍ୟ ସୂଚନା ମିଳିବା ପରେ ସେଠାରେ ଚଢାଉ କରି ବିପୁଳ କାଠ ଜବତ କରାଯାଇଛି । ତଥ୍ୟ ଅନୁଯାୟୀ ମାଲକାନଗିରି ବନାଞ୍ଚଳ ଅଧୀନରେ ଥିବା ଏମ୍‌ଭି ୨୪ରେ ଅବୈଧ ଭାବରେ କାଠ ସଂଗ୍ରହ ଓ ବ୍ୟବସାୟ ହେଉଥିବା ନେଇ ବନ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ଏହି ଆଧାରରେ ମାଲକାନଗିରି, ଚିତ୍ରକୋଣ୍ଡା, ମୋଟୁ ଓ ବାଲିମେଳା ରେଞ୍ଜର ବନ ବିଭାଗ ଷ୍ଟାଫ୍‌ମାନଙ୍କ ମିଳିତ ଦଳ ଦ୍ୱାରା ମାଲକାନଗିରି ରେଞ୍ଜ ଅଧୀନ ଏମ୍‌ଭି ୨୪ ଗ୍ରାମରେ ମିଳିତ ଚଢାଉ କରଯାଇଥିଲା । ଏହି ଅଭିଯାନ ସମୟରେ ମୋଟ ୬୧ଟି କାଠ ପଟା ଜବତ କରାଯାଇଛି, ଯାହା ଅବୈଧ ଭାବରେ ବ୍ୟବସାୟ ପାଇଁ ସଂଗ୍ରହ କରାଯାଇଥିଲା ବୋଲି ଜଣାପଡିଛି । ଏହି ଘଟଣା ସମ୍ପର୍କରେ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ୍ୟାୟିକ ବିଚାର ପାଇଁ ଅଦାଲତରେ ହାଜର କରାଯାଇଛି ।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

## ବାରିପଦାକୁ ଆଦର୍ଶ ସହରରେ ଗଢ଼ିତୋଳିବା ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

# ନିର୍ମାଣ ହେବ ଷ୍ଟେସନ ବଜାର ରେଳ ଓଭରବ୍ରିଜ୍

ବାରିପଦା, ୧୩।୧୧(ସମିସ)

ବାରିପଦା ସହରକୁ ଆଦର୍ଶ ସହର ଭାବେ ଗଢି ତୋଳିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଗତ ଜୁନରେ ମୋଦୀ ସରକାରଙ୍କ ୧୧ ବର୍ଷ ଓ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ବୁଧବାର ଜିଲ୍ଲାପାଳ ହେମକାନ୍ତ ସଏ ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଡୁଡା, ପୂର୍ତ୍ତ, ବନ, ଜଳସେଚନ, ପରିବହନ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଶିଳନ୍ୟାସ ହୋଇଥିବା ୨୮ କୋଟି ଟଙ୍କା ବ୍ୟୟଅଟକଳର ଜୁବଲିପାର୍କ -ଝିଞ୍ଜିରିବନ୍ଧ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ୧୮ ନଂ ଜାତୀୟ ରାଜପଥର ବାରିପଦା ସହର ବାଇପାସ ଓଭରବ୍ରିଜ ପାଲବଣୀଠାରୁ ମଞ୍ଚାବନ୍ଧା ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯିବା ସହିତ ଛାଞ୍ଚ ଠାରେ ୫ ଏକର ପରିମିତ ଜମିରେ ୧୦୦କୋଟି ଟଙ୍କା ବ୍ୟୟ ଅଟକଳରେ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ଓ ସହରରେ କ୍ରୁଟ ବସ (ଟାଉନବସ) ୨୧ଟି ଇଭି ବସ ଚଳାଚଳ କରିବ। ଏଥିପାଇଁ କଟାଯିବାକୁ ଥିବା ଗଛ ପରିବର୍ତ୍ତେ ଦ୍ୱିଗୁଣ ପୁନଃ ବନୀକରଣ ପାଇଁ ବାରିପଦା ବନଖଣ୍ଡ ଅଧିକାରୀ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ସଂସ୍ଥା (ଓଏସଆରଟିସି) କୁ ୫୯ ଲକ୍ଷ ଟଙ୍କାର ଅଟକଳ ପ୍ରଦାନ କରିଛନ୍ତି। ସେହିପରି ଷ୍ଟେସନ ବଜାର ସାପ୍ତାହିକ ହାଟକୁ ଦୈନିକ ମାର୍କେଟରେ ରୂପାନ୍ତରିତ ସହିତ ରେଗୁଲାର କନସେପ୍ଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ରାଉରକେଲା ଏନଆଇଟିକୁ ଡିଜାଇନିଂ ପ୍ରସ୍ତୁତ ପରେ ୩୦କୋଟି ଟଙ୍କା ଅନୁଦାନ ଆସିଛି। ଏହି କମ୍ପ୍ଲେକ୍ସ ନିର୍ମାଣ ହେଲେ ଗୋଟିଏ ସ୍ଥାନରେ ସମସ୍ତ ସାମଗ୍ରୀ ସହିତ ପନିପରିବା, ମାଛ, ମାଂସ ଓ ସଉଦା ବିକ୍ରି ବଟା ହୋଇପାରିବ। ଅପରପକ୍ଷରେ ଷ୍ଟେସନ ବଜାରରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଡିପିଆର କାର୍ଯ୍ୟ ସମ୍ପାଦନ କରିସାରିଥିବା ବେଳେ ରେଳବିଭାଗ ଓଭରବ୍ରିଜ କରିବ। ସେହିପରି ଦୀର୍ଘଦିନର ଦାବି ଅନୁସାରେ ସହରକୁ ବନ୍ୟା ଦାଉରୁ ରକ୍ଷା ପାଇଁ ବୁଢାବଳଙ୍ଗ ନଦୀର ରିଂରୋଡ ନିର୍ମାଣ ସହିତ ଏକ ବ୍ୟାରେଜ ନିର୍ମାଣ ହେବ। ଫଳରେ ସହରବାସୀ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ସେହିପରି ପୁରୁଣା ରାଜପ୍ରାସାଦର ଓ ଜୁବଲୀ ଲାଇବ୍ରେରୀର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ସାଙ୍ଗକୁ ସୌନ୍ଦର୍ଯ୍ୟ କରଣ କରାଯିବ। ରାଜାରାଜୁଡା ଅମଳର ଶହେ ବର୍ଷରୁ ଅଧିକ ପୁରାତନ କୋଠାରେ ବିକ୍ଷିପ୍ତ ଭାବେ ଚାଲିଥିବା ଜିଲ୍ଲାପାଳ/ଉପଜିଲ୍ଲାପାଳ ଓ ଅନ୍ୟାନ କାର୍ଯ୍ୟାଳୟ ପାଇଁ ଗୋଟିଏ ସ୍ଥାନରେ ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ନିର୍ମାଣ ହେବ। ଏଥିପାଇଁ ୧୦୦କୋଟି ଅଟକଳ ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। 'ବିକଶିତ ଭାରତ ବିକଶିତ ଓଡ଼ିଶା' ଗଠନରେ ବାରିପଦାକୁ ରାଜ୍ୟର ଆଦର୍ଶ ସହର ଭାବେ ଗଢି ତୋଳିବାକୁ ଆସିଥିବା ଅନୁଦାନର ବିନିଯୋଗ ଓ ହେବାକୁ ଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ଶ୍ରୀ ସଏ ସମୀକ୍ଷା କରିଥିଲେ।


ଫାଇଲ୍ ଫଟୋ

- ପାଲବଣିରେ ଆନ୍ତଃ ରାଜ୍ୟ ବସଷ୍ଟାଣ୍ଡ; ୨୮ କୋଟିରେ ପାର୍କ ଉନ୍ନତିକରଣ
- ବୁଢ଼ାବଳଙ୍ଗ ନଦୀରେ ବ୍ୟାରେଜ ଓ ରିଂ ରୋଡ୍
- ୩୦ କୋଟିରେ ଷ୍ଟେସନ ବଜାର ହାଟରେ ରେଗୁଲାର କନସେପ୍ଟ ମାର୍କେଟ
- ୧୦୦ କୋଟିରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ
- ରାଜପ୍ରସାଦ ଓ ଜୁବଲୀ ଲାଇବ୍ରେରୀ ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ

## ବିରାଟ ଲୀଳାକ୍ଷେତ୍ରରେ ମାମୁ ଘରୁ ଆସିଛି ପଚୁଆଁ ଭାର



**ପିଙ୍ଗୁ, ୧୩।୧୧(ସମିସ):** ନୁଦଡ଼ିହା ପିଙ୍ଗୁସ୍ଥିତ ବିରାଟଲୀଳା କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ମହାସମାରୋହରେ ପାଳିତ ହୋଇଛି। ମାର୍ଗଶୀର ମାସ ଅଷ୍ଟମୀ ତିଥିରେ ପ୍ରତ୍ୟେକ ବାପା ମା'ଙ୍କ ପ୍ରଥମ ସନ୍ତାନଙ୍କ ନିମନ୍ତେ ପଚୁଆଁ ଉତ୍ସବ ପାଳନ କରାଯାଏ। ଏହି ପର୍ବର ବିଶେଷତ୍ୱ ହେଉଛି ମାମୁଘରୁ ଉକ୍ତ ପ୍ରଥମ ସନ୍ତାନ ନିମନ୍ତେ ନୂଆ ପୋଷାକ ଏଣ୍ଡୁରି ପିଠା, ବିଭିନ୍ନ ମିଠା, ନଡ଼ିଆ, କଦଳୀ ଆଦି ଆସିଥାଏ। ପରିବାରର ବାପା ମା' ପିଲାର ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରି ବିଭିନ୍ନ ମନ୍ଦିରକୁ ଯାଇ ଦେବାଦେବୀ ପୂଜନ କରିଥାନ୍ତି। ଏହା ସହିତ ବଡ଼ି ବାହାଘର ଏହି ପର୍ବର ଅନ୍ୟତମ ବୈଶିଷ୍ଟ୍ୟ। ହଳଦୀ ପତ୍ରରେ ପିଠଉ ଦେଇ ଛେନା-ନଡ଼ିଆର ପୁର ଦେଇ ହାଣ୍ଡିରେ ବାମ୍ଫଦେଇ ଏହି ପିଠା ତିଆରି କରନ୍ତି। ବାପା-ମା' ପ୍ରଥମ ସନ୍ତାନଙ୍କୁ ନୂତନ ବସ୍ତ୍ରପିନ୍ଧାଇ ମିଠା-ପିଠା ଖୁଆଇ ପ୍ରଥମାଷ୍ଟମୀ ପର୍ବ ପାଳିଥାନ୍ତି। ଓଡ଼ିଆ ଘରର ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ମଧ୍ୟ ଦେଖାଯାଇଥାଏ ନିଆଳି ମାଧବାନନ୍ଦ ମଠରୁ ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କ ନିମନ୍ତେ ପ୍ରଥମାଷ୍ଟମୀ ଭାର ଆସିଥାଏ। ସେହିପରି ବିରାଟ ଲୀଳାକ୍ଷେତ୍ର ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିମନ୍ତେ ନୂଆଗାଁସ୍ଥିତ ଗୋପୀନାଥ ଭବନରୁ ପ୍ରଥମାଷ୍ଟମୀ ଭାର ଆସିଥିଲା। ସ୍ୱତନ୍ତ୍ର ସେବାୟତଙ୍କ ଦ୍ୱାରା ନଡ଼ିଆ, କଦଳୀ, ନୂତନବସ୍ତ୍ର, ଚାଉଳ, ବିରି, ଦୁଗ୍ଧ, ଦହି, ଛେନା, ରାବିଡ଼ି ପ୍ରଭୃତି ବିରାଟ ପଟୁଆରରେ ଆସି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ମାମୁଘରର ପ୍ରତ୍ୟେକ ଅତିଥିଙ୍କୁ 'ଅତିଥି ଦେବଃ ଭବ' ନ୍ୟାୟରେ ଯଥୋଚିତ ସମ୍ମାନ ପ୍ରଦାନ କରଯାଇ ମନ୍ଦିର ବେଢ଼ାକୁ ପାଛୋଟି ନିଆଯାଇଥିଲା। ଏହି ଅବସରରେ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ମୁଖରିତ ହୋଇଥିଲା। ନାନା ପ୍ରକାରର ପିଠା-ମିଠା ଓ ଅନ୍ୟାନ୍ୟ ପ୍ରସାଦମାନ ପ୍ରସ୍ତୁତ କରାଯାଇ ସ୍ନାହ୍ନଧୂପ ପରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥିଲା। ଏଥି ନିମନ୍ତେ ମନ୍ଦିର କମିଟିର ସୁଧାଂଶୁ କୁମାର ଦାଶ, ସର୍ବେଶ୍ୱର ରାଉତ ବିଧି ବିଧାନ ମୁତାବକ ସମ୍ମାନ ଜଣାଇଥିଲେ। ଭୋଳାନାଥ ସାହୁ ପ୍ରଥମାଷ୍ଟମୀ ପର୍ବର ମହାତ୍ମ୍ୟ ଜଣାଇଥିଲେ।

## ପ୍ରକଳ୍ପ ନିର୍ମାଣରେ ଅନିୟମିତତା; ଭୁଶୁଡ଼ିଲା ଡ୍ରେନ୍

**ବେତନଟୀ, ୧୩।୧୧(ସମିସ):** ଏକବର୍ଷ ପୂର୍ବରୁ ବାଲେଶ୍ୱର-ମୟୂରଭଞ୍ଜ ଜିଲ୍ଲା ସୀମା କଳମାଠାରୁ ୧୮ ନଂ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ନିର୍ମାଣ ହୋଇଥିବା କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନତି ମୂଳକ କାମରେ ବ୍ୟାପକ ଅନିୟମିତତା ହୋଇଛି। କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିମ୍ନମାନର କରିଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ବି ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇଲାନି। ଫଳ ସ୍ୱରୂପ ରାଜପଥ ପାର୍ଶ୍ୱରେ କଳମାଠାରୁ ଜାରକା ପର୍ଯ୍ୟନ୍ତ ନିର୍ମାଣାଧୀନ ଡ୍ରେନ କାମ ନ ସରୁଣୁ ଭୁଶୁଡିଗଲା। ଘଟଣାରୁ ପ୍ରକାଶ ଯେ, ମାତ୍ର ବର୍ଷେ ପୂର୍ବରୁ ସ୍ଥାନୀୟ ବିଧାୟକ, ସାଂସଦ ଓ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ୧୮ ନଂ ଜାତୀୟ ରାଜପଥର କଳମା ଠାରୁ ବେତନଟୀ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ପରେ ଅତିଥିଙ୍କ କରକମଳରେ ଉଦଘାଟନ କରାଯାଇଥିଲା। ସେଥିରେ ଜାତୀୟ ରାଜପଥ ପାର୍ଶ୍ୱରେ ଆଲୋକୀକରଣ, ଅପ୍ରୋଚ ରୋଡ଼ ନିର୍ମାଣ ଓ ବ୍ୟାପକ ଡ୍ରେନଜ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରାଯିବା ନେଇ କଳମା ଛକଠାରେ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଶିଳାନ୍ୟାସ କରାଯାଇଥିଲା। ପରେ ଏହି କାମ ସ୍ଥାନୀୟ ଠିକାଦାରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଏହି କାମ ଦୀର୍ଘଦିନ ଧରି ଆରମ୍ଭ ହୋଇଯାଇ ଥିଲେ ବି କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ବୋଲି ଲୋକେ ଅଭିଯୋଗ କରିଥିଲେ। ଠିକ ମୋଟେଇର କଂକ୍ରିଟ ପଡୁନଥିବା ବେଳେ ରଡ଼, ଚିପ୍ସ ଓ ବାଲି ଭାଗ ମାପରେ ବି ଅନିୟମିତତା ହୋଇଥିବାନେଇ ଅଭିଯୋଗ ହୋଇଛି। ଯାହାର ଫଳ ସ୍ୱରୂପ ନିର୍ମାଣ କାର୍ଯ୍ୟ ନ ସରୁଣୁ ବୈଶିଙ୍ଗା ଛକ ଠାରୁ ଅନତି ଦୂର ଜାରକା ଛକ ଉପକଣ୍ଠ ଫ୍ଲୋର ମିଲ ନିକଟରେ ଗତକାଲି ରାତିରେ ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମାଙ୍କୁ ଯୋଗାଯୋଗ କରିବାରୁ ଭୁଶୁଡି ଯାଇଥିବା ନିର୍ମାଣାଧୀନ ଡ୍ରେନ ପୁଣି କାର୍ଯ୍ୟାଦେଶ ପାଇଥିବା ଠିକାଦାର କରିବେ ବୋଲି କହିଛନ୍ତି।



## ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ଉତ୍ତ୍ୟକ୍ତଙ୍କ ଥାନା ଘେରଉ



**ଶୁକୃଳି, ୧୩।୧୧(ସମିସ):** ଏକ ଶବ ବ୍ୟବଚ୍ଛେଦକୁ ନେଇ ଆଜି ଶତାଧିକ ମହିଳା, ପୁରୁଷ ଘାଗରବେଡା ଥାନା ଘେରଉ କରିଥିଲେ। ଗତ ୧ ତାରିଖରେ ସଲଗଡ଼ା ଗ୍ରାମର ଘନଶ୍ୟାମ ପୂର୍ତ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ଏବଂ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣିଥିଲେ; କିନ୍ତୁ ପୁଲିସ ମାମଲା ରୁଜୁ କରି ନ ଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟତା ଜଣାପଡ଼ିବ ବୋଲି ପୁଲିସ କହିଥିଲା। ହେଲେ ଏକ ତାରିଖରୁ ଆଜି ପର୍ଯ୍ୟନ୍ତ ବ୍ୟବଚ୍ଛେଦ ରିପୋର୍ଟ ଆସିପାରିନାହିଁ। ତେଣୁ ଶତାଧିକ ଲୋକ ଥାନାରେ ପହଞ୍ଚି ବ୍ୟବଚ୍ଛେଦ ରିପୋର୍ଟ କାହିଁକି ଆସିନାହିଁ ବୋଲି ପ୍ରଶ୍ନ କରିଥିଲେ। ଗ୍ରାମବାସୀ ଏହି ଘଟଣା ନେଇ ଅସନ୍ତୋଷ ଥିବାବେଳେ ଗୁରୁବାର ଘାଗରବେଡା ଥାନା ଘେରାଉ କରିଥିଲେ। ଘନଶ୍ୟାମଙ୍କୁ କେହି ହତ୍ୟାକରି ଗଛରେ ଝୁଲାଇ ଦେଇଥିବା ନେଇ ପରିବାର ଅଭିଯୋଗ କରିଥିଲେ; କିନ୍ତୁ ପୁଲିସ ଅଭିଯୋଗ ପାଇଲେ ବି କୌଣସି ତଦନ୍ତ କରିନାହିଁ। ତେଣୁ ଆଜି ଉତ୍ତ୍ୟକ୍ତ ଗ୍ରାମବାସୀ ଥାନା ଆଗରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ। ଏପରିକି ପୁଲିସ ଏବଂ ସଲଗଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ମଧ୍ୟ ହୋଇଥିଲା। ଖବର ପାଇ ରରୁଆଁ ଥାନା ଅଧିକାରୀ ଅନାଦି ପଟ୍ଟନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ନବଚରଣ ନାୟକ ମଧ୍ୟ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ପୁଲିସ ଅଧୀକ୍ଷକ ଲୋକଙ୍କୁ ବୁଝାସୁଝା କରିବା ପରେ ଶାନ୍ତ ପଡ଼ିଥିଲା। ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ୍ ତିରିଆ ମଧ୍ୟ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ; ହେଲେ ଶବବ୍ୟବଚ୍ଛେଦ ରିପୋର୍ଟରେ ସେ ଆତ୍ମହତ୍ୟା କରିଥିବା ଉଲ୍ଲେଖ ରହିଛି ବୋଲି ପୁଲିସ କହିଛି।

## ଡାକ ପ୍ରଯୁକ୍ତିବିଦ୍ୟା ୨.୨ ଶୁଭାରମ୍ଭ

**ରାଇରଙ୍ଗପୁର, ୧୩।୧୧(ସମିସ):** ଉନ୍ନତ ଡାକ ସେବା ଯୋଗାଇବାକୁ ରାଇରଙ୍ଗପୁର ମୁଖ୍ୟ ଡାକଘର ପରିସରରେ ନୂତନ ଡାକ ପ୍ରଯୁକ୍ତି ବିଦ୍ୟାର ଶୁଭାରମ୍ଭ ହୋଇଛି। ଡାକ ଅଧୀକ୍ଷକ ଗୌରାଙ୍ଗ ଚରଣ ବେହେରାଙ୍କ ଦ୍ୱାରା ସହକାରୀ ଡାକ ଅଧୀକ୍ଷକ ବିଷ୍ଣୁପ୍ରସାଦ ଗୋପାଲ ଉପସ୍ଥିତିରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଡାକ ୨.୨ର ଶୁଭାରମ୍ଭ କରାଯାଇଛି। ପ୍ରତି ଡାକ ଘରେ ଅତ୍ୟାଧୁନିକ ସେବା ଯୋଗାଇବାକୁ ବ୍ୟବସ୍ଥା କରାଯାଇଛି। ଡାକ କର୍ମଚାରୀଙ୍କ ଉପସ୍ଥାପନ ନିମନ୍ତେ ବାୟୋମେଟ୍ରିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ ହୋଇଛି। ଏହା ଦ୍ୱାରା କର୍ମଚାରୀମାନେ ଠିକ ସମୟରେ ଗ୍ରାହକଙ୍କୁ ସେବା ଯୋଗାଇବାରେ ସଫଳ ହେଇପାରିବେ।

## ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସଚେତନତା ଶିବିର

**ବାରିପଦା, ୧୩।୧୧(ସମିସ):** ବାରିପଦା ବ୍ଲକ କେସିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମିଶ୍ର ଓ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାଶଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଶିଶୁଙ୍କ ପିତାମାତା, ଅଭିଭାବକ, ପ୍ରଧାନ ଶିକ୍ଷକ, ପ୍ରିନସିପାଲ ଓ ସିଆରସିସିଙ୍କ ସଚେତନତା ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରରେ ୫୦ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଏହି ସଚେତନତା ଶିବିର ମାଧ୍ୟମରେ ଦିବ୍ୟାଙ୍ଗ ଶିଶୁଙ୍କ ଲାଗି ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ଆର୍ଥିକ ସହାୟତା, ସରକାରୀ ନୀତି ନିୟମ, ଶିକ୍ଷା ଦାନ ପଦ୍ଧତିରେ ଆନୁଷଙ୍ଗିକ ପରିବର୍ତ୍ତନ ତଥା ଅନୁକୂଳନ ବ୍ୟବସ୍ଥା ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଏଭଳି ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସେମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଉପକରଣର ଉପଲବ୍ଧତା ଇତ୍ୟାଦି କଥା ଏହି ସଚେତନତା ଶିବିରରେ ବ୍ଲକର ଭିନ୍ନକ୍ଷମ ସାଧନ କର୍ମୀ ରେଖାରାଣୀ ଦାସ, ଦିଲ୍ଲିପ କୁମାର ଦାସ ଏବଂ ରାଜବସା ସିଆରସିସି ସୁଶିଲ କୁମାର ପଣ୍ଡା ଆଲୋକପାତ କରିଥିଲେ। ଏଥିରେ ଜାମଦାପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ଗାୟତ୍ରୀ ବିନ୍ଧାଣି (ମସ୍ତିଷ୍କ ପକ୍ଷାଘାତ)ଙ୍କୁ ଶିକ୍ଷାରେ ସୁବିଧା ଲାଗି ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଏକ ଟାବଲେଟ ପ୍ରଦାନ କରାଯାଇଥିଲା। ଏହି ଶିବିର ୧୪ ତାରିଖ ଯାଏ ଚାଲିବ।




## ରାସ୍ତାରେ ଟ୍ରାନ୍ସଫର୍ମର; ଅଭିଯୋଗ ପରେ ବି ହେଉନି ସ୍ଥାନାନ୍ତର



**ବାରିପଦା, ୧୩।୧୧(ସମିସ):** ଟାଟା ପାୱାର ପକ୍ଷରୁ ରାସ୍ତାରେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରାନଯାଇ ଅସୁରକ୍ଷିତ ଭାବେ ରଖାଯାଇଛି। ଯାହା କି ଲୋକଙ୍କ ଜୀବନ ପାଇଁ ବିପଦ ସାଜିବା ସହ ଚଳପ୍ରଚଳରେ ମଧ୍ୟ ସମସ୍ୟାର କାରଣ ସାଜିଛି। ବିଜୟରାମଚନ୍ଦ୍ରପୁର ଅଞ୍ଚଳର କୁଷ୍ଠାଶ୍ରମ ନିକଟରେ ଏହିପରି ଭାବେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମରଟି ରହିଛି। ସଂକୀର୍ଣ୍ଣ ରାସ୍ତା ଉପରକୁ ଉକ୍ତ ଟ୍ରାନ୍ସଫର୍ମର ରହିଛି; ଯାହାକି ବାଟରେ ଯାଉଥିବା ଲୋକଙ୍କ ପାଇଁ ବିପଦ କାରଣ ସାଜିବାର ସମ୍ଭାବନା ରହିଛି।

## ଜିଲ୍ଲାରେ ବଢୁଛି କଲେଜ ଓ ସିଟ୍ ସଂଖ୍ୟା; କମୁଛି ନାମଲେଖା

# ମୟୂରଭଞ୍ଜରେ ୯,୮୩୭ ଯୁକ୍ତଦୁଇ ସିଟ୍ ଖାଲି

ବାରିପଦା, ୧୩।୧୧(ସମିସ)

ରାଜ୍ୟର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜରେ କଲେଜ ଏବଂ ସିଟ୍‌ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ନାମଲେଖା କମିବାରେ ଲାଗିଛି। ଜିଲ୍ଲାରେ ଥିବା ଯୁକ୍ତ ଦୁଇ କଲେଜ ପ୍ରଥମ ବର୍ଷରେ ୯୮୩୭ଟି ସିଟ୍ ଖାଲିରହିଥିବା ଜଣାପଡ଼ିଛି। ବିଜ୍ଞାନ, କଳା, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ସବୁ ବିଷୟରେ ସିଟ ଖାଲି ପଡ଼ିଛି। ସରକାର ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ପୂର୍ବକ ପ୍ରତିବର୍ଷ ଜିଲ୍ଲାରେ କଲେଜ ସହିତ ସିଟ୍ ସଂଖ୍ୟା ଶିକ୍ଷା ବିଭାଗ ପକ୍ଷରୁ ବୃଦ୍ଧି କରାଯାଉଥିବା ବେଳେ ଖାଲି ପଡୁଥିବା ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି ଏବେ ଚିନ୍ତାର କାରଣ ପାଲଟିଛି। ଦଶମ ଶ୍ରେଣୀ ପାସ ପରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଯୁକ୍ତ ଦୁଇ ଶ୍ରେଣୀରେ ନାମ ନ ଲେଖାଇ ବିକଳ୍ପ ଶିକ୍ଷା ପ୍ରତି ମନୋନିବେଶ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ୧୪୧ଟି ଅନୁମୋଦିତ ଯୁକ୍ତ ଦୁଇ ବା ଉଚ୍ଚମାଧ୍ୟମିକ କଲେଜରେ ୩୫, ୧୦୪ଟି ସିଟ୍ ଥିବା ବେଳେ ୨୫, ୨୬୭ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଶିକ୍ଷାବର୍ଷ ଅଧା ହେବାକୁ ବସିଥିବା ବେଳେ ଆହୁରି ୯, ୮୩୭ଟି ସିଟ୍ ଖାଲି ପଡ଼ିଛି। ତନ୍ମଧ୍ୟରୁ ସର୍ବାଧିକ ବିଜ୍ଞାନରେ ୫ହଜାର ୧୦୧ଟି ଥିବା ବେଳେ କଳାରେ ୨ହଜାର ୮୨୭, ବାଣିଜ୍ୟରେ ୧ହଜାର ୧୩୧, ଧନ୍ଦାମୂଳକ ବିଷୟରେ ୩୯୯ ଓ ସଂସ୍କୃତରେ ୩୭୯ଟି ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି। କେବଳ ଚଳିତ ଶିକ୍ଷା ବର୍ଷ ନୁହେଁ, ଗତ ୨୦୨୪-୨୫ ଓ ୨୦୨୩-୨୪ରେ ମଧ୍ୟ ୧୩୬ ଓ ୧୩୦ଟି କଲେଜର ଯଥାକ୍ରମେ ୭ହଜାର ୮୬୦ ଓ ୭ହଜାର ୩୯୧ଟି ସିଟ୍ ଖାଲି ପଡ଼ିଥିଲା। ଦିନକୁ ଦିନ ସାଧାରଣ ଶିକ୍ଷା ଧାରାରେ ନିଯୁକ୍ତି ସୁଯୋଗ କମୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ବିକଳ୍ପ ଶିକ୍ଷା ଯଥା, ବୈଷୟିକ, ମେଡିକାଲ ଓ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ପ୍ରତି ମନ ନିବେଶ କରୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି ବୋଲି ମତ ପ୍ରକାଶ ପାଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ।



## ଏକତା ପଦଯାତ୍ରା କାର୍ଯ୍ୟସୂଚୀରେ ପରିବର୍ତ୍ତନ

**ବାରିପଦା, ୧୩।୧୧(ସମିସ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଦେଶବାସୀଙ୍କ ମଧ୍ୟରେ ଏକତା ତଥା ଜାତୀୟତାବୋଧ ନିମନ୍ତେ ଏକତା ପଦଯାତ୍ରା ଆୟୋଜନ କରାଯାଉଛି। ଏହି କ୍ରମରେ ବାରିପଦା, ରାଇରଙ୍ଗପୁର ଓ ଉଦଳାଠାରେ ଅନୁଷ୍ଠିତ ହେବାକୁ ଥିବା ଏକତା ପଦଯାତ୍ରାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୧୭ ତାରିଖରେ ବାରିପଦାଠାରେ ସକାଳ ୭ଟାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପାଖରୁ ଆରମ୍ଭ ହୋଇ ଏମପିସି କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର ଗୋଲେଇ, ଟ୍ରାଫିକ ଛକ, ସହିଦ ସ୍ମୃତି ଭବନ ଦେଇ ଛଉ ପଡ଼ିଆଠାରେ ସମାପ୍ତ ହେବ। ଆସନ୍ତା ୧୮ ତାରିଖରେ ଉଦଳାଠାରେ ସକାଳ ୭ ଘଟିକା ସମୟରେ ଭୀମତାଳି ଛକଠାରୁ ଆରମ୍ଭ ହୋଇ ଉଦଳା ଥାନା ଛକ, ମାଉସୀ ମା' ମନ୍ଦିର ହୋଇ ପାଟପୁର ଠାରେ ସମ୍ପୂର୍ଣ୍ଣ ହେବ। ସେହିପରି ରାଇରଙ୍ଗପୁରଠାରେ ୨୨ତାରିଖ ସକାଳ ୭ ଘଟିକା ସମୟରେ ବିର୍ସାମୁଣ୍ଡା ପାର୍କ ଠାରେ ଆରମ୍ଭ ହୋଇ ଦୁର୍ଗା ମଣ୍ଡପ ଛକ, ଗୋଲେଇ ଛକ ଓ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଶେଷ ହେବ। ପ୍ରତ୍ୟେକ ସ୍ଥାନରେ ଏହି ପଦଯାତ୍ରା କିପରି ଶୃଙ୍ଖଳିତ ଭାବେ ଆୟୋଜିତ ହେବ ସେଥିପାଇଁ ଜିଲ୍ଲା ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.
Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.
Interested candidates can apply to the **General Secretary, OSSTA, At- Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

## ଡକାୟତି ଯୋଜନା ପଣ୍ଡ; ୫ ଗିରଫ



**ରାଉରକେଲା, ୧୩।୧୧(ସମିସ):** ଡକାୟତି ଯୋଜନା କରୁଥିବାବେଳେ ପ୍ଲାଣ୍ଟସାଇଟ୍ ପୁଲିସ ଚଢ଼ଉ କରି ୫ ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗୋପବନ୍ଧୁପାଲି ଫାଣ୍ଡି ପଛପାର୍ଶ୍ୱର ସଚିନ ପ୍ରସାଦ (୨୨), ଯତୀନ ରାୟ (୧୯), ଦେବ ମହାନ୍ତି (୧୯), ଶ୍ୟାମ ଦାସ (୨୯) ଓ ଇନ୍ଦିରା ନଗର ବସ୍ତିର ଶଙ୍କର ଅମନ୍ତ (୨୫)। ସେମାନଙ୍କ ଠାରୁ ୨ଟି ରଡ, ଗୋଟିଏ ଭୁଜାଲି ଓ ୨ଟି ଛୁରି ଜବତ କରାଯାଇଛି। ସୂଚନା ଅନୁସାରେ ରେଲୱେ କଲୋନୀ ଫିଲଟର ହାଉସଠାରେ ବୁଧବାର ବିଳମ୍ବିତ ରାତିରେ କିଛି ଯୁବକ ଏକାଠି ବସିଥିବା ସୂଚନା ମିଳିଥିଲା। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସଆଇ ଏସ୍. ପ୍ରଧାନ ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ। ସେମାନେ ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କୌଣସି ଘର, ଦୋକାନ ଓ ପେଟ୍ରୋଲ ପମ୍ପଠାରେ ଡକାୟତି ଯୋଜନା କରୁଥିବା ଗିରଫ ଅଭିଯୁକ୍ତ ମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ସଚିନ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୩ଟି, ଯତୀନ ନାଁରେ ୩ଟି, ଶ୍ୟାମ ନାଁରେ ୬ଟି ଓ ଶଙ୍କର ନାଁରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ବେଆଇନ ଚର୍ଚ୍ଚ ନିର୍ମାଣକୁ ବିରୋଧ



**ରାଉରକେଲା, ୧୩।୧୧(ସମିସ):** ବନ୍ଧମୁଣ୍ଡା ଠାରେ ସରକାରୀ ଜମିରେ ବେଆଇନ ଚର୍ଚ୍ଚ ନିର୍ମାଣକୁ ବିରୋଧ କରିଛି ରାଷ୍ଟ୍ରୀୟ ବଜରଙ୍ଗ ଦଳ। ଏନେଇ ଗୁରୁବାର ଆରଏସପି ଓ ରେଲୱେ ବିଭାଗକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ମୁତାବକ, ସ୍ଥାନୀୟ ଡିଜେଲ କଲୋନୀ ସ୍ଥିତ 'ମା' କି' ରୋଷେଇ ନାମକ ହୋଟେଲ ପଛ ପାର୍ଶ୍ୱରେ ସରକାରୀ ଜମି ରହିଛି। ସେଠାରେ ଗତ କିଛି ଦିନରୁ ଚର୍ଚ୍ଚ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ବିନା କୌଣସି କାଗଜପତ୍ର ବା ଅନୁମତିରେ ସେଠାରେ କାର୍ଯ୍ୟ କିପରି ଚାଲିଛି ବୋଲି ପ୍ରଶ୍ନ କରାଯାଇଛି। ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ କରାଯାଇଛି। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଯାଉ। ନଚେତ୍ ଆଗାମୀ ଦିନରେ କିଛି ବି ଅଘଟଣ ଘଟିପାରେ ବୋଲି ଉଲ୍ଲେଖ ରହିଛି। ଏହି ଅବସରରେ ଦଳର ଓଡ଼ିଶା ପ୍ରାନ୍ତ ଉପସଭାପତି ରାଜେଶ ସିଂହ, ନିହାଲ କୁମାର, ଧ୍ରୁବ କୁମାର, କ୍ରିଶ କୁମାର ସିଂହ, ଦେବ ତିୱାରୀ, ଓମ୍ ପ୍ରକାଶ, ଶ୍ରୀକାନ୍ତ ଉପାଧ୍ୟାୟ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଧକ୍କା; ୨ ଆହତ

**ରାଉରକେଲା, ୧୩।୧୧(ସମିସ):** ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଓଭରବ୍ରିଜ ଠାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଦୁଇ ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ଗୁରୁବାର ସକାଳ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁଇ ବାଇକ୍ ଚାଳକ ବାସନ୍ତୀ କଲୋନୀ ପଟୁ ଉଦିତନଗର ଆଡ଼କୁ ଯାଉଥିବା ବେଳେ ଆଗ ପଛ ହୋଇ ଦୁର୍ଘଟଣା ହୋଇଥିଲା। ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଗୋଗୁଆ ସ୍କୁଲରେ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ




**ବଣାଇ, ୧୩।୧୧(ସମିସ):** ବଣାଇ ବ୍ଲକ ଗୋଗୁଆ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଜ୍ଞାନମେଳାର ସମ୍ପାଦକ ଝସକେତନ ପ୍ରଧାନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନମେଳାର ଅଧ୍ୟକ୍ଷ ତଥା ବ୍ଲକ ଶିକ୍ଷାଧିକାରୀ ସୁନୀଲ ମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ନିର୍ଦ୍ଦେଶକ ପିତାମ୍ବର ଦାସ, ସମ୍ମାନିତ ଅତିଥି ଭାବେ ବଣାଇ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶୁଭେନ୍ଦୁ ନାଥ ମଲ୍ଲିକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ, ସମ୍ମାନିତ ଅତିଥି ଭାବେ ଡ. ବୁଦ୍ଧେଶ୍ୱର ଷଡ଼ଙ୍ଗୀ, ଜିନ୍ଦଲ ସିଏସଆର ବିଭାଗ ମୁଖ୍ୟ ରାଜୀବ ଉପାଧ୍ୟାୟ ଉପସ୍ଥିତ ଥିଲେ। ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଖେଳଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଅରୂପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବିପିୟୁଟିର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

# ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ







**ରାଉରକେଲା, ୧୩।୧୧(ସମିସ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ରାଉରକେଲାସ୍ଥିତ ଛେଣ୍ଡଠାରେ ଥିବା ବିପିୟୁଟି ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଶୈକ୍ଷିକ ଉତ୍ସବରେ ୨୦୨୪-୨୫ ଶିକ୍ଷାବର୍ଷରେ ଡିଗ୍ରୀ ସମାପ୍ତ କରିଥିବା ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ମହାମହିମ ଡ. ହରିବାବୁ କମ୍ଭମପାଟି ଏହି ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବେଙ୍ଗାଲୁରୁସ୍ଥିତ ଜାତୀୟ ମୂଲ୍ୟାଙ୍କନ ଓ ପ୍ରତ୍ୟାୟନ ପରିଷଦ (ଏନଏଏସି)ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ୍. ସି. ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ ରାଜ୍ୟପାଳ ତଥା କୁଳାଧିପତି ସ୍ନାତକ ଉପାଧିପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାପାଇଁ ସେମାନଙ୍କ ସାମର୍ଥ୍ୟ ଉପରେ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ। ସେ ସାମଗ୍ରୀକ ବିକାଶ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀଙ୍କୁ ସଚୋଟତା ଓ ସେବାର ମୂଲ୍ୟବୋଧକୁ ବଜାୟ ରଖୁବା ପାଇଁ ଆହ୍ୱାନ ଦେଇଥିଲେ। କୁଳାଧିପତି ସମଗ୍ର ଓଡ଼ିଶାରେ ଉଚ୍ଚ ବୈଷୟିକ ଶିକ୍ଷାକୁ ସୁଦୃଢ଼ କରିବା ଦିଗରେ ବିପିୟୁଟିର ପ୍ରୟାସକୁ ପ୍ରଶଂସା କରି ଗବେଷଣା ଓ ଶୈକ୍ଷିକ ବିକାଶ କ୍ଷେତ୍ରରେ ଏହାର ଅବଦାନକୁ ସ୍ୱୀକୃତି ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଏସ୍‌ସି. ଶର୍ମା ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଇଞ୍ଜିନିୟର ଓ ପ୍ରଯୁକ୍ତିବିଦ୍ୟାମାନଙ୍କ ଠାରୁ ବଢୁଥିବା ଆଶା ବିଷୟରେ ଆଲୋକପାତ କରିବା ସହ ଆଜୀବନ ଶିକ୍ଷା, ନୈତିକ ଦାୟିତ୍ୱବୋଧ ଓ ପରିବର୍ତ୍ତନଶୀଳତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଏହି ଅବସରରେ ୨୦୨୪-୨୫ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବି. ଟେକ୍ ଛାତ୍ର ଭାବେ ବ୍ରହ୍ମପୁରର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଛାତ୍ର ଶିବପ୍ରତିମ ଦାସଙ୍କୁ ଅର୍ଜୁନ ଭୂୟାଁ ସ୍ୱର୍ଣ୍ଣପଦକ, ଶ୍ରେଷ୍ଠ ଏମ୍ ଟେକ୍ ଭାବେ ନୈନାଳି ନନ୍ଦଙ୍କୁ ଭୁବନାନନ୍ଦ ଦାସ ସ୍ୱର୍ଣ୍ଣପଦକ ଏବଂ ଶ୍ରେଷ୍ଠ ବି. ଫାର୍ମ ଭାବେ ସାଲେପୁରର ଫାର୍ମାସୀ କଲେଜର ଛାତ୍ର ଆଶୁତୋଷ ରାଉତଙ୍କୁ ଦିଲୀପ କୁମାର ସାନତ୍ରା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଇଞ୍ଜିନିୟରିଂ, ଆର୍କିଟେକ୍ଚର, ଫାର୍ମାସୀ, ମ୍ୟାନେଜମେଣ୍ଟ ଏବଂ କମ୍ପ୍ୟୁଟର ଆପ୍ଲିକେସନ୍ସ ଭଳି ବିଭିନ୍ନ ବିଭାଗର ସଫଳ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୦ ଜଣଙ୍କୁ ସ୍ୱର୍ଣ୍ଣପଦକ ଏବଂ ୩୮ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରିଥିଲେ ରାଜ୍ୟପାଳ।

**ଶିବପ୍ରତିମ ଦାସ ଶ୍ରେଷ୍ଠ ବି.ଟେକ୍, ନୈନାଳି ନନ୍ଦ ଶ୍ରେଷ୍ଠ ଏମ୍‌ଟେକ୍ ଏବଂ ଆଶୁତୋଷ ରାଉତ ଶ୍ରେଷ୍ଠ ବି.ଫାର୍ମା**

ସୂଚନାଯୋଗ୍ୟ ଯେ ଏହି ସମାବର୍ତ୍ତନ ଉତ୍ସବରେ ୩୦, ୮୯୪ ଜଣଙ୍କୁ ବିଭିନ୍ନ ବିଷୟରେ ଡିଗ୍ରୀରେ ମୋହର ମାରିଥିଲେ ରାଜ୍ୟପାଳ। ସେଇଞ୍ଜିନିୟରିଂ କ୍ଷେତ୍ରରେ ୧୭, ୧୫୯ ଜଣଙ୍କ ପ୍ରମାଣପତ୍ର ସହ ଏଗ୍ରିକଲଚରରେ ୧୧୯, ଫାର୍ମାସୀରେ ୨୮୭୩, ମ୍ୟାନେଜମେଣ୍ଟରେ ୬୨୬୯, କମ୍ପ୍ୟୁଟର ଆପ୍ଲିକେସନ ଏବଂ ବିଜ୍ଞାନରେ ୪୪୭୪ ଜଣ ଛାତ୍ରଛାତ୍ରୀଙ୍କ ଡିଗ୍ରୀ ସାର୍ଟିଫିକେଟରେ ମୋହର ମାରିଥିଲେ। କୁଳସଚିବ ନିଶି ପୁନମ ମିଞ୍ଜ, ବିଭିନ୍ନ ଫାକଲ୍ଟିର ଡିନ୍, ସହବନ୍ଧିତ ଓ ଅଙ୍ଗୀଭୂତ ମହାବିଦ୍ୟାଳୟର ଅଧ୍ୟକ୍ଷ, ପରିଚାଳନା ପରିଷଦର ସଦସ୍ୟ, ଏକାଡେମିକ କାଉନସିଲର ସଦସ୍ୟ, ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଲୋରେଟୋ ଇଂଲିଶ ସ୍କୁଲର ବାର୍ଷିକ ଉତ୍ସବ




**ରାଉରକେଲା, ୧୩।୧୧(ସମିସ):** ସହରର ସିଭିଲ ଟାଉନସିପ୍‌ରେ ଥିବା ଲୋରେଟୋ ଇଂଲିଶ ସ୍କୁଲର ୩୦ତମ ବାର୍ଷିକ ଉତ୍ସବ ସେକ୍ଟର - ୧୯ ଠାରେ ଥିବା ସିଭିକ ସେଣ୍ଟରରେ ପାଳିତ ହୋଇଯାଇଛି। ଏହି ସମାରୋହରେ ବିଦ୍ୟାଳୟର ପ୍ରାୟ ୪୦୦ରୁ ଅଧିକ ପିଲା ନିଜ କଳା ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ। ନିର୍ଦ୍ଦେଶକ ସୁରେଶ କେଜ୍ରିୱାଲ କହିଥିଲେ ଯେ ଶିକ୍ଷା ସହିତ ଖେଳକୁଦ, କଳାକ୍ଷେତ୍ରରେ ପ୍ରତିଭାକୁ ପ୍ରୋତ୍ସାହିତ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନାଥ ଭଞ୍ଜ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷା ସରିତା କେଜ୍ରିୱାଲ, ଉପାଧ୍ୟକ୍ଷ ହାରମୋହନ ମହାପାତ୍ର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ହିନ୍ଦୀ ନାଟକ 'ନହଲେ ପେ ଦହଲା' ଏବଂ ଇଂରାଜୀ ନାଟକ' 'ମୋବାଇଲର ସ୍କୁଲ ଉପରେ ପ୍ରଭାବ' ପରିବେଷଣ କରି ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ ଉପ-ପ୍ରଧାନ ଶିକ୍ଷକ ସୁମତି ମୋହନଙ୍କ ସହିତ ଅରାଧ୍ୟା, ମନ୍ତସା, ସୃଷ୍ଟି ସିହ୍ନା, ରିୟା ଦାସ, ସାୟରା ଏବଂ ଉଜମାଉ ଉପସ୍ଥିତ ଥିଲେ। ସାଗରିକା ଗୁପ୍ତା ଏବଂ ତାରାମଣି ପରିଚାଳନା କରିଥିଲାବେଳେ ଏଥିରେ ବିଦ୍ୟାଳୟର ଅନ୍ୟ ସଦସ୍ୟମାନେ ମଧ୍ୟ ସହଯୋଗ କରିଥିଲେ। ପୁଷ୍ପିତା ଦେବ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁକ ମୁନରେ ଟ୍ରାନ୍ସପୋର୍ଟ ଅଫିସରୁ ଲୁଟ୍

**ରାଉରକେଲା, ୧୩।୧୧(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ଟେନସା ଫାଣ୍ଡି ଅଧୀନ ବରସୁଆଁ ରେଲଷ୍ଟେସନ ସାଇଡିଂ ନିକଟରେ ଥିବା ଏକ ଟ୍ରାନ୍ସପୋର୍ଟ ଅଫିସରୁ ଗତକାଲି ବିଳମ୍ବିତ ରାତିରେ ସ୍କର୍ପିଓରେ ଆସି ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲୁଟ୍ କରି ଚମ୍ପଟ ମାରିଥିବା ଜଣାପଡ଼ିଛି। ୫ରୁ ୬ ଜଣ ମୁଖାପିନ୍ଧା ଡକାୟତମାନେ ବନ୍ଧୁକମୁନରେ ବରସୁଆଁ ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରୁ ଲୁଟ୍ କରିଥିଲେ। ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିବା ପରେ ବନ୍ଧୁକ ମୁନରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ଥାନାରେ ସିସିଟିଭି ଭିଡିଓ ପ୍ରମାଣ ସହ ଏତଲା ଦେଇଛନ୍ତି ବିଏନଆର କାର୍ଯ୍ୟାଳୟର ପ୍ରବନ୍ଧକ।

## ଉଚ୍ଚତାରେ କାର୍ଯ୍ୟ ଉପରେ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ




**ରାଉରକେଲା, ୧୩।୧୧(ସମିସ):** ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରି ଏବଂ ବଏଲର ନିର୍ଦ୍ଦେଶାଳୟ ରାଉରକେଲା ଡିଭିଜନ ଦ୍ୱାରା ରାଉରକେଲା ଇସ୍ପାତ କାରଖାନାର ସହଭାଗିତାରେ ସିପିଟିଆଇ ପ୍ରେକ୍ଷାଳୟରେ 'ଶୂନ୍ୟ ପତନ ଜୋନ୍: ଉଚ୍ଚତାରେ କାର୍ଯ୍ୟ ସମୟରେ ସୁରକ୍ଷା ଏବଂ ଛାତ ସିଟ୍ ଆଚ୍ଛାଦନ' ଉପରେ ଆଧାରିତ 'ଉଚ୍ଚତାରେ କାର୍ଯ୍ୟ' ଶୀର୍ଷକ ଏକ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ଓଡ଼ିଶା ସରକାରଙ୍କ ଫ୍ୟାକ୍ଟିରି ଏଣ୍ଡ ବୟଲର ରାଉରକେଲା ଡିଭିଜନର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ ତଥା ଫ୍ୟାକ୍ଟ୍ରି ଆଣ୍ଡ ବଏଲର ରାଉରକେଲା ଜୋନ୍-୧ ଏବଂ ୨ ର ସହକାରୀ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ତାଙ୍କର ଉଦ୍‌ଘାଟନୀ ଭାଷଣରେ ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଅଭ୍ୟାସ ନିୟମର ସଠିକ ଅନୁପାଳନ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସେ ଏକ 'ଶୂନ୍ୟ ଦୁର୍ଘଟଣା' କାର୍ଯ୍ୟ ସଂସ୍କୃତିକୁ ସୁନିଶ୍ଚିତ କରିବା ଉପରେ ଜୋର ଦେଇଥିଲେ। ସେ କର୍ମଚାରୀ ଏବଂ ସୁପରଭାଇଜରଙ୍କ ମଧ୍ୟରେ ସଚେତନତା ଏବଂ ବୈଷୟିକ ଜ୍ଞାନବୃଦ୍ଧି ଲକ୍ଷ୍ୟ ରଖିଥିବା ଏହି ମିଳିତ ପ୍ରୟାସର ପ୍ରଶଂସା ମଧ୍ୟ କରିଥିଲେ। ବିଭୁ ପ୍ରସାଦ ଉକ୍ତ କାର୍ଯ୍ୟକ୍ରମ ଆୟୋଜନର ମୂଳ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱରାଜ କୁମାର ତ୍ରିପାଠୀ ସମାବେଶକୁ ସ୍ୱାଗତ କରିଥିଲେ। ପରିଶେଷରେ ହୀରାଲାଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପତନ ସୁରକ୍ଷା, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ)ର ସଠିକ ବ୍ୟବହାର ଏବଂ ଉଚ୍ଚତାରେ ଛାତ ଚାଦର ପକାଇବା କାର୍ଯ୍ୟ ଓ ରକ୍ଷଣାବେକ୍ଷଣର ନିରାପଦ ଅଭ୍ୟାସର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ପ୍ରତିରୋଧକ ପଦକ୍ଷେପ, ନିୟାମକ ନିର୍ଦ୍ଦେଶାବଳୀ ଏବଂ ବ୍ୟବହାରିକ ପ୍ରଦର୍ଶନ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା।

## ଚୋରା ଟିଭି ଓ ମୋବାଇଲ ଫୋନ ଜବତ : ଜଣେ ଗିରଫ



**ରାଉରକେଲା, ୧୩।୧୧(ସମିସ):** ରାଜଗାଙ୍ଗପୁରରେ ପୁଲିସ ଚୋରା ଟିଭି ଓ ମୋବାଇଲ ଫୋନ ଜବତ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲିପଲୋଇ ବସ୍ତିର ରାକେଶ ଗୋସାଇଁ (୨୪)। ଏହା ପୂର୍ବରୁ ତା ନାମରେ ଥାନାରେ ୨ଟି ମାମଲା ରହିଛି।


**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At- Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,
Nayasarak, Cuttack-2**


# ଆର୍‌ଏସ୍‌ପିରେ ସଶକ୍ତିକରଣ କର୍ମଶାଳା 'ରୋଶନି'

**ରାଉରକେଲା, ୧୩।୧୧(ସମିସ)**



ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ସିପିଟିଆଇ ଠାରେ ଆୟୋଜିତ ହୋଇଯାଇଛି। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଟିଆଣ୍ଡଆରଏମ ବିଭାଗର ସିଜିଏମ କୌଶିକ ସୁନ୍ୟାନି ମୁଖ୍ୟ ଅତିଥି ଏବଂ ଏସ.କେ ଭୂୟାଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୨୫ ନଭେମ୍ବର ମାସରେ ଅବସରଗ୍ରହଣ କରୁଥିବା ଆରଏସପିର ୨୫ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସିଆଣ୍ଡ ଆଇଟି ବିଭାଗର ଡିଜିଏମ ସଞ୍ଜୟ ଗୌତମ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ଡେପୁଟି ମ୍ୟାନେଜର ଡି.କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ଏସପି-୨ ବିଭାଗର ଜିଏମ ଭିଏସ ସହୋଟା ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଜ୍ୟୋତି ଓରେୟା ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚ୍‌ଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ ପି ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜ୍ୟୋତି ଓରେୟା, ଶ୍ରମ ନିରିକ୍ଷକ କେ.କେ ପରିଡ଼ା ଏବଂ ଏଚଆର ଇଆର ଆଣ୍ଡସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକୁ ସକରାତ୍ମକ ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

## ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ ନେଇ ଅନିଶ୍ଚିତତା

# ସରିବାକୁ ବସିଲାଣି ଅବଧି; ଖୋଜା ଚାଲିଛି ଜମି

**ଦୋବଲ, ୧୩।୧୧(ସମିସ)**

ଧାମନଗର ବ୍ଲକ ଦୋବଲ ସେବା ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ନିର୍ମାଣ ଅବଧି ସରିବାକୁ ବସିଥିବାବେଳେ ଏବେ ଜମି ଖୋଜା ଚାଲିଛି। ଆସନ୍ତା ୨୦୨୬ ମସିହା ଜାନୁୟାରୀ ୨୬ ସୁଦ୍ଧା ନିର୍ମାଣ ସରିବ। ଏଥିଲାଗି ୨୦୨୫ ଅଗଷ୍ଟ ପହିଲାରୁ କାମ ଆରମ୍ଭ ହେବା କଥା। ଆଜି ଯାଏ କିନ୍ତୁ ଜମି ଚିହ୍ନଟ ହୋଇପାରିନାହିଁ। ଧାମନଗର ବ୍ଲକ ଦୋବଲ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର ନିର୍ମାଣକୁ ନେଇ ଏଭଳି ପରିସ୍ଥିତି ଦେଖାଦେଇଛି। ଦୋବଲ, ମୁସ୍ତଫାପୁର, ଖଡ଼ିପଦା, ଆନନ୍ଦପୁର ଓ କରଦାର କିଛି ଅଂଶ ବା ୧୬ଟି ରାଜସ୍ୱ ଗ୍ରାମର ଚାଷୀଙ୍କୁ ନେଇ ଦୋବଲ ସେବା ସମବାୟ ସମିତି ୧୯୬୮ରେ ଗଠନ ହୋଇଥିଲା। ଏବେ ସମିତିରେ ପ୍ରାୟ ୨୦୦୦ ଚାଷୀ ସଦସ୍ୟ ଅଛନ୍ତି। ଆରମ୍ଭରୁ ଗୋଟିଏ ଛୋଟିଆ ଆଜବେଷ୍ଟସ ଛପର ଘରେ ଅଫିସ ଆରମ୍ଭ ହୋଇଥିଲା। ପରେ ତା ପାଖକୁ ଗୋଦାମ ଘରଟିଏ ନିର୍ମାଣ




କରାଯାଇଥିଲା। ଦୀର୍ଘ ବର୍ଷର ଘର ବର୍ଷା ଖରା ଯୋଗୁଁ ନଷ୍ଟ ହୋଇଯାଇଥିଲା। ନୂଆ ଘର ଓ ଗୋଦାମ ଘର ନିର୍ମାଣ ଲାଗି ବହୁ ବର୍ଷ ଧରି ଦାବି ହୋଇ ଆସୁଥିଲା। ନିକଟରେ ଘର ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମରୁ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରାୟ ୨୪ ଲକ୍ଷ ଟଙ୍କାରେ ଅଫିସ ଗୃହ ଓ ୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ଫାଇନାଲ ହେବା ସହ ଠିକାଦାର ମଧ୍ୟ ଚୟନ ହୋଇସାରିଛନ୍ତି। ଅପରପକ୍ଷରେ ପୁରୁଣା ଘରୁ ଅଫିସକୁ ଏକ ଭଡ଼ା ଘରକୁ ସ୍ଥାନାନ୍ତର କରାଯାଇଛି। ସେହିଠାରେ ଅଫିସ କାମ ହେଉଛି। ସରିତା ଦାସଙ୍କୁ ଠିକା ମିଳିଥିବାରୁ ସେ ଅଫିସ ଗୃହ ଓ ଗୋଦାମ ଘର ନିର୍ମାଣ ଲାଗି ଜାଗା ଖୋଜୁଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଦୋବଲ, ମୁସ୍ତଫାପୁର-ଧାମନଗର ରାସ୍ତାର ଘୋଡ଼ାଗଣ୍ଡ ନାଳ ପାଖ ପ୍ରସ୍ତାବିତ ନୂଆ ବସଷ୍ଟାଣ୍ଡ ନିକଟରେ ନିର୍ମାଣ ଲାଗି କୁହାଯାଇଥିଲା। ହେଲେ ଏହାକୁ ସ୍ଥାନୀୟ ଲୋକେ ଗ୍ରହଣ କରିନଥିଲେ। ଏହା ଦୋବଲ ସେବା ସମବାୟ ସମିତି ଭାବେ ନାଁ ରହିଛି। ନିର୍ମାଣ ସ୍ଥଳଟି ମୁସ୍ତଫାପୁର ପଞ୍ଚାୟତ ଅଧିନରେ ଆସୁଛି। ସରକାରଙ୍କ ନୂଆ ନିୟମ ଅନୁସାରେ ପ୍ରତି ପଞ୍ଚାୟତରେ ଏକ ସମବାୟ ସମିତି ସ୍ଥାପନ କରାଯିବ। ଏପରି ହେଲେ, ବହୁ ବର୍ଷର ପୁରୁଣା ଦୋବଲ ସେବା ସମବାୟ ସମିତିର ନାଁ ବୁଡ଼ିଯିବ। ଏଣୁ ସେହି ପୁରୁଣା ଜାଗାରେ ହିଁ ସମିତି ଘର ଓ ଗୋଦାମ ଘର କରିବାକୁ ଚାଷୀ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଶାସକ ଦଳର କିଛି କର୍ମୀ ନୂଆ ଜାଗାରେ କରିବାକୁ କହୁଛନ୍ତି। ଏହି ଟଣାଓଟରା ଭିତରେ ଠିକାଦାର ଫସିଛନ୍ତି। ପ୍ରସ୍ତାବିତ ୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ଲାଗି ପୁରୁଣା ସ୍ଥାନରେ ଜାଗା ଅଛି। ମାତ୍ର ୨୦୦୦ ବର୍ଗଫୁଟ ଜମି ହେଲେ ଗୋଦାମ ଘର ହୋଇଯିବ। ସେହିପରି ଆଉ ୧୫୦୦ ବର୍ଗଫୁଟରେ ସୁନ୍ଦର ଅଫିସ ଘର ହୋଇଯିବ। ଏଣୁ ସେହି ପୁରୁଣା ଜାଗାରେ ନିର୍ମାଣ ଲାଗି ଦାବି ଜୋର ହେଉଛି। ଅପର ପକ୍ଷରେ କାର୍ଯ୍ୟାଦେଶ ଅନୁସାରେ ନିର୍ମାଣ ଅବଧି ବି ସରି ଆସୁଛି। ଏଣୁ ଅବଧି ଭିତରେ ନିର୍ମାଣ ନ ହେଲେ ଟଙ୍କା ଫେରିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ଏଭଳି ସ୍ଥିତି ନେଇ ସେବା ସମବାୟ ସମିତିର ସମ୍ପାଦକ ରାମଚନ୍ଦ୍ର କର କିଛି କହିବାକୁ ମନା କରିଛନ୍ତି।

# ଲୁଟ୍ ଅଳଙ୍କାର ଓ ରୁପା ଉଦ୍ଧାର; ଅଭିଯୁକ୍ତ ଗିରଫ





**ଭଦ୍ରକ, ୧୩।୧୧(ସମିସ):** ଭଦ୍ରକ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ରଙ୍କୁ ମିଳିଛି ବଡ଼ ସଫଳତା। ଚରମ୍ପା ଅଞ୍ଚଳରେ ଘଟିଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରି ଶ୍ରେୟ ନେଇଛି ଭଦ୍ରକ ପୁଲିସ। ପ୍ରଥମେ ଚରମ୍ପା ଷ୍ଟେସନ ରୋଡ଼ରୁ ବାଇକ ଡିକିରୁ ୪.୬ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ସଫଳତା ପରେ ପୁଣି ଆଜି ମିଳିଛି ଆଉ ଏକ ସଫଳତା। ପ୍ରକାଶ ଥାଉକି, ୩ ଦିନ ତଳେ ଅର୍ଥାତ ଗତ ସୋମବାର ଚରମ୍ପା ସ୍ଥିତ ଏକ ଜଳଖିଆ ଦୋକାନାରେ ନିଜ ଶିଶୁକୁ ଖାଇବାକୁ ଅଟକି ଥିବା ବେଳେ ଜଗତସିଂହପୁର ଅଞ୍ଚଳର ଚିନ୍ମୟୀ ସାହୁ ଭ୍ୟାନେଟି ବ୍ୟାଗଟି ଚୋରି ହୋଇଯାଇଥିଲା। ସେଥିରେ ପାଖାପାଖି ୧୦ ଭରି ସୁନା ଓ ୨୫ ଗ୍ରାମ ରୁପା ଅଳଙ୍କାର ଥିଲା ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଅଧିକାରୀ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ତେବେ ବେଳେ ପୁଲିସ ଜଣଙ୍କୁ ଗିରଫ କରି ଥିବା ବେଳେ ଚିରି ହୋଉଥିବା ସୁନା ଓ ରୂପା ଅଳଙ୍କାର ଉଦ୍ଧାର କରିଛି। ଅଭିଯୁକ୍ତ ଜଣକ ନାବାଳକ ହୋଇଥିବା ବେଳେ ଏହାର ମୁଖ୍ୟ ଆସାମୀ ଫେରାର ରହିଛି। ତେବେ ଚରମ୍ପା ଅଞ୍ଚଳର ଘଟିଥିବା ୨ଟି ଲୁଟ ଘଟଣାରେ ଟାଉନ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ଜଗତସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ପଦ୍ମନାଭ ସ୍ୱାଇଁ ଓ ତାଙ୍କ ପତ୍ନୀ ଚିନ୍ମୟୀ ସ୍ୱାଇଁ କଟକରୁ ବାଲେଶ୍ୱର ଅଭିମୁଖେ ଏକ ବାଇକ୍ ଯାଉଥିଲେ। ଚରମ୍ପା ନିକଟରେ ଥିବା କପିଳା ସାହୁଙ୍କ ଦୋକାନରେ ନିଜର ଛୁଆକୁ ଖୁଆଉ ଥିବା ବେଳେ ସୁନା ଗହଣା ଥିବା ବ୍ୟାଗକୁ ଦୋକାନ ବେଞ୍ଚରେ ରଖିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବ୍ୟାଗଟିକୁ ନେଇ ଚମ୍ପଟ ମାରିଥିଲେ। ପରେ ପୁଲିସ ସିସିଟିଭି ଯାଞ୍ଚକରି ଅଭିଯୁକ୍ତକୁ ଗିରଫ କରିଛି। ଏହି ଲୁଟେରା ପାଖରୁ ୮୦ ଗ୍ରାମ ସୁନା ଅଳଙ୍କାର ଓ ୭୦ ଗ୍ରାମର ରୂପା ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତ ନାବାଳକ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଖୋଜୁଛି।

# ବାଳିକା ହାଇସ୍କୁଲରେ ମହତାବଙ୍କ ଜୟନ୍ତୀ



**ବନ୍ତ/ଆଗରପଡ଼ା, ୧୩।୧୧(ସମିସ):** ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ସରକାରୀ ସ୍ତରରେ ଚାଲିଥିବା ବର୍ଷେ ତମାମ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଐତିହାସିକ ତଥା ଗବେଷକ ଡ. ଭାଗବତ ତ୍ରିପାଠୀ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ ଅତିଥିଭାବେ ଯୋଗଦେଇ ଡ.ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ, ବିରେନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପଣ୍ଡା, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ବନଜିନୀ ନାୟକ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମପରାୟଣାଙ୍କ ସ୍ମୃତିସଭା



**ଭଣ୍ଡାରିପୋଖରୀ/ବାରିକପୁର, ୧୩।୧୧ (ସମିସ):** ପ୍ରତିଭା ଜାଗରଣ ମଞ୍ଚ ଆନୁକୂଲ୍ୟରେ ଧର୍ମପରାୟଣା ମହିଳା ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ରାଜେନ୍ଦ୍ରପୁରଠାରେ ଶିକ୍ଷାବିତ କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଇଂ. ବସନ୍ତ ପାଣିଗ୍ରାହୀ, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ, ଶିକ୍ଷାବିତ ବିଷ୍ଣୁଚରଣ ଜେନା, 'ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଗଯାଧର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରୁକ୍ମିଣୀ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ, ହରିଶ୍ଚନ୍ଦ୍ର ଜେନା, ମଧୁସୂଦନ ଜେନା, ନାରାୟଣ ପାଢ଼ୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅନ୍ନପୂର୍ଣ୍ଣା ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ସୁରଞ୍ଜନ ପଣ୍ଡା ମା'ଙ୍କ ସ୍ମୃତିଚାରଣ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

## ବନ୍ଦେ ମାତରଂ ରଚନାର ୧୫୦ ବର୍ଷ ପୂର୍ତ୍ତି

# ଏନ୍‌ସିସି କ୍ୟାଡେଟ୍‌ଙ୍କ ବିଶାଳ ତ୍ରିରଙ୍ଗା ରାଲି



**ଭଦ୍ରକ, ୧୩।୧୧(ସମିସ):** ଭଦ୍ରକ ଏନ.ସି.ସି (ସ୍ଥଳ ଓ ନୌସେନା ବିଭାଗ) ତରଫରୁ ଆଜି ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତି ଉପଲକ୍ଷେ ଏନସିସି କ୍ୟାଡେଟଙ୍କ ଦ୍ୱାରା ଏକ ତ୍ରିରଙ୍ଗା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ରେ ଭଦ୍ରକ ଜିଲ୍ଲା ସ୍କୁଲରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କର କାର୍ଯ୍ୟକ୍ରମକୁଉଦଘାଟନ କରିଥିଲେ। ଏଥିରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, କମାଣ୍ଡିଂ ଅଫିସର ଓ କମାଣ୍ଡର ସୁଦିପ କୁମାର ସାହୁଙ୍କ ସମେତ ଶତାଧିକ ଏନ.ସି.ସି କ୍ୟାଡେଟ୍ ଭାଗ ନେଇଥିଲେ। ଅପରାହ୍ନ ୪.୩୦ରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରୁ ଏକ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଜିଲ୍ଲାରୁ ଆସିଥିବା ଏନ.ସି.ସି କ୍ୟାଡେଟ୍‌ଙ୍କୁ ତ୍ରିରଙ୍ଗା ରାଲି ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ହାତରେ ଏକ ବିଶାଳ ତ୍ରିରଙ୍ଗା ଧରି ଭାରତ ମାତା କୀ ଜୟ ଓ ବନ୍ଦେ ମାତରଂ ସ୍ଲୋଗାନ ଦେଇ ଜିଲ୍ଲା ସ୍କୁଲ ଅଭିମୁଖେ ଯାତ୍ରା କରିଥିଲେ। ଜନସାଧାରଣଙ୍କ ଉପସ୍ଥିତିରେ ସେହି ସ୍ଥାନଟିରେ ଏକ ଜାତୀୟତାବୋଧ ପରିବେଶ ସୃଷ୍ଟି ହୋଇଥିଲା। ଜିଲ୍ଲା ସ୍କୁଲରୁ ରାଲିଟି ପୁଣି ପ୍ରତ୍ୟାବର୍ତ୍ତନ କରି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ଏନ.ସି.ସି କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଏନ.ସି.ସି କ୍ୟାଡେଟ୍‌ଙ୍କୁ ଉପଢୌକନ ପ୍ରଦାନ କରିବା ସହିତ ଜାତୀୟ ଏକତା ବିଷୟରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବିର୍ଶା ମୁଣ୍ଡା, ସୁବାଷ ଚନ୍ଦ୍ର ବୋଷ ଓ ଅନେକ ମହାନ ବ୍ୟକ୍ତିତ୍ୱଙ୍କ ରାଷ୍ଟ୍ରଭକ୍ତି କିପରିଭାବରେ ଦେଶର ଶକ୍ତି ଓ ଅଗ୍ରଗତିରେ ମୂଳ ଆଧାର ହୋଇଛି ତାହା ପ୍ରକାଶ କରିଥିଲେ ଓ ଆମେ ସମସ୍ତେ ଏକ ଭାବନାରେ ଏକତା ବଦ୍ଧ ହୋଇ ଆମ ଦେଶର ସମୃଦ୍ଧି, ସୁଖ ଓ ଶାନ୍ତି ପାଇଁ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।

# କେନାଲ ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ

**ବାରିକପୁର, ୧୩।୧୧(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ହସ୍ତକ୍ଷେପ ପରେ ବଡକୋଳିପଦୀ ମାଇନର ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କେନାଲ ରାସ୍ତାର ପାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତା ଠାରୁ ବସଷ୍ଟାଣ୍ଡକୁ ସଂଯୋଗ କରୁଛି। ଦୀର୍ଘ ୧୫/୨୦ ବର୍ଷ ହେବ ଏହି କ୍ଷୁଦ୍ର ରାସ୍ତାଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ବର୍ଷେ ଦୁଇ ବର୍ଷରେ ଥରେ ଜଳସମ୍ପଦ ବିଭାଗ ଏହା ଉପରେ ନାଲିଗୋଡି କିଛି ପକାଇ ଦେଇ କାମ ସାରି ଦେଉଥିଲା। ଖରାଦିନେ ଯଥେକଷ୍ଟେ ଲୋକେ ଯାତାୟାତ କରୁଥିବା ବେଳେ ବର୍ଷା ଋତୁ ଆସିଲେ ଦୁଃଖ ବଢ଼ିଯାଏ। ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ସ୍ଥାନୀୟ ଲୋକେ ଏନେଇ ଲିଖିତ ଭାବେ ପଦାଧିକାରୀଙ୍କୁ ଜଣାଇଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଧାୟକ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଏହାର ମରାମତି ନୁହେଁ ବରଂ ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ତଦନୁଯାୟୀ ଦୁଇ ମାସ ମଧ୍ୟରେ ଏଷ୍ଟିମେଟ ହେବା ପରେ ଟେଣ୍ଡର ଜରିଆରେ ଏବେ ତିନି ଶହ ମିଟର କେନାଲ ରାସ୍ତାର କଂକ୍ରିଟ ନିର୍ମାଣ ହେବାକୁ ଯାଉଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଖୁସି ଦେଖାଯାଇଛି।






# ବ୍ଲକ୍‌ରେ ବହୁ ପ୍ରାଥମିକ ବିଦ୍ୟାଳୟ ବିପଦସଂକୁଳ

**ବାରିକପୁର, ୧୩।୧୧(ସମିସ):** ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ିକରଣ ପାଇଁ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିଲା। 'ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ' ସ୍ଲୋଗାନ ଜରିଆରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଅଭିମୁଖି ହୋଇଥିଲେ। ଏଥିପାଇଁ ଗାଁଠାରୁ ସହର ବସ୍ତି ଯାଏଁ ସବୁଠି ନୂତନ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ପ୍ରାୟ ୩୦ରୁ ୩୨ଟି ସ୍ଥାନରେ ବିଦ୍ୟାଳୟ ନିର୍ମାଣ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିଲେ। ବିଶେଷ କରି ଛୋଟଛୋଟ ଗାଁରେ ବିଦ୍ୟାଳୟ ନଥିବା ବେଳେ ସର୍ବଶିକ୍ଷା ଅଭିଯାନ ଯୋଗୁଁ ସେଠାରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ପଡ଼ିଥିଲା। ସବୁ କିଛି ଠିକ୍ ଚାଲିଥିବାବେଳେ ହଠାତ୍ ଯୋଜନାକୁ ବନ୍ଦ କରିଦିଆଗଲା। ନିର୍ମାଣାଧୀନ ବିଦ୍ୟାଳୟକୁ ପାଖ ବିଦ୍ୟାଳୟଗୁଡ଼ିକରେ ମିଶାଇ ଦିଆଗଲା। ଏବେ ବ୍ଲକର ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ଅନେକ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ଏବେ ଭୂତକୋଠିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେତେକ ବିଦ୍ୟାଳୟ ପରିସର ଲତାଗୁଳ୍ମରେ ଭର୍ତ୍ତି ହୋଇଗଲାଣି। ଏପରିକି ପରିସର ସରିସୃପଙ୍କ ବାସସ୍ଥଳୀ ପାଲଟିଛି। ବନ୍ଦ ହୋଇଥିବା ବିଦ୍ୟାଳୟ ଗୃହ ଗୁଡିକ ମଧ୍ୟରୁ କେତୋଟି ସରକାରୀ କାର୍ଯ୍ୟାଳୟରେ ପରିଣତ ହୋଇଛି ଏବଂ ଆଉ କେତୋଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତାହାର ହିସାବ ମଧ୍ୟ କାହାରି ପାଖରେ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମିତ ହୋଇଥିବା ଗୃହଗୁଡିକର ରକ୍ଷଣାବେକ୍ଷଣ କରିବା ନିମନ୍ତେ ପ୍ରଶାସନ ଭୁଲି ଯାଇଥିବା ନେଇ ଚର୍ଚ୍ଚା ହେଉଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'; ମନସ୍ମିତା ଚାମ୍ପିଅନ

**ବନ୍ତ/ଆଗରପଡ଼ା, ୧୩।୧୧(ସମିସ):** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ବନ୍ତ ବ୍ଲକ ସଫଳତାର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ବରିଷ୍ଠ ବିଭାଗ ତର୍କରେ ପିଏମଶ୍ରୀ ହାଇସ୍କୁଲ, ସେଣ୍ଡତିରା ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରଥମ ସ୍ଥାନ, ବରିଷ୍ଠ ବିଭାଗ ପତ୍ରଲିଖନରେ ପିଏମଶ୍ରୀ ହାଇସ୍କୁଲ, ସେଣ୍ଡତିରା ଛାତ୍ରୀ ମାନସୀ ନାୟକ ପ୍ରଥମ ସ୍ଥାନ, ଚିତ୍ରାଙ୍କନରେ ଉଚ୍ଚ ମାଧ୍ୟମିକ ବରିଷ୍ଠ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଳାସଗଡ଼ିଆ ଏକାଦଶ ଶ୍ରେଣୀ ଛାତ୍ରୀ ମାନ୍ୟତା ବାରିକ ପ୍ରଥମ ସ୍ଥାନ, ସୃଜନାତ୍ମକ ଲେଖା ବରିଷ୍ଠ ବିଭାଗରେ ସରକାରୀ ବାଳିକା ହାଇସ୍କୁଲ, ଆଗରପଡ଼ା ୯ମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ପ୍ରଥମ ସ୍ଥାନ, ହସ୍ତାକ୍ଷର ଏବଂ ଶ୍ରୁତଲିଖନ କନିଷ୍ଠ ବିଭାଗରେ ସତ୍ୟନାରାୟଣ ନୋଡ଼ାଲ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ପ୍ରଥମ ସ୍ଥାନ ଅଧିକାର



କରିଛନ୍ତି। ଏମାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଉକ୍ତ ୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସଫଳତା ସୃଜନାତ୍ମକ ଲେଖା ବରିଷ୍ଠ ବିଭାଗରେ ସରକାରୀ ବାଳିକା ହାଇସ୍କୁଲ, ଆଗରପଡ଼ା ୯ମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ରାଜ ଚାମ୍ପିଅନ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗ ଦେଇ ମନସ୍ମୀତାଙ୍କୁ ସମ୍ମାନିତ କରିବେ। ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷା ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ଅଜିତ ରାଉଳ, ବିରେନ ମିଶ୍ର, କୈଳାସ ପଣ୍ଡା, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ବନଜିନୀ ନାୟକ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେ ଶିକ୍ଷାବିତ୍ ସମୀକ୍ଷା ପ୍ରସାଦ ରାଉତ ଓ ମଧୁସ୍ମିତା ଜେନାଙ୍କ ଝିଅ।

# ବରପଦା ଇଂଜିନିୟରିଂ କଲେଜ ଦୁର୍ନୀତି ମାମଲା ଖାରଜ

**ଭଦ୍ରକ, ୧୩।୧୧(ସମିସ)**

ଭଦ୍ରକ ବରପଦା ଇଂଜିନିୟରିଂ କଲେଜ ପରିଚାଳନା କମିଟି (ସୋସାଇଟି) ବିରୋଧରେ ରୁଜୁ ହୋଇଥିବା ଦୁର୍ନୀତି, ଅନିୟମିତା ମାମଲା ଶେଷରେ ଖାରଜ ହୋଇଛି। ଭଦ୍ରକ ଏସ୍‌ଡିଜେଏମଙ୍କ କୋର୍ଟ ପକ୍ଷରୁ ଏହି ମାମଲାକୁ ଖାରଜ କରଯାଇଛି। ଫଳରେ ଦୀର୍ଘ ୯ବର୍ଷ ର ନ୍ୟାୟିକ ଲଢେଇ ପରେ ଶେଷରେ ସତ୍ୟର ଜୟ ହେଲା ବୋଲି ଆଜି ବରପଦା ଇଂଜିନିୟରିଂ କଲେଜ ସୋସାଇଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଇଂ.ପ୍ରୟାସକାନ୍ତି ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଗତ ୯ବର୍ଷ ହେଲା ବରପଦା ଇଂଜିନିୟରିଂ କଲେଜ ବିରୋଧରେ ଅର୍ଥ ଆତ୍ମସାତ, ଜମି ବିକ୍ରିରେ ହେରଫେର, ଦରମା ବର୍ଣ୍ଟନରେ ଅନିୟମିତା, ଦାମୀ ଗାଡି କ୍ରୟ ସର୍ବୋପରି ଅର୍ଥ ଆତ୍ମସାତ ଭଳି ମାମଲା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଏହି ମାମଲା ଯୋଗୁଁ



ବରପଦା ଶିକ୍ଷାନୁଷ୍ଠାନର ମର୍ଯ୍ୟାଦାହାନି ହେବା ସହ ତାଙ୍କ ପରିବାରର ପ୍ରତିଷ୍ଠା ବି କ୍ଷୁଣ୍ଣ ହୋଇଛି। ତେବେ ବିଳମ୍ବରେ ହେଲେ ବି ସତ୍ୟର ଜୟ ହୋଇଛି। ବରପଦା ଇଂଜିନିୟରିଂ କଲେଜ ବିରୋଧରେ ଆଗତ ଦୁର୍ନୀତି ମାମଲାକୁ ଖାରଜ କରି ଅଦାଲତ କ୍ଲିନ ଚିଟ୍ ଦେଇଛନ୍ତି। ତେଣୁ ସମସ୍ତଙ୍କ ସହଯୋଗରେ ଏହି ଶିକ୍ଷାନୁଷ୍ଠାନ କିଭଳି ପୂର୍ବ ଗୌରବ ଫେରି ପାଇବ ସେ ଦିଗରେ ସେ ଜିଲ୍ଲା ର ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗତ ୨୦୧୬ ମସିହାରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ବରପଦା କୁସୁନ ନଗର ଅଧିବାସୀ ବିକାଶ ରଞ୍ଜନ ଜେନା ବରପଦା ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁତ୍ର ତଥା ପ୍ରାକ୍ତନ ଭଦ୍ରକ ପୌରାଧ୍ୟକ୍ଷ ପ୍ରୟାସକାନ୍ତି ସାମଲ ସୋସାଇଟି ସଭାପତି ହେବା ପରେ ୨୩ କୋଟି ଟଙ୍କାର ବିଭିନ୍ନ ପ୍ରକାର ଆର୍ଥିକ ଅନିୟମିତା ହୋଇଥିବା ଅଭିଯୋଗ କରିଥିଲେ। ପରେ ଭଦ୍ରକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏନେଇ ଏକ ମାମଲା (୧ସିସି ନମ୍ବର-୨୫୨/୧୬) ରୁଜୁ କରିଥିଲେ। ଏଥିରେ ଶ୍ରୀ ସାମଲଙ୍କ ସମେତ ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ଗୋସ୍ୱାମୀ, କ୍ୟାସିଅର ଭୀମଚରଣ ସାମଲ ଓ ଦେବେନ୍ଦ୍ର କୁମାର ମହାନ୍ତିଙ୍କୁ ମାମଲା ଭୁକ୍ତ କରିଥିଲେ। ପରେ ଏହି ମାମଲା ନେଇ ଶ୍ରୀ ଜେନା ହାଇକୋର୍ଟରେ ଦୁଇ ଦୁଇଟି ମାମଲା ରୁଜୁ କରିଥିଲେ। ତେବେ ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲାରେ ଭଦ୍ରକ ଏସ୍‌ଡିଜେଏମଙ୍କ କୋର୍ଟକୁ ଏହାର ବିଚାର କରିବାକୁ ଆଦେଶ ଦେଇଥିଲେ। ପରେ ଏହି ମାମଲାକୁ ଭଦ୍ରକ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଖାରଜ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଇଂ.ପ୍ରିୟବ୍ରତ ନାୟକ, ସମାଜସେବୀ ପ୍ରବୀର ଜେନା ଓ ପ୍ରାକ୍ତନ ଅଧ୍ୟକ୍ଷ ମନୋଜ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

**୪ ଅଭିଯୁକ୍ତଙ୍କୁ ଅଦାଲତରୁ ନିସ୍ତାର**
**୯ ବର୍ଷ ପରେ ମିଳିଲା ନ୍ୟାୟ**





ପୁଣି ଖାକିରେ ଲାଗିଲା ଦାଗ

# ଥାନା ଭିତରେ ଲାଞ୍ଚ; ଧରାପଡ଼ିଲେ ଏଏସ୍‌ଆଇ

ଭୁବନେଶ୍ୱର, ୧୩।୧୧(ସମିସ): ପୁଣି ଖାକିରେ ଲାଗିଲା ଦାଗ। ତାହା ପୁଣି କମିସନରେଟ୍ ପୁଲିସ ଅଞ୍ଚଳରେ। ଥାନା ଭିତରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିଅନ୍ତା ଥାନାର ଜଣେ ଏଏସ୍‌ଆଇ। ସେ ଆଉ ଖସିକି ଯାଇ ପାରିଲେ ନାହିଁ। ଧରା ପଡ଼ିଲା ପରେ ଟଙ୍କା ମୋର ନୁହେଁ ବୋଲି ବିଳିବିଳି ହୋଇ ସଫେଇ ଦେଲେ। ହେଲେ ସମସ୍ତ ପ୍ରସ୍ତୁତିରେ ଆସିଥିବା ଭିଜିଲାନ୍ସ ଅଧିକାରୀ ଛାଡିଲେନି। ତାଙ୍କ ହାତରେ କେମିକାଲ ଢାଳି ଦେଲେ। କେମିକାଲ ପଡ଼ିବା ମାତ୍ରେ ଟଙ୍କା ଧରିବା ହାତରେ କାଳି ଦେଖାଗଲା। ଏଏସ୍‌ଆଇ ବୁଝିଗଲେ ଖସିବାର ଆଉ ବାଟ ନାହିଁ। ଯେଉଁ ଏଏସ୍‌ଆଇ ଦିନେ ବାଲିଅନ୍ତା ଥାନାରୁ ବହୁ ଅଭିଯୁକ୍ତଙ୍କୁ ବାନ୍ଧି ଜେଲରେ ପୁରାଉଥିଲେ ଆଜି ସେହି ଥାନାରୁ ଭିଜିଲାନ୍ସ ତାଙ୍କୁ ବାନ୍ଧିପକାଇଲା।



ମାତ୍ର ୪ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଲେ କମିସନରେଟ୍ ପୁଲିସ ବାଲିଅନ୍ତା ଥାନା ଏଏସ୍‌ଆଇ ସୋମନାଥ ପଲେଇ। ଜଣେ ବ୍ୟକ୍ତିଙ୍କୁ ସେ ଗିରଫ କରିବେ ବୋଲି ଧମକାଉଥିଲେ। କେବଳ ଲାଞ୍ଚ ଦେଲେ ସେ ତାଙ୍କ ସପକ୍ଷରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ଧମକକୁ ଡରିଲେନି। ଭିଜିଲାନ୍ସ ପାଖରେ ଅଭିଯୋଗ କରିଦେଲେ। ଭିଜିଲାନ୍ସ ସବୁ ଜାଣିବା ପରେ ଏଏସ୍‌ଆଇଙ୍କୁ ଲାଞ୍ଚ ନେଉଥିଲା ବେଳେ ଧରିବାକୁ ଯୋଜନା କଲା। ଯୋଜନା ମୁତାବକ ଭିଜିଲାନ୍ସ ସୋମନାଥଙ୍କୁ ଲାଞ୍ଚ ନେଲା ବେଳେ ଗିରଫ କରିଥିଲା। ତାଙ୍କ ଠାରୁ ୪ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି। ସୋମନାଥ ଅନୈତିକ ଉପାୟର ବହୁ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଅନୁମାନ କରୁଛି। ଏଣୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କର ୩ ଠିକଣା ଉପରେ ଭିଜିଲାନ୍ସ ଚଢଉ ଜାରି ରଖିଛି। ଏହାପରେ ତାଙ୍କ କଳା ସାମ୍ରାଜ୍ୟର ପର୍ଦ୍ଦାଫାସ ହେବ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହ, ୩ ସ୍ଥାନରେ ଚଢ଼ଉ**

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜମିବାଡ଼ି ବିବାଦକୁ ନେଇ ବେଣ୍ଟପୁରର ସୂର୍ଯ୍ୟନାରାୟଣ ବେହେରାଙ୍କ ପରିବାରରେ ଗଣ୍ଡଗୋଳ ହୋଇଥିଲା। ସୋମନାଥ ଏଏସ୍‌ଆଇ ଥିବାରୁ ତାଙ୍କୁ ମାମଲା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସୂର୍ଯ୍ୟନାରାୟଣଙ୍କୁ ସୋମନାଥ ଡାକିଥିଲେ। ତାଙ୍କ ନାମରେ ଅଭିଯୋଗ ଆସିଛି ଗିରଫ କରିବାକୁ ପଡ଼ିବ। ୪ ହଜାର ଟଙ୍କା ଲାଞ୍ଚ ଦେଲେ ସୋମନାଥଙ୍କୁ ଗିରଫ କରିବା ବଦଳରେ ସହଯୋଗ କରିବେ ବୋଲି କହିଥିଲେ। ଏନେଇ ସୂର୍ଯ୍ୟନାରାୟଣ ବୁଧବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନା ଏକ ମାମଲା ରୁଜୁ କରିବା ସହ ସୋମନାଥଙ୍କୁ ଧରିବାକୁ ପୂର୍ବ ପ୍ରସ୍ତୁତି କରିଥିଲା ବାଲିଅନ୍ତା ଥାନାରେ ସୂର୍ଯ୍ୟନାରାୟଣଙ୍କଠାରୁ ସୋମାନାଥ ଲାଞ୍ଚ ଟଙ୍କା ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ସୋମନାଥଙ୍କୁ ଗିରଫ କରିଥିଲା।

## ବନ୍ଧାହେଲା ପରେ ବି ପୁଣି ମିଳୁଛି ଥାନା

ପୁଲିସ ବାବୁମାନେ ଲାଞ୍ଚ ନେଉଛନ୍ତି। ବନ୍ଧା ହେଉଛନ୍ତି। ଜାମିନ୍‌ରେ ବାହାରୁଛନ୍ତି। ମାମଲାରେ କୋର୍ଟରୁ କ୍ଲିନ୍‌ଚିଟ୍ ନ ମିଳିଲେ ବି ଥାନାରେ ପୁଣି ବାବୁ ଭଳି କାମ କରୁଛନ୍ତି। ଜେଲ୍‌ରୁ ବାହାରିବା ପରେ ବଡ଼ ଅଧିକାରୀଙ୍କୁ ହାତ କରିନେଉଛନ୍ତି। ସେମାନଙ୍କ ସହ ସଲାସୂତର କରି ଥାନାରେ ପୋଷ୍ଟିଂ ନେଇ ଯାଉଛନ୍ତି। ଥାନା ନେବାର କାରଣ ହେଉଛି ଅଭିଯୋଗକାରୀଙ୍କ ପାଖରେ ସହଜରେ ପହଞ୍ଚି ହେବ। ଆଉ ମାମଲା ରଫାଦଫା ହେବାରେ ପୁଣି ହାକିମାତି ଚଲାଉଛନ୍ତି। ଏଭଳି ବ୍ୟବସ୍ଥା ଅଭିଯୋଗକାରୀଙ୍କ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏଭଳି ପୁଲିସ କର୍ମଚାରୀମାନଙ୍କୁ ଅନ୍ତତ ଥାନା ବଦଳରେ ପୁଲିସ ଅନ୍ୟବିଭାଗରେ ଚାକିରି ଦିଆଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ରାଜଧାନୀରେ ପୁଲିସ ଧମକାଇ ଲାଞ୍ଚ

# ରାଜ୍ୟରେ ୧୬ ମାସରେ ୨୨ ପୁଲିସ ଗିରଫ

ଭୁବନେଶ୍ୱର, ୧୩।୧୧(ସମିସ): କମିସନେରଟ୍ ପୁଲିସ ଦ୍ୱାରା ଲୋକଙ୍କୁ ଧମକାଇବା। ଧମକାଇ ଲାଞ୍ଚ ନେବା ଘଟଣା କୌଣସି ନୂଆ କଥା ନୁହେଁ। ଆଜିର ଅଭିଯୋଗ ସିନା ନୂଆ ହେଲେ ପୁଲିସ ବାବୁମାନଙ୍କ ଏହି ଅଭ୍ୟାସ ବହୁ ପୁରୁଣା। ଜୋର ଜବରଦସ୍ତି ଥାନାରେ ଟଙ୍କା ଆଦାୟ କରାଯାଉଛି। ନ ଦେଲେ ବାନ୍ଧି ଦେବୁ ବୋଲି ଧମକ ଦିଆଯାଉଛି। ଥାନା ବାବୁମାନଙ୍କ



ଏଭଳି ରୋବାବରେ ଲୋକେ ଟଙ୍କା ଦେବାକୁ ବାଧ ହେଉଛନ୍ତି। ତେବେ କିଛି ମାମଲାରେ ଲୋକେ ଭିଜିଲାନ୍ସ ପାଖକୁ ପଳାଉଛନ୍ତି। କମିସନରେଟ୍ ପୁଲିସର ବାବୁ ମାନଙ୍କ ଅସଲ ଚେହେରା ପଦାରେ ପଡ଼ିଯାଉଛି। ଏଭଳି କରି ବିଗତ ଦିନରେ ବହୁ କମିସନରେଟ୍ ପୁଲିସର ବହୁ ଥାନା କର୍ମଚାରୀ ଗିରଫ ହୋଇଛନ୍ତି। ରାଜଧାନୀରେ ଏଭଳି ଅବସ୍ଥା ଥିଲା ବେଳେ ଗତ ୧୬ ମାସ ମଧ୍ୟରେ ୨୨ ଜଣ ପୁଲିସ କର୍ମଚାରୀ ଗିରଫ ହୋଇଛନ୍ତି।

### ପୁଲିସ ଠାରୁ ଲାଞ୍ଚ ନେଇ ଧରାପଡ଼ିଥିଲେ କନ୍‌ଷ୍ଟେବଲ

ପୁଲିସ ଠାରୁ ଲାଞ୍ଚ ନେଇ ଧରାପଡ଼ିଥିଲେ ପୁଲିସ ବାବୁ। ଓଏପିଏଫ୍ କନ୍‌ଷ୍ଟେବଲ ରନ୍ତାକର ପଦେନ୍ତିଙ୍କ ଠାରୁ ଲାଞ୍ଚ ନେଇ ଖାରବେଳନଗର ଥାନା ଅଞ୍ଚଳରେ ଧରାପଡ଼ିଥିଲେ ପୁଲିସ କନ୍‌ଷ୍ଟେବଲ ସୁରେଶ ଦାସ। ୫ବର୍ଷ ତଳେ ଏଭଳି ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବାଲିଅନ୍ତା ଥାନା ଅଞ୍ଚଳରେ ରହୁଥିବା ରନ୍ତାକର ଏକ ଘରେ ଭଡାରେ ରହୁଥିଲେ। ଏହାର ଟଙ୍କା କମାଇଦେବାକୁ କହି ସେ ୮ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ।

### ସହିଦନଗର ଥାନାରେ ଲାଞ୍ଚ ନେଇ ଧରାପଡ଼ିଥିଲେ ଏସ୍‌ଆଇ

ରାଜଧାନୀର ହାର୍ଟ ଉପରେ ଥିବା ସହିଦନଗର ଥାନା ଭିତରେ ଲାଞ୍ଚ ନେଲା ବେଳେ ଜଣେ ଏସ୍‌ଆଇଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ୨୦୨୪ ମସିହାରେ ଘଟିଥିଲା ଏଭଳି ଘଟଣା। ଜଣେ ଅଭିଯୋଗକାରୀଙ୍କୁ ବହୁ ହଇରାଣ କରିବାରୁ ସେ ଭିଜିଲାନ୍ସ ପାଖକୁ ଚାଲିଯାଇଥିଲେ। ଭିଜିଲାନ୍ସ ଲାଞ୍ଚ ନେଲା ବେଳେ ତାଙ୍କୁ ବାନ୍ଧି ପକାଇଥିଲା।

### ଲୋକଙ୍କ ଅସୁବିଧା ବୁଝୁ ନାହାନ୍ତି ବଡ଼ ଅଧିକାରୀ

କମିସନରେଟ୍ ପୁଲିସ ନିଜ କର୍ମଚାରୀଙ୍କ ବିରୋଧରେ ଥିବା ଅଭିଯୋଗ ଶୁଣାଣି ବ୍ୟବସ୍ଥା ଏକପ୍ରକାର ଦୁର୍ବଳ ହୋଇଗଲାଣି। ପୂର୍ବରୁ ଥାନାସ୍ତରରେ ପୁଲିସ କାମ ନ କଲେ। କିମ୍ବା ପୁଲିସ ହଇରାଣ କଲେ। କିମ୍ବା ଥାନାରେ ନ୍ୟାୟ ନ ପାଇଲେ ଲୋକେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଭେଟୁଥିଲେ। ଉପରିସ୍ଥ ଅଧିକାରୀଙ୍କ ତାଗିଦରେ ସବୁକିଛି ଠିକ୍ ହୋଇଯାଉଥିଲା। ହେଲେ ଏବେ ଉପରିସ୍ଥ କର୍ମଚାରୀଙ୍କ ପାଖକୁ ଯାଇ କୌଣସି ଲାଭ ହେଉ ନାହିଁ। ଏଣୁ ଲୋକେ ଭିଜିଲାନ୍ସ ମୁହାଁ ହେଉଛନ୍ତି। ଯେଉଁମାନେ ଭିଜିଲାନ୍ସ ପାଖକୁ ଯାଇ ପାରୁନାହାନ୍ତି ସେମାନେ ହଇରାଣ ହେଉଛନ୍ତି ନ ହେଲେ ଥାନାରେ ଟଙ୍କା ଗଣୁଛନ୍ତି।

### ଖଣ୍ଡଗିରିରେ ଧରାପଡ଼ିଥିଲେ ପୁଲିସ ଏସ୍‌ଆଇ

୨୦୨୩ ମସିହାରେ ଭିଜିଲାନ୍ସ ଖଣ୍ଡଗିରି ଥାନାର ଜଣେ ପୁଲିସ ଏସ୍‌ଆଇ ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏକ ମାମଲାକୁ ରଫାଦଫା କରିବାକୁ ୫୦ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ନାକା ଗେଟ୍ ପାଖରେ ସେ ଲାଞ୍ଚ ନେଉଥିଲା ବେଳେ ପୁଲିସ ମାଡିବସିଥିଲା। ତାଙ୍କ ସହ ଖଣ୍ଡଗିରି ଥାନାର ଜଣେ ସହାୟକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଶେଷରେ ଅଭିଯୋଗକାରୀ ବାଧ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ସମ୍ପୃକ୍ତ ଏସ୍‌ଆଇଙ୍କୁ ଗିରଫ କରିବା ପରେ ତାଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନ ଉପରେ ଚଢଉ କରାଯାଇଥିଲା।

## ସ୍ୱାମୀଙ୍କୁ ଆକ୍ରମଣ, ସ୍ତ୍ରୀଙ୍କୁ ଅସଦାଚରଣ କରି ଲୁଟ୍

ଭୁବନେଶ୍ୱର, ୧୩।୧୧(ସମିସ): ସ୍ୱାମୀଙ୍କୁ ଆକ୍ରମଣ ଏବଂ ସ୍ତ୍ରୀଙ୍କୁ ଅସଦାଚରଣ କରି ଲୁଟ୍ ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ମେଣ୍ଢାଶାଳ ଅଞ୍ଚଳର ସୂର୍ଯ୍ୟକାନ୍ତ ସାମନ୍ତରାୟ। ଅଭିଯୋଗକାରୀ ଲୋକେଶ ଗୌରବ ମହାରଣା (୩୧)ଙ୍କ ଲିଖିତ ରିପୋର୍ଟକୁ ଆଧାରରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଅଭିଯୋଗକାରୀ ତାଙ୍କ ପତ୍ନୀ ଏବଂ ୧୧ ମାସର ଝିଅ ସହିତ ଟିକାକରଣ ପାଇଁ ସୁନ୍ଦରପୁର, ପଥରଗାଡ଼ିଆ ଅଭିମୁଖେ ଯାଉଥିଲେ। ରାସ୍ତାରେ ପଟ୍ଟନାୟକ ଢାବା ପେଟ୍ରୋଲ ପମ୍ପ ନିକଟରେ ତେଲ ଭରିବା ପାଇଁ ଅଟକିଥିଲେ। ସେ ସମୟରେ ଏକ ଧଳା ରଙ୍ଗର ଅଶୋକ ଲେଲ୍ୟାଣ୍ଡ ପିକଅପ୍ ଭ୍ୟାନ ଦ୍ରୁତଗତିରେ ଆସି ତାଙ୍କ ଗାଡ଼ି ସମ୍ମୁଖରେ ଅଟକି ଯାଇଥିଲା। ଫଳରେ ଧକ୍କା ହେବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲା। ଅଭିଯୋଗକାରୀ ଏବଂ ପେଟ୍ରୋଲ ପମ୍ପ କର୍ମଚାରୀମାନେ ଏହି ଅସାବଧାନ ଚାଳନାକୁ ବିରୋଧ କରିଥିଲେ। କିନ୍ତୁ ଡ୍ରାଇଭର ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳି ଦେଇଥିଲେ। ଅଭିଯୋଗକାରୀ ତାଙ୍କ ପତ୍ନୀ ଓ ଶିଶୁ ସହିତ ଥିବାରୁ ଝଗଡ଼ା ଏଡାଇ ସେଠାରୁ ଚାଲିଯାଇଥିଲେ। କିନ୍ତୁ ସେହି ପିକଅପ୍ ଭ୍ୟାନ ସେମାନଙ୍କ ପଛେ ପଛେ ଯାଇ ପଥରଗାଡ଼ିଆ ଛକ ନିକଟରେ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ମିଶି ଅଭିଯୋଗକାରୀଙ୍କୁ ବଳପୂର୍ବକ ଅଟକାଇ, ତାଙ୍କ ବାଇକ୍ ଚାବି ଛଡ଼ାଇ ନେଲେ, ଟଙ୍କା ଦାବି କଲେ ଏବଂ ଜୋରଜବରଦସ୍ତି ୧୦ ହଜାର ଟଙ୍କା ନଗଦ ନେଇଥିଲେ। ଅଭିଯୋଗକାରୀ ପ୍ରତିବାଦ କରିବା ପରେ ଅଭିଯୁକ୍ତମାନେ ତାଙ୍କୁ ମୁଥ ମାରି ଆକ୍ରମଣ କରିବା ସହିତ ତାଙ୍କ ମୋବାଇଲ୍ ଓ ତାଙ୍କ ସ୍ତ୍ରୀଙ୍କ ପର୍ସ ଛଡ଼ାଇବାକୁ ଚେଷ୍ଟା କରି ପରିବାର ସହିତ ଅସଦାଚରଣ କରିଥିଲେ। ଘଟଣା ସମୟରେ ହୋହଲ୍ଲା ଶୁଣି ନିକଟସ୍ଥ ଗାଡ଼ି ଚାଳକମାନେ ଆସିଥିଲେ। ଯାହା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଏହି ଘଟଣା ପରେ ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓରଫ ସୁକାନ୍ତଙ୍କୁ ଗିରଫ କରାଯାଇ ତାଙ୍କ ହେପାଜତରୁ ପିକଅପ୍ ଭ୍ୟାନ ଜବତ କରାଯାଇଥିଲା।

## ବିବାଦ ସମାଧାନ ପାଇଁ ଯାଇଥିବା ପୁଲିସକୁ ଆକ୍ରମଣ

ଭୁବନେଶ୍ୱର, ୧୩।୧୧(ସମିସ): ଭରତପୁର ଅଞ୍ଚଳରେ ପୁଲିସକୁ ଆକ୍ରମଣ। ରମଣୀ ସାହିରେ ଜମିବାଡି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ବେଳେ ପିସିଆର୍ କର୍ମଚାରୀଙ୍କୁ କେତେକ କିନ୍ନର ଏବଂ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଆହତ ପିସିଆର୍ କର୍ମଚାରୀ ଜଣଙ୍କ ହେଲେ ପିକେ ପରିଡ଼ା। ତାଙ୍କ ନାକରେ ଗଭୀର ଆଘାତ ଲାଗିଛି। ନାକ ଫାଡି ପ୍ରବଳ ରକ୍ତସ୍ରାବ ହେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ଅଧିକ ପୁଲିସ ବଳ ମୁତୟନ କରାଯାଇଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ହେପାଜତକୁ ନେଇଛି।

ରାତି ପ୍ରାୟ ୧୧ଟା ସମୟରେ ଭଡାଟିଆ ପ୍ରଥମେ ଘର ମାଲିକଙ୍କୁ ଆକ୍ରମଣ କରିଥିଲା। ଏହାର ସମାଧାନ କରିବାକୁ ପିସିଆର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଦୁଇଗୋଷ୍ଠୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଉତ୍ୟକ୍ତ ହୋଇ ପିସିଆର୍ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ଏବଂ କିନ୍ନର ଏକାଠି ହୋଇ ମାଡ଼ ମାରିଥିଲେ। ପିସିଆର ବସିଥିବା ଜଣେ ପୁଲିସ କର୍ମଚାରୀଙ୍କୁ ଲୁହାପାଇପରେ ପିଟି ଚାଲିଥିଲେ। ମାରି ମାରି ଲହୁଲୁହାଣ କରିଦେଇଥିଲେ। ଏହାଦ୍ୱାରା ସମ୍ପୃକ୍ତ ପିସିଆର୍ କର୍ମଚାରୀଙ୍କ ଗଭିର ଆଘାତ ଲାଗିଛି। ପିସିଆର୍ ଘଟଣାସ୍ଥଳରୁ ଚାଲି ଆସିଥିଲା। ପରେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ପିସିଆର୍ କର୍ମଚାରୀଙ୍କୁ ଚିକିତ୍ସାପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଠକ ଅଜିତର ଖୋଲୁଛି ଗୁମର

## ମିଳିଛି ବିପୁଳ ନକଲି ପରିଚୟପତ୍ର

ଭୁବନେଶ୍ୱର, ୧୩।୧୧ (ସମିସ): ସିବିଆଇ ଦ୍ୱାରା ଗିରଫ ହୋଇଥିବା ଠକ ଅଜିତ ପାତ୍ରର ଗୁମର ଖୋଲିବାରେ ଲାଗିଛି। ଶୈଳଶ୍ରୀ ବିହାରସ୍ଥିତ ଅଜିତର ଘରେ ଚଢ଼ଉ ବେଳେ ବିପୁଳ ପରିମାଣର ନକଲି ପରିଚୟପତ୍ର ପାଇଛି ସିବିଆଇ। ସିବିଆଇ, ଇଡି, ଜିଏସଟିର ବରିଷ୍ଠ ଅଧିକାରୀ ଭଳି ପରିଚୟପତ୍ର ମିଳିଛି। ଏମିତିକି ବିଚାରପତି ଆଇକାର୍ଡ ମଧ୍ୟ ଜବତ କରାଯାଇଛି। ବିପୁଳ ପରିମାଣର ନକଲି ପରିଚୟପତ୍ର ଜବତ ପରେ ଏଣ୍ଡୁଅ ରଙ୍ଗ ବଦଳାଇବା ଭଳି ଅଜିତ ପରିଚୟ ବଦଳାଉଥିଲା ବୋଲି ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ପୁରୀ ଗଲେ ନକଲି ପରିଚୟ ଦେଇ କଡ଼ା ସୁରକ୍ଷା ବ୍ୟବସ୍ଥା ପାଉଥିଲା ଅଜିତ। ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ କାର୍ ପଶିବାକୁ ନେଇ ବିବାଦ ହୋଇଥିଲା। ସମ୍ପୃକ୍ତ ଗାଡ଼ିଟି ଅଜିତର ବୋଲି ସିବିଆଇ ଜାଣିବାକୁ ପାଇଛି। ତେବେ ସେହି ସମୟରେ ଅଜିତକୁ କିଏ ପାସ୍ ଦେଇଥିଲା, ସେନେଇ ମଧ୍ୟ ତଦନ୍ତ କରୁଛି ସିବିଆଇ।

- ମୁଣ୍ଡ ନୁଆଁଉଥିଲେ ବରିଷ୍ଠ ସରକାରୀ ଅଧିକାରୀ
- ମିଳୁଥିଲା କଡ଼ା ପୁଲିସ ସୁରକ୍ଷା

ସେପଟେ ଅଜିତର ମୋବାଇଲରୁ ବିସ୍ଫୋରକ ତଥ୍ୟ ସିବିଆଇ ହାତରେ ଲାଗିଛି। ମୋବାଇଲରେ ପ୍ରାୟ ହଜାରେରୁ ଅଧିକ ଫଟୋ ଓ ୩ ଶହ ଭିଡିଓ ରହିଛି।

ଅଜିତ ସହ ଏକାଧିକ ଆଇଏଏସ୍ ଓ ଆଇପିଏସଙ୍କ ଫଟୋ ସିବିଆଇ ହାତରେ ଲାଗିବା ପରେ ଅଫିସର ଲିଙ୍କ୍ ସାମ୍ନାକୁ ଆସିଛି। ଅନେକ ଆଇଏଏସ୍ ଓ ଆଇପିଏସ୍ ଏବେ ସିବିଆଇ ସ୍କାନରକୁ ଆସିଛନ୍ତି। ସେମାନେ ଅଜିତ ସହ କିପରି ପରିଚିତ ହେଲେ ସେନେଇ ଖୋଳତାଡ଼ ଚାଲିଛି। କଥା ଏତିକିରେ ସରିନି, ଯେ କୌଣସି ସରକାରୀ ଅଫିସକୁ ଗଲେ ବଡ଼ ବଡ଼ ଅଧିକାରୀମାନେ ଅଜିତ ଆଗରେ ମୁଣ୍ଡ ନୁଆଁଇ ନମସ୍କାର ହେଉଥିବା କଥା ପଦାକୁ ଆସିଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ମୂଳ ବାସିନ୍ଦା ଅଜିତ କମ୍ ଦିନରେ କିପରି ଏତେ ବଡ଼ ସାମ୍ରାଜ୍ୟର ମାଲିକ ହେଲା, ସେନେଇ ମଧ୍ୟ ସିବିଆଇ ତଦନ୍ତ ଚଳାଇଛି। ସରକାରୀ ସୁବିଧା ଓ ସରକାରୀ ସ୍ତରରେ ବିଭିନ୍ନ ଅସୁବିଧାକୁ ସମାଧାନ ଯୋଗାଇବା ଆଳରେ ଅଜିତ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି।

## ଭ୍ୟାନ୍ ଡ୍ରାଇଭରଙ୍କୁ ଅପହରଣ



ଭୁବନେଶ୍ୱର, ୧୩।୧୧ (ସମିସ): ରାଜଧାନୀରୁ ପିକପ୍ ଭ୍ୟାନ୍‌ର ଡ୍ରାଇଭରଙ୍କୁ ଅପହରଣ କରି ନେଇଛନ୍ତି। ଝାରପଡ଼ା ଫ୍ଲାଇଓଭରରୁ ନେଇ ନୂଆଗାଁରେ ଛାଡ଼ି ଗାଡ଼ି ନେଇ ପଳାଇଛନ୍ତି। ଅଭିଯୋଗ ପାଇବା ପରେ ବାଲିପାଟଣାରୁ ୨ ଜଣଙ୍କୁ ଗିରଫ କରିବା ସହ ପିକପ୍ ଭ୍ୟାନକୁ ଜବତ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୋମନ ପଧାନ ଗାଁର ସତର ଶାହା (୨୯) ଓ ମୁକୁନ୍ଦଦାସପୁରର ସୟତ ଅବଦୁଲ ସମିନ୍ (୨୨)। ପୁଲିସ ସୂଚନା ଅନୁସାରେ, ବୁଧବାର ଭୋର ୨ଟା ୩୦ ସମୟରେ ଡ୍ରାଇଭର ନରେନ୍ଦ୍ର ସାମଲ ୩ ଟନ୍ ଲୁହାଛଡ଼ ବୋଝେଇ ବୋଲେରୋ ପିକପ୍ ରଖି ଶୌଚାଳୟକୁ ଯାଇଥିଲେ। ସେହି ସମୟରେ ସତ୍ତର, ସୟତ୍ ଓ ୭ ସହଯୋଗୀ ମିଶି ତାଙ୍କୁ ଆକ୍ରମଣ କରି ୧୨ ହଜାର ଟଙ୍କା ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଏଥିସହିତ ଲୁହାଛଡ଼ ବୋଝେଇ ପିକପ୍ ସହ ନରେନ୍ଦ୍ରଙ୍କୁ ଅପହରଣ କରି ନେଇଥିଲେ। ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଦେଇ ପିଅପ୍ ଭ୍ୟାନ ନେଇ ପଳାଇଥିଲେ। ଗାଡ଼ି ମାଲିକ ପ୍ରସନ୍ନ କୁମାର ସାହୁ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜିପିଏସ୍ ଟ୍ରାକିଂ ଆଧାରରେ ଗାଡ଼ିଟି ବାଲିପାଟଣା ଥାନା ଅନ୍ତର୍ଗତ ସୋମନା ପ୍ରଧାନ ଗ୍ରାମ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ପୁଲିସ ଟିମ୍ ସେଠାରେ ଚଢ଼ଉ କରି ସତ୍ତର ଶାହ ଓ ସୟତକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଚୋରି ହୋଇଥିବା ଲୁହାଛଡ଼ ବୋଝେଇ ବୋଲେରୋ ଗାଡ଼ି ଜବତ କରିଥିଲା।

ସେକ୍ସ ରାକେଟ ଠାବ ଘଟଣା

# ରାଜଧାନୀରେ ମାଳମାଳ ସେକ୍ସ ରାକେଟ୍

ଭୁବନେଶ୍ୱର, ୧୩।୧୧ (ସମିସ): ଦେହ ବ୍ୟବସାୟୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ରାଜଧାନୀ। ନାଁ ଅଛି ଚେକିଂ, ନାଁ ହେଉଛି ଛାନଭିନ। ବୁଧବାର ୟୁନିଟ୍ ୪ ହୋଟେଲ ଆରାଧା ରେସିଡେନ୍ସିରୁ ହୋଇଥିବା ସେକ୍ସ ରାକେଟ ଠାବ ହେବାପରେ ନୂଆ ନୂଆ କଥା ପଦାକୁ ଆସୁଛି। ସେକ୍ସ ରାକେଟର ମାଷ୍ଟରମାଇଣ୍ଡ ତଥା ଗିରଫ ହୋଇଥିବା ମହେନ୍ଦ୍ର ପାତ୍ର ପୂର୍ବରୁ ମଧ୍ୟ ସେହି ହୋଟେଲକୁ ଯାଇ ଆସ କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ଏଭଳି କଥା ଜଣାପଡ଼ିବା ପରେ ମହେନ୍ଦ୍ର ପୂର୍ବରୁ ମଧ୍ୟ ମାନବ ଚାଲାଣ ଓ ସେକ୍ସ ରାକେଟରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି। ଗୁରୁବାର ହୋଟେଲକୁ ଯାଇ ଛାନଭିନ କରିବା ବେଳେ ପୁଲିସ ଆଶ୍ଚର୍ଯ୍ୟଜନକ କଥା ଜାଣିବାକୁ ପାଇଛି। ଦୀର୍ଘବର୍ଷ ଧରି ହୋଟେଲ ଚାଲିଥିଲେ ମଧ୍ୟ 'ସରାଇ' ଆପରେ ରେଜିଷ୍ଟ୍ରେସନ କରିନାହାନ୍ତି ମାଲିକ। ଏପରି ସ୍ଥଳେ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

- ହୋଟେଲର ନ ଥିଲା 'ସରାଇ' ରେଜିଷ୍ଟ୍ରେସନ
- କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ
- ହୋଟେଲରେ ପୁଲିସର ଛାନଭିନ୍

ସୂଚନା। ଅନୁସାରେ, ବରମୁଣ୍ଡାସ୍ଥିତ ଦାଦାଙ୍କ ଘରେ ରହୁଥିବା ଢେଙ୍କାନାଳ ଅଞ୍ଚଳର ନାବାଳିକା ଜଣେ ସ୍ତ୍ରୀ ଲୋକ ମାଧ୍ୟମରେ ମହେନ୍ଦ୍ରଙ୍କ ସହ ପରିଚିତ ହୋଇଥିଲେ। ମହେନ୍ଦ୍ର ତାଙ୍କୁ ଚାକିରି ଆଳ ଦେଖାଇ ମଙ୍ଗଳବାର ୟୁନିଟ୍ ୪ସ୍ଥିତ ହୋଟେଲ ଆରାଧା ରେସିଡେନ୍ସିକୁ ନେଇ ଆସିଥିଲା। କିଛି ସମୟ ପରେ ଆଉଜଣେ ବ୍ୟକ୍ତିଙ୍କୁ ଆଣି ନାବାଳିକା ସହ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲା। ନାବାଳିକା ଜଣକ ରାଜି ନ ହେବା ସହ ଘଟଣା ବିଷୟରେ ବନ୍ଧୁଙ୍କୁ ଜଣାଇଥିଲେ। ବନ୍ଧୁ ଜଣକ ପୁଲିସକୁ ଜଣାଇବା ପରେ ଖାରବେଳ ନଗର ଥାନା ହୋଟେଲରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ ମହେନ୍ଦ୍ରକୁ ଗିରଫ କରିଥିଲା।

ଗତକାଲି ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିବା ବେଳେ ଆଜି କୋର୍ଟରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ସେ କେଉଁଠାରୁ ରହୁଥିଲେ, କିପରି ମହେନ୍ଦ୍ର ସହ ପରିଚୟ ହେଲା, କେଉଁ ଉଦ୍ଦେଶ୍ୟରେ ମହେନ୍ଦ୍ର ତାଙ୍କୁ ହୋଟେଲକୁ ଆଣିଥିଲା ଓ ଆଣିବା ପରେ କଣ କରିବାକୁ ଚାପ ପକାଉଥିଲା, ନାବାଳିକା ତାଙ୍କ ବୟାନରେ କହିଛନ୍ତି। ଖାରବେଳ ନଗର ଥାନା ପୁଲିସ ହୋଟେଲ ଆରାଧା ରେସିଡେନ୍ସିକୁ ଯାଇ ତଦନ୍ତ କରିଛି। ହୋଟେଲର ଓୟୋ ପଞ୍ଜୀକରଣ, ବିଏମସି ଅନୁମତି ଅଛି କି ନାହିଁ, ସେନେଇ ଖୋଳତାଡ଼ କରିଛି। ଏଥିସହିତ ହୋଟେଲ କର୍ତ୍ତୃପକ୍ଷଙ୍କୁ ତତ୍ ସମ୍ବନ୍ଧୀୟ କାଗଜପତ୍ର ମଗାଯାଇଛି। ହୋଟେଲର ଭିଜିଟର୍ ରେଜିଷ୍ଟ୍ରେସନ ଯାଞ୍ଚ କରିଛି ପୁଲିସ। ନାବାଳିକା ହୋଟେଲକୁ ଆସିବା ସମୟରେ ତାହା ରେଜିଷ୍ଟରରେ ଉଲ୍ଲେଖ ହୋଇଥିଲା କି ନାହିଁ ଖୋଳତାଡ଼ କରିଛି। ରେଜିଷ୍ଟର ଯାଞ୍ଚ ସମୟରେ ଚାଞ୍ଚଲ୍ୟ କର କଥା ପୁଲିସ ଜାଣିବାକୁ ପାଇଛି। ହୋଟେଲଟି ସରାଇ ଆପରେ ରେଜିଷ୍ଟ୍ରେସନ ହୋଇ ନ ଥିବା ଜଣାପଡ଼ିଛି। ଅପରାଧୀମାନେ ରାଜଧାନୀର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସରେ ରହି ସହରରେ ଲୁଟ୍, ଛିନତାଇ, ହତ୍ୟାକାଣ୍ଡ ଭଳି ଅପରାଧ ଘଟାଉଛନ୍ତି। ହୋଟେଲ ରହୁଥିବା ଅତିଥିଙ୍କ ତଥ୍ୟ ପୁଲିସ ପାଖରେ ରହୁ ନ ଥିବାରୁ ସେମାନେ ସହଜରେ ଅପରାଧ ଘଟାଇ ଅନାୟାସରେ ଖସି ଯାଉଛନ୍ତି।

### କାହିଁକି କରୁନାହାନ୍ତି ସରାଇ ପଞ୍ଜୀକରଣ

ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପାଇବା ପାଇଁ ୪ ବର୍ଷ ପୂର୍ବେ କମିସନରେଟ ପୁଲିସ ପକ୍ଷରୁ ସରାଇ ଆପ୍ ଲଞ୍ଚ୍ କରିଥିଲା। ଏହାକୁ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍ କର୍ତ୍ତୃପକ୍ଷ ଡାଉନ୍‌ଲୋଡ୍ କରିବେ ଓ ପ୍ରତ୍ୟେକ ଦିନ ପରିଚୟପତ୍ର ସହ ଗ୍ରାହକଙ୍କ ବିବରଣୀ ଦାଖଲ କରିବାର ନିୟମ ରହିଛି। କିନ୍ତୁ ରାଜଧାନୀରେ ଖୋଲିଥିବା ଅନେକ ହୋଟେଲ୍ ଏବଂ ଲଜ୍ କର୍ତ୍ତୃପକ୍ଷ ଏ ସରାଇ ଆପ୍‌ର ବ୍ୟବହାର କରୁ ନାହାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଆଦୌ ସରାଇ ଆପ୍ ବିଷୟରେ ଜାଣି ନ ଥିବା ବେଳେ ବାକି କିଛି ହୋଟେଲ୍ ଏବଂ ଲଜ୍ ମାଲିକ ଏହାର ଅପ୍‌ଲୋଡ୍ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଏଥିରେ ତଥ୍ୟ ଅପ୍‌ଲୋଡ୍ କରିବା ଜଟିଳ ହୋଇଥିବାରୁ ଅଧିକାଂଶ ହୋଟେଲ୍ ମାଲିକ ଏଥିରେ ତଥ୍ୟ ଦେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। ସେପଟେ ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି। ପୁଲିସ, ଗୁଇନ୍ଦା ଓ ଏନ୍‌ଆଇଏ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖାଯାଇଛି। ଏଭଳି ପରିସ୍ଥିତିରେ ରାଜଧାନୀର ଛାତି ଉପରେ ଥିବା ହୋଟେଲ ସରାଇ ଆପରେ ପଞ୍ଜୀକରଣ ନ କରିବା କମିସନରେଟ ପୁଲିସ ଉପରକୁ ଆଙ୍ଗୁଳି ଉଠାଇଛି।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ୧୫ରୁ ବ୍ରହ୍ମପୁର ବାଣିଜ୍ୟ ମେଳା



**ବ୍ରହ୍ମପୁର,୧୩।୧୧(ସମିସ):** ଓଡ଼ିଶା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ "ଅରୂପା' ପକ୍ଷରୁ ବ୍ରହ୍ମପୁରରେ ବାଣିଜ୍ୟ ମେଳା-୨୦୨୫ ଚଳିତମାସ ୧୫ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ହସ୍ତଶିଳ୍ପୀ କାରିଗର, ବୁଣାକାର ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟା ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସକାଳ ୧୦ଟାରୁ ରାତ୍ର ୯.୩୦ ମିନିଟ୍ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍କୁଲ୍ ଓ କଲେଜ ପିଲାଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବା ସହ କୃତି ପିଲାଙ୍କୁ ପୁରସ୍କାର ବିତରଣ କରାଯିବାର କାର୍ଯ୍ୟକ୍ରମ ଥିବା ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ସାହୁ ସୂଚନା ଦେଇଛନ୍ତି। ଅରୂପା ପକ୍ଷରୁ ୧୯୯୦ମସିହାରୁ ଓଡ଼ିଶାର ୩୦ଟି ଜିଲ୍ଲାରେ ହସ୍ତଶିଳ୍ପ ଓ ବୁଣାକାରଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛି। ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ଠାରୁ ଆରମ୍ଭ କରି କୌଶଳ ବୃଦ୍ଧି, ନୂତନ ଡିଜାଇନ ପ୍ରସ୍ତୁତି, ବିଭିନ୍ନ ଜିଲ୍ଲାର ସଦର ମହକୁମାରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରି ହସ୍ତଶିଳ୍ପ ପରିବାର ଏବଂ ବୁଣାକାରଙ୍କ ପରିବାରଙ୍କୁ କରୋନା ସହାୟତା ପ୍ରଦାନ କରି ଆସୁଥିବା ଅରୂପା ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାମ୍ବାଦିକ ଅଶୋକ ବ୍ରହ୍ମା, ସୁଦୀପ ସାହୁ, ରଶ୍ମିତା ପାଣିଗ୍ରାହୀ ଓ ଅଧାପିକା ସଂଧ୍ୟାରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୦ବର୍ଷ ଜେଲ୍

**ବ୍ରହ୍ମପୁର,୧୩।୧୧(ସମିସ):** ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଜଜ୍ ରୋହିତ ଲାଲ ପଣ୍ଡା ଗୁରୁବାର ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ସାବନ କୁମାର ନାୟକ(୩୦)ଙ୍କୁ ୨୦ବର୍ଷ ଜେଲଦଣ୍ଡ ସହିତ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବାକୁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପଟେ ପୀଡ଼ିତା ନାବାଳିକାଙ୍କୁ ୪ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ତାମିଲନାଡୁର କୋଏମ୍ବାଟୁରରେ ଏକ ଇଟା କାରଖାନାରେ ଦିଗପହଣ୍ଡି ଅଞ୍ଚଳର ଏକ ପରିବାର କାମ କରୁଥିଲେ। ଅଭିଯୁକ୍ତ ସାବନ ମଧ୍ୟ ସେଠାରେ କାମ କରୁଥିଲେ। ନାବାଳିକା ଝିଅ ସହ ଅଭିଯୁକ୍ତ ସାବନର ସମ୍ପର୍କ ଗଢ଼ି ଉଠିଥିଲା। ପରେ ନାବାଳିକା ଜଣକ ନିଜ ପରିବାର ସହ ଗାଁକୁ ଫେରିଥିଲେ। ୨୦୨୨ ଡ଼ିସେମ୍ବର ୧୬ରେ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ୨ମାସ ଧରି ଅପହୃତ ନାବାଳିକା ଜଣକ ଦୁଷ୍କର୍ମ ସହ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଥିଲେ। ପରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତରେ ସେ ଗାଁକୁ ଫେରି ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସାବନକୁ ତାମିଲନାଡୁରୁ ଗିରଫ କରି ବ୍ରହ୍ମପୁର କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ଗୌତମ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମାମଲା ପରିଚାଳନା କରିଥିଲେ।

### ୨୧ରେ ବସିବ ବିଇଏମ୍‌ସିର କର୍ପୋରେସନ ବୈଠକ

# ବିଭିନ୍ନ ଯୋଜନାରୁ ହିତାଧିକାରୀ ବାଦ୍ ପଡ଼ିବା ହେବ ମୁଖ୍ୟ ପ୍ରସଙ୍ଗ

- ସ୍ଥାନ ପାଇବ ସହରର ଡ୍ରେନେଜ ମାଷ୍ଟର ପ୍ଲାନ ଓ ନୂତନ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ
- ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ମାଲମାଲ କେବୁଲ ତାର ହଟାଇବାକୁ ନିଆଯିବ ନିଷ୍ପତ୍ତି

**ବ୍ରହ୍ମପୁର,୧୩।୧୧(ସମିସ)**

ଦୁଇ ମାସ ବ୍ୟବଧାନରେ ଆସନ୍ତା ୨୧ତାରିଖରେ ବସିବ ବ୍ରହ୍ମପୁର ମହାନଗର ନିଗମର କର୍ପୋରେସନ ବୈଠକ। ବାତ୍ୟା ଓ ଅନ୍ୟାନ୍ୟ କାରଣରୁ ମାସିକ କର୍ପୋରେସନ ବୈଠକ ବସିବା ସମ୍ଭବପର ହୋଇନଥିଲା। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇପାରିନଥିବାରୁ ଅନେକ ପ୍ରକଳ୍ପ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ତେବେ ବିଳମ୍ବରେ ହେଲେ ମଧ୍ୟ ଆସନ୍ତା ୨୧ତାରିଖରେ ଆଗାମୀ କର୍ପୋରେସନ ବୈଠକ ବସିବାକୁ ଆପାତତଃ ନିଷ୍ପତ୍ତି ହୋଇଥିବା ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ସୂଚନା ଦେଇଛନ୍ତି।

ବୈଠକ ପୂର୍ବରୁ ଅନେକ ଷ୍ଟାଣ୍ଡିଂ କମିଟିର ବୈଠକ ସରିଥିବା ବେଳେ ଅବଶିଷ୍ଟ କମିଟି ବୈଠକ ଅନୁଷ୍ଠିତ ହେବ। ବର୍ତ୍ତମାନ ପରିସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସୁବିଧା ପାଉଥିବା ହିତାଧିକାରୀଙ୍କୁ ବିଭିନ୍ନ କାରଣରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଭିନ୍ନକ୍ଷମ ଓ ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ହାସଲ କରିବା ଓ ସେମାନଙ୍କ ବର୍ଦ୍ଧିତ ଦୂରେ ଥାଉ ମୂଳ ଭତ୍ତା ମିଳିବା କଷ୍ଟ ହେଲାଣି। ସେହିଭଳି ବିଏସକେୱାଇ ଭଳି ସର୍ବ ଗ୍ରହଣୀୟ ସ୍ୱାସ୍ଥ୍ୟସେବାକୁ ବନ୍ଦ କରି ରାଜ୍ୟରେ ଲାଗୁ ହୋଇଥିବା ଆୟୁଷ୍ମାନ ଯୋଜନା ମଧ୍ୟ ସଠିକ ଭାବେ କାର୍ଯ୍ୟକାରୀ ହୋଇନଥିବା ସମସ୍ତଙ୍କ ଚିନ୍ତା ବଢାଇଛି। ଯଦ୍ଦ୍ୱାରା ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନିଜ ଅଞ୍ଚଳର ଜନସାଧାରଣଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି। ସହରର ଡ୍ରେନେଜ ବ୍ୟବସ୍ଥାର ମାଷ୍ଟର ପ୍ଲାନ ପାଇଁ ପ୍ରଥମ ପର୍ଯ୍ୟାୟରେ ୪.୮୬କିଲୋମିଟର ନୂତନ ଡ୍ରେନ ନିର୍ମାଣ ସହିତ ଅନ୍ୟାନ୍ୟ ନୂତନ ପ୍ରକଳ୍ପ ଯଥା ଆନିମଲ ବାର୍ଥ କଣ୍ଟ୍ରୋଲ ବା (ଏବିସି) କାର୍ଯ୍ୟକାରିତା, ଗୋଶାଳା ନିର୍ମାଣ ଓ ପ୍ରାଣୀଙ୍କ ଶବ ସତ୍କାର ପାଇଁ ସ୍ୱତନ୍ତ୍ର ତଥା ବୈଦ୍ୟୁତିକ କ୍ରିମେଟୋରିୟମ ପ୍ରତିଷ୍ଠା ଭଳି ବହୁ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇପାରି ନାହିଁ। ଏଥି ସହିତ ସହରର ସାହି ଓ ଗଳିରେ ଥିବା ବିଦ୍ୟୁତ୍ ଓ ଟେଲିଫୋନ ଖୁଣ୍ଟରେ ବିଭିନ୍ନ କେବୁଲ ସଂସ୍ଥାର ଲାଗିଥିବା ମାଲମାଲ କେବୁଲକୁ ହଟାଇବା ପାଇଁ ପୂର୍ବରୁ ଅନେକ ଥର ନିଷ୍ପତ୍ତି ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଯଦ୍ଦ୍ୱାରା ଅନେକ ସମୟରେ ଅଗ୍ନିକାଣ୍ଡ ଘଟିବାର ନଜିର ମଧ୍ୟ ରହିଛି।

ଏଣୁ ଏସମସ୍ତ ଦିଗକୁ ନେଇ ଆଗାମୀ କର୍ପୋରେସନ ବୈଠକରେ ସରଗରମ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଆସନ୍ତା ୨୭ତାରିଖରୁ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ବିଧାନସଭାର ଶୀତ କାଳିନ ଅଧିବେଶନ ବସିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଏହି ସମୟରେ କୌଣସି ପୌରାଞ୍ଚଳ ବା ନିଗମରେ ବୈଠକ ବସିବା ଉପରେ କଟକଣା ରହିଛି। ଏଥି ପୂର୍ବରୁ ବୈଠକ ଡକାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଆପାତତଃ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

# ଆଲ୍‌ଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ୍




ଦେବାଶିଷ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ମ୍ୟାନ ଅଫ୍ ଦ ସିରିଜ୍ ଘୋଷିତ




**ବ୍ରହ୍ମପୁର,୧୩।୧୧(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପଡିଆରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ଅନ୍ତଃଜିଲ୍ଲା ଆଲ୍‌ଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଲ୍‌ଫା କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ ବିନିମୟରେ ୧୬୪ରନ କରିଥିଲା। ଜବାବରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୧୮.୩ଓଭରରେ ୫ୱିକେଟ ବିନିମୟରେ ଆବଶ୍ୟକ ୧୬୫ରନ କରି ଚାମ୍ପିଅନ ହୋଇଥିଲେ।

ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଆଲ୍‌ଫା ସ୍ପୋର୍ଟିଂ କ୍ଲବ ସଭାପତି ଡ଼.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ଡି. କରୁଣାକର, ଗଞ୍ଜାମ କ୍ରିକେଟ ମହିଳା ଏସୋସିଏସନ ସଭାପତି ନିବେଦିତା ପାଢ଼ୀ, ବରିଷ୍ଠ ବିଜେଡି ମହିଳା ନେତ୍ରୀ ଏମ. ସୁଜାତା ପାତ୍ର, ଆଲ୍‌ଫା ସ୍ପୋର୍ଟିଂ କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ, ବିମଳ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାମ୍ପିଆନ ରାମେଶ୍ୱର ଦଳକୁ ନଗଦ ୨୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ଟ୍ରଫି ଏବଂ ରନର୍ସ ଆଲ୍‌ଫା ଦଳକୁ ୧୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାମେଶ୍ୱର ଦଳର ଦେବାଶିଷ ସାହୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା।

ସେହିଭଳି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଆଲ୍‌ଫା ସ୍ପୋର୍ଟିଂ କ୍ଲବର ସନ୍ତୋଷ ପାତ୍ର, ଶ୍ରେଷ୍ଠ ବୋଲର ଭାବେ ରାମେଶ୍ୱର ଦଳର ସନ୍ତୋଷ ସେଠୀ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚରେ ଅମ୍ପାୟାର ଭାବେ ସୁଶାନ୍ତ ପଣ୍ଡା ଓ ନୃସିଂଘ ଚରଣ ପଟ୍ଟନାୟକ ଖେଳ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ଏବଂ ଖେଳର ସିଧା ପ୍ରସାରଣ କରିବାରେ ରୁପମ ମହାରଣା ସହଯୋଗ କରିଥିଲେ। ଆସନ୍ତା ୨୦୨୬ମସିହା ମାର୍ଚ୍ଚ ୫ତାରିଖରେ ଆୟୋଜିତ ହେବାକୁ ଥିବା ୧୬ତମ ବିଜୁପଟ୍ଟନାୟକ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଆୟୋଜକ ଆଲ୍‌ଫା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ସୂଚନା ଦେଇଛନ୍ତି।

- ଜାତୀୟ ଅନୁସନ୍ଧାନ ଗବେଷଣା କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ୫ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତିପତ୍ର ସ୍ୱାକ୍ଷର



**ବ୍ରହ୍ମପୁର,୧୩।୧୧(ସମିସ):** ଜାତୀୟ ଅନୁସନ୍ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଥମ ଜାତୀୟ ଅନୁସନ୍ଧାନ ଗବେଷଣା କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅନ୍ୟ ବିଶ୍ୱବିଦ୍ୟାଳୟ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମିଲ ରହି ୫ଟି ବିଶ୍ୱବିଦ୍ୟାଳୟ ସହ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାଶ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ ଅନୁସନ୍ଧାନ ଗବେଷଣା କେନ୍ଦ୍ରରେ ସାମିଲ ରହିଥିବା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, କଟକ ବିଶ୍ୱବିଦ୍ୟାଳୟ, ତେଜପୁର ବିଶ୍ୱବିଦ୍ୟାଳୟ, ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ଔଷଧ ବିଜ୍ଞାନ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ ସହିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଏହା ଫଳରେ ଆଗାମୀ ଦିନରେ ଉକ୍ତ ୫ଟି ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ପିଏଚଡି କାର୍ଯ୍ୟକ୍ରମ, ଏମଏସସି ଗବେଷଣା ପ୍ରକଳ୍ପ ଏବଂ ଇର୍ଣ୍ଟର୍ଣ୍ଣସିପ୍‌ର ମିଳିତ ତଦାରଖ ସମେତ ବିଭିନ୍ନ କାର୍ଯ୍ୟକ୍ରମ ହୋଇପାରିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏକତ୍ରିତ ଭାବେ, ଆମେ ଭାରତ ସରକାରଙ୍କ ଏଏନ୍‌ଆର୍‌ଏଫ ଅଧୀନରେ ଅଂଶୀଦାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଗବେଷଣା ସହଯୋଗ ଏବଂ ଶୈକ୍ଷିକ ଉତ୍କର୍ଷତାକୁ ସୁଦୃଢ଼ କରିବା ପାଇଁ ଆଗକୁ ବଢି ପାରିବୁ ବୋଲି କୁଳପତି ପ୍ରଫେସର ଦାଶ କହିଥିବା ଜଣାପଡ଼ିଛି।

## ବିଶ୍ୱ ଖାଦ୍ୟ ସଂସ୍ଥା ଜାତୀୟ ନିର୍ଦ୍ଦେଶକଙ୍କ ଗଞ୍ଜାମ ଗସ୍ତ

**ବ୍ରହ୍ମପୁର,୧୩।୧୧(ସମିସ):** ଖାଦ୍ୟ ଓ କୃଷି ସଂଗଠନ, ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ ସଂସ୍ଥାର ଏକ ପ୍ରକଳ୍ପ ଗତବର୍ଷରୁ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ପାଇଲଟ କାର୍ଯ୍ୟକ୍ରମ ରୂପେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ଚିକିଟି, ଦିଗପହଣ୍ଡି, ହିଞ୍ଜିଳିକାଟୁ ଓ ଜଗନ୍ନାଥପ୍ରସାଦର ୨୯ଟି ଗ୍ରାମର ଜଳବାୟୁକୁ ଅନୁଧ୍ୟାନ କରି କ୍ଷୁଦ୍ର, ନାମମାତ୍ର କୃଷକ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ନୂତନ ବୈଜ୍ଞାନିକ କୃଷି ପ୍ରଣାଳୀ ଅବଲମ୍ବନ କରାଯାଉଛି। କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର ମାଧ୍ୟମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ବିଶ୍ୱ ଖାଦ୍ୟ ପ୍ରକଳ୍ପର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଗତବର୍ଷଠାରୁ ଆରମ୍ଭ ହୋଇଛି।



କାର୍ଯ୍ୟକ୍ରମର ଗ୍ରହଣୀୟତାକୁ ଅନୁଧ୍ୟାନ କରିବାକୁ ବିଶ୍ୱ ଖାଦ୍ୟ ପ୍ରକଳ୍ପର ଭାରତର ମୁଖ୍ୟ ଏଲିଜାବେଥ ଫର ଗଞ୍ଜାମ ଗସ୍ତରେ ଆସିଛନ୍ତି। ସେ ହିଞ୍ଜିଳିକାଟୁ ବ୍ଲକ ପରିସରରେ ଥିବା ଜଳବାୟୁ ଅନୁକୂଳ କେନ୍ଦ୍ର ପରିଦର୍ଶନ କରିଥିଲେ। ଏଠାରେ ବିଭିନ୍ନ ଗ୍ରାମର କୃଷିଜୀବୀ ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ଉନ୍ନତ ପ୍ରଣାଳୀରେ କୁକୁଡ଼ା ପାଳନ, ଡ୍ରାଗନ ଫ୍ରୁଟ ଚାଷ ଓ ମାଣ୍ଡିଆ ଉତ୍ପାଦନର ସମ୍ପ୍ରସାରଣ ପୁସ୍ତିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଡ. ଅଜୟ କର, ଜିଲ୍ଲାର ଦୁଇ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗଣ ଓ କୃଷି ଉଦ୍ୟାନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ଏହାପରେ ସେ ନନ୍ଦିକ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ଭୂତଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା ଗୋଷ୍ଠୀ ସମ୍ମିଳନୀରେ ଯୋଗ ଦେଇଥିଲେ। ତାଙ୍କ ସହିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ, ବିଶ୍ୱ ଖାଦ୍ୟ ପ୍ରକଳ୍ପର ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଡ଼. ପ୍ରଜ୍ଞା ପେଣ୍ଡକର ଓ ଓଡ଼ିଶା ରାଜ୍ୟ ମୁଖ୍ୟ ହିମାଂଶୁ ବଳ, ପ୍ରକଳ୍ପର ବାର୍ତ୍ତା ସମ୍ପାଦକ ମୁଖ୍ୟ ପରବିନ୍ଦର ସିଂହ ଯୋଗଦେଇ ମହିଳାମାନଙ୍କ ସହ ମତ ବିନିମୟ କରିଥିଲେ। ଏହାପରେ ନନ୍ଦିକ ଗ୍ରାମର ରାଇଜ୍ ପ୍ରୋଜେକ୍ଟ ମାଧ୍ୟମରେ କରାଯାଇଥିବା ନୂତନ ଜ୍ଞାନ କୌଶଳ ପ୍ରଦର୍ଶନ କ୍ଷେତ୍ର ସବୁ ପରିଦର୍ଶନ କରିଥିଲେ। ରାଇଜ୍ କୃଷି ସଚେତନତା ରଥ ଓ ପଥପ୍ରାନ୍ତ ନାଟକର ଶୁଭାରମ୍ଭ କରିଥିଲେ। ଗିରିଆ ଗ୍ରାମରେ ମଧ୍ୟ ସୌରଶକ୍ତି ପରିଚାଳିତ ଯନ୍ତ୍ରରେ ଅଦା ପ୍ରକ୍ରିୟାକରଣ ୟୁନିଟ୍‌କୁ ଦେଖିଥିଲେ। ଏହାପରେ ଏଲିଜାବେଥ ଫର କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିବା ଅବସରରେ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ତାଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ଖାଦ୍ୟ ସଂସ୍ଥାର ଜିଲ୍ଲା ଅଧିକାରୀ ଶିବାଶିଷ ଦାସ, କୃଷି ବିଶେଷଜ୍ଞ ରାଜଶ୍ରୀ ପୁରୋହିତ, କୃଷି ଅଧିକାରୀ ରଶ୍ମିତା ମହାପାତ୍ର, ସ୍ଥାନୀୟ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

- ମହାମାୟୀ ମହିଳା ମହାବିଦ୍ୟାଳୟ

## ଭିତ୍ତିଭୂମି ଓ ସ୍ଥିତି ଅନୁଧ୍ୟାନ କଲେ ଉପ ଜିଲ୍ଲାପାଳ



**ବ୍ରହ୍ମପୁର,୧୩।୧୧(ସମିସ):** ଭିତ୍ତିଭୂମିର ଅଭାବର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇ ବ୍ରହ୍ମପୁର ଉପ ଜିଲ୍ଲାପାଳ ତଥା ମହାମାୟୀ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବିନାଶ କୁମାର ଗୁରୁବାର ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଗଣମାଧ୍ୟମରେ ଏନେଇ ପ୍ରସାରିତ ଏକ ରିପୋର୍ଟ ଆଧାରରେ ସେ ଅତର୍କିତ ଗସ୍ତ କରିଥିବା ବେଳେ ଉକ୍ତ ରିପୋର୍ଟ ମିଥ୍ୟା ତଥ୍ୟ ଉପରେ ଆଧାରିତ ଓ ପୁରୁଣା ବୋଲି ଜାଣିବାକୁ ପାଇଥିଲେ। ତେବେ ଉପ ଜିଲ୍ଲାପାଳଙ୍କ ଗସ୍ତ ସମୟରେ ସେ ପ୍ରଥମେ ମହାମୟୀ ମହିଳା ମହାବିଦ୍ୟାଳୟର ମିନାକ୍ଷୀନଗର ସ୍ଥିତ ନୂତନ କ୍ୟାମ୍ପସକୁ ଯାଇଥିଲେ। ସେଠାରେ ଛାତ୍ରୀମାନେ ଚୌକି ପରିବର୍ତ୍ତେ ବାରଣ୍ଡାରେ ବସି ପାଢ ପଢୁଥିବା ଦର୍ଶାଯାଇଥିଲା। କିନ୍ତୁ ନିକଟ ଅତୀତରେ ଏହି ଅଭାବ ପୂରଣ କରାଯାଇ ବର୍ତ୍ତମାନ ସମସ୍ତ ଛାତ୍ରୀ ଚୌକିରେ ବସି ଅଧ୍ୟୟନ କରୁଥିବା ଦେଖିଥିଲେ। ପରେ ସେ ଶିକ୍ଷାନୁଷ୍ଠାନର ବ୍ରହ୍ମପୁର ଗାନ୍ଧୀନଗର ସ୍ଥିତ ପୁରୁଣା କ୍ୟାମ୍ପସକୁ ଯାଇ କମନ ରୁମ ସହିତ ପିଲାଙ୍କ ଶ୍ରେଣୀ ପ୍ରକୋଷ୍ଠ, ଲାଇବ୍ରେରୀ, କ୍ୟାଣ୍ଟିନ ଆଦି ପରିଦର୍ଶନ କରିବା ସହିତ ଛାତ୍ରୀଙ୍କ ସହିତ ସେମାନଙ୍କ ଶିକ୍ଷା ସମ୍ପର୍କିତ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କୁ ସେମାନେ ପଢୁଥିବା ବିଷୟ ଓ ଭବିଷ୍ୟତର ଲକ୍ଷ୍ୟ ଓ କୋଚିଂ ଆଦି ବିଷୟରେ ପଚାରି ବୁଝିଥିଲେ। ଉପ ଜିଲ୍ଲାପାଳଙ୍କ ଗସ୍ତ ସମୟରେ କଲେଜର ଅଧକ୍ଷା ଡଃ ନିବେଦିତା ମହାପାତ୍ର ଉପସ୍ଥିତ ଥିଲେ। କଲେଜରେ ଛାତ୍ରୀଙ୍କ ପାଇଁ ୱାଟର ପ୍ୟୁରିଫାୟର ଓ ଲାଇବ୍ରେରୀରେ ଯଥେଷ୍ଟ ପରିମାଣର ପାଠ୍ୟପୁସ୍ତକ ଓ ସେଗୁଡିକୁ ସୁରକ୍ଷିତ ଗଚ୍ଛିତ ରଖିବା ପାଇଁ ଆଲମୀରାର ଅଭାବକୁ ତୁରନ୍ତ ପୂରଣ କରିବାକୁ ସେ ଅଧକ୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

- ଛାତ୍ରୀଙ୍କ ସହ ଆଲୋଚନା କରି କ୍ୟାରିଅର ଗଠନ ଉପରେ ଦେଲେ ପରାମର୍ଶ
- ଭିତ୍ତିଭୂମିର ଅଭାବ, ଛାତ୍ରୀ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଅଧକ୍ଷାଙ୍କୁ ନିର୍ଦ୍ଦେଶ

# ବାଟବଣା ହେବ ସରକାରୀ ଆଇଟିଆଇ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ

### ଜିଲ୍ଲାରେ ଶତାଧିକ ପ୍ରଶିକ୍ଷକଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ

### ଅନିଶ୍ଚିତତା ଘେରରେ ଅତିଥି ପ୍ରଶିକ୍ଷକଙ୍କ ଭବିଷ୍ୟତ

**ବ୍ରହ୍ମପୁର,୧୩।୧୧(ସମିସ)**

ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। କିନ୍ତୁ ଏଠାରେ ପ୍ରଶିକ୍ଷଣ ବାଟବଣା ହେବାକୁ ଯାଉଛି। ଜିଲ୍ଲାରେ ଶତାଧିକ ପ୍ରଶିକ୍ଷକଙ୍କୁ ଉଚ୍ଛେଦ ଲାଗି ନିର୍ଦ୍ଦେଶ ହୋଇଛି। ଫଳରେ ପ୍ରଶିକ୍ଷକଙ୍କ ଭବିଷ୍ୟତ ଅନିଶ୍ଚିତତା ଘେରରେ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା ବି ବାଧାପ୍ରାପ୍ତ ହୋଇଛି। ବ୍ରହ୍ମପୁର ସ୍ଥିତ ସରକାରୀ ଆଇଟିଆଇରେ ବି ସମାନ ଅବସ୍ଥା ଦେଖାଦେଇଛି। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତମାସ ୧୧ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ନେଇ ଆଇଟିଆଇରେ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ ଅନେକ ପ୍ରଶ୍ନ ଉଠିଛି। ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ୬ଟି ସରକାରୀ ଆଇଟିଆଇ ରହିଥିବା ବେଳେ ଦୀର୍ଘ ବର୍ଷ ହେବ ଉକ୍ତ ଶିକ୍ଷାନୁଷ୍ଠାନରେ ପ୍ରାୟ ୧୭୦ଜଣ ପ୍ରଶିକ୍ଷକ ରହିଥିଲେ। ଏହି ପ୍ରଶିକ୍ଷକମାନେ ବିଭିନ୍ନ ଟ୍ରେଡରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଥିଲେ। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପ୍ରତି ୨୦ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜଣେ ପ୍ରଶିକ୍ଷକ ରହିଥିବା ବେଳେ ବର୍ତ୍ତମାନ ୩୫ରୁ ୪୦ଜଣ ଛାତ୍ରଛାତ୍ରୀଙ୍କ ପିଛା ଜଣେ ପ୍ରଶିକ୍ଷକ ରହିଛନ୍ତି। ଏଭଳି ଭାବେ ଜିଲ୍ଲା ୬ଟି ସରକାରୀ ଆଇଟିଆଇରେ ପ୍ରାୟ ୧୭୦ଜଣ ଅତିଥି ପ୍ରଶିକ୍ଷକ ରହିଥିଲେ। ସେଥି ମଧ୍ୟରୁ ବ୍ରହ୍ମପୁର ସରକାରୀ ଆଇଟିଆଇରେ ୨୭ଟି ଟ୍ରେଡ ରହିଥିବା ବେଳେ ସର୍ବାଧିକ ୩ହଜାର ୬ଶହରୁ ଊଣହର ଛାତ୍ରଛାତ୍ରୀ ତାଲିମ ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅନୁଷ୍ଠରେ ପୂର୍ବରୁ ମୋଟ ୮୦ଜଣ ଅତିଥି ପ୍ରଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷକ ମାନେ ଦୀର୍ଘ ୧୫ରୁ ୨୦ବର୍ଷ ହେବ ଶିକ୍ଷାନୁଷ୍ଠାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ତାଲିମ ଦେଉଥିଲେ। କିନ୍ତୁ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଦ୍ୱାରା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ବ୍ରହ୍ମପୁର ସରକାରୀ ଆଇଟିଆଇର ଅତିଥି ପ୍ରଶିକ୍ଷକଙ୍କ ସଂଖ୍ୟା ହ୍ରାସ କରିଛି। ପୂର୍ବରୁ ବ୍ରହ୍ମପୁର ସରକାରୀ ଆଇଟିଆଇର ୮୦ଜଣ ଅତିଥି ପ୍ରଶିକ୍ଷକ ଥିବା ବେଳେ ଚଳିତବର୍ଷ ମାତ୍ର ୩୩ଜଣଙ୍କୁ ହିଁ ରଖିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏଭଳି କ୍ଷେତ୍ରରେ ପ୍ରାୟ ୪୮ଜଣ ପ୍ରଶିକ୍ଷକଙ୍କୁ ଛଟେଇ କରିବାକୁ ନିଷ୍ପତି ହୋଇଛି। ଏଭଳିଭାବେ ଜିଲ୍ଲା ସମସ୍ତ ଆଇଟିଆଇରେ ଅନୁଷ୍ଠାନରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପ୍ରଶିକ୍ଷକ ଅଭାବ କାରଣରୁ ବିଭିନ୍ନ ଟ୍ରେଡରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷାଦାନ ଏକ ପ୍ରକାର କାଠିକର ପାଠ ହୋଇପଡିବ। ଏଭଳି କ୍ଷେତ୍ରରେ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବୈଷୟିକ ଶିକ୍ଷା ବାଟବଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅନ୍ୟପକ୍ଷରେ ନିଜ ଜୀବନର ବହୁ ମୂଲ୍ୟବାନ ସମୟ ତଥା ଦୀର୍ଘ ୧୫ରୁ ୨୦ବର୍ଷ ଧରି ପ୍ରଶିକ୍ଷଣ ଦେଇ ଆସିଥିବା ଅଧାରୁ ଅଧିକ ଅତିଥି ପ୍ରଶିକ୍ଷକଙ୍କୁ ଛଟେଇ ନେଇ ସେମାନଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। ତେଣୁ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଉପରେ ପୁନଃ ବିଚାର କରିବାକୁ ଦାବି ହୋଇଛି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

# ଶ୍ରୀକ୍ଷେତ୍ର ସିଟି

୧୩/୧୧/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୩୧,୬୮୯/-

ସୁନା: ୦୩.୬୫୦ ଗ୍ରାମ୍
ରୁପା: ୩୯.୦୦୦ ଗ୍ରାମ୍



### ୨୦ରେ ଦେବ ଦୀପାବଳି

## ୧ ଲକ୍ଷ ଦୀପରେ ଝଲସିବ ବଡ଼ଦାଣ୍ଡ



**ପୁରୀ,୧୩।୧୧(ସମିସ):** ପବିତ୍ର ଦେବ ଦୀପାବଳି ଅବସରରେ ୧ ଲକ୍ଷ ଦୀପଶିଖାରେ ଝଲସିବ ବଡ଼ଦାଣ୍ଡ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ହେବ ଦୀପମୟ। ଏ ନେଇ ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର ଏବଂ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ହୋଟେଲ୍ ହଲିଡେ' ରିସୋର୍ଟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ, ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ପବିତ୍ର ଦେବ ଦୀପାବଳି ଅବସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ଛତିଶା ନିଯୋଗ ସମେତ ପୁରୀର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ଏଥିରେ ଅଂଶଗ୍ରହଣ କରିବେ। ଦେବତାମାନଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ଦୀପଦାନ କରି ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହିଦିନ ବିଶ୍ୱଶାନ୍ତି ଅଗ୍ନିହୋତ୍ର ଯଜ୍ଞ ଆୟୋଜନ କରାଯିବ। ସେହିପରି ସନ୍ଧ୍ୟାରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ ବୋଲି ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜକିଶୋର ପାତ୍ର, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ସେବାୟତ ରବିନ୍ଦ୍ର କୁମାର ପ୍ରତିହାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଓଡ଼ିଶାର ସମସ୍ତ ଜଗନ୍ନାଥପ୍ରେମୀ ତଥା ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା।

### ଓଡ଼ିଶା ଗସ୍ତରେ ଜାପାନ ସରକାରଙ୍କ ବିଧାୟକ ପ୍ରତିନିଧିମଣ୍ଡଳୀ

## ପୁରୀର ବିକାଶ ନେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା




**ପୁରୀ, ୧୩।୧୧ (ସମିସ):** ଜାପାନର ତୋତରି ସରକାରଙ୍କର ୬ ଜଣିଆ ବିଧାୟକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଥିଲେ। ସେମାନଙ୍କ ସହିତ ୪ ଜଣ ବରିଷ୍ଠ ଅଧିକାରୀ ଓ ତୋତରି ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ତଥା ପୁରୀ ସିଟି ଆମ୍ବାସାଡର କୁନା ଦାଶ ଓଡ଼ିଶା ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ବୈଠକରେ ପାରସ୍ପରିକ ସହଯୋଗିତା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର କଳା, ସଂସ୍କୃତି, ଶିକ୍ଷା, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ହେବା ସହିତ ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କୁ କିଭଳି ଜାପାନରେ ନିଯୁକ୍ତି ମିଳିପାରିବ ଏବଂ ଓଡ଼ିଶାର ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ଏହି ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱରରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିବା ସହ ସେଠାରେ ଥିବା ଅଧିକାରୀମାନଙ୍କଠାରୁ କେନ୍ଦ୍ର ସମ୍ପର୍କରେ ବୁଝିଥିଲେ। ସେଠାରୁ ସିଧାସଳଖ ପୁରୀ ଆସି ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ରର କିଭଳି ବିକାଶ ହୋଇପାରିବ ସେ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ପ୍ରତିନିଧିମଣ୍ଡଳୀ ଚନ୍ଦ୍ରଶେଖର ଏକାଡେମୀ ବୁଲି ଖୁସିବ୍ୟକ୍ତ କରିଥିଲେ। ଏଠାରେ ନର୍ସରୀଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ସିବିଏସ୍‌ଇ ପାଠ୍ୟକ୍ରମ ସହିତ ମାଗଣାରେ ଜାପାନ ଭାଷା ଶିକ୍ଷା ଦିଆଯାଉଥିବା ଜାଣି ସେମାନେ ଖୁସିପ୍ରକଟ କରିଥିଲେ। ପରିଶେଷରେ ସୁଦାମ ସ୍ୟାଣ୍ଡଆର୍ଟ ମ୍ୟୁଜିୟମ୍ ବୁଲି ପ୍ରତିନିଧିମଣ୍ଡଳୀ ଫେରିଯାଇଥିଲେ ବୋଲି ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୨୪ ଘଣ୍ଟାରେ ପୁରୀରେ ଦ୍ୱିତୀୟ ହତ୍ୟାକାଣ୍ଡ

## ନାବାଳକକୁ ହତ୍ୟା କରି ଜଳଭଣ୍ଡାରକୁ ଫିଙ୍ଗିଦେଲେ

**ପୁରୀ,୧୩।୧୧(ସମିସ):** ପୁରୀ ସହରରେ ଆଇନ ଶୃଙ୍ଖଳା ବିଗୁଡ଼ୁଛି। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ଫଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ୨୪ ଘଣ୍ଟା ଭିତରେ ପୁରୀ ସହରରେ ଘଟିଛି ଦ୍ୱିତୀୟ ହତ୍ୟାକାଣ୍ଡ। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଟାଇଲ୍ ମିସ୍ତ୍ରିକୁ ହାତୁଡ଼ିରେ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରିପାରି ନ ଥିବାବେଳେ ଗୁରୁବାର ସକାଳେ ଜଣେ ନାବାଳକକୁ ହତ୍ୟା କରାଯାଇଛି। ଶ୍ରୀସେତୁ ନିକଟ ଜଳଭଣ୍ଡାରଠାରେ ଘଟିଛି ଏହି ହତ୍ୟାକାଣ୍ଡ। ନାବାଳକକୁ ହତ୍ୟା କରି ଦୁର୍ବୃତ୍ତ ପାଣିରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ଟାଉନ ଥାନା ଅଞ୍ଚଳର ସୂର୍ଯ୍ୟ ସାହୁ ବୋଲି ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିବାବେଳେ କାହିଁକି ଏହି ହତ୍ୟାକାଣ୍ଡ ଘଟିଛି ତାହାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ କିଛି ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟ ମଙ୍ଗଳବାର ଜଳଖିଆ ଆଣିବା ପାଇଁ ଘରୁ ଯାଇଥିଲା। ହେଲେ ଆଉ ଘରକୁ ଫେରି ନ ଥିଲା। ଏ ନେଇ ତାଙ୍କ ମାଆ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ଚଳାଇଥିଲା। ତେବେ ବୁଧବାର ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ଶ୍ରୀସେତୁ ନିକଟ ଜଳଭଣ୍ଡାରରେ ଜଣଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଖୋଳତାଡ଼ ଚଳାଇଥିଲା। ଟାଉନ ଥାନାରେ ରୁଜୁ ନିଖୋଜ ମାମଲାର ଅନୁଧ୍ୟାନ ପରେ ନିଖୋଜ ନାବାଳକର ମୃତଦେହ ବୋଲି ଜଣାପଡ଼ିଥିଲା। ତେବେ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରାଯାଇଛି ଏବଂ କିଏ ହତ୍ୟା କରିଛି ଏ ନେଇ ପୁଲିସ ଖୋଳତାଡ଼ ଚଳାଇଛି। କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା କୁହାଯାଉଥିଲେ ମଧ୍ୟ ଏ ନେଇ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ସନାତନ ବିହାରରେ ଟାଇଲ୍ ମିସ୍ତ୍ରିକୁ ହତ୍ୟା ଘଟଣାରେ ଅଭିଯୁକ୍ତ ମୁଶାରଫ୍‌କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ପେଣ୍ଠକଟା ଥାନା ପୁଲିସ। ତାକୁ ଓଡ଼ିଶା ଅଣାଯାଉଛି। ସେ ପହଞ୍ଚିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ। ସେହିପରି ବୁଧବାର ସନ୍ଧ୍ୟାରେ ସଦର ଥାନାରେ ଶ୍ରୀସେତୁ ନିକଟରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ପଡ଼ିଥିବା ଖବର ମିଳିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ତାହା ଜଣେ ନାବାଳକର ବୋଲି ଜଣାପଡ଼ିଥିଲା। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୬୯୫/୨୫) ରୁଜୁ କରାଯାଇ ତଦନ୍ତ ଚାଲିଛି। ନାବାଳକର ମାଆ ଗତ ୧୨ ତାରିଖରେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ତେବେ ପରିବାର ଅଭିଯୋଗ ଅନୁଯାୟୀ, କିଛି ସନ୍ଦିଗ୍ଧ ଲୋକଙ୍କୁ ଚିହ୍ନଟ କରାଯାଇଛି। ପୁଲିସ ସେମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି। ତେବେ ନାବାଳକ ହତ୍ୟା ପଛରେ ୨/୩ଟି କାରଣ ଅଛି ବୋଲି ପରିବାର ଲୋକେ କହିଛନ୍ତି। ତାହାକୁ ଆଧାର କରି ତଦନ୍ତ ଚାଲିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

**ଟାଇଲ୍ ମିସ୍ତ୍ରି ହତ୍ୟାକାଣ୍ଡର ଅଭିଯୁକ୍ତ ପଶ୍ଚିମବଙ୍ଗରୁ ଗିରଫ**

## ମହାପ୍ରଭୁଙ୍କର ହେଲା ବନକଲାଗି



**ପୁରୀ,୧୩।୧୧(ସମିସ):** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ତେବେ ମହାସ୍ନାନ ଯୋଗୁଁ ସବୁ ନୀତିକାନ୍ତି ବିଳମ୍ବ ହୋଇଥିଲା। ତେଣୁ ରାତି ୮ଟାରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ରାତି ୮ଟା ୧୫ରେ ପହୁଡ଼ ଆଳତି ବଢ଼ିଥିଲା। ଏହାପରେ ୮ଟା ୨୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ନିଆରା ପରମ୍ପରା କାଞ୍ଜିଅଁଳା ପୂଜା

## ଶୁଖୁଆ ବୋହୂଙ୍କୁ ମୁଣ୍ଡିଆ ମାରିଲେ ଶାଶୂ



**ସାକ୍ଷୀଗୋପାଳ,୧୩।୧୧(ସମିସ):** ଗୁରୁବାର ପବିତ୍ର ମାର୍ଗଶିର ମାସ କୃଷ୍ଣ ପକ୍ଷ ନବମୀ ତିଥି। ଏହାକୁ କାଞ୍ଜିଅଁଳା ନବମୀ ଭାବେ ପାଳନ କରାଯାଏ। ଏହି ଅବସରରେ ସନ୍ଧ୍ୟାରେ ଗାଁ ଦାଣ୍ଡରେ ଚିତା ପକାଇ, ସାରୁ ଗଛ, ବାଲୁଙ୍ଗା ଗଛ, ଦାସକେରେଣ୍ଡା, ଦୁବ ଗଛ ରଖି ପିତା ଶୁଖୁଆକୁ ହଳଦୀ ପାଣିରେ ସ୍ନାନ କରାଇ କଜ୍ୱଳ, ଚନ୍ଦନ, ହଳଦୀ, ସିନ୍ଦୂର ଲଗାଇ ହଳଦିଆ କପଡ଼ା ପିନ୍ଧାଇ ବୋହୂ ବେଶରେ ସଜାଇ ପିଢ଼ା ଉପରେ ବସାଇ ଶାଶୂମାନେ ପୂଜା କରିଥିଲେ। ସନ୍ତାନମାନଙ୍କର ଦୀର୍ଘ ଜୀବନ ଓ ମଙ୍ଗଳକାମନା ପାଇଁ ମହିଳାମାନେ ଏହି ପୂଜା ପ୍ରତି ଗାଁ ଗାଁରେ ପାଳନ କରିଥିଲେ। ଏହି ତିଥିରେ ବିବାହ ପାଞ୍ଜି ଖୋଲାଯାଇଥିଲା। ଶାଶୂ-ବୋହୂଙ୍କ ସୁସମ୍ପର୍କକୁ ନେଇ ଗାଁ ଗହଳିର ନିଆରା ପର୍ବ କାଞ୍ଜିଅଁଳା ଓଷା। ଯୋଉଠି ଶୁଖୁଆ ସାଜିଥାଏ ବୋହୂ ଏବଂ ଘରର କୁଳବଧୂ ହୋଇଥାଏ ଶାଶୂ। ଗାଁ ଦାଣ୍ଡରେ ଏକତ୍ରିତ ହୋଇ କଦଳୀ ଗଛ ପିଢ଼ା ଉପରେ ହଳଦିଆ କପଡ଼ା ଗୁଡ଼ାଇ ହଳଦୀ, ସିନ୍ଦୂର ଲଗାଇ ବୋହୂ ବେଶଧାରୀ ଶୁଖୁଆଙ୍କୁ କୁଳବଧୂମାନେ ଧୂପ ଦୀପ ସହ ପୂଜା କରିବା ସହିତ ଘରେ ପ୍ରସ୍ତୁତ ହୋଇଥିବା କାଞ୍ଜି ଏବଂ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଥାଳିରେ ପରଷି ଭୋଗ କରିଥିଲେ।

**ବ୍ରହ୍ମଗିରି:** ଗୁରୁବାର ବ୍ରହ୍ମଗିରି ଅଞ୍ଚଳରେ ବିଭିନ୍ନ ସ୍ଥାନରେ କଞ୍ଜିଅଁଳା ନବମୀ ପାଳିତ ହୋଇଛି। ନିର୍ଦ୍ଦିଷ୍ଟ ମାପରେ ଏକ ବର୍ଗାକାର ନାଳୀ ଖୋଳାଯାଇ ପାଣି ଢାଳି ସେଥିରେ ଗଡ଼ିଶା ମାଛ ଛଡ଼ାଯାଇଥାଏ। ମଝିରେ କଦଳୀ ଗଛ, ଧାନ ଗଛ, ବାଲୁଙ୍ଗା ଗଛ, ବରକୋଳି ଡାଳ, କଇଁ, ଜୁଇ ଆଦି ଗଛକୁ ମିଳିତ ଭାବରେ ବାନ୍ଧି ପୋତାଯାଏ। ପିଢ଼ା ଉପରେ ପିତା ଶୁଖୁଆକୁ ରଖାଯାଇ ହଳଦୀ, ସିନ୍ଦୂର, କଜ୍ୱଳ ଲଗାଇ, ଦୁବ, ଶୋରିଷ ଫୁଲ, ବରକୋଳି ପତ୍ର, ହଳଦୀ ବୁଡ଼ା ଛିଟକନାରେ ବାନ୍ଧି ବୋହୂର ପ୍ରତୀକ ଭାବରେ ଗଛ ମୂଳେ ରଖାଯାଏ। ଯାହା ଘରେ ଯେତିକି ଜଣ ଅବିବାହିତ ପୁତ୍ର ଥାଆନ୍ତି ସେତିକିଟି ବୋହୂ କରାଯାଇଥାଏ। ବିଧିମତେ ପୂଜା କରି ରନ୍ଧନ ଭୋଗ ଖେଚୁଡ଼ି, ପୀଠା, ବିଭିନ୍ନ ବ୍ୟଞ୍ଜନ ଆଦି ଭୋଗ କରାଯାଇଥାଏ। ପରମ୍ପରା ଅନୁସାରେ ବୋହୂକୁ ଶାଶୂମାନେ ମୁଣ୍ଡିଆ ମାରିଛନ୍ତି। ନିଜ ସନ୍ତାନ ମଙ୍ଗଳ ପାଇଁ, ଆପୁତ୍ରିକ ପୁତ୍ର ପାଇଁ, ଶରୀର ବିଭିନ୍ନ ବ୍ୟାଧି ପାଇଁ ପୂଜା ବ୍ରତ ପାଳିଥା'ନ୍ତି ମାଆମାନେ।

## ୧୫ରୁ ପୁରୀରେ ଦୁଇଦିନିଆ ଭାରତୀୟ ସାହିତ୍ୟ ଉତ୍ସବ

**ପୁରୀ,୧୩।୧୧(ସମିସ):** ଭାରତୀୟ ଲେଖକମାନଙ୍କର ପ୍ରମୁଖ ସଂଗଠନ ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ପକ୍ଷରୁ ଇଣ୍ଡିଆନ ରିପ୍ରୋଗ୍ରାଫି ପ୍ରୋଟେକ୍ସନ ଅର୍ଗାନାଇଜେସନ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନଙ୍କ ସହଯୋଗିତାରେ ଭାରତୀୟ ସାହିତ୍ୟ ଉତ୍ସବ ଚଳିତମାସ ୧୫ ଓ ୧୬ ତାରିଖ ଦୁଇଦିନ ଧରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଦେଶର ୨୬ଟି ଭାଷାରୁ ଦେଢ଼ଶହରୁ ଅଧିକ ଲେଖକ, ସମ୍ପାଦକ, ଅନୁବାଦକ, ଗବେଷକ, ସାହିତ୍ୟ କର୍ମୀ ଓ ସଂଗଠକ ଯୋଗଦେଉଛନ୍ତି। ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ମହାସଚିବ ପ୍ରଫେସର ଶିବଶଙ୍କର ଅବସ୍ଥି, ସ୍ଥାନୀୟ ସଂଗଠକ ତଥା ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ଓ କବି ମାନସ ରଞ୍ଜନ ମହାପାତ୍ର, ଦୂରଦର୍ଶନର ପୂର୍ବତନ ଉପ ମହାନିର୍ଦ୍ଦେଶକ ଉଦୟନାଥ ନାୟକଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଉପାଧ୍ୟକ୍ଷ ଡ. ମୁକେଶ କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସମିତିର ସଭ୍ୟ ଡ. ଅଶୋକ ଜ୍ୟୋତି, ଡ. ହରିସିଂ ପାଲ୍, ସ୍ଥାନୀୟ ଲେଖକ ତଥା ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର, ବିଶିଷ୍ଟ କବି ତଥା ଆଲୋଚକ ଡ. ଭଗବାନ ଜୟସିଂ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସମେତ ସ୍ଥାନୀୟ ଲେଖକମାନେ ଏଥିରେ ଯୋଗଦେବେ ବୋଲି ଜଣାପଡ଼ିଛି। ଉତ୍ସବ ଅବସରରେ ୧୫ ତାରିଖ ସନ୍ଧ୍ୟାରେ ଏକ ସର୍ବଭାରତୀୟ କବି ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ବିଶିଷ୍ଟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ତଥା କବି ସନ୍ତୋଷ କୁମାର ସେଠୀ ଯୋଗଦେବେ ବୋଲି ଆୟୋଜକ ଜଣାଇଛନ୍ତି।

### ● ଶ୍ରୀଶଙ୍କରାନନ୍ଦ ମଠ ୱେବ୍‌ସାଇଟ୍ ଲୋକାର୍ପିତ

## ବିଶ୍ୱବାସୀ ଜାଣିବେ ବହୁ ଅନାଲୋଚିତ ସାଂସ୍କୃତିକ ଇତିହାସ

**ପୁରୀ,୧୩।୧୧(ସମିସ):** ଶ୍ରୀକ୍ଷେତ୍ରର ଐତିହ୍ୟପୂର୍ଣ୍ଣ ପ୍ରାଚୀନ ତଥା ସାଂସ୍କୃତିକ ସଂହତିର କେନ୍ଦ୍ର ଶ୍ରୀଶଙ୍କରାନନ୍ଦ ମଠର ୱେବ୍‌ସାଇଟ୍ ଲୋକାର୍ପିତ ହୋଇଯାଇଛି। ମଠ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏହାକୁ ଲୋକାର୍ପିତ କରି କହିଥିଲେ ଯେ, ଭାରତର ଚାରିଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମର ଏକ ପ୍ରାଚୀନ ମଠର ଉତ୍କର୍ଷ ବିଷୟରେ ସମସ୍ତେ ଅବଗତ ହୋଇପାରିବେ। ଏହି ଅବସରରେ ହିମାଂଶୁ ଭୂଷଣ ପଲେଇ, ଅତିରିକ୍ତ ତହସିଲ୍‌ଦାର ବିଭୂତିଭୂଷଣ ଶତପଥୀ, ମଠ ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି କହିଥିଲେ ଯେ, ୮୦୦ ବର୍ଷ ଧରି ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସେବାରେ ମଠ କିପରି ସମର୍ପିତ ଥିଲା ତାହା ଜାତୀୟସ୍ତରରେ ସମସ୍ତେ ଜାଣିପାରିବେ। ମଠ ନାଟ ମନ୍ଦିରରେ ଏକ ମାନସମ୍ମାନ କାର୍ଯ୍ୟକ୍ରମ ଟ୍ରଷ୍ଟବୋର୍ଡ ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ସମାଜସେବୀ ଶିବସୁନ୍ଦର ମିଶ୍ର, ଦେଉଳ ପୁରୋହିତ ତଥା ଓଡ଼ିଶା ଐତିହ୍ୟ ପରିଷଦର ଆଧାର ପୁରୁଷ ଡ. ସିଦ୍ଧେଶ୍ୱର ମହାପାତ୍ର, ମହାପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ମହାରାଜ, ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆରସିଂହ ପ୍ରମୁଖ ମତ ଦେଇଥିଲେ ଯେ, କେବଳ ମଠ ପାଇଁ ଆଜି ଐତିହାସିକ ଦିନ ନୁହେଁ, ଶ୍ରୀକ୍ଷେତ୍ର ପାଇଁ ମଧ୍ୟ। କାରଣ ବହୁ ଅନାଲୋଚିତ ସାଂସ୍କୃତିକ ଇତିହାସ ଏହାଦ୍ୱାରା ବିଶ୍ୱବାସୀ ଜାଣିପାରିବେ। ଏହି ଅବସରରେ ଶ୍ରୀଲୋକନାଥଙ୍କ ସେବକ ଓ ଟ୍ରଷ୍ଟବୋର୍ଡର ସଭ୍ୟ ଅଶୋକ କୁମାର ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମିହିର କୁମାର ମିଶ୍ର, ସଦାଶିବ ସାହୁ ଓ ଆଦିତ୍ୟ ମିଶ୍ର। ଗୁରୁ ଯାମିନୀକାନ୍ତ ମିଶ୍ରଙ୍କ ଶିଷ୍ୟଶିଷ୍ୟାମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ।

### ● ଜୟବିଜୟ ଦ୍ୱାରରେ ରକ୍ତଛିଟା

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୧୩।୧୧(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟ ବିଜୟ ଦ୍ୱାରରେ ରକ୍ତଛିଟା ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଗୁରୁବାର ସକାଳ ୬ଟାରେ ଦ୍ୱାର ଫିଟାଯାଇ ନୀତିକାନ୍ତି ଚାଲିଥିଲା। ଅପରାହ୍ଣ ୪ଟା ୨୫ରେ ମଧ୍ୟାହ୍ନ ଧୂପ ସରିଥିଲା। ଏହି ସମୟରେ ଭିତରକାଠ ଦର୍ଶନ ଚାଲିଥିଲା। ମଧ୍ୟାହ୍ନ ଧୂପ ପରେ ଭିତରକାଠ ଦର୍ଶନ ଶେଷ ବେଳକୁ ବାହାର କାଠ ଭିତର ପଟଠାରୁ ରକ୍ତ ଟୋପା ଜୟ ବିଜୟ ଦ୍ୱାର ଭିତର ପାହାଚ ପର୍ଯ୍ୟନ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସନ୍ଧ୍ୟା ୭ଟା ୧୫ରେ ମହାସ୍ନାନ ପୂଜା କରିଥିଲେ। ୭ଟା ୨୫ରେ ମହାସ୍ନାନ ପୂଜା ବଢ଼ିବା ପରେ ପୁନଶ୍ଚ ଯେଉଁଠାରୁ ନୀତି ଅଟକାଯାଇଥିଲା ସେହିଠାରୁ ପୁଣି ନୀତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ଘଣ୍ଟାରୁ ଉର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

## ସ୍ୱର୍ଗଦ୍ୱାର ପୁସ୍ତକ ଦ୍ୱିତୀୟ ବଙ୍ଗଳା ସଂସ୍କରଣ ଲୋକାର୍ପିତ

**ପୁରୀ,୧୩।୧୧(ସମିସ):** ମହୋଦଧିର ମହାତୀର୍ଥ ସ୍ୱର୍ଗଦ୍ୱାର ପୁସ୍ତକର ଦ୍ୱିତୀୟ ସଂସ୍କରଣ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବଙ୍ଗଳା ବିଭାଗର ପ୍ରଫେସର ଉତ୍ତମ ଗିରି ଏକ ନିରାଡ଼ମ୍ବର ପରିବେଶରେ ଲୋକାର୍ପିତ କରି କହିଥିଲେ ଯେ, ଆମ ପ୍ରାଚୀନ ଐତିହ୍ୟ ପ୍ରତି ଆମେ ସଚେତନ ହେବା ଜରୁରୀ। ବିଶ୍ୱବିଦ୍ୟାଳୟର ଗବେଷଣା ଛାତ୍ରୀ ଶ୍ରେୟା ହାଲ୍‌ଦାରଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଥିଲେ ଯେ କି ପୁସ୍ତକକୁ ଅନୁବାଦ କରିଛନ୍ତି। ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଏହି ପୁସ୍ତକ ପ୍ରଥମେ ଓଡ଼ିଆ ଭାଷାରେ ୨୦୨୦ ମସିହାରେ ପ୍ରକାଶିତ ହୋଇଥିଲା। ବଙ୍ଗଳା ଅନୁବାଦ ହେବା ପରେ କୋଲକାତାର ଭାଷା ସଂସଦ ଏହାକୁ ୨୦୨୪ ମସିହାରେ ପ୍ରକାଶ କରିଥିଲେ। ମାତ୍ର କିଛିଦିନ ମଧ୍ୟରେ ସରିଯିବାରୁ ୨୦୨୫ରେ ପୁନଃ ପ୍ରକାଶ ପାଇଛି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

### ଗୋପବନ୍ଧୁଙ୍କ ଜନ୍ମପୀଠର ରକ୍ଷଣାବେକ୍ଷଣ ଅଭାବ | ଷ୍ଟ୍ରିଟ୍ ଲାଇଟ୍, ହାଇମାଷ୍ଟ ଆଲୋକ ବ୍ୟବସ୍ଥା ଅଚଳ

## ପ୍ରମୋଦ ଉଦ୍ୟାନରେ ଚରୁଛନ୍ତି ଛେଳି ଓ ଗାଈ



**ସାକ୍ଷୀଗୋପାଳ,୧୩।୧୧(ସମିସ):** ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ଦାର୍ଶନିକ କବି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ। ଯାହା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ରୂପେ ଗତ ସରକାରଙ୍କ ସମୟରେ ପ୍ରାୟ ୨୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟ୍ରିଟ୍ ଲାଇଟ୍ ଓ ହାଇମାଷ୍ଟ ଆଲୋକ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ଦୈନିକ ହଜାର ହଜାର ପର୍ଯ୍ୟଟକ ସୁଆଣ୍ଡୋ ପରିଦର୍ଶନ ନିମନ୍ତେ ଆସୁଛନ୍ତି। ଫଳରେ ପର୍ଯ୍ୟଟକମାନେ ଅନ୍ଧାର ରାସ୍ତାରେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣାର ସମ୍ଭାବନା ରହିଛି। ଏଥିସହ ପୁନଃଉଦ୍ଧାର ହୋଇଥିବା ଶ୍ରୀଶ୍ରୀ ଲୋକେଶ୍ୱର ଦେବଙ୍କ ମନ୍ଦିର ଚୂଡ଼ାରେ ବରଗଛ ଉଠିଗଲାଣି। ଯାହାକି ମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ପ୍ରମୋଦ ଉଦ୍ୟାନ ପରିସରରେ ବୁଲା ଗୋରୁ ଓ ଛେଳିମାନେ ଚରାବୁଲା କରୁଛନ୍ତି। ଫଳରେ ଏହାର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁଆଣ୍ଡୋ ଉନ୍ନୟନ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହିତ ପ୍ରକଳ୍ପର ସୁରକ୍ଷା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ନିମନ୍ତେ ସାଧାରଣରେ ଦାବି କରାଯାଇଛି।

## ଉଦ୍‌ଘାଟନ ୭ ବର୍ଷ ପରେ ଅବସ୍ଥା ଶୋଚନୀୟ

# ଭାଙ୍ଗୁଛି ମହେନ୍ଦ୍ରତନୟା ପୋଲ; ଲୋକେ ଭୟଭୀତ





ପାରଳାଖେମୁଣ୍ଡି, ୧୩।୧୧ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଓ ଆନ୍ଧ୍ରର ପୁରୁଣାପାଟଣାକୁ ସଂଯୋଗ କରୁଥିବା ମହେନ୍ଦ୍ରତନୟା ପୋଲ ଭାଙ୍ଗି ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବାର ଅଭିଯୋଗ ହୋଇଛି। ପୋଲର ଉପରିଭାଗ ତଥା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସହ ଏହାର ସୁରକ୍ଷା ବାଡ଼ ସ୍ଥାନେ ସ୍ଥାନେ ଭାଙ୍ଗି ଗଲାଣି। ୨୦୧୮ ଏପ୍ରିଲ ୪ରେ ଲୋକାର୍ପିତ ହୋଇଥିବା ଏହି ପୋଲ ମାତ୍ର ୭ ବର୍ଷ ମଧ୍ୟରେ ଭାଙ୍ଗିଯାଇଛି। ୭୩୫.୭୦ ଲକ୍ଷ ଟଙ୍କାରେ ନିର୍ମିତ ଏହି ପୋଲର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି।

ସୂଚନା ଯୋଗ୍ୟ ଯେ ଏହି ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲା। କାରଣ ପାଖରେ ଥିବା ପୁରୁଣା ପୋଲର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଥିଲା। ପୁରୁଣା ପୋଲ ତତ୍କାଳୀନ ପାରଳା ମହାରାଜାଙ୍କ ଅମଳରେ ନିର୍ମିତ ହୋଇଥିଲା। ଅଭିଯୋଗ ପରେ ପୂର୍ତ୍ତବିଭାଗ ଚେଇଁ ଉଠିଥିଲା। ହେଲେ ଏବେ ଏହା ଖାଲଖମା ସାଙ୍ଗକୁ ବିଭିନ୍ନ ସ୍ଥାନରେ ସୁରକ୍ଷା ସିମେଣ୍ଟ ବାଡ଼ ଭାଙ୍ଗୁଛି। ଯାହାକୁ ଦେଖିଲେ ଏହି ପୋଲଟି ଆଉ କିଛିବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ସମ୍ଭାବନା ଦେଖାଦେଇଛି। ପୋଲ ଦେଇ ଦୈନନ୍ଦିନ ଛୋଟବଡ଼ ଶହ ଶହ ସଂଖ୍ୟାରେ ଯାନ ଯାତାୟତ କରୁଛି। ପୋଲର ଉପର ସିମେଣ୍ଟ ରାସ୍ତାର ଲୁହା ଛଡ଼ ଦେଖାଦେଇଥିବା ବେଳେ ଏହାର ସଂଯୋଗୀକରଣ ପ୍ଲେଟ ନିକଟରେ ଫାଟ ସଦୃଶ୍ୟ ଦେଖାଦେଉଛି। ଏହାର ରକ୍ଷଣାବେକ୍ଷଣ ନକଲେ ଅତିଶୀଘ୍ର ଏହା ନଷ୍ଟ ହେବା ସମ୍ଭାବନା ରହିଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମିଥ୍ୟା ସତ୍ୟପାଠ ଦାଖଲ | ମାର୍ଲାଙ୍ଗା ସରପଞ୍ଚ ଅଯୋଗ୍ୟ ଘୋଷିତ

ବାଲିଗୁଡା,୧୩।୧୧(ସମିସ): ମିଥ୍ୟା ସତ୍ୟପାଠ ଦାଖଲ ମାମଲାରେ କୋଟଗଡ଼ ବ୍ଲକ ମାର୍ଲାଙ୍ଗା ସରପଞ୍ଚ ଅଶୋକ ମୁଠାମାଝୀ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ୨୦୨୨ରେ ପଞ୍ଚାୟତ ନିର୍ବାଚନ ବେଳେ ଦାଖଲ କରିଥିବା ସତ୍ୟପାଠରେ ତାଙ୍କର ଦୁଇ ସନ୍ତାନ ଥିବା ଦର୍ଶାଇଥିଲେ। ମାତ୍ର ତାଙ୍କର ଦୁଇରୁ ଅଧିକ ସନ୍ତାନ ଥିଲା। କିଛି ମାସ ପୂର୍ବେ ମନ ପାଟମାଝୀ, ଲୁସିଆନ ବଳିୟାର ସିଂ, ବୀରବର ଉଠାଣସିଂ, ଜଗଦୀଶ ବେହେରାମାଝୀ, ଧିରେନ ବଳିୟାରସିଂ ମିଶି ମାର୍ଲାଙ୍ଗା ସରପଞ୍ଚ ଅଶୋକ ମୁଠାମାଝୀ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ମିଥ୍ୟା ସତ୍ୟପାଠ ଦାଖଲ କରି ପଦ ହାତେଇଥିବା ନେଇ ଅଭିଯୋଗ କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ତଦନ୍ତ କରି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ନଭେମ୍ବର ୭ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୦୬ ଅନୁଯାଇ ଅଶୋକ ମୁଠାମାଝୀଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ବିବେଚିତ କରି ସ୍ଥାନୀୟ ବିଡ଼ିଓ କୋଟଗଡଙ୍କୁ ପତ୍ର ପ୍ରଦାନ କରିଥିବା ଜଣାପଡିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ମୋହନା,୧୩।୧୧(ସମିସ): ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି କଟାମା ପଞ୍ଚାୟତର ପୂର୍ବତନ ସରପଞ୍ଚ ହାଡ଼ିଆ କନ୍ଧଙ୍କ ପୁଅ ପୃଥିବୀରାଜ କନ୍ଧ। ପୃଥିବୀ ନିଜ ଗ୍ରାମ ଡାଞ୍ଜୁର୍ବାରୁ ବାଇକରେ ନିଜ ମକା କ୍ଷେତକୁ ଯିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇ ଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ପ୍ରଥମେ ବ୍ରାହ୍ମଣିଗାଁ ଏବଂ ପରେ ଗୁରୁତର ଅବସ୍ଥାରେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅଡବା ପୁଲିସ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ପଣ୍ଡିତ ରଘୁନାଥ ପାତ୍ର ପାଇଲେ 'ସୂର୍ଯ୍ୟମଣି ସ୍ମୃତି ସମ୍ମାନ'



ପାରଳାଖେମୁଣ୍ଡି,୧୩।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ସ୍ୱନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ତଥା ବିଶିଷ୍ଟ ତବଲାବାଦକ ପଣ୍ଡିତ ରଘୁନାଥ ପାତ୍ରଙ୍କୁ ସୂର୍ଯ୍ୟମଣି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିପାଇଁ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଶ୍ରୀ ପାତ୍ରଙ୍କୁ ଏହି ସମ୍ମାନ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ସାଂସ୍କୃତିକ ସମାଜର ବାର୍ଷିକ ଉତ୍ସବ ଅବସରରେ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ଡା. ଶୀତକଣ୍ଠ ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଇଂ. ପ୍ରଦେଶ ନନ୍ଦିନୀ ଦାଶ, ଇଂ. ପ୍ରବୀର କୁମାର ଦାଶ, ଡ.ଅରୁଣ କୁମାର ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ସୁନନ୍ଦିକା ପଟ୍ଟନାୟକ ଓ ପ୍ରତିଷ୍ଠାତା ଉମେସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ।

## ଡିଲଡିଲଡ଼ା ବନ୍ଧ ଭାଙ୍ଗି ଫସଲ ନଷ୍ଟ ଘଟଣା

# କ୍ଷତିଗ୍ରସ୍ତ ଜମି ବୁଲି ଦେଖିଲେ ବିଧାୟକ



ଗୁମ୍ମା,୧୩।୧୧(ସମିସ): ଗୁମ୍ମା ବ୍ଲକ ଉଖୁରା ପଞ୍ଚାୟତ ସ୍ଥିତ ଲାତୁରଗଡ ଗ୍ରାମର ଗତ ୭ ତାରିଖରେ ଡ଼ିଲଡ଼ିଲଡ଼ା ବନ୍ଧ ଭାଙ୍ଗି ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଖବର ଜାଣିବା ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଆଜି କ୍ଷତିଗ୍ରସ୍ତ ଜମି ବୁଲି ଦେଖିବା ସହ ସେହି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ବିଧାୟକଙ୍କୁ କ୍ଷତିଗ୍ରସ୍ତ ଚାଷୀ ଲିଖିତ ଭାବେ କ୍ଷୟକ୍ଷତି ବାବଦରେ ଅବଗତ କରାଇଥିଲେ। ଏହି ବନ୍ଧରେ ବର୍ଷ ସାରା ପାଣି ରହୁଥିବା ବେଳେ ସେଥିରୁ ଚାଷୀଙ୍କ ପାଇଁ ବିଭିନ୍ନ ସମୟରେ ଖରିଫ ଧାନ, ପନିପରିବା ଏବଂ ମାଛ ଚାଷ ଆଦି କରାଯାଉଥିଲା। ତେଣୁ ବନ୍ଧର ରକ୍ଷଣାବେକ୍ଷଣ ସହ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ପଦକ୍ଷେପ ନେବେ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀ, କନିଷ୍ଠ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମୋହନା, ୧୩।୧୧(ସମିସ): ଗଜପତି ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ମେଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ସଭାପତିତ୍ୱ କରିଥିଲେ। ମୋହନା ବିଧାୟକ ତଥା ମୁଖ୍ୟବକ୍ତା ଦାଶରଥି ଗମାଙ୍ଗ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ ଓ ସମ୍ମାନୀତ ଅତିଥି ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ତୁଷାରେନ୍ଦୁ ନାୟକ,



ସାଂସଦ ପ୍ରତିନିଧି ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଚାଷୀ, ମହିଳା ସଂଗଠନ, ନିର୍ବାଚିତ ଜନ ପ୍ରତିନିଧି ଏବଂ ସ୍ଥାନୀୟ ଜନତା ମାନଙ୍କୁ ଓଡ଼ିଶାର ସମସ୍ତ ବ୍ଲକର ଲୋକଙ୍କୁ ସଚେତନ କରାଇଥିଲେ। ଏହି ମେଳା ଅନୁଷ୍ଠିତ ହେବା ଫଳରେ ଚାଷୀଙ୍କୁ ଗୋପାଳନ, ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ବତକ ଚାଷ, ଛେଳି ଚାଷ ଓ ଘୁଷୁରୀ ଚାଷ ନିମନ୍ତେ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ରିହାତି ମିଳୁଥିବା କହି ସଚେତନ କରାଇଥିଲେ ବିଭାଗୀୟ ଅଧିକାରୀ। ଏହି ମେଳାରେ ମୋହନା ବ୍ଲକର ୩୯ ପଞ୍ଚାୟତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ମେଳାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଥିବା ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ରାଜେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ଶୁଭଙ୍କର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ପ୍ରାଣୀଧନ ନିରୀକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ବିରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ଅନୁମତିରେ ଦେଶୀ ବନ୍ଧୁକ ରଖିଥିବାରୁ ୨ ବର୍ଷ ଜେଲ୍

ପାରଳାଖେମୁଣ୍ଡି,୧୩।୧୧(ସମିସ): ବିନା ଅନୁମତିରେ ଦେଶୀ ବନ୍ଧୁକ ପାଖରେ ରଖିବା ଘଟଣାରେ ସଜା ପାଇଲେ ଅଭିଯୁକ୍ତ। ୨୦୨୦ ମେ ୧୭ରେ ଗଜପତି ଜିଲ୍ଲା ରାୟଗଡ ଥାନାର ଏଏସଆଇ ଅଭିମନ୍ୟୁ ପାଣିଗ୍ରାହୀ ସନ୍ଧ୍ୟାରେ ରାୟଗଡ ତଥା ପଦ୍ମପୁର ଆଦି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବାହାଡ଼ାପଡାର କରୁଣ ଭୂୟାଁ ନିଜ ଘରେ ଏକ ଦେଶୀ ବନ୍ଧୁକ ଲୁଚାଇ ରଖିଥିବା ଖବର ପାଇ ତାଙ୍କ ଘରେ ଚଢ଼ଉ କରି ଏକ ଦେଶୀ ବନ୍ଧୁକ ଜବତ କରିଥିଲେ। ଲାଇସେନ୍ସ ନଥିବାରୁ ନିଜ ଆଡୁ ଏଏସଆଇ ଅଭିମନ୍ୟୁ ପାଣିଗ୍ରାହୀ ରାୟଗଡ ଥାନାରେ ଏକ ମାମଲା ରୁଜୁ କରିଥିଲେ। ତତ୍କାଳୀନ ସବଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ମଲ୍ଲିକ ଉକ୍ତ ମାମଲାର ତଦନ୍ତ କରି ଆସାମୀଙ୍କୁ କୋର୍ଟ ଚାଲାଣ କରିଥିଲେ। ୧୦ଜଣ ସାକ୍ଷୀଙ୍କ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନ୍ ଜଜ ନରୋତ୍ତମ ସେଠୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ କାରାଦଣ୍ଡ ଓ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ମାସ କାରାଦଣ୍ଡ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପିଆର. ଉଦୟଚନ୍ଦ୍ର ରାଓ ଏହି ମାମଲାର ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କାଶୀନଗର,୧୩।୧୧(ସମିସ): ଗଜପତି ଜିଲ୍ଲା କାଶୀନଗର ଥାନା ସୀତାପୁର ପଞ୍ଚାୟତ ମିଳିଗାଁ ଗ୍ରାମ ନିକଟସ୍ଥ ରାଜ୍ୟ ମୁଖ୍ୟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଆର.ଦୁର୍ଗା ରାଓ। ସେ ନିକଟସ୍ଥ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ରାସ୍ତା କଡ଼ରେ ଛିଡ଼ା ହୋଇଥିବାବେଳେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି। କାଶୀନଗର ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସୁନିଲ ବେହେରା ସୂଚନା ଦେଇଛନ୍ତି। ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କାଶୀନଗର ଥାନାରେ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

● ଅସହ୍ୟ ହେଲାଣି ଶୀତ

## ଜି.ଉଦୟଗିରିରେ ତାପମାତ୍ରା ୭. ୬ ଡିଗ୍ରୀ

ଜି.ଉଦୟଗିରି,୧୩।୧୧(ସମିସ): ଜି.ଉଦୟଗିରି ଅଞ୍ଚଳରେ ପାରଦ ତଳମୁହାଁ ହେବାରେ ଲାଗିଛି। ବୁଧବାର ଦିନ ସର୍ବୋଚ୍ଚ ତାପମାତ୍ରା ୨୬. ୮ ଡିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୮.୭ ଡିଗ୍ରୀ ରହିଥିଲା। ଗୁରୁବାର ତାପମାତ୍ରା କମି ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୭.୬



ରେକର୍ଡ ହୋଇଛି। ଏଥିଯୋଗୁ ପୁରା ଜିଲ୍ଲାରେ ଲାଗି ରହିଛି ଶୀତ। କିନ୍ତୁ ଆଜି ପର୍ଯ୍ୟନ୍ତ ଖୋଲିନି ଶୀତ ଆଶ୍ରୟସ୍ଥଳ। ଯାହାକୁ ସାଧାରଣରେ ସମାଲୋଚନା କରିଛନ୍ତି ଲୋକେ। ସପ୍ତାହେ ମଧ୍ୟରେ ତାପମାତ୍ରା ସାତ ଡିଗ୍ରୀ ଖସିବା ଫଳରେ ଜୀବନଜୀବିକା ବାଧାପ୍ରାପ୍ତ ହେଉଛି। ଛୋଟ ଛୁଆଙ୍କ ସହିତ ବୟସ୍କ ଲୋକଙ୍କ ପାଇଁ ଶୀତ ସହ୍ୟ କରିବା କଷ୍ଟକର ହେଉଛି। ଫଳରେ ରାତୀ ୮ଟା ଭିତରେ ବଜାର ଘାଟ ଶୂନଶାନ ହୋଇଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସି ରହୁଛନ୍ତି। ଶୀତ ଯୋଗୁଁ ଜିଲ୍ଲାର ପର୍ଯ୍ୟଟନସ୍ଥଳରେ ଗହଳି ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଳିଙ୍ଗା ଘାଟିରେ ନିର୍ମାଣ କାର୍ଯ୍ୟ ସାରି ଭାରିଯାନ ଯାତାୟାତ କରିବାକୁ ଅନୁଷ୍ଠାନିକ ଭାବେ ଅନୁମତି ଦେଲେ ବିନା ବାଧାରେ ପର୍ଯ୍ୟଟକ ଆସିପାରିବେ ବୋଲି କୁହାଯାଉଛି।

## ସାମ୍ବାଦିକଙ୍କ ଅକାଳ ବିୟୋଗ



କାଶୀନଗର,୧୩।୧୧ (ସମିସ): କାଶୀନଗର ପ୍ରେସ୍ କ୍ଲବ୍ ସଦସ୍ୟ ତଥା ଜଣାଶୁଣା ସାମ୍ବାଦିକ ତାମଡ଼ା କ୍ରିଷ୍ଣାଙ୍କ ୪୯ବର୍ଷରେ କର୍କଟ ରୋଗରେ ଅକାଳ ବିୟୋଗ ଘଟିଛି। ଏକାଧିକ ଓଡ଼ିଆ ଦୈନିକର ସ୍ଥାନୀୟ ପ୍ରତିନିଧି ଭାବେ ସେ ଦୀର୍ଘଦିନ କାର୍ଯ୍ୟ କରିଥିଲେ। ସମାଜସେବା କ୍ଷେତ୍ର ପ୍ରତି ବି ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କ ମୃତ୍ୟୁ ଖବର ନେଇ କାଶୀନଗରରେ ଶୋକର ଛାୟା ଖେଳି ଯାଇଛି। ସ୍ଥାନୀୟ ନାଗରିକ ମହାସଭା, ପ୍ରେସ୍ କ୍ଲବ୍ , ରଇତ ସଙ୍ଘ ଓ ଅନ୍ୟାନ୍ୟ ବହୁ ସଂଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବହୁ ରାଜନେତା ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, ଏନ୍‌ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ସ୍ଥାନୀୟ ବରିଷ୍ଠ ନେତା ଆର. ରାମ ପ୍ରସାଦ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ବୃତ୍ତି ପରୀକ୍ଷାରେ ୨ଛାତ୍ର କୃତକାର୍ଯ୍ୟ



ଚକାପାଦ,୧୩।୧୧(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର କାମ୍ବାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ରାକେଶ କୁମାର ବେହେରା ଏବଂ ସ୍ୱାଗତ ବେହେରା ବ୍ଲକ ସ୍ତରରେ ୨୦୨୫-୨୬ ମସିହା ନିମନ୍ତେ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କୁ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି,୧୩।୧୧(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଲାଇଲାଇ ପଞ୍ଚାୟତ ଅନ୍ତର୍ଗତ ମର୍କଡା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଦାଉଦ ଶବର (୩୨) ନାମକ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଅଭିଭାବକ ଏବଂ ଗ୍ରାମବାସୀ ଜାଣିଲାପରେ ଗ୍ରାମ ମଣ୍ଡଳ ଏବଂ ସମିତିର ଉପସ୍ଥିତିରେ ୪ମାସ ପୂର୍ବେ ଭୋଜିଭାତ କରି ଜାକଜକମରେ ବାହାଘର ହୋଇଥିଲା। ଗତକାଲି ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ସ୍ତ୍ରୀ ଅସୁସ୍ଥତା ଯୋଗୁଁ ଅନ୍ୟ ଏକ କୋଠରୀରେ ଶୋଇଥିଲେ। ସ୍ୱାମୀ ଅନ୍ୟ ଗୋଟିଏ କୋଠରୀରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। କିଛି ସମୟ ପରେ ସ୍ତ୍ରୀ ସ୍ୱାମୀଙ୍କୁ ଖୋଜିବା ପରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଘଟଣା ପ୍ରଘଟ ପରେ ତାଙ୍କୁ ଉଦ୍ଧାର କରି ଗାରାବନ୍ଧ ଥାନାକୁ ସୂଚନା ଦିଆଯାଇଥିଲା। ଗାରାବନ୍ଧ ପୁଲିସ ପହଞ୍ଚି ଆଜି ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ଯୁବକର ଏପରି ମୃତ୍ୟୁକୁ ପରିବାରବର୍ଗ ଏବଂ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ମୃତକଙ୍କ ସ୍ତ୍ରୀ ଉପରେ ସନ୍ଦେହ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ତାନ୍ତର କରିନଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଦାଉଦଙ୍କ ମୃତ୍ୟୁ ପଛରେ ତାଙ୍କ ସ୍ତ୍ରୀ ଓ ସ୍ତ୍ରୀଙ୍କ ପରିବାରବର୍ଗ ସମ୍ପୃକ୍ତି ରହିଛି। ଏପରି ଉତ୍ତେଜନା ପରିସ୍ଥିତିରେ ଦାଉଦଙ୍କ ସ୍ତ୍ରୀ ଓ ତାଙ୍କ ପରିବାର କିଛି ସମୟ ପାଇଁ ଫେରାର ହୋଇଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ହେଉଛି।

## ୬ ମାସ ହେଲା ଅନୁମୋଦନ ସରିଛି

# ରାସ୍ତା କାମ ଆରମ୍ଭ ନହେଲେ ଆନ୍ଦୋଳନ ଚେତାବନୀ




ଜି.ଉଦୟଗିରି,୧୩।୧୧(ସମିସ): ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତ ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ, ମାଲିକାପଡ଼ି ପଞ୍ଚାୟତର ବାଡେନାୟୁ ଛକ ଠାରୁ ଭାୟା ସୁଜେଲି ଗ୍ରାମ ଦେଇ ରାଇପଦା ପର୍ଯ୍ୟନ୍ତ ଏବଂ ରାଇକଲା ପଞ୍ଚାୟତର ଶ୍ରିକଲା ଠାରୁ ଭାୟା ରାଇକଲା, ଖାରିଆପଡ଼ା ଦେଇ ଯାକାମାହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ମୁଖ୍ୟରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ କରିବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ, ମରାମତି କିମ୍ବା ପୁନଃ ନିର୍ମାଣ କାର୍ଯ୍ୟ କରାଯାଉନାହିଁ। ପଞ୍ଚାୟତ ଗୁଡ଼ିକର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଯାନବାହନ ଚଳାଚଳ କରୁଛି। ବର୍ତ୍ତମାନ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଅଞ୍ଚଳବାସୀ ବାରମ୍ବାର ଜି.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ରାସ୍ତା ନିର୍ମାଣ ଆରମ୍ଭ କରିବା ନିମନ୍ତେ ଅନୁମୋଦନ ହୋଇଥିଲା। ଅନୁମୋଦନର ୬ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ ହେବା ତ ଦୂରର କଥା କେହି ଦେଖିବାକୁ ବି ଆସିନାହାନ୍ତି। ଏନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବ ଏହି ରାସ୍ତାସବୁ ନିର୍ମାଣ କରାନଯାଇ ବିପଦସଂକୁଳ ଅବସ୍ଥାରେ ରହିଛି ବୋଲି ସ୍ଥାନୀୟ ସାମାଜିକ କର୍ମୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ୩ ମୁଖ୍ୟ ରାସ୍ତା ନିର୍ମାଣ ତୁରନ୍ତ ଆରମ୍ଭ କରିବା ଦାବିରେ ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ, ହୃଷୀକେଶ ପ୍ରଧାନ ଓ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ଏକ ଦଳ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଓ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ନରେନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨୦ ଦିନ ମଧ୍ୟରେ ରାସ୍ତା ନିର୍ମାଣ ଆରମ୍ଭ ନହେଲେ ଡିସେମ୍ବର ପ୍ରଥମ ସପ୍ତାହରେ ଅଞ୍ଚଳବାସୀ ରାଜରାସ୍ତାରେ ଆନ୍ଦୋଳନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



# ରାଜଧାନୀ ରାସ୍ତାରେ ବୁଲୁଛି ରୋଗ

ଭୁବନେଶ୍ୱର, ୧୩।୧୧(ସମିସ): ନିକଟରେ ରାଜଧାନୀରେ ଗୁପ୍‌ଚୁପ୍ କର୍ଣ୍ଣର ଖୋଲାଯିବା ପାଇଁ ବିଏମ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ସେଥିପାଇଁ ଚିହ୍ନଟ ହୋଇଥିବା ଜାଗାକୁ ମେୟର ବୁଲି ଦେଖିଛନ୍ତି। ସେପଟେ ଗୁପ୍‌ଚୁପ୍ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ ହେଉଥିବାବେଳେ ଏବେ ସହରସାରା ବିକ୍ରି ହେଉଥିବା ଗୁପଚୁପ୍ କେତେ ସ୍ୱାସ୍ଥ୍ୟକର ଏବଂ ତାର ମାନ ଯାଞ୍ଚ ହେଉନାହିଁ। ଫଳରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରାଯାଉଥିବା ଗୁପ୍‌ଚୁପ୍ ଏବେ ସହରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି।

ବର୍ତ୍ତମାନ ସମୟରେ ରାଜଧାନୀରେ ପାଖାପାଖି ୫ ହଜାରରୁ ଅଧିକ ଗୁପଚୁପ ବ୍ୟବସାୟୀ ପରିଲକ୍ଷିତ ହେଉଛନ୍ତି। ବିଶେଷକରି ରମାଦେବୀ କଲେଜ ସମେତ ରାଜଧାନୀର ବିଭିନ୍ନ ଇଞ୍ଜିନିୟରିଂ କଲେଜ ତଥା ଖାଓଗଲିରେ ମାଳମାଳ ଗୁପ୍‌ଚୁପ୍ ଦୋକାନମାନ ରହିଛି। କିନ୍ତୁ ସହରରେ ମନ ଇଚ୍ଛା ବୁଲୁଥିବା ବଳକା ହଜାର ହଜାର ଗୁପଚୁପ୍ ଦୋକାନୀ କେଉଁଠୁ ଆସୁଛନ୍ତି ଏବଂ ବିକ୍ରି କରୁଥିବା ଗୁପଚୁପ ଖାଦ୍ୟ ଉପଯୋଗୀ କି ନୁହେଁ, ସେମାନଙ୍କ ପାଖରେ ଲାଇସେନ୍ସ ଅଛି କି ନାହିଁ ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଅପରପକ୍ଷେ ଅଧିକାଂଶ ବେପାରୀ ବିହାର ଏବଂ ଆନ୍ଧ୍ରପ୍ରଦେଶରୁ ଆସି ଏଠାରେ ଗୁପଚୁପର ପସରା ମେଲାଇଲେଣି। ଦିନେକି ଦୁଇ ଦିନ ନୁହଁ, ଏମାନେ ବର୍ଷ ବର୍ଷ ଧରି ଏଠାରେ ବିଭିନ୍ନ ବସ୍ତିରେ ରହି ସହରସାରା ବେପାର କରୁଛନ୍ତି। ଏମିତିକି ସେମାନଙ୍କ ଲାଇସେନ୍ସକୁ ନେଇ କେହି ପ୍ରଶ୍ନ ମଧ କରୁନାହାନ୍ତି। ବିଶେଷକରି ଆଚାର୍ଯ୍ୟ ବିହାରଠାରୁ ବାଣୀବିହାର ଯାଏଁ ଥିବା ବସ୍ତି, ସାଲିଆସାହି, ରିକ୍ସା କଲୋନୀ, ଲକ୍ଷ୍ମୀସାଗରସ୍ଥିତ ହଳଦୀପଡ଼ିଆ ବସ୍ତି,

■ ମନଇଚ୍ଛା ବିକ୍ରି ହେଉଛି ନିମ୍ନମାନର ଗୁପ୍‌ଚୁପ୍

■ ଲାଇସେନ୍ସ ନାହିଁ; ଯାଞ୍ଚ ହେଉନି

ଅଶୋକନଗରସ୍ଥିତ ବସ୍ତି ଭଳି ଅନେକ ବସ୍ତି ସହର ମଧ୍ୟରେ ରହିଛି ଏହି ଗୁପଚୁପ ବେପାରୀମାନେ ଗୁପ୍‌ଚୁପ୍ ତିଆରି କରି ବିକ୍ରି କରୁଛନ୍ତି। ବସ୍ତିର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଏମାନେ ତିଆରି କରୁଥିବା ଗୁପ୍‌ଚୁପ୍ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। କେବଳ ସେତିକି ନୁହଁ, ଏହି ବେପାରୀମାନଙ୍କୁ ପ୍ରଥମେ ଏକ ଲାଇସେନ୍ସ ମଧ କରିବାକୁ ହୁଏ। ଯାହା ସମୟ ଅନ୍ତରାଳେ ନବୀକରଣ କରିବାକୁ ହୁଏ। ଫଳରେ ସେମାନଙ୍କର ତଥ୍ୟ ବିଏମ୍‌ସି ପାଖରେ ରହିଥାଏ ଏବଂ ସମୟ ସମୟରେ ଯାଞ୍ଚ ମଧ ହୁଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ସହର ମଧରେ ଘୁରି ବୁଲୁଥିବା ଅଧିକାଂଶ ଗୁପଚୁପ୍ ବେପାରୀଙ୍କ ପାଖରେ



ଲାଇସେନ୍ସ ନାହିଁ, ତଥାପି ବେପାର କରିବାକୁ ଅନୁମତି କିଏ ଦେଲା ପଚାରିବାକୁ କେହିଁ ନାହିଁ। ଖଣ୍ଡଗିରିସ୍ଥିତ ଲାଇସେନ୍ସପ୍ରାପ୍ତ ବେପାରୀ ବସନ୍ତଙ୍କ କହିବା ଅନୁଯାୟୀ, ଲାଇସେନ୍ସ କରିବା ବାଧତାମୂଳକ। ଫଳରେ ସମୟ ସମୟରେ ଯାଞ୍ଚ ମଧ କରିବାକୁ ଲୋକ ଆସନ୍ତି। ହେଲେ ଏଠାରେ ବିନା ଲାଇସେନ୍ସରେ ହଜାର ହଜାର ବେପାରୀ ବୁଲୁଛନ୍ତି। ଦିନକର ଗୁପଚୁପ୍‌କୁ ସେହି ଦିନରେ ଛାଣି ବିକ୍ରି କରିବା କଥା ତାକୁ ସପ୍ତାହ ଯାକ ବିନା ଲାଇସେନ୍ସ ବେପାରୀମାନେ ଲୋକଙ୍କୁ ଦେଉଛନ୍ତି। ହେଲେ ସେମାନଙ୍କ ଉପରେ ବିଏମ୍‌ସି ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁନାହିଁ। ଫଳରେ ଲୋକ ଏହି ଅସ୍ୱାସ୍ଥ୍ୟକର ଗୁପଚୁପ ବର୍ଷ ବର୍ଷ ଧରି ଖାଇ ରାଜଧାନୀବାସୀ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। କିଛି ଅସାଧୁ ଗୁପ୍‌ଚୁପ୍ ବେପାରୀଙ୍କ ପାଇଁ ଅନ୍ୟମାନେ ବଦନାମ୍ ହେଉଛନ୍ତି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉ କି ରାଜଧାନୀରେ ଗୁପ୍‌ଚୁପ୍‌ର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁପ୍‌ଚୁପ୍ କର୍ଣ୍ଣର ପାଇଁ ସହିଦନଗର ଛକଠାରୁ ନିକୋ ପାର୍କ ପର୍ଯ୍ୟନ୍ତ ଯେଉଁମାନେ ଗୁପ୍‌ଚୁପ୍ ବିକ୍ରି କରୁଛନ୍ତି ସେ ସମସ୍ତ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରସ୍ତାବିତ ଗୁପ୍‌ଚୁପ୍ କର୍ଣ୍ଣରେ ଥଇଥାନ କରାଯିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଦୋକାନୀଙ୍କୁ ବିଏମସି ପକ୍ଷରୁ ମାଗଣାରେ ଗୋଟିଏ ପ୍ରକାରର ସ୍ୱତନ୍ତ୍ର ଟ୍ରଲି ଦିଆଯିବ। ଯେଉଁଠି ଓପନ ଭେଣ୍ଡିଂ ଜୋନ୍ ଡାଞ୍ଚାରେ ନିର୍ମାଣ ହୋଇଥିବା ଏହି ଗୁପ୍‌ଚୁପ୍ ବଜାରରେ ମାତ୍ର ୩୦ରୁ ୪୦ ଦୋକାନ ଖୋଲିପାରିବ।

● ହଷ୍ଟେଲ କର୍ମଚାରୀଙ୍କୁ ବେଆଇନ ଛଟେଇ

## ୨ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ, ୧୩।୧୧(ସମିସ): ବେଆଇନ ଭାବେ ଜଣେ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ସମ୍ପୃକ୍ତ କର୍ମଚାରୀଙ୍କୁ କ୍ଷତିପୂରଣ ରାଶି ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହ୍ନୁଚରଣ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରଦାନ କରାଯାଇଥିବା ସେବା ଏବଂ ଦରମାକୁ ବିଚାରକୁ ନେଇ ଟ୍ରିବୁନାଲ ପ୍ରଦାନ କରିଥିବା ଏକକାଳୀନ କ୍ଷତିପୂରଣକୁ ୫୦ହଜାର ଟଙ୍କାକୁ ୨ଲକ୍ଷକୁ ବୃଦ୍ଧି କରିଛନ୍ତି ହାଇକୋର୍ଟ। କର୍ମଚାରୀଙ୍କୁ ଛଟେଇ କରିବା କ୍ଷେତ୍ରରେ ଶିଳ୍ପ ବିବାଦଆଇନରଧାରା୨୫-ଏଫଅନୁଯାୟୀବାଧତାମୂଳକସୁରକ୍ଷାବ୍ୟବସ୍ଥାପାଳନକରାଯାଇ ନଥିଲା। ଏଭଳି ସ୍ଥିତିରେ ଚାକିରିରୁ ବହିଷ୍କାର ବେଆଇନ ବୋଲି ହାଇକୋର୍ଟ କହିଛନ୍ତି।

୧୯୮୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୈନିକ ମଜୁରୀ ଭିତ୍ତିରେ ଆବେଦନକାରୀଙ୍କୁ ଛାତ୍ରାବାସରେ ନିଯୁକ୍ତି ଦିଆଯାଇଥିଲା। ସେ ସ୍ୱେଚ୍ଛାକୃତ ଭାବରେ ତାଙ୍କ ଚାକିରି ପରିତ୍ୟାଗ କରିଛନ୍ତି ବୋଲି ୧୯୯୧ ମସିହାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏହା ବେଆଇନ ଦର୍ଶାଇ ଆବେଦନକାରୀ ଶିଳ୍ପ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଏହି ଛଟେଇକୁ ଅବୈଧ ଏବଂ ଅନୁଚିତ ବୋଲି କହିଥିଲେ ସୁଦ୍ଧା ପୁନଃସଂସ୍ଥାପନ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ତାଙ୍କୁ ୫୦ହଜାର ଟଙ୍କାର ଏକକାଳୀନ କ୍ଷତିପୂରଣ ରାଶି ଦେବାକୁ କହିଥିଲେ। ଏହା ପର୍ଯ୍ୟାପ୍ତ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## କୁଖ୍ୟାତ ଚୋର ଗିରଫ

ଭୁବନେଶ୍ୱର, ୧୩।୧୧(ସମିସ): ଲୁଟ୍ ଓ ଚୋରି ଅଭିଯୋଗରେ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ବିଶ୍ୱଜିତ ନାୟକ। ବିଶ୍ୱଜିତ୍‌ର ଘର କେଦାରପଲ୍ଲୀ ବାପୁଜୀ ନଗର ଅଞ୍ଚଳରେ। ସୂଚନାଯୋଗ୍ୟ, ଅଭିଯୋଗକାରୀ ଏକାମ୍ର କ୍ଷେତ୍ରର ନୂଆ ରୋଡ ନିକଟରେ ଘାସ କାଟୁଥିବାବେଳେ ବିଶ୍ୱଜିତ ଓରଫ ବାଞ୍ଛା ସେଠାକୁ ଆସି ହଠାତ୍ ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ତାଙ୍କଠାରୁ ଜୋରଜବରଦସ୍ତି ନଗଦ ୫ ହଜାର ଟଙ୍କା ଏବଂ ଏକ ଭିଭୋ ମୋବାଇଲ ଫୋନ ଛଡାଇ ନେଇଥିଲେ। ପରେ ଅଭିଯୋଗକାରୀ ତାଙ୍କ ଜିନିଷପତ୍ର ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ପୁଲିସକୁ ଖବର ଦେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହା ପରେ ଅଭିଯୋଗକାରୀ କ୍ୟାପିଟାଲ ଥାନାରେ ରିପୋର୍ଟ ଦାଖଲ କରିଥିଲେ। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ବିଶ୍ୱଜିତ ନାୟକ କ୍ୟାପିଟାଲ ଥାନା ସୀମା ଅନ୍ତର୍ଗତ ପ୍ଲଟ୍ ନମ୍ବର ୨୦ରେ ଥିବା ଏକ ଘରୁ ଚୋରି ଘଟଣାରେ ମଧ ସମ୍ପୃକ୍ତ ଥିଲା। ଯାହା ସିସିଟିଭି ଫୁଟେଜ୍ ମାଧ୍ୟମରେ ତାଙ୍କ ସମ୍ପୃକ୍ତି ନିଶ୍ଚିତ ହୋଇଛି। ଅଧିକ ପଚରାଉଚରା ସମୟରେ ସେ ଉକ୍ତ ଘରରୁ ଦୁଇଟି ମୋବାଇଲ୍ ଫୋନ୍, ନଗଦ ଟଙ୍କା ଓ ରୂପା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଛି। ବିଶ୍ୱନାଥ ଜଣେ ଅଭ୍ୟାସଗତ ଅପରାଧୀ। ପୂର୍ବରୁ ଚୋରି, ଘର ଚୋରି ଏବଂ ଡକାୟତି ଭଳି ଅପରାଧ ପାଇଁ କ୍ୟାପିଟାଲ ଥାନାରେ ପଞ୍ଜିକୃତ ଦଶଟି ଅପରାଧିକ ମାମଲାରେ ଜଡିତ ଥିଲା। ପୂର୍ବରୁ ସେ ଏପରି ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲା।

## ତାଇୱାନରେ ଅଦିନିଆ ରଥଯାତ୍ରା

ଭୁବନେଶ୍ୱର, ୧୩।୧୧(ସମିସ): ଆସନ୍ତା ୨୩ ତାରିଖ ଦିନ ଇସ୍କନ ପକ୍ଷରୁ ତାଇୱାନର ତାଇପେଇ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା। ଏହି କଥା ଜଣା ପଡ଼ିବା ପରେ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତଙ୍କ ଭିତରେ ଗଭୀର ଅସନ୍ତୋଷ ଦେଖା ଦେଇଛି। ଏଠାରେ ଉଲ୍ଲେଖ ଥାଉ କି ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନ ଦେଇ ଓଡ଼ିଶା ସରକାର, ଗଜପତି ଦିବ୍ୟସିଂହ ଦେବ ଓ ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ବେଖାତିର କରି ଅଦିନିଆ ରଥଯାତ୍ରା କରୁଛି। ଏହା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଓଡ଼ିଶା ସରକାର ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବାକୁ ସହ ଏହା ଉପରେ କଠୋର ପଦକ୍ଷେପ ନେବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଆବଶ୍ୟକ ହେଲେ ଭାରତ ସରକାରଙ୍କ ସହ ଯୋଗାଯୋଗ କରି ଓଡ଼ିଶା ସରକାର ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବାକୁ ସେ ଦାବି କରଛନ୍ତି।

## ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୩।୧୧(ସମିସ): ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ ୯ମ ବାର୍ଷିକ ଉତ୍ସବ ଲାୟନ୍ସ ଭବନରେ ଅନୁଷ୍ଠିତ ହୋଇଯାଅଛି। ଏଥିରେ ୱାକର୍ସ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି, ଲାୟନ୍ସ କ୍ଲବ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ, ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ଏବଂ ପୁଣ୍ୟ ଉତ୍କଳର ଅଧ୍ୟକ୍ଷ, ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଅର୍ଥ ପରାମଶ ଦାତା ଓ ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ଯୋଗ ଦେଇ ସୁସ୍ଥ ରହିବାର ଜୀବନଶୈଳୀ ଏବଂ ଫନ୍ ଆଣ୍ଡ ଫିଟନେସ୍ କ୍ଲବ ପ୍ରଚେଷ୍ଟା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଏକ ଯୁଗାନ୍ତକାରୀ ମତ ପ୍ରକାଶ କରିଥିଲେ। ସଭାପତି ଆଶିଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସୁଧାକର ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ଓ କୋଷାଧକ୍ଷ ପ୍ରଦୀପ ରାଉତ କ୍ଲବର ଆୟବ୍ୟୟର ବିବରଣୀ ପାଠ କରିଥିଲେ। ପାକ୍ତନ ସଭାପତି କେଦାର ପଟ୍ଟନାୟକ ଏଫ୍ଏଫ୍‌ସିର ଭିତ୍ତିଭୂମି ଏବଂ ଏହାର କାର୍ଯ୍ୟ ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ।

ଭୁବନେଶ୍ୱର ଓ କଟକର ୱାକର୍ସ କ୍ଲବ ଦ୍ୱାରା ୱାକର୍ସ କାର୍ଯ୍ୟଶୈଳୀକୁ ତ୍ୱରାନ୍ୱିତ କରିଆସୁଥିବା କିଛି କ୍ଲବର ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନକୁ ୱାକର୍ସ ଇଣ୍ଟରନେସନାଲର ୨୦୨୩ ଓ ୨୪ ମସିହାରେ ଶ୍ରେଷ୍ଠ କ୍ଲବର ମାନ୍ୟତା ଆଣିଥିବା ସଭାପତି ଆଶିଷ ପଟ୍ଟନାୟକ, ସମ୍ପଦକ ସୁଧାକର ଷଡ଼ଙ୍ଗୀ, ଉପସଭାପତି ପ୍ରଦୀପ୍ତ ପଣ୍ଡା, ରିୟା ଖାନ୍, ତାରିଣି ପ୍ରସାଦ ମହାନ୍ତି, ଦେବବ୍ରତ କରଣ, ପ୍ରତାପ ରାଉତରାୟ, ଅମୀତା ଜେନା, ବିବେକାନନ୍ଦ ବାରିକ୍, ଲାଲମୋହନ ପ୍ରଧାନ, ସୁମିତ୍ରା ବେହେରା, ଲିପସା ମହାପାତ୍ରଙ୍କୁ ପ୍ରଣତୀ ଶତପଥୀ, ମଧୁସ୍ମିତା ପ୍ରିୟଦର୍ଶନୀ, ଯଶୋଦା ଭଞ୍ଜ, ମନ୍ଦାକିନୀ ସାହୁଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌଭାଗ୍ୟ ନାୟକ, ଭବାନୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଏଫ୍ଏଫ୍‌ସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୋକ୍ଷ’ ପକ୍ଷରୁ ‘ଯୁଗଳବନ୍ଦୀ’ର ୧୬ତମ ସଂସ୍କରଣ



ଭୁବନେଶ୍ୱର, ୧୩।୧୧(ସମିସ): ଓଡିଶୀ ନୃତ୍ୟାନୁଷ୍ଠାନ ‘ମୋକ୍ଷ’ ପକ୍ଷରୁ ଜୟଦେବ ଭବନରେ ‘ଯୁଗଳବନ୍ଦୀ’ର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ, ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, ‘ହୋଲିଷ୍ଟିକ୍ ହିଲିଂ’ର ପ୍ରତିଷ୍ଠାତା ମୀନାକ୍ଷୀ ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଏଥିରେ ରୁତୁରାଜ ମହାପାତ୍ର, କ୍ଷୀରାବ୍ଧୀ ମହାପାତ୍ର, ଲକିପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ବ୍ରାହ୍ମୀ ଷଡଙ୍ଗୀ, ସାଗର ଖୁଣ୍ଟିଆ, ଲିମା ଦାସ, ତିମିରାସୁ ପଟ୍ଟନାୟକ, ରାଜେଶ କୁମାର ନାୟକ, ବର୍ଷା ଦାସ, ପ୍ରୀତିମୟୀ ଦାସ, ଶ୍ରୁତିଶ୍ରୀ ରାଉତ, ତନୁଶ୍ରୀ ସାହୁ, ବିଭୁପ୍ରସାଦ ବେହେରା, ଆକାଂକ୍ଷା ଦାସ, ସ୍ମିତା ମହାପାତ୍ର, ରାକେଶ ଦାସ, ଅନ୍‌ୱେଷ ଦାସ, ରୋଜାଲିନ୍ ନାୟକ, ମେଘନା ସାହୁ, ରୁତୁପର୍ଣ୍ଣା ଦାଶ, ବର୍ଷା ପ୍ରିୟଦର୍ଶିନୀ ଷଡଙ୍ଗୀ, ଇପ୍‌ସିତା ମହାପାତ୍ର, ପ୍ରିୟଙ୍କା ସାହୁ, ଶିବାନୀ ବେହେରା, ସୋନୋମ ପଣ୍ଡା, ଗାୟତ୍ରୀ ସାହୁ, ଇତିଶ୍ରୀ ପ୍ରିୟଦର୍ଶିନୀ ସିଂହ, ଗାୟତ୍ରୀ ସେଠୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଚନ୍ଦନ କୁମାର ନାୟକ, ରାଜଶ୍ରୀ ପ୍ରିୟଦର୍ଶିନୀ, ଶୋଭନା ମିଶ୍ର ଓ ରତ୍ନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ଚନ୍ଦ୍ରଶେଖର, ପ୍ରେମାନନ୍ଦ ପାଇବେ ‘ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ’

ଭୁବନେଶ୍ୱର, ୧୩।୧୧(ସମିସ): ଓଡ଼ିଶା ସିନେକ୍ରିଟିକ ଆସୋସିଏସନ, ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆସନ୍ତା ୧୭ ତାରିଖ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧ ଦିବସ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ପୁରସ୍କାର ପ୍ରଦାନ ଏବଂ ସଙ୍ଗୀତଭିତ୍ତିକ ‘ସ୍ମୃତି ତୁମେ ଅକ୍ଷୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ଚନ୍ଦ୍ର ଶେଖର ହୋତାଙ୍କୁ ‘ଅକ୍ଷୟ ସାହିତ୍ୟ ସମ୍ମାନ’ ଓ ପ୍ରଖ୍ୟାତ ସଙ୍ଗୀତଜ୍ଞ ପ୍ରେମାନନ୍ଦଙ୍କୁ ‘ଅକ୍ଷୟ ସଙ୍ଗୀତ ସମ୍ମାନ’ ପ୍ରଦାନ କରାଯିବ। ଏହି ଅବସରରେ ଚିରସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଗୀତଗୁଡ଼ିକୁ ନେଇ ଅକ୍ଷୟ ସଙ୍ଗୀତ ସନ୍ଧ୍ୟା ‘ସ୍ମୃତି ତୁମେ ଅକ୍ଷୟ-୨୦୨୫’ ପରିବେଷଣ କରିବେ ସୌରଭ ନାୟକ, ବିଚିତ୍ରାନନ୍ଦ ଦେଓ, ଶୁଭେନ୍ଦ୍ର ନାୟକ, ସିଦ୍ଧାନ୍ତ ଶତପଥୀ, ସୁଧାଂଶୁ ଜେନା, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର ପ୍ରମୁଖ କଣ୍ଠଶିଳ୍ପୀ। ସେହିପରି ଏକକ ଭାଓଲିନ୍ ବାଦନ କରିବେ ରାକେଶ ବିଶ୍ୱାଳ। କାର୍ଯ୍ୟକ୍ରମକୁ ସଂଯୁକ୍ତା ଦାସ ଓ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିବେ ବୋଲି ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲ୍ଲୀପ ହାଲି, ସଭାପତି ପ୍ରଦୋଷ ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ପଟେଲଙ୍କ ୧୫୦ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା

ବାଲିଅନ୍ତା, ୧୩।୧୧(ସମିସ): ବାଲିଅନ୍ତା ବ୍ଲକ ଅଞ୍ଚଳରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏକ ସାମୂହିକ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ସ୍ଥାନୀୟ ବ୍ଲକ, ପ୍ରଶାସନ ମିଳିତ ସହଯୋଗରେ ପୂର୍ବାହ୍ନରେ ଜୟଦେବ ପୀଠ ନିକଟସ୍ଥ ଖେଳପଡ଼ିଆରୁ ପଦଯାତ୍ରା ବାହାରିଥିଲା। ପଦଯାତ୍ରା ଆପଟସାହି ଛକ ଦେଇ ପ୍ରତାପରୁଦ୍ରପୁର ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ଏନେଇ ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ଜୟଦେବ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ଭୋଇ, ସମିତି ସଭ୍ୟ ଭାବଗ୍ରାହୀ ଗୋଚ୍ଛାୟତ, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଜିଲ୍ଲା ସଂଯୋଜକ ସଞ୍ଜୟ ତ୍ରିପାଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଭିଙ୍ଗାରପୁର ମଣ୍ଡଳ ସଭାପତି ସୋମ୍ୟରଞ୍ଜନ ଦାଶ, ବାଲିପାଟଣା ମଣ୍ଡଳ ସଭାପତି ଗିରିଶ୍ ପ୍ରଧାନ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଉଭୟ ସ୍ଥାନରେ ଭକ୍ତି ସଙ୍ଗୀତ, ଓଡ଼ିଶୀ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଅନ୍ୟାନ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏନେଇ ଅତିଥିମାନେ ବିଶ୍ୱ କବି ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଖେଳପଡ଼ିଆରେ ଆୟୋଜିତ ସଭାରେ ଉପରୋକ୍ତ ଅତିଥିବୃନ୍ଦ ଲେ?ହମାନବଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ଅଞ୍ଜଳି ଦ୍ୱିତୀୟ ସନ୍ଧ୍ୟାରେ ‘ମିଥିକା ଲ୍ୟାଣ୍ଡ’



ଭୁବନେଶ୍ୱର, ୧୩।୧୧ (ସମିସ): ଆନ୍ତର୍ଜାତିକ ଶିଶୁ ମହୋତ୍ସବ ଅଞ୍ଜଳିର ୨୫ତମ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ‘ମିଥିକା ଲ୍ୟାଣ୍ଡ’। ଯେଉଁଥିରେ ଭାରତୀୟ ପୌରାଣିକ କଥାବସ୍ତୁକୁ ଭିନ୍ନ ଢ଼ଙ୍ଗରେ ଉପସ୍ଥାପିତ କରାଯାଇଛି। ମଞ୍ଚ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ଏଚ୍ଏଚ୍ ପରମହଂସ ପ୍ରଜ୍ଞାନନ୍ଦ ଜୀ ମହାରାଜ, ସ୍ୱାଭିମାନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ସାମାଜିକ କର୍ମୀ ସ୍ୱାଧୀନ ଖଟୁଆ, ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ଡେପୁଟି ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଡା. ପଦ୍ମା ମହାନ୍ତି, ସ୍ୱାମୀ ଶୁଦ୍ଧାନନ୍ଦ ଗିରି ଜୀ, ଓଡ଼ିଶୀ ନୃତ୍ୟ ଶୀଳ୍ପି ପଦ୍ମଶ୍ରୀ ଅରୁଣା ମହାନ୍ତି ଉପସ୍ଥିତ ରହିଥିଲେ। ଅଞ୍ଜଳି ବୀରତ୍ୱ ପୁରସ୍କାର (ଏକ ଲକ୍ଷ ଟଙ୍କା) ସ୍ପାଇନାଲ ଇଞ୍ଜୁରି ସହ ଜୀବନଯୁଦ୍ଧ ଲଢୁଥିବା ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବି ଖେଳାଳି ଗୌତମ ସିଂହଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ପୁସ୍ତକ ‘ଅନ୍‌ବ୍ରୋକେନ୍: ୧୦୧ ଷ୍ଟୋରୀଜ୍ ଅଫ୍ ଡିଜେବଲ୍‌ଡ୍ ଲିଡର୍ସ’ଉନ୍ମୋଚିତ ହୋଇଛି।

## ଡିସେମ୍ବର ୨୩ ରୁ ‘ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବ’



ଭୁବନେଶ୍ୱର, ୧୩।୧୧(ସମିସ): ଆସନ୍ତା ଡିସେମ୍ବର ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଆୟୋଜିତ ହେବ ‘ଓଡ଼ିଶା ପାରମ୍ପରିକ ଖାଦ୍ୟ ମହୋତ୍ସବ-୨୦୨୫’। ବିଶ୍ୱ ଓଡ଼ିଆ ପରିବାର ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ପାରମ୍ପରିକ ପରିବେଷଣ କଳା, ଚିତ୍ରକଳା ଓ ସମ୍ମାନ ମାଧ୍ୟମରେ ଓଡିଆ ଖାଦ୍ୟ ପରମ୍ପରାର ବିଶେଷତ୍ୱକୁ ପ୍ରଦର୍ଶନ କରାଯିବ। ଏନେଇ ଗୁରୁବାର ବିଶ୍ୱବିଦ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟ ଏଥିରେ ପ୍ରତ୍ୟକ୍ଷ ଭାବେ ଭାଗ ନେବେ। ମହୋତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି କୁଳସଚିବ ଅନାମିକା ଅଧିକାରୀ ସୂଚନା ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ମେଳାରେ ୭୨ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ



ଧଉଳି, ୧୩।୧୧(ସମିସ): ଭୁବନେଶ୍ୱର ବ୍ଲକ ଶିଶୁପାଳଗଡ଼ ଗଙ୍ଗୋତ୍ରୀନଗରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୬ ତମ ବିଜ୍ଞାନ ମେଳା ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିମଳ ଚନ୍ଦ୍ର ପରମଗୁରୁ, ରବୀନ୍ଦ୍ର କୁମାର ତ୍ରିପାଠୀ ଯୋଗଦେଇ ଏହି ମେଳାକୁ ଉଦଘାଟନ କରିଥିଲେ। ପରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶାନ୍ତିଲତା ତ୍ରିପାଠୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ବିଜ୍ଞାନ ସମ୍ବନ୍ଧୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିରେ ମୋଟ ୭୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଯେଉଁଥିରେ ବରିଷ୍ଠ ବିଭାଗର ୨୨ ଏବଂ କନିଷ୍ଠ ବିଭାଗର ୫୦ ଜଣ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ। ଏହି ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର କୃଷ୍ଣ ପ୍ରସାଦ ନାୟକ, ଯଜ୍ଞେଶ୍ୱର ମିଶ୍ର ସମେତ ସନ୍ତୋଷ, ପ୍ରତିମା, ସସ୍ମିତା, ସୁଚିତ୍ରା, ପୁଷ୍ପାଞ୍ଜଳି, ମଧୁସ୍ମିତା, ଚିନ୍ମୟୀ, ସନ୍ଧ୍ୟାରାଣୀ, ସୁମିତ୍ରା ଆଦି ଗୁରୁଜୀ ଗୁରୁମାମାନେ ସହଯୋଗ କରିଥିଲେ।

## ‘ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା’ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୧୧(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଆଜିର ସୃଜନୀର ମିଳିତ ଆନୁକୂଲ୍ୟରେ ଗୁରୁବାର ରାଜ୍ୟ ସଂଗ୍ରହାଳୟରେ ‘ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଜିର ସୃଜନୀର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ଡିପି ଚୌଧୁରୀ, ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଡ. ଡିବି ଗଡ଼ନାୟକ, ଡ. ସୁନୀଲ କୁମାର ପଟ୍ଟନାୟକ, ସଂଗ୍ରହାଳୟର ଅଧିକ୍ଷକ ଡ. ଭାରତୀ ପାଲ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଏହି ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଲିଭାଙ୍କ ସଂଯୋଜନା କରିଥିଲେ।

ପ୍ରତିଭା ସମ୍ମାନ ଉତ୍ସବ

## ଡଃ କୁଳମଣି ନାୟକଙ୍କୁ ଭାଷା ରତ୍ନ ପୁରସ୍କାର

ଭୁବନେଶ୍ୱର, ୧୩।୧୧(ସମିସ): ପ୍ରତିଭା ସମ୍ମାନ ଓଡ଼ିଶା ପକ୍ଷରୁ ଆୟୋଜିତ ଦ୍ୱିତୀୟ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ତାଙ୍କ ସହିତ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମେନ ପବିତ୍ର ରାଉତରାୟ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସଂଯୋଜିକା ତଥା ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟର ଅପର୍ଣ୍ଣା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡଃ କୁଳମଣି ନାୟକଙ୍କୁ ଭାଷା ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ପ୍ରମୋଦ କୁମାର ଦେବ ସଭା ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ନାଟକ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପୁରୀ ପକ୍ଷରୁ ନାଟକ ମଞ୍ଚମାୟା ମଞ୍ଚସ୍ଥ ହୋଇଥିଲା। ପ୍ରତିଭା ନାଟ୍ୟ ପରିଷଦ ର ସଭାପତି ଦିପ୍ତିରଜନ ଦାସ ନାଟକ ମହୋତ୍ସବ କୁ ପରିଚାଳନା କରିଥିଲେ।




ସୂଚନାଯୋଗ୍ୟ ଯେ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ୩ ଦିନ ପାଇଁ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସଙ୍ଗଠନର ସଭାପତି ତଥା ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର, ପୂର୍ବତନ କୂଳପପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉପସଭାପତି ଡଃ କୁମରବର ଦାସ ପ୍ରତିଭା ନାଟ୍ୟ ପରିଷଦର ସଭାପତି ଦୀପ୍ତି ରଞ୍ଜନ ଦାସ, ସିନେମା କଳାକାର ସ୍ୱର୍ଗତ ଅଜିତ୍ ଦାସଙ୍କ ପତ୍ନୀ ଡଃ ମାୟାଦାସ, ବିଶିଷ୍ଟ ନାଟ୍ୟକାର ଫକୀର ସିଂ, ମିହିର କୁମାର ମେହର ଓ ଅବିନାଶ ଦଣ୍ଡପାଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ପାଞ୍ଚଜଣ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ରତ୍ନ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା।

## ଅଦାଲତଙ୍କ ନିର୍ଦ୍ଦେଶ ପରେ

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ତତ୍ପର

ସାଲେପୁର,୧୩।୧୧(ସମିସ): ସର୍ବସାଧାରଣ ରାସ୍ତା ଓ ସରକାରୀ ଗୋଚର ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କରିବା ସହ ଜଣେ ପରିବାର ଲୋକଙ୍କୁ ଘରୁ ରାସ୍ତାକୁ ବାହାର କରିବା ପାଇଁ ବାଧକ ସୃଷ୍ଟି କରୁଥିବା ଜବରଦଖଲକାରୀଙ୍କ ବିରୁଦ୍ଧରେ

**୭ ଦିନରେ ସରକାରୀ ଜମି ଜବରଦଖଲମୁକ୍ତ ହେବ**

ଆଜି ତହସିଲ ପ୍ରଶାସନ ପକ୍ଷରୁ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିବାବେଳେ ଜବରଦଖଲକାରୀ ୭ଦିନ ମଧ୍ୟରେ ସରକାରୀ ଗୋଚର ଜାଗା ଓ ସର୍ବସାଧାରଣ ରାସ୍ତାକୁ ଜବରଦଖଲମୁକ୍ତ କରିବେ ବୋଲି ଲିଖିତ ସମୟ ନେବା ପରେ ତହସିଲ



ପ୍ରଶାସନ ପକ୍ଷରୁ କେବଳ ପ୍ରାଚୀରଟିକୁ ଭଙ୍ଗାଯାଇ ଉଚ୍ଛେଦ କାର୍ଯ୍ୟକୁ ୭ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ତହସିଲ ଅନ୍ତର୍ଗତ ବାଲିସାହି ମୌଜାର କଲେଜରୋଡ୍ ପାର୍ଶ୍ୱରେ ସୟଦ ଇଥେସାମ୍ ନାୱେଦଙ୍କ ପ୍ଲଟ୍ ନଂ-୧୩୩୫କୁ ଲାଗିଥିବା ସରକାରୀ ଗୋଚର ଜମି ପ୍ଲଟ୍ ନଂ-୨୧୦୯ରେ ପାଚେରୀ ନିର୍ମାଣ କରିବା ଓ ବେଆଇନ୍ ଗୃହ ନିର୍ମାଣ କରିଥିବାରୁ ଏହି ଜାଗାର ପଛପଟେ ଥିବା ଡଃ ତରୁଲତା ଦେବୀଙ୍କ ପରିବାର ଲୋକେ ଘରୁ ପଦାକୁ ବାହାରିପାରୁନାହାଁନ୍ତି। ଅନ୍ୟ ଜଣେ ବ୍ୟକ୍ତିଙ୍କ ଜାଗାରେ ଯାତାୟତ କରିବାକୁ ବାଧ ହେଉଛନ୍ତି। ଫଳରେ ଡଃ ତରୁଲତା ଦେବୀଙ୍କ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଡଃ ତରୁଲତା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପରେ କୋର୍ଟର ନିର୍ଦ୍ଦେଶକ୍ରମେ ଆଜି ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ଗୋଚର ଜମି ଓ ସରକାରୀ ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଯାଇଥିବାବେଳେ ଜବରଦଖଲକାରୀ ଘଟଣାସ୍ଥଳରେ ପହଞ୍ଚି ସରକାରୀ ଜାଗାକୁ ଜବରଦଖଲ କରି ରଖିଥିବା ମାନିବା ସହ ୭ଦିନ ମଧ୍ୟରେ ସରକାରୀ ଜାଗାରୁ ସଂପୂର୍ଣ୍ଣ ଜବରଦଖଲମୁକ୍ତ କରିବା ପାଇଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବାରୁ ତହସିଲଦାରଙ୍କ ପକ୍ଷରୁ ଖାଲି ପାଚେରୀଟିକୁ ଭାଙ୍ଗି ଦିଆଯାଇଥିବାବେଳେ ୭ ଦିନ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖିଛନ୍ତି। ୭ଦିନ ମଧ୍ୟରେ ଯଦି ଜବରଦଖଲକାରୀ ସରକାରୀ ଜମିରୁ ଜବରଦଖଲ ମୁକ୍ତ ନ କରନ୍ତି, ତେବେ ପ୍ରଶାସନ ପକ୍ଷରୁ ଜବରଦଖଲ ମୁକ୍ତ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ମହଙ୍ଗା ପଡ଼ିଲା ପୁଲିସର ଦବଙ୍ଗଗିରି

# ଯୁବକଙ୍କୁ ମାଡ଼ମାରି ନିଲମ୍ବିତ ହେଲେ ଫାଣ୍ଡି ଅଧିକାରୀ

ଭଦ୍ରେଶ୍ୱର,୧୩।୧୧(ସମିସ): ମାହାଙ୍ଗା ଥାନା କୁମୁଡା-ଜୟପୁର ଫାଣ୍ଡି ଅଧିକାରୀଙ୍କ ଦବଙ୍ଗଗିରି ମହଙ୍ଗା ପଡିଛି। ଜଣେ ଯୁବକଙ୍କୁ ମାଡ ମାରିବା ଅଭିଯୋଗରେ ଫାଣ୍ଡି ଅଧିକାରୀ ନିଲମ୍ବିତ ହୋଇଛନ୍ତି। ମାହାଙ୍ଗା ଥାନା କୁମୁଡା-ଜୟପୁର ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ସମସରପୁର ପ୍ରଧାନ ସାହିର ଦେବବ୍ରତ ପ୍ରଧାନଙ୍କୁ ଗତ ୧୦ ତାରିଖ ରାତି ଅଧରେ ଘରୁ ଡାକି ନେଇ ଅମାନୁଷିକ ଭାବେ ମାଡ ମାରି ଲହୁଲୁହାଣ କରିଥିଲେ। ଏନେଇ ଡିଜିଙ୍କୁ ବୁଧବାର ଦିନ ଦେବବ୍ରତ ଅଭିଯୋଗ କରିବା ପରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲାଙ୍କୁ ଡିଜି ଅବଗତ କରାଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ କଟକ ହେଡକ୍ୱାର୍ଟରରୁ ଡିଏସପି ଅର୍ଚ୍ଚନା ଦେବୀ ଫାଣ୍ଡିରେ ପହଞ୍ଚି ଯୁବକଙ୍କୁ ମାଡ ମାରିଥିବା ଅଭିଯୋଗର ତଦନ୍ତ କରିଥିଲେ। ଏଠାରେ ସୂଚନା ଥାଉକି ୮ବର୍ଷ ତଳେ ଦେବବ୍ରତଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ତାଙ୍କ ମାଆ କେଉଁ ଆଡେ ପଳାଇଯାଇଛନ୍ତି। ଦେବବ୍ରତ ତାଙ୍କ ବିଧବା ବୁଢୀ ଆଇ ମା' ସହ ଘରେ ରହୁଛନ୍ତି। ଘର ଚଳାଇବା ନିମନ୍ତେ ଦେବବ୍ରତ ଏକ ଜଳଖିଆ ଦୋକାନରେ କାମ କରନ୍ତି। ତାଙ୍କ ବଡ଼ବାପା ବାଇନ ପ୍ରଧାନ ଘର ବାହାରେ ରହୁଥିଲା ବେଳେ ତାଙ୍କ ପରିବାର ପକ୍ଷରୁ ଦେବବ୍ରତଙ୍କ ଘରକୁ ଲଗାଇ ଏକ ପାଇଖାନା ନିର୍ମାଣ କରାଯାଉଥିଲା। ଏ ନେଇ ଗତ ୧୦ ତାରିଖ ରାତିରେ ଦେବବ୍ରତ ତାଙ୍କ ବଡ ବୋଉକୁ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ଫଳରେ ଏହି ଘଟଣାକୁ ନେଇ ଝଗଡା ସୃଷ୍ଟି ହୋଇଥିଲା। ଏହାର କିଛି ସମୟ ପରେ ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ସଦଳବଳେ ଆସି ଦେବବ୍ରତଙ୍କୁ ଘରୁ ବାହାରକୁ ଆସିବା ନିମନ୍ତେ ଡାକିଥିଲେ। ଦେବବ୍ରତ ଘରୁ ବାହାରିବା କ୍ଷଣି ଫାଣ୍ଡି ଅଧିକାରୀ କିଛି ପଚରାଉଚରା ନ କରି ତାଙ୍କ ଗାଡିରୁ ଏକ ବାଡି ଆଣି ଦେବବ୍ରତଙ୍କୁ ମାଡ ମାରିବା ସହ ମୁହଁକୁ ଚାପୁଡା ଓ ମୁଥ ମାରିଥିଲେ। ଏପରିକି ବଡ ବୋଉଙ୍କୁ କିଛି ନ କହିବାକୁ ତାଗିଦ କରିବା ସହ ତାଙ୍କୁ ଗାଡିରେ ବସାଇ ନେଇଯାଇଥିଲେ। ଫାଣ୍ଡି ଅଧିକାରୀ ଦେବବ୍ରତଙ୍କଠାରୁ ଏକ ମୋବାଇଲ ଓ ପକେଟରୁ ୭ଶହ ଟଙ୍କା ନେଇଯାଇଥିଲେ। ତା'ପରଦିନ ଦେବବ୍ରତଙ୍କୁ ମୋବାଇଲ ଫେରାଇଥିଲେ ମଧ୍ୟ ଟଙ୍କା ଫେରାଇ ନ ଥିଲେ। ଏ ସମ୍ପର୍କରେ ଦେବବ୍ରତ ବୁଧବାର ଦିନ ପୁଲିସ ଡିଜିଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି କଟକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତାଙ୍କ ଚିଠି ନଂ ୨୯୮୮/୨୫ ତା ୧୩-୧୧-୨୦୨୫ ଅନୁଯାୟୀ ଏସଆଇ ମନୋଜଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବାର ଜଣାଯାଇଛି।

# ଦୁର୍ଘଟଣାରେ ନାବାଳକ ମୃତ

ବଡମ୍ବା,୧୩।୧୧(ସମିସ): କଟକ-ନରସିଂହପୁର ମୁଖ୍ୟରାସ୍ତା ୬୫ ନମ୍ବର ଜାତୀୟ ରାଜପଥ ଡମଣଗାଡ଼ିଆ ଛକ ନିକଟରେ ବୁଧବାର ସନ୍ଧ୍ୟା ସମୟରେ ଏକ ବାଇକ ଏବଂ ବୁଲେଟ



ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଆଜି ବଡମ୍ବା ଅଭିମାନପୁରର ଶଶିକାନ୍ତ ରଣାଙ୍କ (୫) ବର୍ଷର ପୁଅ ଶୁଭମ ରଣାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତକାଲି ବଡମ୍ବା ଅଭିମାନପୁରର ଶଶିକାନ୍ତ ରଣା ଏବଂ ପୁଅ ଶୁଭମ ରଣା ବାପାଙ୍କ ସହିତ ନରସିଂହପୁର ଛାଡଖାଇ ବୁଲି କାନପୁରରେ କାମ ସାରି ଘରକୁ ଫେରିଲା ବେଳେ ଏକ ବୁଲେଟ ମଟର ସାଇକଲରେ ଡମଣଗାଡ଼ିଆ ପାଖ ରାସ୍ତାରେ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ନିକଟସ୍ଥ ବଡମ୍ବା ଡାକ୍ତରଖାନା, ପରେ ୫ ବର୍ଷର ପୁଅ ଶୁଭମ ରଣାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନକୁ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି।

# ବାଇକ୍‌କୁ ଧକ୍କାଦେଲା ବସ୍; ବର୍ତ୍ତିଲେ ୩ ଆରୋହୀ

ସାଲେପୁର,୧୩।୧୧(ସମିସ): ଏକ ଯାତ୍ରୀବାହୀ ବସ୍ ଏକ ମୋଟର ସାଇକଲକୁ ଧକ୍କା ଦେଇ ପ୍ରାୟ ୨୦ମିଟର ଦୂରକୁ ଘୋଷାଡ଼ି ନେଇଥିଲେ ମଧ୍ୟ ମୋଟର ସାଇକଲରେ ବସିଥିବା ୩ ଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁବାର ଦିନ ପ୍ରାୟ ୨ଟାରେ କଟକ ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ମା'ଲକ୍ଷ୍ମୀ ନାମକ ଏକ ଯାତ୍ରୀବାହୀ ବସ୍ ନାନ୍ଦୋଳଗଡ଼ା ନିକଟରେ ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ୍ ପକାଇ ମୋଟର ସାଇକଲରେ ରାସ୍ତାର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଉଥିବା ସାଲେପୁର ବ୍ଲକ୍ ରାମକୃଷ୍ଣପୁର ଗ୍ରାମର ନିରଞ୍ଜନ ବେହେରା, ମହାସିଂହପୁର ଗ୍ରାମର ମହମ୍ମଦ ଅନୱର ଏବଂ ଅନ୍ୟ ଜଣେ ଯୁବକଙ୍କୁ ବସ୍‌ଟି ଧକ୍କା ଦେଇଥିବାବେଳେ ୨ଜଣଙ୍କର ଗୋଡ଼ରେ ଗୁରୁତର କ୍ଷତ ହୋଇଥିଲା। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ। ସେହିପରି ମୋଟର ସାଇକଲଟି ସଂପୂର୍ଣ୍ଣ ଭାଙ୍ଗିରୁଜି ବସ୍ ତଳେ ରହିଯାଇଥଲା। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

# ୩ ବର୍ଷ ହେଲା ଅନ୍ଧାରରେ ପରିବାର

## ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭଦ୍ରେଶ୍ୱର,୧୩।୧୧(ସମିସ): ମାହାଙ୍ଗା ବ୍ଲକ କୋଠପଦା ବିଦ୍ୟୁତ ଅଫିସ ସମ୍ମୁଖରେ ଧାରଣାରେ ବସିଲେ ଏକ ପରିବାର। ଦୀର୍ଘ ୩ ବର୍ଷ ହେଲା ବିନା ବିଦ୍ୟୁତ ସଂଯୋଗରେ ଏହି ପରିବାର ଅନ୍ଧକାରରେ ରହୁଥିବାର ଅଭିଯୋଗ ହୋଇଛି। କେବଳ ମହମବତୀ ଆଲୋକରେ



ପରିବାରର ପିଲାମାନେ ପାଠ ପଢୁଥିବାର ଅଭିଯୋଗ ହୋଇଛି। କୁଣ୍ଡି ପଞ୍ଚାୟତର ମୀନତି ବେହେରା ଦୀର୍ଘ ୨୦ ବର୍ଷ ତଳେ ନିଜ ଘରକୁ ବିଦ୍ୟୁତ ସଂଯୋଗ ଆଣିଥିଲେ। ଅଚାନକ ୩ ବର୍ଷ ତଳେ ଝଡ ବର୍ଷା ହେତୁ ବିଦ୍ୟୁତ ଖୁଣ୍ଟରୁ ତାରଟି ଛିଣ୍ଡି ଯାଇଥିଲା। ଏ ସମ୍ପର୍କରେ ମୀନତି ବିଦ୍ୟୁତ ବିଭାଗକୁ ଜଣାଇଥିଲେ। ବିଦ୍ୟୁତ ବିଭାଗ ତାଙ୍କୁ କୌଣସି ବିଦ୍ୟୁତ ସଂଯୋଗ ଦେଇ ନ ଥିଲେ। ନ୍ୟାୟ ପାଇବା ନିମନ୍ତେ ମୀନତିଙ୍କ ପରିବାର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ଆରମ୍ଭ କରି ବିଭାଗୀୟ ଉପରିସ୍ଥ ଅଧିକାରୀ ତଥା ମାହାଙ୍ଗା ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଚଳିତ ବର୍ଷ ମୀନତିଙ୍କ ଝିଅ ମାଟ୍ରିକ ପରୀକ୍ଷା ଦେବ। ତାଙ୍କ ଅନ୍ୟ ୩ ଝିଅ ମଧ୍ୟ ପାଠ ପଢୁଛନ୍ତି। ଘରେ ବିଦ୍ୟୁତ ସଂଯୋଗ ନ ଥିବା କାରଣରୁ ତାଙ୍କ ପିଲାମାନେ ମହମବତୀ ଜଳାଇ ପାଠ ପଢୁଛନ୍ତି।

# କାଠ କୋଇଲା ବୋଝେଇ ଗାଡ଼ି ଜବତ

ଆଠଗଡ,୧୩।୧୧(ସମିସ): ଆଠଗଡ ଦେଇ ତିନୋଟି କାଠ କୋଇଲା ବୋଝେଇ ଟାଟା ଏସିଇ ଗାଡ଼ି ଯାଉଥିବା ବେଳେ ସେଥିରୁ ଗୋଟିଏ ଗାଡ଼ିକୁ ଆଠଗଡ଼ ବନବିଭାଗ ଜବତ କରିଛି। ଆଠଗଡ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଆଠଗଡ଼ ମୁଣ୍ଡଳୀ ରାସ୍ତାର ଡାଳଖାଇ ଠାକୁରାଣୀଙ୍କ ନିକଟରେ ଏହି ଗାଡିକୁ ବନବିଭାଗ କର୍ମଚାରୀମାନେ କାବୁ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ଆଠଗଡ ରେଞ୍ଜରେ ଗତ କିଛି ଦିନ ଧରି କାଠ ମାଫିଆଙ୍କଠାରୁ ଆରମ୍ଭ କରି କୁଆଗୋଡି (ଗ୍ରାଭେଲସ) ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ଆଜି କାଠ କୋଇଲା ବୋଝେଇ ଟାଟା ଏସିଇ ନଂ ଓଡି -୦୨-ଏଜେଡ-୯୮୩୭ ଗାଡ଼ିରେ ୩୦ ବସ୍ତା



କାଠ କୋଇଲା ବୋଝେଇ ହୋଇ ଯାଉଥିବା ବେଳେ ରାଜନଗର ସେକ୍ସନ ମେଘା ବିଟର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଏହାକୁ ଜବତ କରିଥିଲେ। ତେବେ, ଆଠଗଡ଼ ରେଞ୍ଜର ସୁଷମା ସାହୁ ଏହାକୁ ଯଥା ସମ୍ଭବ ଗୋପନ ରଖି ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ଗାଡ଼ି ଡ୍ରାଇଭରକୁ ଜାଣିଶୁଣି ଫେରାର କରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ବାବଦରେ ଶ୍ରୀମତୀ ସାହୁ ଘଟଣାକୁ ଏଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ଜବତ କାଠ କୋଇଲାର ଆନୁମାନିକ ବଜାର ମୂଲ୍ୟ ୬୦ ହଜାର ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି।

# ନରସିଂହପୁର ଛାଡ଼ଖାଇ ମହୋତ୍ସବ ଉଦ୍‌ଯାପିତ



ନରସିଂହପୁର,୧୩।୧୧(ସମିସ): ନରସିଂହପୁର ମହୋତ୍ସବ ଛାଡଖାଇ-୨୦୨୫ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଦିନ ୨ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ମଞ୍ଚରେ ପାଲା, ସନ୍ଧ୍ୟାରେ କୁନି କୁନି କଳାକାରମାନେ ନୃତ୍ୟ, ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଆସିଥିବା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଓ ଅନ୍ତରା ଚକ୍ରବର୍ତ୍ତୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଅନୁଷ୍ଠିତ ନୃତ୍ୟ ଓ ସଙ୍ଗୀତକୁ ମନଭରି ଦର୍ଶକ ଉପଭୋଗ କରିଥିଲେ। ସଭାପତି ତଥା ଭାରପ୍ରାପ୍ତ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବଡ଼ମ୍ବା ନରସିଂହପୁର ବିଧାୟକ ବିଜୟକୁମାର ଦଳବେହେରା ମୁଖ୍ୟବକ୍ତା, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସମିତିସଭ୍ୟ ମନୋଜ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରାଉତରାୟ, ଡିଆଇଇଟି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସରପଞ୍ଚ ସୁବାସିନୀ ମିଶ୍ର, ସମାଜସେବୀ ଲଳିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଛାଡଖାଇ ଉତ୍ସବ ପାଳନର ୫୯ ବର୍ଷ ପୂର୍ତ୍ତି ସଂପର୍କରେ ମତ ପ୍ରକାଶ କରିଥିଲେ। ତ୍ରିନାଥ ମେଳାରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଉତ୍ସବ ଜନମାନସରେ ଆଦୃତ ହେବା ସହିତ ଆଜି ଓଡ଼ିଶା କୋଣ ଅନୁକୋଣରେ ନରସିଂହପୁର ମହୋତ୍ସବ ଛାଡଖାଇ ଭାବେ ନିଜର ଖ୍ୟାତି ଅର୍ଜନ କରିଛି। ସମ୍ପାଦକ ତଥା ଭାରପ୍ରାପ୍ତ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସମ୍ପାଦକୀୟ ପାଠ କରିଥିଲେ। ଦେବଦତ୍ତ ମଳୟ ବରାଳ ସଂଯୋଜନା କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଓ ବିଭିନ୍ନ ଦିଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ସମିତିସଭ୍ୟ ମହେଶ୍ୱର ସେଠି ଧନ୍ୟବାଦ ଦେଇଥିଲେ।

# ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

ଟିଗିରିଆ,୧୩।୧୧(ସମିସ): ଟିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତସ୍ଥିତ ସାଇ ମନ୍ଦିରର ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଅପରାହ୍ନରେ ମନ୍ଦିର ପରିସରରେ ଗରିବ, ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଂସ୍ଥାର ସମ୍ପାଦକ ସୁଶୀଲ କୁମାର ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ଦିରର ସ୍ଥାନୀୟ କମିଟିର ସଦସ୍ୟ ଜଗବନ୍ଧୁ ତୁଙ୍ଗ ସାମନ୍ତ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଶିକ୍ଷାବିତ ମମତା ମିଶ୍ର, ଶିକ୍ଷାବିତ ରବି ନାରାୟଣ ପଣ୍ଡା, ଶିକ୍ଷାବିତ ସୁବୋଧ ପଟ୍ଟନାୟକ, ମନୋଜ ଦାଶ, ଟିଗିରିଆ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଲଳିତ ମହାନ୍ତି, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ନିଜିଗଡ଼, ପୁରୁଣା ଟିଗିରିଆ ଓ ପାଞ୍ଚଗାଁ ପଞ୍ଚାୟତରୁ ଆସିଥିବା ଅସହାୟ ଲୋକଙ୍କୁ ସଂସ୍ଥା ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




ଆଠଗଡ,୧୩।୧୧(ସମିସ): ଗୁରୁବାର ଆଠଗଡ ଏନ୍‌ଏସି ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଆଠଗଡ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡା ଛକରୁ ଆରମ୍ଭ ହୋଇ ସହର ମୁଖ୍ୟରାସ୍ତା ଗୋପବନ୍ଧୁ ଛକ, ପୁରୁଣା ବସଷ୍ଟାଣ୍ଡ, ଚାନ୍ଦବାଲି ଛକ ରାଧାଗୋବିନ୍ଦପୁର ହନୁମାନ ମନ୍ଦିରରେ ସମାପ୍ତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ରଥପ୍ରାନ୍ତ ସଭା ମାନ ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଦିଗରେ ବିଫଳତାକୁ ବଖାଣିବା ସହ ସରକାରୀ ବିରୋଧୀ ନାରା ଦେଇଥିଲେ।

## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ୧୨ଟା ପୂର୍ବରୁ ଆଉଟ୍‌ଡୋର ବନ୍ଦ, ରୋଗୀ ହନ୍ତସନ୍ତ

ସାଲେପୁର,୧୩।୧୧(ସମିସ): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ ରୋଗ ପାଇଁ ଆସିଥିବା ରୋଗୀମାନେ ୧୨ଟା ନ ବାଜୁଣୁ ଟିକେଟ୍ କାଉଣ୍ଟର ବନ୍ଦ ଥିବାରୁ ଚିକିତ୍ସା ହୋଇ ନ ପାରି ଫେରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩ଟି ନିର୍ବାଚନମଣ୍ଡଳୀର ଜନସାଧାରଣ ପାଇଁ ଏହା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର। ଦୀର୍ଘ ଦିନ ଧରି ଏଠାରେ ବହୁ ଡାକ୍ତର ପଦ ଖାଲିପଡିଥିବାବେଳେ ଲୋକମାନଙ୍କର ଆନ୍ଦୋଳନ ଓ ଧାରଣା ପରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶାସନ ପକ୍ଷରୁ କିଛି ମାତ୍ରାରେ ଡାକ୍ତର ଯୋଗାଇ ଦିଆଯାଇଛି। ଏଠାରେ ଥିବା ଅନ୍ୟ କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟ କରୁ ନ ଥିବାରୁ ରୋଗୀମାନେ ଡାକ୍ତରଙ୍କୁ ଦେଖାଇ ନ ପାରି ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ଖୋଲା ରହିବା ସହ ଟିକେଟ୍ କାଉଣ୍ଟର ଖୋଲା ରହିବାର ନିୟମ ଥିଲାବେଳେ ଆଜି ଦିନ ପ୍ରାୟ ୧୧.୩୦ମି. ସମୟରେ ଟିକେଟ୍ କାଉଣ୍ଟର ବନ୍ଦ ଥିବାରୁ ବହୁ ଦୂରରୁ ଆସିଥିବା ରୋଗୀମାନେ ଟିକେଟ୍ କରି ନ ପାରିବାରୁ ଡାକ୍ତରଙ୍କୁ ଦେଖାଇ ନ ପାରି ନିରାଶ ହୋଇ ଫେରିଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ କେତେକ ରୋଗୀଙ୍କ ସଂପର୍କୀୟ ବାଲିସାହି ସରପଞ୍ଚ ପବିତ୍ର ସାମଲଙ୍କୁ ଅବଗତ କରାଇଥିଲେ। ପବିତ୍ର ସାମଲ ମେଡ଼ିକାଲରେ ପହଞ୍ଚି ଦେଖିଲାବେଳକୁ ଟିକେଟ୍ କାଉଣ୍ଟର ବନ୍ଦ ଥିବାବେଳେ କେହି କର୍ମଚାରୀ ନ ଥିବାରୁ ସେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# କଣି ଗ୍ରାମରେ ବାର୍ଷିକ ନାଟ୍ୟ ଉତ୍ସବ

ଟାଙ୍ଗୀ,୧୩।୧୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ କଣି ଗ୍ରାମରେ ୫୧ତମ ବାର୍ଷିକ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟ ଜାଡୁଆ ଡ୍ରାମାଟ୍ରିକ୍ କ୍ଲବ ଆନୁକୂଲ୍ୟରେ ଓ ଟେଟ୍ରାହେଡ୍ରନ୍ ଗ୍ରୁପ ସହାୟତାରେ ଆୟୋଜିତ ଉକ୍ତ ଦୁଇ ଦିବସୀୟ ଉତ୍ସବକୁ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ପଞ୍ଚାନନ ଶତପଥୀ ଓ ସାମାଜିକ କର୍ମୀ ଅମୂଲ୍ୟ ବେଉରା ଯୋଗଦେଇ କଳାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାକ୍ତନ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତଃ ଶେଷଦେବ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ପୂର୍ବକ ସ୍ୱର୍ଗତ ଆତ୍ମାର ସଦଗତି କାମନା କରାଯାଇଥିଲା। ଅନ୍ୟପକ୍ଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଧୁଳେନ୍ଦ୍ର ଦଳେଇ, ଅଭିରାମ କର, ଜଗନ୍ନାଥ କର, ନିତ୍ୟାନନ୍ଦ ବେହେରା, ସାମାଜିକ କର୍ମୀ ଶ୍ରୀ ବେଉରା ଓ ସାଂସଦ ପ୍ରତିନିଧି ଶ୍ରୀ ସ୍ୱାଇଁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ଉଦ୍ଧବ ଚରଣ ଦାସ ଚଳିତ ବର୍ଷ ନାଟ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବାବେଳେ କ୍ରିଷ୍ଣା ସାରଙ୍କ ନିର୍ଦ୍ଦେଶନାରେ "ଏଇ ମନ କାଶୀ ବୃନ୍ଦାବନ' ନାଟକ ମଞ୍ଚସ୍ଥ ହୋଇଥିଲା।



## ନିଆଳିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ପୁରୁଣା ଗୃହରେ ରଙ୍ଗ ମାରି ପୁଣି ଥରେ ଉଦ୍‌ଘାଟନ

ନିଆଳି,୧୩।୧୧(ସମିସ): ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଗୁରୁବାର ନିଆଳି ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀ ଚିକିତ୍ସାଳୟ ପରିସରରେ ଗତ ବର୍ଷେ

**ଏକ ବର୍ଷହେବ ସେହି ଗୃହରେ ଚାଲିଛି ଚିକିତ୍ସାଳୟ**

ତଳୁ ବ୍ୟବହାର ହେଉଥିବା ଏକ ପ୍ରାଣୀ ଚିକିତ୍ସାଳୟ ଗୃହକୁ ରଙ୍ଗ ବଦଳାଇ ଏହାର ଶୁଭ ଉଦ୍‌ଘାଟନ କରାଯାଇଥିବା ଘଟଣା ସାଧାରଣରେ ଆଲୋଚନର ବିଷୟ ବସ୍ତୁ ପାଲଟିଛି। ବିଜେଡି ସରକାର ସମୟରେ ୬୦ ଲକ୍ଷ ବ୍ୟୟ ଅଟକଳରେ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କରାଯାଇ ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ପରେ ଏକ ବର୍ଷ ପୂର୍ବରୁ ତତ୍‌କାଳୀନ ବ୍ଲକ




ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ବେହୁରା ଗତ ୨୦୨୪ ଅକ୍ଟୋବର ମାସରେ ଉକ୍ତ ଗୃହ ପ୍ରବେଶ କରି ସେବେଠାରୁ ସେଠାରେ ଚିକିତ୍ସାସେବା ଯୋଗାଇ ଦେଇ ଆସୁଥିଲେ। ପରେ ନଭେମ୍ବର ମାସରେ ଡାକ୍ତର ମୃତ୍ୟୁଞ୍ଜୟ ବେହୁରାଙ୍କ ବଦଳି ପରେ ନିଆଳି ପ୍ରାଣୀ ଚିକିତ୍ସାଧିକାରୀ ଭାବେ ଡାକ୍ତର ସୌମ୍ୟରଞ୍ଜନ ଖଟୁଆ ଯୋଗଦେଇଥିବା ବେଳେ ସେ ମଧ୍ୟ ସେବେଠାରୁ ଆଦ୍ୟାବଧି ଉକ୍ତ ଗୃହରେ କାର୍ଯ୍ୟ କରୁଛନ୍ତି। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ଗୃହ ରଙ୍ଗ ସରିଥିଲେ ମଧ୍ୟ ଗତ କିଛି ଦିନ ତଳେ ତରବରିଆ ଭାବେ ସେହି ଗୃହକୁ ପୁଣି ଥରେ ଗେରୁଆ ରଙ୍ଗ କରାଯାଇ ଆଜି ମେଳା ଅବସରରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ନଡିଆ ବାଡେଇ ଫିତା କାଟି ଫଳକ ଉଦ୍‌ଘାଟନ କରିଥିବା ଘଟଣାକୁ ସାଧାରଣରେ ସମାଲୋଚନା କରାଯାଇଛି। ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ବିଧାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ନିଆଳି ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ମୁଖ୍ୟ ବକ୍ତାଭାବେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସତ୍ୟବ୍ରତ ରାଉତ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅଭିମନ୍ୟୁ ସାହୁ, ନିଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ ଯୋଗଦେଇ ନିଆଳି ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି କେତେକ ଚାଷୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶେଷରେ ବ୍ଲକ କଳା ସଂସ୍କୃତି ସଂଘ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସକାଳ THE SAKALA



# ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା, ଚାଳକ ଗୁରୁତର

**ଦେବଗଡ଼, ୧୩।୧୧ (ସମିସ):** ବାର୍କୋଟ ବ୍ଲକ ମୁଖ୍ୟାଳୟ ୪୯ ନମ୍ବର ଜାତୀୟ ରାଜପଥରେ ଗୁରୁବାର ହାଇୱା-ଟ୍ରକ ଓ ବୋଲେରୋ ମଧ୍ୟରେ ସିରିଜ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଚାଳକ ସମ୍ବଲପୁର ଜିଲ୍ଲାର ଜମନକିରା ଅଞ୍ଚଳର ହୃଷିକେଶ ବରିହା ବୋଲି ସୂଚନା ରହିଛି। ଅନ୍ୟ ୨ ଗାଡିର କାହାରି କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ପ୍ରକାଶ ଯେ, ବାହାଡିପଶି ପଟୁ ଏକ ହାଇୱା ବାରକୋଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ୪୯ ନମ୍ବର ଜାତୀୟ ରାଜପଥର ବାରକୋଟ ବ୍ଲକ ଛକ ପାରି ହେଉଥିଲା। ସେହି ସମୟରେ ହଠାତ ଜଣେ ସ୍କୁଟି ଆରୋହୀ ରାଜପଥକୁ ଚାଲି ଆସିଥିଲେ। ସ୍କୁଟି ଚାଳକକୁ ବଞ୍ଚାଇବାକୁ ଯାଇ ହାଇୱା ଚାଳକ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହିତ ଧକ୍କା ହୋଇଥିଲା। ଅନ୍ୟପଟେ ବାରକୋଟ ମେଡିକାଲରୁ ଆସୁଥିବା ଏକ ବୋଲେରୋ ହାଇୱା ଓ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବାରକୋଟ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ଖାଉଟି ଅଦାଲତଙ୍କ ରାୟ

# ୨ ଟଙ୍କା ଅଧିକ ନେଲେ ଗଣିବେ ୨୫ ହଜାର ଓ ୫ ହଜାର ମାମଲା ଖର୍ଚ୍ଚ

**ଝାରସୁଗୁଡ଼ା, ୧୩।୧୧(ସମିସ)**

ଗ୍ରାହକଙ୍କ ଠାରୁ ୨ ଟଙ୍କା ଅଧିକ ନେଇଥିଲେ ଏବେ କ୍ଷତିପୂରଣ ୨୫ ହଜାର ଟଙ୍କା ଗଣିବା ସହିତ ମାମଲା ପାଇଁ ଗ୍ରାହକଙ୍କ ଓକିଲ ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ମଧ୍ୟ ପ୍ରଦାନ କରିବେ। ଏହାସହ ଅଧିକ ନେଇଥିବା ୨ ଟଙ୍କା ଫେରସ୍ତ କରିବେ। ଝାରସୁଗୁଡ଼ା ଜିଲ୍ଲା ଖାଉଟି ଅଦାଲତ ଏକ ମାସ ମଧ୍ୟରେ ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଝାରସୁଗୁଡ଼ା ସ୍ଥିତ ଉଜ୍ୱଳ ବାଜାଜକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମଇ ମାସ ୭ ତାରିଖରେ ଗ୍ରାହକ ନେତ୍ରାନନ୍ଦ ସାହୁ ନିଜ ବାଇକର ଏକ୍ସିଲେଟର ତାର କିଣିବା ପାଇଁ ଉଜ୍ୱଳ ବାଜାଜକୁ ଯାଇଥିଲେ। ଏକ୍ସିଲେଟରରେ ତାରର ଏମଆରପି ୧୫୮ ଟଙ୍କା ରହିଥିବା ବେଳେ ନେତ୍ରାନନ୍ଦଙ୍କ ଠାରୁ ୨ ଟଙ୍କା ଅଧିକ ୧୬୦ ଟଙ୍କା




ନିଆଯାଇଥିଲା। ଏହାକୁ ବିରୋଧ କରି ନେତ୍ରାନନ୍ଦ ଜିଲ୍ଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତର ସଭାପତି ଜାଗିଷା ମିଶ୍ର ଏବଂ ସଦସ୍ୟ ଅଞ୍ଜୁ ଅଗ୍ରୱାଲ ଏହି ମାମଲାର ବିଚାର କରି ଉଜ୍ୱଳ ବଜାଜ୍‌କୁ ଦଣ୍ଡିତ କରିଛନ୍ତି। ୧ ମାସ ମଧ୍ୟରେ ଅଭିଯୋଗକାରୀଙ୍କ ଠାରୁ ନେଇଥିବା ଅତିରିକ୍ତ ୨ ଟଙ୍କା ଫେରସ୍ତ କରିବା, ସେବା ପ୍ରଦାନରେ ତ୍ରୁଟି ଯୋଗୁଁ ୨୫ ହଜାର ଟଙ୍କା କ୍ଷତିପୂରଣ ଓ ମାମଲା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଖାଉଟି ଅଦାଲତ ଉଜ୍ୱଳ ବଜାଜ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ




**ଦେବଗଡ଼, ୧୩।୧୧(ସମିସ):** ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅକ୍ଟୋବର ମାସରେ ଧାର୍ଯ୍ୟ ଥିବା ଭୂରାଜସ୍ୱ, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ସମସ୍ତ ଅନ୍ୟାନ୍ୟ କର ଆଦାୟ କରିବାକୁ ଜିଲ୍ଲାର ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ତିନି ତହସିଲର ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜନଜାତି ଗୌରବ ବର୍ଷ ପକ୍ଷରେ ଜନ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼, ୧୩।୧୧(ସମିସ):** ଧରତି ଆବ୍ୱା ଜନଜାତୀୟ ଗାଁ ଉତ୍କର୍ଷ ଅଭିଯାନର ଆଦି କର୍ମଯୋଗୀ ଅଭିଯାନ ଅଧୀନ ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କଲାମାଟି ଗାଁ ଠାରେ ଜନଜାତୀୟ ଗୌରବ ବର୍ଷ ପଖୱାଡା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ କଲାମାଟି ଆଦି ସେବା କେନ୍ଦ୍ର ଠାରେ ଜନ ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିଯୋଗ ଶୁଣାଣି ହୋଇଥିଲା। ନଭେମ୍ବର ୧ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ଜନଜାତୀୟ ଗୌରବ ବର୍ଷ ପକ୍ଷ ପାଳିତ ହେବ। କଲାମାଟି ଆଦି ସେବା କେନ୍ଦ୍ରରେ ଅଧାରକାର୍ଡ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହେବ। ଶିବିରରେ ୫୦ରୁ ୬୦ ଜନଜାତି ବର୍ଗ ହିତାଧିକାରୀ ଅଂଶଗ୍ରହଣ କରିବେ। ସ୍ୱାସ୍ଥ୍ୟ ଶିବିରରେ ୩୨ ଜଣଙ୍କ ସ୍ୱାସ୍ଥ୍ୟ ଚିକିତ୍ସା, ଅଧାରକାର୍ଡ ଶିବିରରେ ୨୩ ଜଣ ହିତାଧିକାରୀଙ୍କ ଅଧାରକାର୍ଡ ସଂଶୋଧନ କରାଯାଇଥିଲା। ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଧନ ଜମା ଖାତାରେ ୧୨ ଜଣ ହିତାଧିକାରୀଙ୍କ ନୂତନ ଜମାଖାତା ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ତିଲେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉଛବ ଚରଣ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କର୍ମଚାରୀ ବୃନ୍ଦ, ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଧରତି ଆବ୍ୱା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନରେ ଦେବଗଡ଼ ଜିଲ୍ଲାରେ ୫୨ଟି ଜନଜାତି ବହୁଳ ଗାଁରେ ୪୭ଟି ଆଦିସେବା କେନ୍ଦ୍ର ଖୋଲାଯାଇଛି। ଏହି ସେବାକେନ୍ଦ୍ରରେ ପ୍ରତ୍ୟେକ ମାସ ପ୍ରଥମ ଶନିବାର ଏବଂ ତୃତୀୟ ଶନିବାର ମଧ୍ୟାହ୍ନ ୨ ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ସରକାରଙ୍କ ପ୍ରମୁଖ ସେବା ସବୁ ଯୋଗାଇ ଦିଆଯାଉଛି।



# ଗାଁ ଦିବସ ସମ୍ମାନ ସମାରୋହ

**ଅତାବିରା, ୧୩।୧୧(ସମିସ):** ଭାରତର ଆତ୍ମା ହେଉଛି ଗାଁ, ଯାହାର ୭୫ ପ୍ରତିଶତ ଜନବସତି ଗାଁରେ ରହିଛି। ସମ୍ପ୍ରତି ଭୌତିକବାଦୀ ସମାଜରେ ମଣିଷ ସହରାଭିମୁଖୀ ହୋଇ ନିଜର ଅସ୍ତିତ୍ୱ ହରାଇବସୁଛି। ଚାକଚକ୍ୟ ଭରା ସହରାଞ୍ଚଳରେ ମାନବ ସମାଜ ମଣିଷତ୍ୱ ହରାଉଛି। ଗାଁ ପରିବେଶର ସଂସ୍କୃତି, ପରମ୍ପରା, ଭାତୃତ୍ୱଭାବ, ସାମାଜିକ ସମ୍ପର୍କ ସହରରେ ନାହିଁ। ସହରରେ କେବଳ ଅର୍ଥ ପଛରେ ଧାଇଁ ମଣିଷ ନିଜକୁ ଏକ ମେସିନରେ ପରିଣତ କରିଦେଲାଣି। ସହରୀ ମୋହମାୟା ଠାରୁ ବିତୃସ୍ପୃହ କିଛି ଶିକ୍ଷିତ ଲୋକ ପୁଣି ଗାଁର ପ୍ରାକୃତିକ ପରିବେଶକୁ ଆପଣାଇଲେଣି। ସହରାଭିମୁଖୀ ମାନବ ସମାଜ ପୁଣି ନିଜ ମାଟିକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ସଚେତନତା ଅଭିଯାନ ଆରମ୍ଭ କରିଛି 'କଳାକ୍ଷେତ୍ର' ଅନୁଷ୍ଠାନ। ଲାଦରପାଲି ସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ କଳାକ୍ଷେତ୍ର ବରଗଡ଼ ତରଫରୁ ଗାଁ ଦିବସର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ, ମୁଖ୍ୟବକ୍ତା କଳାକ୍ଷେତ୍ରର ଆବାହକ ବାସୁଦେବ ମାଲବିଶୋଇ, ସମ୍ମାନିତ ଅତିଥି ଅନୁଷ୍ଠାନର କନ୍ଧମାଳ ଜିଲ୍ଲା ସଂଯୋଜକ ଅକ୍ଷୟ କର୍ଣ୍ଣ, ବିଜ୍ଞାନ ମହାନ୍ତି ଓ ଅରୁଣ ମେଣ୍ଡଲୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅମୃତ ବାରିକ। ଏହି ଅବସରରେ ଅତାବିରା ବ୍ଲକର କଳାକାର ବିକ୍ରମ କିଶୋର ସାହୁ, ଭଟଲି ବ୍ଲକର କ୍ଷୀରୋଦ୍ର ସାହୁ, ଅମ୍ବାଭୋନା ବ୍ଲକର ରବିଶଙ୍କର ବେହେରା, ଝାରବନ୍ଧ ବ୍ଲକର ଘନଶ୍ୟାମ ନାଗ, ପାଇକମାଲ ବ୍ଲକର ଶୁକଦେବ ବେହୁରା, ପଦ୍ମପୁର ବ୍ଲକର ରାଜ ସାହୁ, ବିଜେପୁର ବ୍ଲକରୁ ଦେବେନ୍ଦ୍ର ଛତ୍ରିଆ, ଗାଇସିଲାଟ ବ୍ଲକରୁ ଇନ୍ଦ୍ରମଣି ବାରିକ ଓ ଗୁରୁଦେବ ସାହୁ, ବରପାଲି ବ୍ଲକର ରମେଶ ଚନ୍ଦ୍ର ପଧାନ, ଭେଡେନ ବ୍ଲକର ସାରଥି ପ୍ରଧାନ ଓ ବରଗଡ଼ ବ୍ଲକର ସମରେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୌମ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭିରେ ଶିଶୁ ମହୋତ୍ସବ ଉଦ୍‌ଘାଟିତ




**ଝାରସୁଗୁଡ଼ା, ୧୩।୧୧(ସମିସ):** ଡିଏଭି ସ୍କୁଲ ପରିସରରେ ତିନି ଦିନିଆ ଶିଶୁ ମହୋତ୍ସବ ତଥା 'ଚିଲଡ୍ରେନ ଫେଷ୍ଟ' ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ମୁଖ୍ୟ ଅତିଥି ଓ ବ୍ରଜରାଜନଗର କଲେଜରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ଖମାରୀ ସମ୍ମାନିତ ଅତିଥି ରୂପେ ଶିଶୁ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଅତିଥି ପରିଚୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବୈଦିକ ହୋମଯଜ୍ଞ ସହିତ ଉଦ୍‌ଘାଟନୀ ଉତ୍ସବର ଶୁଭାରମ୍ଭ କରାଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ସମାଜରେ ଉପେକ୍ଷିତ ହେଉଥିବା ଜେଜେ ବାପା ଜେଜେ ମା'ଙ୍କ ସମ୍ମାନାର୍ଥେ ଜେଜେ ବାପା, ଜେଜେମା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଶ୍ରୀ ଖମାରୀ ଏହି ସମ୍ମିଳନୀରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାପୁରୁଷଙ୍କ ଅଭିନୟ, ଗୀତ, ନଡିଆ ଚିତ୍ରୀକରଣ, ମାଠିଆ ଚିତ୍ରକଳା, ଆଡ ଶୋ, ଫଟୋଗ୍ରାଫି, ଇଂରାଜୀ ତର୍କ, ଗୀତ ଆବୃତ୍ତି, ନୃତ୍ୟ, କୁଇଜ ଆଦି ପ୍ରତିଯୋଗିତା ସହିତ ପ୍ରଥମ ଦିବସର କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପ୍ରଥମ ଦିବସର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି, ବିଚାରକ ଓ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ମେଗା ଉତ୍ସବ ଆଗାମୀ ଦୁଇ ଦିନ ଧରି ଚାଲିବ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ କଲେଜରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ସମିତି ସଭ୍ୟ ଶ୍ରୀରାୟ ଚୌଧୁରୀ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଆଇଆଇଏଚ୍‌ଟିର ନବମ ଆଲୁମିନା ମିଟ୍

**ବରଗଡ଼, ୧୩।୧୧(ସମିସ):** ବରଗଡ଼ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ୍ ପ୍ରତିଷ୍ଠାନରେ ସର୍ବ ଭାରତୀୟ ଆଇଆଇଏଚଟିର ନବମ ଆଲୁମିନି ମିଟ ସମାପ୍ତ ହୋଇଯାଇଛି। ୧୯୫୬ ମସିହାରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଭାରତର ୯ଟି ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ କପଡ଼ା ବୈଷୟିକ ଶିକ୍ଷା ପ୍ରଦାନ କରି ଆସୁଛି। ୧୯୫୬ରୁ ୨୦୨୫ ପର୍ଯ୍ୟନ୍ତ ଶିକ୍ଷା ପାଇଥିବା ଅନୁଷ୍ଠାନ ମାନଙ୍କର ପୁରାତନ ଛାତ୍ରଛାତ୍ରୀ ଏହି ମହା ମିଳନ ପର୍ବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବସ୍ତ୍ର ଓ ହସ୍ତ ଶିଳ୍ପ କମିଶନର ଓ ସମ୍ପାଦକ ଗୁହା ପୁନମ ତାପସ ଯୋଗ ଦେଇଥିଲେ। ବରଗଡ଼ କଲେକ୍ଟର ଆଦିତ୍ୟ ଗୋୟଲ୍ ଓ ଏସପି ପ୍ରହଲ୍ଲାଦ ସହାୟ ମୀନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବ୍ରିଜେଶ ଅବସ୍ଥି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବ ଭାରତୀୟ ଆଇଆଇଏଚ୍‌ଟି ଆଲୁମିନି ସଂଘର ସଭାପତି ଧରମ ବୀର ସିଂହ, ସମ୍ପାଦକ ଭବର ଲାଲ୍ ବନ୍ଦରୱାଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ନିର୍ଦ୍ଦେଶକ ଆଇଆଇଏଚଟି ବାରାଣସୀ, ବିପି ସରକାର, ବିବି ପାଲ ନିର୍ଦ୍ଦେଶକ, ସୁରେନ୍ଦ୍ର ପାତ୍ର, ଉମାକାନ୍ତ ରାଉତ, ସୋମଦତ୍ତ ଶର୍ମା, ପ୍ରତୀକ ରାଣା ସଭାପତି ଓ ସମ୍ପାଦକ ଆଇଆଇଏଚଟି, ବରଗଡ଼, ଆଲୁମିନି ସଂଘ୍ ଶାନ୍ତନୁ ମେହେର ସ୍ନିଗ୍ଧ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଲ, ୧୩।୧୧(ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ରଞ୍ଜିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ ଓ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ସଭା ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରାଧାକାନ୍ତ ପୁରୋହିତ, ଲୋକନାଥ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ଲିପିକା ଦାସ ଧନ୍ୟବାଦ ଦେଇଥିଲେ।

# ଲଇକେରାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଝାରସୁଗୁଡ଼ା, ୧୩।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ମେଳାର ଶୁଭାରମ୍ଭ କରିଥିଲେ। ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ବିଭିନ୍ନ ପ୍ରକାର ଚାଷ ସହ ପ୍ରାଣୀ ଓ ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ମାଛ ଓ ପ୍ରାଣୀ ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ ହେବା ସହ ରିହାତି ମିଳୁଥିବା ବିଷୟରେ କହିଥିଲେ। ଲଇକେରା ବ୍ଲକର ୧୪୫ ଜଣ ଚାଷୀ କାମଧେନୁ ଯୋଜନାର ଲାଭ ଉଠାଇଥିବା ନେଇ ମଧ୍ୟ ମତବ୍ୟକ୍ତ କରିଥିଲେ। ସଭାରେ ଅବସରପ୍ରାପ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଭଗବତୀ ପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାୟକ, ସାହସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ, ଲଇକେରା ସମିତି ସଭ୍ୟ ରାମରଞ୍ଜନ ମିଶ୍ର, ବାବୁଛିପିଡିହି ସମିତି ସଭ୍ୟ ମନମୋହନ କଂସାରି, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୟା ସାଗର ଧୂରିଆ, ସାମୁଲର ଜେନେରାଲ ମ୍ୟାନେଜର ସରୋଜ ସାହୁ, ଏଡିଆରଆଇ ଡ.ପ୍ରଦୀପ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହାତ ତିଆରି ବିଭିନ୍ନ ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହାସହ ଚାଷୀଙ୍କ ପକ୍ଷରୁ ଗୋପାଳନ ଓ ମତ୍ସ୍ୟ ଚାଷକୁ ଲାଭଜନକ କରିବାକୁ ସେମାନେ ଅଭିଜ୍ଞତା ପ୍ରକାଶ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ରାଧାକୃଷ୍ଣ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ ପ୍ରସ୍ତୁତି

**ରିଆମାଳ, ୧୩।୧୧ (ସମିସ):** ରିଆମାଳ ବ୍ଲକ ରେଙ୍ଗାଲାବେଡା ଠାରେ ରାଧାକୃଷ୍ଣ ସାହିତ୍ୟ ସଂସଦର ଚଳିତବର୍ଷ ସାମ୍ବତ୍ସରିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦର ସଭାପତି ଲୋକନାଥ ବେହେରାଙ୍କ ସଭାପତିତ୍ୱରେ ସାମ୍ବତ୍ସରିକ ଉତ୍ସବ ଆସନ୍ତା ଡିସେମ୍ବର ୧୪ ତାରିଖରେ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହାପରେ ଆଗାମୀ ତିନି ବର୍ଷ ପାଇଁ ସଂସଦର ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଏଥିରେ ସଭାପତି ଭାବେ ଉଦୟ ପ୍ରଧାନ, ଉପସଭାପତି ଭାବେ ଯତୀନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଜଗମୋହନ ସାହୁ, ସମ୍ପାଦକ ଭାବେ ବିପିନ ବିହାରୀ ପୃଷ୍ଟି, ସହ ସମ୍ପାଦକ ଭାବେ ମହେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ ପ୍ରକାଶ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭାବେ ଲୋକନାଥ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଯୋଗେଶ୍ୱର ବିଶ୍ୱାଳ, ହରିଶ୍ଚନ୍ଦ୍ର ବିଶ୍ୱାଳ, ଶରତ ସାହୁ, ପ୍ରକାଶ ଆଚାର୍ଯ୍ୟ ଓ ବସନ୍ତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ସଂସଦର ୨୭ ଜଣ କବି ଓ କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସର୍ବଶେଷରେ ସଂସଦର ସମ୍ପାଦକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଝାରସୁଗୁଡ଼ା, ୧୩।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ବରପାଲି ଗାଁରେ ୫୧ ତମ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ୩୨ ତମ ଦ୍ୱିଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜଗନ୍ନାଥ ୟୁଥ୍ କ୍ଲବ୍‌ର ସଭାପତି ହେମନ୍ତ ବଗାରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିଲେ। ଚାନ୍ଦିନୀମାଳ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ପୂର୍ବତନ ରାଜପୁର ସରପଞ୍ଚ ଈଶ୍ୱର ପ୍ରଧାନ, ସମାଜସେବୀ ରାଜୀବ ପାଟ୍ଟଯୋଶୀ, ପୂର୍ବତନ ଲୋଇସିଂହ ସରପଞ୍ଚ ଦୁଷ୍ମନ୍ତ ପଟେଲ, ପୂର୍ବତନ ଫୁଟବଲ ଖେଳାଳି ଆନନ୍ଦ ସା ଏବଂ ଗାଁର ବରିଷ୍ଠ ବ୍ୟକ୍ତି ପୀତବାସ ବଡ୍ଡାଇ, ଭୁଗିଶ ରାଉତ, ପର୍ଶୁରାମ ବଡ୍ଡାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦଳକି ଏଫସି ଓ ଆଦିବାସୀ କ୍ଲବ୍ ଝାରସୁଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ କ୍ଲବ୍ ଝାରସୁଗୁଡ଼ା ୨-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଦିବାସୀ କ୍ଲବ୍ ଓ ଲୁହୁରା ବ୍ରଦର୍ସ ସାନଯୋବ ଦଳ ମଧ୍ୟରେ ହୋଇଥିଲା। ଆଦିବାସୀ କ୍ଲବ୍ ଦଳ ୪-୩ ଗୋଲ ଟ୍ରାଇବ୍ରେକର ଜରିଆରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଭାଷ୍ୟକାର ଭାବେ ନିରଞ୍ଜନ ବଡ୍ଡାଇ ଓ ଆକାଶ ଦୋରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅରୁଣ ମିର୍ଦ୍ଧା, ଖେମାଶିଳ କିଷାନ, ପଦ୍ମ ଭଇଁଷା, ଅରୁଣ ପ୍ରଧାନ, ମେଘନାଥ ଓରାମ ଓ ମିଥୁନ ବାଦ୍ରା ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ଜଣାପଡ଼ିଛି।

# କେଶାଇପାଲି ହାଇସ୍କୁଲରେ ବିଜ୍ଞାନ ମେଳା

**ଭଟଲି, ୧୩।୧୧ (ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ସରକାରୀ ହାଇସ୍କୁଲ କେଶାଇପାଲିରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆତ୍ମାରାମ ଭୋଇଙ୍କ ସଭାପତିତ୍ୱରେ ମେଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ.ଧରଣୀଧର ସିଂଦେଓ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ଓ ଗଣିତ କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଦାଶ ସଂଯୋଜନା କରିଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ବିଜ୍ଞାନ କ୍ଲବ୍, ଗଣିତ କ୍ଲବ୍ ଓ ଶକ୍ତି କ୍ଲବ୍‌ର ସଦସ୍ୟ ନିଜସ୍ୱ ପ୍ରକଳ୍ପ ପ୍ରଦର୍ଶନ କରିବା ସହ ପ୍ରକଳ୍ପର ଉପଯୋଗୀତା ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ବଡପଣ୍ଡା, ସୁଚିସ୍ମିତା ପଧାନ, ଭାଗ୍ୟଶ୍ରୀ ଦାଶ, ଲତା ସାହୁ, ଦେବଦତ୍ତା ପାତ୍ର, ଭୂମିସୁତା ଭୋଇ, ଆରତି ବିଶି ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ସଞ୍ଚୟ ପକ୍ଷ କର୍ମଶାଳା



**ଝାରସୁଗୁଡ଼ା, ୧୩।୧୧(ସମିସ):** ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ନିମନ୍ତେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସଞ୍ଚୟ ପକ୍ଷ ପାଳନର ଉଦ୍ଦେଶ୍ୟରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସୁନ୍ଦରଗଡ଼ ବରିଷ୍ଠ ଡାକ ଅଧୀକ୍ଷକ ଜୟନ୍ତ ଦାସ ସଞ୍ଚୟ ପକ୍ଷ ପାଳନର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଝାରସୁଗୁଡ଼ା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ପୋଷ୍ଟ ଅଫିସ୍‌ର ଜମା ଉପରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ପୋଷ୍ଟାଲ ଡିଭିଜନର ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ ଅସିତ ଦାସ ଡାକ ଜୀବନ ବୀମା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ପୋଷ୍ଟାଲ ଡିଭିଜନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନୀଳମଣି ଜାନି ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପରିଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜପୁର ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା

# ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ଚାମ୍ପିଅନ

**ଝାରସୁଗୁଡ଼ା, ୧୩।୧୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ରାଜପୁର ଠାରେ ଅଟଳ କ୍ଲବ୍ ରାଜପୁର ପକ୍ଷରୁ ଆୟୋଜିତ ହେଉଥିବା ୩୪ତମ ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଷ୍ଟାର ଇଲେଭେନ୍ ରାଜପୁର୍ ଏବଂ ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂଶିତ ରହିଥିବା ବେଳେ ଟ୍ରାଇବ୍ରେକର ଜରିଆରେ ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ଚାମ୍ପିଅନ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବନ୍ଧବାହାଲ ଦଳର ଅଜୟ ବାର୍ଲା, ଶ୍ରେଷ୍ଠ ଗୋଲକିପର ଭାବେ



ବିଶ୍ୱନାଥ ବୁଡା ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଡିଫେଣ୍ଡର ଭାବେ ରାଜପୁର ଦଳର ରାହୁଲ ଲାଲ, ଲୋକପ୍ରିୟ ଖେଳାଳି ଲୋକନାଥ ମୁଣ୍ଡା ପୁରସ୍କୃତ ହୋଇଥିଲେ। ବିଜେତା ଦଳକୁ ୪୦, ୦୦୦ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୦, ୦୦୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଧେଶ୍ୟାମ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଚାନ୍ଦିନୀମାଳ ସମିତି ସଭ୍ୟ ଯତୀନ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଅଟଳ କ୍ଲବ୍ ସଭାପତି ଗୁଣ ପ୍ରଧାନ ଓ ସମସ୍ତ କ୍ଲବ୍ ସଭ୍ୟ ସହଯୋଗ କରିଥିଲେ।

# ଅମଳ ବେଳକୁ ସାଟେଲାଇଟ୍ ରିପୋର୍ଟ; ଅସନ୍ତୁଷ୍ଟ ଚାଷୀ

ସମ୍ବଲପୁର, ୧୩।୧୧ (ସମିସ)

ଗତ ୨୦୨୧ ମସିହାରୁ ସରକାର ଉପଗ୍ରହ ସର୍ବେକ୍ଷଣ (ସାଟେଲାଇଟ୍ ସର୍ଭେ) କରୁଛନ୍ତି। ଏହାଦ୍ୱାରା ଚାଷୀର ପଞ୍ଜୀକୃତ ହଜାର ହଜାର ପ୍ଲଟ୍ ସନ୍ଦେହଘେରରେ ରହୁଛି। ପ୍ରତିବର୍ଷ ଏହି ସଂଖ୍ୟାରେ ବୃଦ୍ଧି ପାଉଛି। ଚଳିତ ଖରିଫ୍ ଧାନଚାଷର ସାଟେଲାଇଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ଜିଲ୍ଲାର ୭୯, ୩୦୯ଟି ପ୍ଲଟ ସନ୍ଦିଗ୍ଧ ରହିଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜୀକୃତ କରାଯାଇଥିବା ସର୍ଭେରେ କୁହାଯାଇଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ୍ ତଦନ୍ତ କରାଯିବ। ପୁନଃଯାଞ୍ଚ ପରେ ଚାଷ ହୋଇ ନଥିବା ଜମିଗୁଡ଼ିକୁ ବାଦ୍ ଦିଆଯିବା ସହ ଚାଷୀକୁ ଟୋକନ୍ ଦିଆଯିବନାହିଁ। ଚଳିତମାସ ଦ୍ୱିତୀୟ ବା ତୃତୀୟ ସପ୍ତାହରୁ ସମ୍ଭାବ୍ୟ ଖରିଫ ଧାନକ୍ରୟ ଥିବାରୁ ଶେଷମୁହୂର୍ତ୍ତରେ ରିପୋର୍ଟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହା ସର୍ଭେରେ ସମ୍ବଲପୁର ଜିଲ୍ଲାରେ ୨୬, ୬୧୭ ପ୍ଲଟ୍ ସନ୍ଦିଗ୍ଧ ଜଣାପଡ଼ିଥିବାବେଳେ ୨୦୨୨ରେ ୨୦, ୦୪୩ ପ୍ଲଟ୍, ୨୦୨୩ରେ ୫୦, ୫୫୯ ପ୍ଲଟ୍ ଏବଂ ୨୦୨୪ରେ ୬୪, ୭୯୮ ପ୍ଲଟ୍ ସନ୍ଦିଗ୍ଧ ବୋଲି ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ଯାଞ୍ଚ କରିବାପାଇଁ ୯ଟି ତହସିଲର ୧୨୩୩ଟି ଗ୍ରାମରେ ୩୧୮ ଜଣ କ୍ଷେତ୍ର ସର୍ଭେୟରଙ୍କୁ ନିୟୋଜିତ କରାଯାଇଛି। ତେବେ, ଗତ ୫ ତାରିଖରେ ସାଟେଲାଇଟ୍ ସର୍ଭେ ସମ୍ବଲପୁର ଜିଲ୍ଲାକୁ ରିପୋର୍ଟ ଆସିଥିବାବେଳେ ଏପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନାହିଁ ବୋଲି ଉପନିବନ୍ଧକ ସମବାୟ ସମିତି



ସମୂହ (ଡିଆର୍‌ସିଏସ୍) କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ସାଟେଲାଇଟ୍ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ପରେ ଜମିର ଯେଉଁ ତନଖି ହେଉଛି ତାକୁ ନେଇ ସର୍ଭେ ଅଗଷ୍ଟ ମାସରେ ହେଲାବେଳକୁ ସେଜନିତ ତଥ୍ୟ ଅକ୍ଟୋବର ଶେଷ ସୁଦ୍ଧା ଆସୁନାହିଁ। ପୁଣି ସାଟେଲାଇଟ ସର୍ଭେର ତଥ୍ୟର ସ୍ପଷ୍ଟତା ପାଇଁ ଜଏଣ୍ଟ ଯୁଗ୍ମ ସର୍ଭେ ଯେତେ ଡେରି ହେବ, ସେତେବେଶୀ ଚାଷୀ ମଣ୍ଡିରେ ଧାନ ବିକିବାରୁ ବଞ୍ଚିତ ହେବେ। ତେଣୁ ସେମାନେ ସରକାରଙ୍କ ବିକ୍ରିଜନିତ ଇନ୍‌ପୁଟ ସବସିଡିରୁ ବଞ୍ଚିତ ହେବାସହଙ୍ଗେ ସଙ୍ଗେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ। ଏପ୍ରକାର ଦାୟିତ୍ୱହୀନ ବିଳମ୍ବକୁ ଚାଷୀ ସଂଗଠନ ପକ୍ଷରୁ ଶ୍ରୀ ସରୋଜ ତୀବ୍ର ନିନ୍ଦା କରିବା ସହ ଯଥାଶୀଘ୍ର ଯୁଗ୍ମ ସର୍ଭେ କରି ଚାଷୀମାନଙ୍କୁ ମଣ୍ଡି ବ୍ୟବସ୍ଥାରେ ସାମିଲ କରାଯିବାକୁ ଦାବି କରିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଜୁଲାଇ ମାସରେ ରୁଆ, ବିହୁଡ଼ା ଚାଷ କାର୍ଯ୍ୟ ଲାଗି ରହିଥିବାବେଳେ ଚାଷୀକୁ ପଞ୍ଜିକରଣ କରିବାକୁ ବାଧ୍ୟ କରାଯାଉଛି। ସବୁବେଳେ ଜୁଲାଇ ୨୦ରୁ ଅଗଷ୍ଟ ୨୦ ପଞ୍ଜିକରଣ ନକରି ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୨୦ କରିବାକୁ ଚାଷୀର ଦାବି ରହୁଛି। କିନ୍ତୁ ସେତେବେଳେ ସାଟେଲାଇଟ୍ ସର୍ଭେ କରି ଯୁଗ୍ମ ସର୍ଭେ କରିବାପରେ ଟୋକନ ଦେବାକୁ ସମୟ ଲାଗିବ ଏଣୁ ଜଲ୍‌ଦି କରାଯାଉଛି ବୋଲି ସଫେଇ ଦେଉଛନ୍ତି। ତେବେ, ସାଟେଲାଇଟ୍ ସର୍ଭେର ରିପୋର୍ଟ ଏତେ ଡେରିରେ କାହିଁକି ଏବଂ ଏତେ ଡେରିରେ ଆସିଲେ ଯାଞ୍ଚକରି ଚାଷୀକୁ କେବେ ଟୋକନ୍ ଦେବେ ବୋଲି ଶ୍ରୀ ଠାକୁର ପ୍ରଶ୍ନ କରିଛନ୍ତି। ବହୁଜାଗାରେ ଗଛଲତା ଥିବା କିମ୍ବା ଅନ୍ୟ କାରଣରୁ ଧାନଚାଷ ବୈଷୟିକ ଭାବେ ଦେଖାଉନାହିଁ। ଯଦି ଏଭଳି ଭାବେ ଚାଷଜମି କଟିଗଲା, ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବ। ଏଭଳି ବିଳମ୍ବ ଚାଷୀକୁ ଟୋକନ ଦେବାରୁ ବଞ୍ଚିତ କରିବାକୁ ଏକ ମସୁଧା ବୋଲି ସଭାପତି ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି।

## ରବି ଫସଲ ପାଇଁ ଖାତା ରିନୁଆଲ୍ ପାଇଁ ନିର୍ଦ୍ଦେଶ

ଚାଷୀ ଖରିଫ୍ ଛୋଟ ଧାନ ଅମଳ କରି ସାରିଲାଣି ଏବଂ ନିୟମିତ ଧାନ ଅମଳ ମଧ୍ୟ ଆରମ୍ଭ ହୋଇଗଲାଣି। ଏବେ ସାଟେଲାଇଟ୍ ସର୍ଭେ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ରହିଛି। ଏପରି ସମୟରେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଚାଷୀଙ୍କୁ ରବି ଫସଲ ସକାଶେ ଆକାଉଣ୍ଟ ରିନୁଆଲ୍ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଚାଷୀ ତା'ର ଜମିକୁ ସାଟେଲାଇଟ୍ ସର୍ଭେରେ ବୈଧ କି ନୁହେଁ ଏବଂ ସେ ଧାନ ବିକି ପାରିବ ନା' ନାହିଁ ବୋଲି ସ୍ପଷ୍ଟ ନଥିବାବେଳେ ଲ୍ୟାମ୍ପସ / ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।



ସମ୍ବଲପୁର ଚର୍ଚ୍ଚ ଛକରେ ତରବରିଆ ପିଚୁ କାମକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଜୁଆ ଆଡ୍ଡାରୁ ୧୧ ଗିରଫ



ସମ୍ବଲପୁର, ୧୩।୧୧(ସମିସ): ଅର୍ଦ୍ଧନିର୍ମିତ ଘରେ ଜୁଆର ଆସରା ଚାଲିଥିଲା। ପ୍ରତିଦିନ ପରି ବୁଧବାର ମଧ୍ୟ ରାତିରେ ଜୁଆ ଖେଳ ଚାଲିଥିଲା। ପୁଲିସ ଖବର ପାଇ ଚଢଉ ବେଳେ ଲକ୍ଷାଧିକ ଟଙ୍କା ଜବତ କରିଛି। ଅଇଁଠାପାଲି ପୁଲିସ ଜୁଆ ଆଡ୍ଡାରେ ଚଢଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ଧନୁପାଲି ଥାନା ପେନସନ ପଡ଼ାର ସାୟଦ ଜାହିର(୪୯), କ୍ଷେତରାଜପୁର ଥାନା ବଙ୍ଗଳାପଡ଼ାର ରବୀନ୍ଦ୍ର ମଣ୍ଡେକର(୩୭), ମୋତିଝରଣର ଏମଡି ରାୟିଜ(୪୯), ପେନସନପଡ଼ାର ଅନୱାର ମନହୀର(୩୯), ବୁର୍ଲା ଏ କଣ୍ଟାପାଲିର ମାଧବେନ୍ଦୁ ପାଲ(୩୪), ୱାନଆର କୋଲନୀରର ବଣ୍ଟି ବେହେରା(୩୦), କୁମ୍ଭାରପଡ଼ାର ଏମଡି ଶାହରୁଖ(୨୬), ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା(୬୪), ବୀରମହାରାଜପୁରର ବୁର୍ଲା ମହତାବ ନଗର ନିବାସୀ ରାଜୀବ ପାଣିଗ୍ରାହୀ(୩୭), ହୀରାକୁଦ ମାର୍କେଟର ଗଣେଶ ବାହାଦୂର(୨୯) ଓ ଏନଗୁଆଲାଇନର ପ୍ରଦୀପ ବାଗ(୩୨)। ସେମାନଙ୍କ ନିକଟରୁ ମୋଟ ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା ଜବତ କରିବା ସହ ୧୨ଟି ମୋବାଇଲ, ୪ଟି ବାଇକ, ଗୋଟାଏ କାର୍ ଓ ୧୦୪ଟି ତାସ କାର୍ଡ। ସୂଚନା ଅନୁସାରେ ଗତକାଲି ପାଞ୍ଚଗଛିଆ ଛକ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରେ ଜୁଆ ଖେଳ ଚାଲିଥିଲା। ଏ ନେଇ ଅଇଁଠାପାଲି ପୁଲିସ ଖବର ପାଇବା ପରେ ଟିମ୍ ଗଠନ କରି ଘଟଣାସ୍ଥଳକୁ ଯାଇଥିଲା। ପରେ ଚଢଉ ବେଳେ ଘଟଣାସ୍ଥଳରୁ ଜଣେ ଫେରାର ମାରିଥିବା ବେଳେ, ୧୧ ଜଣକୁ ପୁଲିସ ଗିରଫ କରିଥିଲା।

# ଜିଏମ୍‌ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

ସମ୍ବଲପୁର, ୧୩।୧୧ (ସମିସ) : ଜିଏମ୍‌ୟୁ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୬୫ତମ ସଂଖ୍ୟା ଆଜି ସନ୍ଧ୍ୟାରେ ମୁଖ୍ୟ ସମ୍ପାଦକ ତଥା ବିଭାଗୀୟ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ସଭାରେ ଅତିଥିକବି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ମହାରଣା ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ 'ଶବ୍ଦଗଙ୍ଗା ନାମଶୁଣି ଲାଗଇ ପବିତ୍ର' କବିତା ଆବୃତ୍ତି କରିବା ସହ ତାଙ୍କ ବକ୍ତବ୍ୟରେ ସେ କବି ଓ କବିତା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦକ ଜଗନ୍ନାଥ ମେହେର ସ୍ୱାଗତ ଭାଷଣ ଏବଂ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ଯମୁନା ପାତ୍ର, ତୃଷ୍ଣା ଦାଶ ପ୍ରମୁଖ 'ଶବ୍ଦଗଙ୍ଗା' ସମ୍ପର୍କରେ ସେମାନଙ୍କର ମତାମତ ଦେଇଥିଲେ। ଶେଷରେ ସହଯୋଗୀ ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ରୁ କୁଷ୍ଠରୋଗୀ ଚିହ୍ନଟ କାର୍ଯ୍ୟକ୍ରମ

ସମ୍ବଲପୁର, ୧୩।୧୧ (ସମିସ) : ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କୁଷ୍ଠ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ୨୦୨୫-୨୬ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆସନ୍ତା ୧୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାର ୯ଟି ବ୍ଲକରେ ଚିହ୍ନଟ ଅଭିଯାନ ଆୟୋଜିତ କରାଯିବ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ପ୍ରାରମ୍ଭିକ ଚିହ୍ନଟ, ରୋଗର ଅଗ୍ରଗତିକୁ ରୋକିବା ଏବଂ ଅକ୍ଷମତାର ବିପଦକୁ ହ୍ରାସ କରିବା। କୁଷ୍ଠ ରୋଗ, ଏହାର ଲକ୍ଷଣ ଏବଂ ଆଗୁଆ ରୋଗ ନିର୍ଣ୍ଣୟ ଓ ଚିକିତ୍ସାର ଗୁରୁତ୍ୱ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନରେ ଘରକୁ ଘର ବୁଲି ରୋଗୀ ଚିହ୍ନଟ ତଥା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ, ବିଦ୍ୟାଳୟ ଏବଂ ସମୁଦାୟ ମାନଙ୍କରେ ସ୍ୱାସ୍ଥ୍ୟ ଶିକ୍ଷାଗତ କାର୍ଯ୍ୟକ୍ରମ, ମାଗଣା ସ୍କ୍ରିନିଂ ଏବଂ ଡାଇଗ୍ନୋଷ୍ଟିକ୍ ସେବା ପ୍ରଦାନ କରୁଥିବା ଭ୍ରାମ୍ୟମାଣ ଚିକିତ୍ସା ଅନ୍ତର୍ଭୁକ୍ତ କରାଯିବ। ଏହି ଅଭିଯାନରେ ରୋଗ ଚିହ୍ନଟ ଦଳ, ସ୍ୱାସ୍ଥ୍ୟ କର୍ମୀ, ପିଏଚ୍‌ଇଓ, ବିପିଏମ୍, ବିଡିଏମ, ସେକ୍ଟର ମେଡିକାଲ ଅଫିସର ନିୟୋଜିତ ହେବେ ବୋଲି ଜଣାପଡ଼ିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ତମାଖୁ-ମୁକ୍ତ ଯୁବା ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ବୈଠକ

ସମ୍ବଲପୁର, ୧୩।୧୧ (ସମିସ) : ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି) ଅଧୀନରେ 'ତମାଖୁ-ମୁକ୍ତ ଯୁବା ଅଭିଯାନ ୩.୦' ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଯୁବା ଅଭିଯାନ ଆସନ୍ତା ଡିସେମ୍ବର ୯ ତାରିଖ ଶେଷ ହେବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଯୁବ ସମାଜଙ୍କ ମଧ୍ୟରେ ତମାକୁ ବ୍ୟବହାରର ଅପକାରିତା ପ୍ରତି ସଚେତନତା ସୃଷ୍ଟିକରି ତାହାର ନିବାରଣ କରିବା। ବୈଠକରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ଏବଂ ଆଗକୁ ହେବାକୁ ଥିବା ଏହି ସଚେତନତା ଅଭିଯାନର ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ଏହାର ଥିମ୍ ରହିଛି 'ଚୁଜ୍ ଲାଇଫ୍, ନଟ୍ ଟବାକୋ'। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ରାଲି, ଶପଥ ପାଠ, ପ୍ରଶିକ୍ଷଣ ଆଦି ଜିଲ୍ଲା ସ୍ୱାସ୍ଥ୍ୟ ସଞ୍ଚାଳକଙ୍କ ଦ୍ୱାରା କରାଯିବ। ଜିଲ୍ଲାର ଗାଁମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ଜିଲ୍ଲାପାଳ ଶ୍ରୀ ବୋନ୍ଦର ତମାଖୁ ସେବନକୁ ନେଇ ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱାରୋପ କରିଥିଲେ।

# ସମ୍ବଲପୁରୀ ଭାଷା ଆନ୍ଦୋଳନରେ ମାୟାଧର ମାନସିଂହ ପ୍ରମୁଖ ସାରଥି ଥିଲେ

ସମ୍ବଲପୁର, ୧୩।୧୧ (ସମିସ) : ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମାୟାଧର ମାନସିଂହଙ୍କ





ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଓଡ଼ିଆ ବିଭାଗ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ପାଠାଗାରଠାରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଛାତ୍ରୀ ପ୍ରତିଭାରାଣୀ ଦୀପ ଓ ତୁଳେଶ୍ୱରୀ ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସ୍ନାତକୋତ୍ତର ଛାତ୍ରୀ ତୃଷ୍ଣା ଦାଶ କବିଙ୍କୁ ଶବ୍ଦ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସଭାପତି ଡଃ ଦାନୀ ମାନସିଂହଙ୍କ ଆଠ ବର୍ଷ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଜ ନିର୍ଭୀକ ତଥା ଛାତ୍ରବତ୍ସଳ ହୃଦୟ ନେଇ ନେଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ତଥା ଗତ ୫୫ ବର୍ଷ ଧରି ଏ ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ଭାଷାକୁ ନେଇ କାର୍ଯ୍ୟକ୍ରମ କରି ଆଗାମୀ ପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରୁଛି ବୋଲି କହିଥିଲେ।

କାର୍ଯ୍ୟକ୍ରମର ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ଦାଶ ମାନସିଂହଙ୍କ ଜୀବନୀ ବର୍ଣ୍ଣନା କରି ୧୯୪୫ ମସିହାରେ ତାଙ୍କ ପ୍ରକାଶିତ 'ଶଙ୍ଖ' ପତ୍ରିକାରେ ପ୍ରଥମ ପ୍ରକାଶିତ ସମ୍ବଲପୁରୀ କବିତା ନାଗଫୁଡ଼ି ପଣ୍ଡାଙ୍କ ଲିଖିତ ପାସ୍‌ରି ଦେବୁ କାଏଁନ୍ ପାଠକରି ମାନସିଂହଙ୍କ ଉଦାର ହୃଦୟର ପରିଚୟ ଦେଇଥିଲେ। ତାଙ୍କ ସାରସ୍ୱତ ସୃଷ୍ଟି ତାଙ୍କୁ ଅମର କରି ରଖିବ ବୋଲି ପ୍ରଫେସର ଦାଶ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଛାତ୍ରଛାତ୍ରୀମାନେ କବିଙ୍କର ସୃଷ୍ଟିର ମାନବବାଦୀ ଚିନ୍ତାଧାରା ଅଧ୍ୟୟନ କରିବାକୁ ଆହ୍ୱାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡଃ ବେହେରା ଓଡ଼ିଶା ସାଂସ୍କୃତିକ ସମାଜର ଏପରି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଶେଷରେ ଅଧ୍ୟାପକ ଡଃ ଶ୍ରୀବନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ଉତ୍ତରାଞ୍ଚଳ ଡିଭିଜନ୍ ରାଜସ୍ୱ ଅଧିକାରୀ କର୍ମଶାଳା

ସମ୍ବଲପୁର, ୧୩।୧୧ (ସମିସ) : ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ରାଜସ୍ୱ ଅଧିକାରୀଙ୍କ କର୍ମଶାଳା ଆସନ୍ତା ୧୪ ଓ ୧୫ ତାରିଖ ସମ୍ବଲପୁରସ୍ଥିତ ରିଭର୍ ଇନ୍ ରିସୋର୍ଟଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ତହସିଲଦାର, ଭୂଅର୍ଜନ ଅଧିକାରୀ ଓ ରାଜସ୍ୱ ଅଧିକାରୀମାନେ ଯୋଗ ଦେବେ। ଏହି ଦୁଇଦିନିଆ କର୍ମଶାଳାର ପ୍ରସ୍ତୁତିକୁ ନେଇ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବସିବା ବ୍ୟବସ୍ଥା, ପ୍ରାଯୁକ୍ତିକ ବ୍ୟବସ୍ଥା, ନିୟମିତିକରଣ, ଆବାସ ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ କର୍ମଶାଳାକୁ ସଫଳ ଓ ସୁଚାରୁ ଭାବରେ ଆୟୋଜନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଯୋଧା ସରୋବର ଆନିକଟ୍‌ରେ ଫାଟ

ସମ୍ବଲପୁର, ୧୩।୧୧ (ସମିସ)





ଅଯୋଧା ସରୋବର ଆନିକଟ୍‌ରେ ଫାଟ ହୋଇ ପାଣି ଲିକେଜ୍ ହେଉଥିବା ଦେଖାଯାଉଛି। ବର୍ଷାଋତୁ ପରେ ଏଠାରେ ଜଳଭର୍ତ୍ତି ହୋଇଥିବାବେଳେ ଏହି କୃତ୍ରିମ ଜଳାଶୟର ଜଳସ୍ତର ହ୍ରାସ ପାଉଛି। ସମ୍ବଲପୁର ମାରୱାଡ଼ିପଡ଼ା ଘାଟରେ ଗତ ୬୦ ଦଶକରେ ଜଳ ସଂରକ୍ଷଣ ସକାଶେ ଏକ ଆନିକଟ ନିର୍ମାଣ କରାଯାଇଥିଲା। ଗତ ୨୦୨୨ ମସିହା ଅକ୍ଟୋବର ଶେଷ ସପ୍ତାହରେ ଏହି କଂକ୍ରିଟ ଆନିକଟ୍‌ରେ ଅନେକ ସ୍ଥାନରେ ଫାଟ ସହ ପ୍ରାୟ ୩୦ ଫୁଟ ଗଭୀରର ଘାଇ ସୃଷ୍ଟି ହୋଇଥିଲା। ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାର ମରାମତି କରାଯାଇଥିଲା। ଏହି ଆନିକଟ ପ୍ରାୟ ୧ କିଲୋମିଟର ୮ଶହ ମିଟର ଲମ୍ବ ଏବଂ ୨ ଫୁଟ୍ ଚଉଡ଼ାର ରହିଥିବାବେଳେ ଏହାର ଆଭ୍ୟନ୍ତରୀଣ ଅଂଶରେ ମଧ୍ୟ କ୍ଷତି ହୋଇଥିଲା।

୧୯୭୩-୭୪ ମସିହାରେ ଏହି ଆନିକଟ୍ ନିର୍ମାଣ କରାଯାଇଥିଲା। ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ଅଯୋଧାନାଥ ଖୋସଲା ଥିବା ସମୟରେ ଏହି ଆନିକଟ୍ ନିର୍ମାଣ ହୋଇଥିବାରୁ ଏହାକୁ 'ଅଯୋଧା ସରୋବର' ବୋଲି କୁହାଯାଏ। ଆନିକଟ୍‌ର ପାଣି ପିଇବାପାଇଁ ବ୍ୟବହାର କରାଯାଉ ନଥିବାବେଳେ ଗାଧୋଇବା ଓ ଅନ୍ୟ ବ୍ୟବହାରରେ ଲାଗିଥାଏ। ଏହାସହ ଏହା ତାପମାତ୍ରା ଓ ଜଳବାୟୁ ସନ୍ତୁଳନ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଗତ ୨୦୨୨ ଅକ୍ଟୋବରରେ ଅଞ୍ଚଳବାସୀ ଘାଇ ଓ ଫାଟ ବିଷୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ। ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ସରଜମିନ୍ ଅନୁଧ୍ୟାନ କରିବା ପରେ ବନ୍ଧ ପୁରୁଣା ହୋଇଥିବାରୁ ବହୁସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ଆନିକଟ୍‌ର ପାଣିକୁ ଶୁଖାଇ ଏହାର ମରାମତି କରାଯାଇଥିଲା। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍‌କାଳୀନ ଜିଲ୍ଲାପାଳ ସ୍ଥାୟୀ ସମାଧାନ ସକାଶେ ଅନୁରୋଧ କରିଥିଲେ।

ହୀରାକୁଦ ବନ୍ଧ ନିର୍ମାଣ ପରେ ଉପରମୁଣ୍ଡରୁ ସମ୍ବଲପୁର ମହାନଦୀକୁ ଜଳାଧାର ହ୍ରାସ ପାଇଥିଲା। ସେତେବେଳେ ଏହାର ପ୍ରତିକାର ପାଇଁ ଜଳ ସଂରକ୍ଷଣ ସକାଶେ ଅଯୋଧା ସରୋବର ଆନିକଟ୍ ନିର୍ମାଣ କରାଯାଇଛି। ଏଥିରେ ତିନୋଟି ଜାଗାରେ ସ୍ଲୁଇସ୍ ଗେଟ୍ ଭଳି ଡିଜାଇନ କରାଯାଇଛି। ପୂର୍ବରୁ ଆନିକଟ୍‌ର ରକ୍ଷଣାବେକ୍ଷଣ ଓ ଆଡ଼ିବନ୍ଧ ମରାମତି ପାଇଁ ପୌରପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଉଥିଲା। ତେବେ, ତାହା ମଧ୍ୟ ବନ୍ଦ ହୋଇଯାଇଛି। ଜଳାଭାବକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମୟରେ ସମ୍ବଲପୁର ମହାନଦୀ ଅବବାହିକାରେ ଆଉ ଏକ ନୂତନ ଆନିକଟ୍ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ତେବେ, ପରବର୍ତ୍ତୀ ସମୟରେ ତାହା କେବଳ ଫାଇଲରେ ସୀମିତ ହୋଇ ରହିଗଲା। ଏବେ ଏହି ଆନିକଟ ଅତ୍ୟନ୍ତ ପୁରୁଣା ହେବାସହ ଏଥିରେ ଫାଟ ସୃଷ୍ଟି ହୋଇଥିବାରୁ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପରେ ନୂତନଭାବେ ଆନିକଟ ନିର୍ମାଣ ପାଇଁ ମଧ୍ୟ ଯୋଜନା କରାଯାଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମହାନଦୀ ଉପରେ ଦୈନିକ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ସ୍ନାନାଦି କାର୍ଯ୍ୟ ପାଇଁ ବ୍ୟବହାର କରିଥାନ୍ତି।

# ୧୯ରୁ ବୁର୍ଲା ମହୋତ୍ସବ 'ଆମର୍ ଉତ୍ସବ'

ସମ୍ବଲପୁର, ୧୩।୧୧ (ସମିସ) : ଆସନ୍ତା ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ବୁର୍ଲା ମହୋତ୍ସବ 'ଆମର୍ ଉତ୍ସବ' ଆୟୋଜିତ ହେବ। ପଶ୍ଚିମ ଓଡ଼ିଶାର ଲୋକଗୀତ, ଲୋକନୃତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ଏହା ଅନୁଷ୍ଠିତ ହେବ ବୋଲି ଆଜି ଆମର୍ ଉତ୍ସବ ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହୋତ୍ସବରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ଜିଲ୍ଲା ଗୁଡ଼ିକରୁ ପ୍ରାୟ ୨୫୦ ଜଣ କଳାକାରଙ୍କୁ ନିମନ୍ତ୍ରଣ କରାଯିବ। ଏହି ତିନିଦିନିଆ କାର୍ଯ୍ୟକ୍ରମ ବୁର୍ଲା ଭାରତୀ କ୍ଲବ୍ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଉତ୍ସବ ପରିପ୍ରେକ୍ଷୀରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଚଳିତବର୍ଷ ଉତ୍ସବ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଉପଦେଷ୍ଟା ଭାବରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ଦାଶ, ନିରଞ୍ଜନ ପଟ୍ଟନାୟକ, ଅଶ୍ୱିନୀ ଚୌଧୁରୀ, ଅଶ୍ୱିନୀ ପଣ୍ଡା, ରବି ମହାପାତ୍ର, ରାମକୃଷ୍ଣ ରଥ ରହିଥିବାବେଳେ ପରିଚାଳନା କମିଟିରେ ଦିଲୀପ ବିଶ୍ୱାଳ, ପ୍ରଦୀପ ମିଶ୍ର, ଅଶୋକ ସାହୁ, ଚିତ୍ତରଞ୍ଜନ ନାୟକ, ଆଇଜାକ ନାଗ, ଶିବ ଦଳେଇ, ରଜତ କୁଜୁର, କନ୍ହେୟାଲାଲ ଗୁପ୍ତା ରହିଛନ୍ତି। ଉତ୍ସବ କମିଟିର ଅଧ୍ୟକ୍ଷ ଭାବରେ ଡା. ଅରବିନ୍ଦ ମହାକୁଡ ମନୋନୀତ ହୋଇଥିବାବେଳେ ସଭାପତି ଗିରିଜା ଶଙ୍କର ନାୟକ, ଉପସଭାପତି ଓକିଲ ଖମାରୀ ଓ ଆଲୋକ ନାୟକ, ସମ୍ପାଦକ ଚୈତନ୍ୟ ଭୋଇ, ସହସମ୍ପାଦକ କୈଳାସ ସୁନା, କଳ୍ପ ମହାନନ୍ଦ ଓ ବାବାଜୀ ବାଗ, ସାଂସ୍କୃତିକ ସମ୍ପାଦକ ସତ୍ୟ ସାହୁ, ସତ୍ୟ ନାଗ ଓ ନୃପମଣୀ ଜଗଦଳା ଏବଂ ଅଭ୍ୟର୍ଥନା କମିଟିରେ ଶାନ୍ତିଲତା କର ଓ ଉପକମିଟିରେ ସୁରେନ୍ଦ୍ର ଯୋଶୀ, ନରେନ୍ଦ୍ର ପରିଡ଼ା, ରମେଶ ନାଏକ, ଅନ୍‌ସର୍ ପ୍ରମୁଖ ରହିଛନ୍ତି।



■ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ

# ଦୋଷୀମାନଙ୍କୁ ୨୦ ବର୍ଷ ଜେଲ

**ସମ୍ବଲପୁର, ୧୩।୧୧ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାରକରି ଲକ୍ଷ୍ମୀଧର ମହାପାତ୍ର ଓ ରାଜେନ୍ଦ୍ର ମହାନନ୍ଦିଆ ଓରଫ୍ ଡମଣାଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳରେ ୨୦-୪-୨୦୧୪ରେ ଘଟିଥିଲା। ଘଟଣାଦିନ ପୀଡ଼ିତା ନିଜ ଗାଁରୁ ଭୋଜପୁର ବସଷ୍ଟାଣ୍ଡରୁ ତାଳଚେର ଯିବାପାଇଁ ବାଟରେ ଚାଲି ଚାଲି ଆସୁଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ଏକ ବୋଲେରୋ ଗାଡ଼ିରେ ଭୋଜପୁର ଆସୁଥିଲେ। ରାସ୍ତାରେ ପିଡ଼ିତାକୁ ବସଷ୍ଟାଣ୍ଡରେ ଛାଡ଼ି ଦେବାପାଇଁ ଗାଡ଼ିରେ ବସିବାପାଇଁ କହିଲେ। ପୀଡ଼ିତା ମନା କରିବାରୁ ଜୋରଜବରଦସ୍ତି ବୋଲେରୋ ଗାଡ଼ିରେ ବସାଇ ଭୋଜପୁର ବସଷ୍ଟାଣ୍ଡକୁ ନନେଇ ଜଙ୍ଗଲ ଜାଗାକୁ ନେଇତିଲେ। ସେଠାରେ ତାକୁ ଧର୍ଷଣ କରିଥିଲେ। ପ୍ରଥମେ ଗୁନ୍ଧୁରୁଟୁଆଁ ଜଙ୍ଗଲ ଓ ପରେ ଚିରିଗୋଡ଼ିଖୋଳ ଜଙ୍ଗଲକୁ ନେଇ ଧର୍ଷଣ କରିଥିଲେ। ଏହପରି ଭାବରେ ୩ରୁ ୪ ଜାଗାକୁ ନେଇ ବାରମ୍ବାର ଧର୍ଷଣ କରିଥିଲେ। ଶେଷରେ କଟକ ରେଲୱେ ଷ୍ଟେସନକୁ ନେଇଥିଲେ। ଏହା ଆଗରୁ ପିଡ଼ିତା ତା'ଘରକୁ ନଫେରିବାରୁ ତାର ବାପା କୁଚିଣ୍ଡା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। କଟକ ରେଲୱେ ଷ୍ଟେସନରେ ରେଳବାଇ ପୁଲିସ ପୀଡ଼ିତା ଓ ଅଭିଯୁକ୍ତମାନଙ୍କୁ ଧରିଥିଲେ। ପୀଡ଼ିତାର ଠିକଣା ପଚାରି ତା'ର ଘରକୁ ଖବର ଦେଇଥିଲେ। ଏହାପରେ ପୀଡ଼ିତା ପରିବାର କୁଚିଣ୍ଡା ପୁଲିସ ସହାୟତାରେ ପୀଡ଼ିତାକୁ ଉଦ୍ଧାର କରିଥିଲେ। ପିଡ଼ିତାକୁ କଟକରୁ କୁଚିଣ୍ଡାକୁ ନିଆଯାଇଥିଲା। କୁଚିଣ୍ଡା ଥାନାରେ କେସ ନଂ. ୮୫/୨୦-୪-୨୦୧୪ ଦଫା ୩୬୩, ୩୬୬, ୩୭୬, ୩୭୬(ଡି), ୪ ଓ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। କୁଚିଣ୍ଡା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୨୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଲକ୍ଷ୍ମୀଧର ମହାପାତ୍ର ଓ ରାଜେନ୍ଦ୍ର ମହାନନ୍ଦିଆଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ଓ ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସେହିପରି ଦଫା ୩୬୩ ଆଇପିସିରେ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା (ଅନାଦେୟ ହେଲେ ଆଉ ୪ ମାସ ଅଧିକ) କରିଛନ୍ତି। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ପିଡ଼ିତାଙ୍କୁ ୧୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

ଅବହେଳିତ ସମ୍ବଲପୁର ହୋମିଓପାଥି କଲେଜ

# ଟଙ୍କା ଥାଇ ମଧ୍ୟ ବିକାଶ ହେଲାନି

**ସମ୍ବଲପୁର, ୧୩।୧୧(ସମିସ)**

ଆଉ ୩ ବର୍ଷ ପରେ କଲେଜ ପାଳିବ ସୁବର୍ଣ୍ଣ ଜୟନ୍ତୀ, କିନ୍ତୁ କଲେଜ ସମ୍ମୁଖରେ ଗେଟ୍ ଆଜି ପର୍ଯ୍ୟନ୍ତ ଲାଗି ପାରିଲା ନାହି।ଏହା କୌଣସି ବେସରକାରୀ କଲେଜର ଘଟଣା ନୁହେ, ସମ୍ବଲପୁର ମାଝିପାଲିରେ ଅବସ୍ଥିତ ହୋମିଓପାଥି କଲେଜର ଦୃଶ୍ୟ।କଲେଜକୁ ଏତେ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ପାଇଁ କଲେଜ ଅବହେଳିତ ଅବସ୍ଥାରେ ପଡ଼ିଛି।

ହୋମିଓପାଥିରେ କ୍ୟାରିଅର କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବଲପୁର ମାଝିପାଲିରେ ରହିଛି ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚ। ଏହି କଲେଜରେ ପ୍ରତି ବର୍ଷ ୩୦ରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଥାନ୍ତି। କିନ୍ତୁ ଏହି କଲେଜ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଅନେକ ଗୁଡ଼ିଏ ବିକାଶମୂଳକ କାମ ସମ୍ପୂର୍ଣ୍ଣ ଠପ ହୋଇ ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ବିକାଶ ପାଇଁ ସରକାର ଟଙ୍କା ମଞ୍ଜୁର କରୁଛନ୍ତି କିନ୍ତୁ ଆରଆଣ୍ଡବି ବିଭାଗ କାମ କରିପାରୁନାହି। ସରକାର ଓ ବିଭାଗ ସମନ୍ୱୟ ଅଭାବରେ ପେସି ହେଉଛନ୍ତି ଛାତ୍ରଛାତ୍ରୀ। ପ୍ରତି ବର୍ଷ କଲେଜର ବିକାଶ ହେବା ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହେଉଛି, କିନ୍ତୁ ଆରଏଣ୍ଡବି ବିଭାଗ ଟେଣ୍ଡର ଡାକି କାମ ଦେଇ ପାରୁନି।୧୦ ବର୍ଷ ହେବାକୁ ବସିଲାଣି ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ, ଆଜି ପର୍ଯ୍ୟନ୍ତି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ସବୁଠୁ ଆଶ୍ଚର୍ଯ୍ୟର କଥା କଲେଜ ସମ୍ମୁଖରେ ଗେଟ ଲାଗିନାହି। ତା ମଧ୍ୟ ଟଙ୍କା ଆସିଥିଲେ ମଧ୍ୟ ଗେଟ ଟିଏ ଲଗାଇବାକୁ ବିଭାଗ ଗୁରୁତ୍ୱ ଦେଉନାହି।

ସୂଚନା ଅନୁସାରେ କଲେଜ ହସପିଟାଲ

**ଟେଣ୍ଡର ଡକାଯାଇପାରୁନି**

**୩ ବର୍ଷ ପରେ କଲେଜର ସୁବର୍ଣ୍ଣ ଜୟନ୍ତୀ**

**ମୁଖ୍ୟ ଦ୍ୱାରରେ ଫାଟକ ନାହିଁ**

**ପୂର୍ଣ୍ଣ ହେବା ଆଶାରେ ଅର୍ଦ୍ଧ ନିର୍ମିତ ପ୍ରେକ୍ଷାଳୟ**

ବିଲ୍ଡିଂ, ପାଚେରି, ରାସ୍ତା ଡ୍ରେନ ପାଇଁ ୬୫ ଲକ୍ଷ, କ୍ୟାଣ୍ଟିନ ନିର୍ମାଣ ଓ ଗାଡ଼ିଷ୍ଟାଣ୍ଡ ଲାଗି ୨୨ ଲକ୍ଷ, ପ୍ରଶାସନିକ ବ୍ଲକ ଓ କ୍ଲାସ ରୁମ୍ ଲାଗି ୧ ଲକ୍ଷ ୯୦ ହଜାର, ପ୍ରେକ୍ଷାଳୟ ପାଇଁ ୩ ଲକ୍ଷ ୯୪ ହଜାର, କଲେଜର ପ୍ରଥମ ମହଲା ଓ ଡାକ୍ତରଖାନା ଲାଗି ୫୫୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରୁ କିଛି କାମ ଆରଏଣ୍ଡବି ବିଭାଗ କାମ କରିଛି। ହେଲେ ଅନେକ କାମ ଅଟକି ରହିଛି। ସେହିପରି (୨୦୨୨-୨୩) ରୁ (୨୦୨୩-୨୪) ରେ ଲେଡିଜ ହଷ୍ଟେଲର ଦ୍ୱିତୀୟ ମହଲା ଲାଗି ୧୨୦.୭୧୧ ଲକ୍ଷ, ନୂତନ ଷ୍ଟାଫ କ୍ୱାର୍ଟର ଲାଗି ୩୧୩.୩୦୬ ଲକ୍ଷ ଟଙ୍କା ଆସିଥିଲା। ସେହପରି(୨୦୨୪-୨୫)ରୁ(୨୦୨୫-୨୬) ବର୍ଷ ଲାଗି ପ୍ରିନ୍ସପାଲ, ପ୍ରଫେସର ଓ ଷ୍ଟାଫ କ୍ୱାର୍ଟର ପାଇଁ ୮ କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପୁରୁଷ ଓ ମହିଳା ହଷ୍ଟେଲ ନବୀକରଣ ଓ ମରାମତି ଲାଗି ୧୭ ଲକ୍ଷ ୬୦ ହଜାର ଓ ୮ ଲକ୍ଷ ୮୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ହେଲେ କଲେଜରେ ବର୍ତ୍ତମାନ ସୁଦ୍ଧା ଅନେକ ଗୁଡ଼ିଏ କାମ ଆରମ୍ଭ ହୋଇନାହି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରେକ୍ଷାଳୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ମହିଳା ହଷ୍ଟେଲର ଛାତ୍ରୀଙ୍କ ସଂଖ୍ୟା ବଢ଼ିଛି, ତେଣୁ ଦ୍ୱିତୀୟ ମହଲା କାମ ହେବାର ରହିଥିଲା। ତାହା ମଧ୍ୟ ଅଟକି ରହିଛି। ସରକାର ଆୟୁଷ ବିଭାଗ ଲାଗି ଟଙ୍କା ମଞ୍ଜୁର କରୁଥିଲେ ମଧ୍ୟ କେଉଁ କାରଣକୁ ସମ୍ବଲପୁର ହୋମିଓପାଥି କଲେଜର ବିକାଶ ଅଟକି ରହିଛି ତାହା ପ୍ରଶ୍ନ ଘେରରେ ରହିଛି।ମଞ୍ଜୁର ଟଙ୍କାକୁ ବିକାଶ



କାମରେ ଲଗାଯାଇପାରୁନି, ଫଳରେ କାମ ନ ହୋଇ ଟଙ୍କା ଫେରି ଯାଉଛି।କଲେଜରୁ ରାସ୍ତା ପାଚେରି କାମ ହୋଇଥିଲା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିପ୍ତିକାନ୍ତ ସିଂ କହିଛନ୍ତି। ସେ କହିଛନ୍ତି, ପୂର୍ବରୁ ଟେଣ୍ଡର ଡକାଯାଇଥିଲେ ମଧ୍ୟ କେହି ଆସିନଥିଲେ। ତେଣୁ କାମ ବନ୍ଦ ରହିଛି। ପରେ ଟେଣ୍ଡର ହୋଇଥିଲେ ମଧ୍ୟ କାମ ହୋଇ ପାରିନାହି ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଆରଏଣ୍ଡବି ମୁଖ୍ୟ ଯନ୍ତ୍ରୀଙ୍କୁ ଯୋଗାଯୋଗ ହୋଇପାରିନାହି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ସରକାର, କଲେଜ କର୍ତ୍ତୃପକ୍ଷ ଓ ଆରଆଣ୍ଡବି ତୁରନ୍ତ ବିକାଶ କାମକୁ ଆଗେଇ ନେବାକୁ ଦାବି ହୋଇଛି।

# ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଭେଟିଲେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି

**ପଦ୍ମପୁର, ୧୩।୧୧(ସମିସ):** ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲାଙ୍କୁ ତାଙ୍କର ଅଫିସ ପ୍ରକୋଷ୍ଠରେ ପଦ୍ମପୁରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାକ୍ଷାତ କରିଛନ୍ତି। ପଦ୍ମପୁର ସହରର ବିଭିନ୍ନ ସମସ୍ୟା ଗୁଡ଼ିକୁ ଦର୍ଶାଇ ଏହାର ନିରାକରଣ ପାଇଁ ଅନୁରୋଧ କରିଥିଲେ। ପଦ୍ମପୁର ସହରାଞ୍ଚଳକୁ ପିଇବା ପାଣି ପାଇଁ ଅଙ୍ଗ ନଦୀ ଉପରେ ଦରବେଖେଳା ଠାରେ ନିର୍ମାଣାଧୀନ ବ୍ୟାରେଜର ଅଗ୍ରଗତି ଓ ଆଗାମୀ ଗ୍ରୀଷ୍ମ ଋତୁରେ ଜନସାଧାରଣ ପିଇବା ପାଣିର ଯେମିତି ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ବିସ୍ତୃତ ଆଲାଚନା ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଯଥା ଜଳସେଚନ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ସହିତ ଯୁଗ୍ମ ବୈଠକ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇ ଥିଲା। ସଦସ୍ୟ ମାନେ ଭେଉଁରିଆ ଛକରେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଅଧିକ ପୁଲିସ କର୍ମଚାରୀମାନଙ୍କ ନିଯୁକ୍ତି ସକାସେ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଶୀଘ୍ର ଟ୍ରାଫିକ ସିଗନାଲକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ବୈଠକରେ ନାଗରିକ କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ, ଓକିଲ ସଂଘର ସଭାପତି ରାମରତନ ପୁରୋହିତ, ସମ୍ପାଦକ ଚିନ୍ମୟ ପଣ୍ଡା, ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଓକିଲ ସଂଘର ବରିଷ୍ଠ ସଦସ୍ୟ ଗୌନ୍ତିଆ ସାହୁ, ବରିଷ୍ଠ ନାଗରିକ ଗୋବିନ୍ଦ ପ୍ରସାଦ ଅଗ୍ରବାଲ, ଓକିଲ ସଂଘର ପୂର୍ବତନ ସଭାପତି ସନ୍ତୋଷ ଶତପଥୀଙ୍କ ସହିତ ଆଶା ଓ ସକ୍ୱାରର ସଭାପତି, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଦୁର୍ଘଟଣାରେ ଗୁରୁତର ଆହତ ଶିକ୍ଷକଙ୍କ ମୃତ୍ୟୁ

**ସୋହେଲା, ୧୩।୧୧(ସମିସ):** ବାଇକ୍ ଦୁର୍ଘଟଣାରେ ଆହତ ସୋହେଲା ବ୍ଲକ ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବଦତ୍ତ ସାହୁଙ୍କ ଆଜି ପରଲୋକ ଘଟିଛି। ଶନିବାର ସ୍କୁଲ ଛୁଟି ପରେ ନିଜ ଗାଁକୁ ଫେରିବା ସମୟରେ ପାଣିମୋରା ନାଳା ନିକଟରେ ତାଙ୍କୁ ଏକ ବାଇକ ଚାଳକ ଧକ୍କା ଦେଇଥିଲା। ଗୁରୁତର ଦେବଦତ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସୋହେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରା ଯାଇଥିଲା। ପରେ ବୁର୍ଲାରୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉନ୍ନତି ନହେବାରୁ ଗତକାଲି ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିଲେ। ଶେଷରେ ଆଜି ଭୋର ପ୍ରାୟ ୪ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ଶିକ୍ଷକ ଦେବଦତ୍ତଙ୍କ ବିୟୋଗରେ ଆଜି ପାଣିମୋରା ଉଚ୍ଚ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସହକର୍ମୀ ତଥା ଛାତ୍ରଛାତ୍ରୀ ତାଙ୍କ ପ୍ରିୟ ଶିକ୍ଷକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ଦେବଦତ୍ତ ସୋହେଲା ବ୍ଲକର କନଗାଁ ଗାଁରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଦେବଦତ୍ତ ତାଙ୍କ ପଛରେ ୧୧ ଏବଂ ୪ ବର୍ଷର ଦୁଇ ପୁତ୍ର ସନ୍ତାନ ତଥା ବିଧବା ପତ୍ନୀଙ୍କୁ ଛାଡି ଚାଲିଯାଇଛନ୍ତି। ଶିକ୍ଷକଙ୍କ ଅକାଳ ବିୟୋଗରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ ସଂଘ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି।



# ଗଞ୍ଜେଇ ଭର୍ତ୍ତି କାର୍ ଜଳିଗଲା

**ମ.ରାମପୁର, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ କେନ୍ଦୁଘାଟି ପାଖରେ ଏକ ଗଞ୍ଜେଇ ଭର୍ତ୍ତି ଇନୋଭା କାର୍ ଜଳି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ଗଞ୍ଜେଇ ଭର୍ତ୍ତି କାର୍ ମ.ରାମପୁର ଅଭିମୁଖେ ଯାଉଥିବା ସମୟରେ କୈଣସି ସୂତ୍ରରୁ ଖବର ପାଇ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ପୁଲିସ କାର୍ ପିଛା କରିଥିଲା। ଦ୍ରୁତ ଗତିରେ ଯାଉଥିବା କାର୍‌ରେ କୌଣସି କାରଣରୁ ନିଆଁ ବାହାରି କେନ୍ଦୁଘାଟି ନିକଟରେ ଜଳିଯାଇଥିଲା। ଗଞ୍ଜେଇ ସହ ଗାଡ଼ି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ହେଲେ ଗାଡ଼ିରେ ଥିବା ୫ଜଣ ଦୁର୍ବୃତ୍ତ ଚତୁରତାର ସହ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲେ। ପରେ ମ.ରାମପୁର ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ପରେ ମ.ରାମପୁର ପୁଲିସ ଗାଡିକୁ ଉଦ୍ଧାର କରି ମ.ରାମପୁର ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛି।



# ମିନି ଷ୍ଟାଡିୟମରେ ସାଂସଦ ଖେଳକୁଦ ମହୋତ୍ସବ

**ରେଢ଼ାଖୋଲ, ୧୩।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ମିନି ଷ୍ଟାଡିୟମରେ ଗୁରୁବାର ଦିନ ପ୍ରଥମ ଦିନର ସାଂସଦ ଖେଳକୁଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସେନାପତି ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସହକାରୀ ଜିଲ୍ଲାପାଳ ଅଜିତ ଦେହୁରୀ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ଜୋତ୍ସ୍ନା ଦାଶ ଶର୍ମା ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଏଥିରେ ପୁରୁଷ ଜୁନିୟର ବର୍ଗରେ ୧୦୦ ମିଟର ଦୌଡରେ ପ୍ରଥମ ମଳୟ ରଞ୍ଜନ ମିଶ୍ର, ୨୦୦ ମିଟର ପ୍ରଥମ କୃଷ୍ଣଚନ୍ଦ୍ର ମାଝୀ, ଡିସକସ ଥ୍ରୋ ପ୍ରଥମ ବୁଦ୍ଧେଶ୍ୱର ଭୋଇ ସଟପୁଟରେ ପ୍ରଥମ ଶକ୍ତି ସେଠୀ। ମହିଳା ଜୁନିଅର ୧୦୦ମିଟର ଦୌଡ ପ୍ରଥମ ସୋନାମୀ କ୍ଷେତ୍ର।୨୦୦ ମିଟରରେ ପ୍ରଥମ ସିପି ବେହେରା। ଡିସକସ ଥ୍ରୋ ପ୍ରଥମ ଅର୍ଚ୍ଚିତା ଦେହୁରୀ ସଟ୍‌ପୁଟ ପ୍ରଥମ ଶ୍ରୁତି ପ୍ରଧାନ।ଏମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ଅନିଲ ମେହେର ପରିଚାଳନା କରିଥିଲେ।ବିଚିତ୍ରାନନ୍ଦ ସାହୁ, ରାମାନୁଜ ମହାପାତ୍ର, ବୁର୍ଡା ସରପଞ୍ଚ ରାଜା ପାଲ, ରବି ନାରାୟଣ ରଥ, ଅମର ସିଂ, ସୂର୍ଯ୍ୟ ପ୍ରକାଶ ମହାପାତ୍ର, ଅନିଲ ପୃଷ୍ଟି, ଧରଣିଧର ସାହୁ, ମନୋଜ ପ୍ରଧାନ, ସୁରେଶ ଭିତିରିଆ, କୁର୍ତ୍ତୀ ବାସ ପ୍ରଧାନ, ଜଗା ସିଂହ ଯୁଜେଷ୍ଟି ବାଜେଣୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ଉଦୟ ପ୍ରତାପ ସିଂହ ଦେଓ ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଅଞ୍ଚଳର ସମସ୍ତ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



# ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା ଅଭିଯାନ



**ସମ୍ବଲପୁର, ୧୩।୧୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ଆମ ଗୌରବ ଆମ କଲେଜ ଆନୁକୂଲ୍ୟରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରାଇମ୍‌ବ୍ରାଞ୍ଚ ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା, ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ଅନୁଷ୍ଠାନର ଜୈବ-ପ୍ରଯୁକ୍ତି ଏବଂ ଭେଷଜ ପ୍ରଯୁକ୍ତି ବିଭାଗର ପ୍ରଫେସର ଚିତ୍ତରଞ୍ଜନ ଭୋଇ, ଭାରତୀୟ ସେନାର ସୁବେଦାର ଅଙ୍ଗ୍ରୋଜ ଛନ୍ଦ, ଅବସରପ୍ରାପ୍ତ ସେନା ଅଧିକାରୀ ମୁରଲୀଧର ପ୍ରଧାନ ଯୋଗ ଦେଇଥିଲେ। ଅତିଥି ଶ୍ରୀ ବେହେରା କହିଲେ ଯେ, ଅଧୁନା ଜନଜାଗରଣରେ ନାରୀମାନଙ୍କ ଭୂମିକା ସର୍ବାପେକ୍ଷା ଅଗ୍ରଗଣ୍ୟ ହୋଇଥିବାରୁ ସେମାନଙ୍କର ପ୍ରୟାସ ନିଶାମୁକ୍ତି ଅଭିଯାନକୁ ସଫଳ କରିପାରିବ। ଏହାସହିତ ସେ ଉଦବେଗ ପ୍ରକାଶ କରି କହିଥିଲେ ଯେ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶିକ୍ଷିତା ନାରୀମାନେ ମଧ୍ୟ ନିଶା ରାକ୍ଷସର କବଳିତ ହେଉଛନ୍ତି। ତେଣୁ ଛାତ୍ରୀମାନେ ଏ ଦିଗରେ ସଚେତନ ଓ ସାବଧାନ ହେବା ଉଚିତ। ପ୍ରଫେସର ଭୋଇ ଉଦବେଗ ପ୍ରକାଶ କରି କହିଥିଲେ ଯେ ଶିକ୍ଷିତ ସମାଜ ସର୍ବାଧିକ ନିଶାସକ୍ତ ହୋଇ ନିଶାସକ୍ତହେବା ଆଭିଜାତ୍ୟର ଲକ୍ଷଣ ବୋଲି ଗ୍ରହଣ ନେଇଛନ୍ତି। ଏଣୁ ନିଶାସେବନର କ୍ଷତିକାରକ ଦିଗ ଉପରେ ଉପରେ ସେମାନେ ସତର୍କ ହେବା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ନଚେତ୍ ବିକଶିତ ଓଡ଼ିଶା ଓ ଭାରତର ସ୍ୱପ୍ନ ସୁଦୂର ପରାହତ ହେବ। ସୁବେଦାର ଶ୍ରୀ ଛନ୍ଦ ନାରୀମାନେ ହିଁ ସମାଜକୁ ନିଶାମୁକ୍ତି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନ ସୁସ୍ଥ ଜୀବନଚର୍ଯ୍ୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଭୋଜରାଜ ରୋହିଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

କୁଚିଣ୍ଡା ତହସିଲରେ ଆଉ ଏକ ଜମି କେଲେଙ୍କାରୀ

# ଜିଲ୍ଲାପାଳ, କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଅଭିଯୋଗ

**କୁଚିଣ୍ଡା, ୧୩।୧୧(ସମିସ)**

ବିବାଦ ପିଛା ଛାଡୁନାହିଁ କୁଚିଣ୍ଡା ତହସିଲର।କୁଚିଣ୍ଡା ତହସିଲର ଗୋଟିଏ ପରେ ଗୋଟିଏ ଜମି କେଲେଙ୍କାରୀ ମାମଲା ଲୋକଲୋଚନକୁ ଆସିବା ପରେ ଜନସାଧାରଣରେ କାର୍ଯ୍ୟାଳୟ ପ୍ରତି ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି। କିଛି ଦିନ ତଳେ ଏକ ଜମି କେଲେଙ୍କାରୀ ମାମଲାରେ କୁଚିଣ୍ଡାର ତହସିଲଦାର ମିତାଲି ମଧୁମିତା ଦଳାଇ ନିଲମ୍ବିତ ହେବା ସହିତ ଭୁଲ ରିପୋର୍ଟ ପ୍ରଦାନ କରିଥିବାରୁ କୁଚିଣ୍ଡାର ଆରଆଇ ଅର୍ଜୁନ ବାଗ ମଧ୍ୟ ନିଲମ୍ବିତ ହୋଇଥିଲେ। ମାତ୍ର ଏହି ନୂତନ ମାମଲାରେ କୁଚିଣ୍ଡାର ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ଏବଂ ପାରୁଆଭାଡ଼ିର ତତ୍କାଳୀନ ଆରଆଇ ଯୋଗେଶ କୁମାର ହସ୍ତୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କୁଚିଣ୍ଡା ତହସିଲ ଅଧିନସ୍ଥ ରାମତିଲେଇମାଲ ଗ୍ରାମର ସ୍ୱର୍ଗତ ଛାଲ ପଟେଲଙ୍କ ଖାତା ନଂ ୧୨୦ରେ ମୋଟ୨୧୯ ଏକର ୧୩ ଡିସିମିଲ ଚାଷ ଜମି ରହିଥିବା ବେଳେ ଖାତା ନଂ ୧୨୧ରେ ୧୧ଡିସିମିଲ ଘରବାରି ଜମି ରହିଥିଲା। ଛାଲଙ୍କ ତିନି ପୁଅ ମଦନ, ମହେଶ୍ୱର ଓ ଭଗବାନଙ୍କ ମଧ୍ୟ ଇତି ମଧ୍ୟରେ ମୃତ୍ୟୁ ହୋଇଯାଇଛି।ତେବେ ବଡ ପୁଅ ମଦନଙ୍କ କୌଣସି ସନ୍ତାନ ସନ୍ତତି ନ ଥିବାରୁ ସେ ତାଙ୍କର ଭଣଜା ନିତ୍ୟାନନ୍ଦ ନାୟକଙ୍କୁ ପୋଷ୍ୟପୁତ୍ର କରି ରଖିଥିଲେ ଏବଂ ତାଙ୍କ ନାମରେ ଗତ ୨୪.୨.୧୯୮୭ମସିହାରେ କିଛି ଜମିବାଡି ଉଇଲ କରିଦେଇଥିଲେ। ଇତି ମଧ୍ୟରେ ମଦନଙ୍କ ମୃତ୍ୟୁ ପରେ ଉକ୍ତ ଜମିବାଡ଼ିକୁ ନିଜ ନାମରେ କରିବା ପାଇଁ ନିତ୍ୟାନନ୍ଦ ଅନଲାଇନରେ ଆବେଦନ କରିଥିଲେ। କୁଚିଣ୍ଡା ତହସିଲରେ ମ୍ୟୁଟେସନ କେସ ନଂ ୭୦୫/ ୨୦୨୫ରେ ଖାତା ନଂ ୧୨୧ର ଜମି ପାଇଁ ଏବଂ ମ୍ୟୁଟେସନ କେସ ନଂ ୧୫୫୮/ ୨୦୨୫ ରେ ଖାତା ନଂ ୧୨୦ରେ ଜମି ଉପରେ ଶୁଣାଣି ହୋଇଥିଲା। ଉଭୟର ଶୁଣାଣି କୁଚିଣ୍ଡାର ଅତିରିକ୍ତ ତହସିଲଦାର ଅନୀମା ସୋରେଙ୍ଗ କରିଥିଲେ। ଏହି କେସ ଗୁଡ଼ିକର ଶୁଣାଣି ବେଳେ ଆପତ୍ତି ଅଭିଯୋଗ କରିବା ପାଇଁ ସାଧାରଣରେ ନୋଟିସ କରାଯାଇଥିବା ବେଳେ ନିୟମକୁ ଉଲ୍ଲଂଘନ କରି ଏହି ଦୁଇ ଖାତାର ଅନ୍ୟ ଅଂଶୀଦାର ତଥା ଛାଲଙ୍କ ମଝିଆ ପୁଅ ମୃତ ମହେଶ୍ୱରଙ୍କ ସ୍ତ୍ରୀ ଉଦିଆ କିମ୍ବା ତାଙ୍କ ପୁଅ ପ୍ରଶାନ୍ତଙ୍କୁ ଏବଂ ଅନ୍ୟତମ ଅଂଶୀଦାର ମୃତ ଭଗବାନଙ୍କ ସ୍ତ୍ରୀ ଯଶୋବନ୍ତୀ କିମ୍ବା ତାଙ୍କ ଝିଅ ସନ୍ତୋଷିନୀଙ୍କୁ ପାରୁଆଭାଡିର ତତ୍କାଳୀନ ଆରଆଇ ଯୋଗେଶ କୁମାର ହସ୍ତୀ ମନ୍ଦ ଉଦ୍ଦେଶ୍ୟ ରଖି କୌଣସି ନୋଟିସ କରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଉଭୟ ପକ୍ଷ ଏହାର ଶୁଣାଣି ବେଳେ ଉପସ୍ଥିତ ନ ରହିବାରୁ ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ଏକ ପାଖିଆ ଭାବେ ଏହାର ଶୁଣାଣି କରି ନିତ୍ୟାନନ୍ଦଙ୍କ ନାମରେ ଆବେଦନ କରିଥିବା ଜମିର ପଟ୍ଟା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି କେଶରେ ଅତିରିକ୍ତ ତହସିଲଦାର ଏବଂ ପାରୁଆଭାଡିର ତତ୍କାଳୀନ ଆରଆଇଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ଏହି ଦୁଇ ଖାତାର ଅନ୍ୟତମ ଅଂଶୀଦାର ସ୍ୱର୍ଗତ ମହେଶ୍ୱରଙ୍କ ପୁଅ ପ୍ରଶାନ୍ତ ଏବଂ ସ୍ୱର୍ଗତ ଭଗବାନଙ୍କ ଝିଅ ସନ୍ତୋଷିନୀ ଏହାର ତଦନ୍ତ କରି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପଟ୍ଟାକୁ ଖାରଜ କରିବା ପାଇଁ ଏବଂ ବେଆଇନ କାମ କରିଥିବା କୁଚିଣ୍ଡାର ଅତିରିକ୍ତ ତହସିଲଦାର ଏବଂ ପାରୁଆଭାଡ଼ିର ତତ୍କାଳୀନ ଆରଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତ ୨୭.୮.୨୦୨୫ ଦିନ ସମ୍ବଲପୁର ଜିଲ୍ଲାପାଳ ଏବଂ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାନ୍ତ ଅଭିଯୋଗ କରିଛନ୍ତି ଯେ, ଚଞ୍ଚକତା କରି ସେ ରହୁଥିବା ଘରର ପ୍ଲଟକୁ ବି ନିତ୍ୟାନନ୍ଦଙ୍କ ନାମରେ କରି ଦିଆଯାଇଛି। ଯେଉଁ ପ୍ଲଟକୁ ସେ ଦୀର୍ଘ ୫୦/୬୦ ବର୍ଷ ହେବ ଭୋଗ ଦଖଲ କରି ଆସୁଛନ୍ତି। ଏଣୁ ଏହା ପଛରେ ଏକ ବଡ ଧରଣର ଆର୍ଥିକ କାରବାର ହୋଇଥିବା ସେ ଅଭିଯୋଗ କରୁଛନ୍ତି। ତେବେ ଏହି ଅଭିଯୋଗ ବାବଦରେ ମତାମତ ପାଇଁ ଅତିରିକ୍ତ ତହସିଲଦାର ଆନିମା ସୋରେଙ୍ଗଙ୍କୁ ତାଙ୍କର ମତାମତ ପାଇଁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଉକ୍ତ ଦୁଇ ଖାତାର ଅନ୍ୟ ଅଂଶୀଦାର ମାନଙ୍କୁ ନୋଟିସ କରା ଯାଇ ନ ଥିବା ଅଭିଯୋଗ ସତ ତେବେ ନୋଟିସ କରିବା ସମ୍ପୃକ୍ତ ଆରଆଇଙ୍କ କାମ ନୋଟିସ କରା ନ ଯାଇଥିବା ବାବଦରେ ମୁଁ ଯେତେବେଳେ ଜାଣିଲି ସେତେବେଳକୁ ପଟ୍ଟା ପ୍ରଦାନ କରାଯାଇ ସାରିଥିଲା ଏଣୁ ମୁଁ କିଛି କରି ପାରିଲି ନାହିଁ ବୋଲି କହିଥିଲେ। ତେବେ ପଟ୍ଟା ପ୍ରଦାନ ବେଳେ କୁଚିଣ୍ଡା ତହସିଲରେ ଏତେ ସବୁ ବେଆଇନ କାମ ହେଉଥିବାରୁ ଏହି ତହସିଲର କର୍ମଚାରୀ ଏବଂ ଅଧିକାରୀ ପ୍ରତି ଜନସାଧାରଣରେ ଏକ ଅବିଶ୍ୱାସର ଭାବନା ସୃଷ୍ଟି ହେଉଛି।

**ସନ୍ଦେହ ଘେରରେ ଅତିରିକ୍ତ ତହସିଲଦାର ଓ ଆର୍‌ଆଇଙ୍କ ଭୂମିକା**

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**